

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-350 ♦BHUBANESWAR ♦SUNDAY ♦16 JUNE 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୫୦ ♦ଭୁବନେଶ୍ୱର ♦ରବିବାର ♦୧୬ ଜୁନ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


**ନଦୀକୁ ଖସିପଡ଼ିଲା ତୀର୍ଥଯାତ୍ରୀ ବସ୍**


## ୧୪ ଶ୍ରଦ୍ଧାଳୁ ମୃତ, ୧୨ ଆହତ

■ **ରୁଦ୍ରପ୍ରୟାଗ, ୧୫।୬ (ଏଜେନ୍ସି):** ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗଠାରେ ଶନିବାର ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୧୪ ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହେବା ସହିତ ୧୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ଯାତ୍ରୀମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ଗମ୍ଭୀର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା ବଢ଼ିଛି। ସମସ୍ତ ମୃତ ଏବଂ ଆହତ ଯାତ୍ରୀ ଦିଲ୍ଲୀ ଏବଂ ଉତ୍ତରପ୍ରଦେଶର ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଏକ ଟେମ୍ପୋ ଟ୍ରାଭେଲରରେ ପ୍ରାୟ ୨୬ ଯାତ୍ରୀ ଉତ୍ତରାଖଣ୍ଡର ବିଭିନ୍ନ ଧର୍ମସ୍ଥଳ ବୁଲିବାକୁ ଆସିଥିଲେ। କିନ୍ତୁ ସେମାନେ ରୁଦ୍ରପ୍ରୟାଗ ଜିଲ୍ଲାରେ ଋଷିକେଶ-ବଦ୍ରିନାଥ ଜାତୀୟ ରାଜପଥ ଦେଇ ଯାଉଥିବା ବେଳେ ବସ୍‌ଟି ନିୟନ୍ତ୍ରଣ ହରାଇ ରାସ୍ତାରୁ ଖସି ଯାଇ ୨୦୦ ମିଟର ତଳେ ଅଳକାନନ୍ଦ ନଦୀ ଭିତରେ ପଡ଼ିଥିଲା। ଘଟଣାସ୍ଥଳରେ ୧୨ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ଅନ୍ୟ ଦୁଇ ଜଣ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇ ରାଜ୍ୟ ▶ପୃଷ୍ଠା-୯



## ପରଲୋକରେ ପୂର୍ବତନ ରାଜ୍ୟପାଳ ଭଣ୍ଡାରେ

■ **ଭୁବନେଶ୍ୱର, ୧୫।୬(ସମିସ):** ଓଡ଼ିଶାର ପୂର୍ବତନ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ ଶନିବାର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୯୬ବର୍ଷ ବୟସ ହୋଇଥିଲା। ୨୦୦୭ରୁ ୨୦୧୩ ପର୍ଯ୍ୟନ୍ତ ସେ ଓଡ଼ିଶାର ରାଜ୍ୟପାଳ ଦାୟିତ୍ୱ ନିର୍ବାହ କରିଥିଲେ। ମହାରାଷ୍ଟ୍ର କଂଗ୍ରେସର ଜଣେ ଆଗଧାଡ଼ିର ନେତା ଭାବେ ତାଙ୍କର ସ୍ୱତନ୍ତ୍ର ଖ୍ୟାତି ରହିଥିଲା। ଜଣେ ଦକ୍ଷ ଆଇନଜୀବୀ ଭାବେ ମଧ୍ୟ ସେ ସୁନାମ ଅର୍ଜନ କରିଥିଲେ। ଓଡ଼ିଶାରେ ରାଜ୍ୟପାଳ ଥିବା ସମୟରେ ଶ୍ରୀ ଭଣ୍ଡାରେ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ। ସ୍ୱର୍ଗତ ଭଣ୍ଡାରେ ତିନି ଥର ରାଜ୍ୟସଭାକୁ ମନୋନୀତ ହୋଇଥିଲେ। ତାଙ୍କ ବିୟୋଗରେ ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ରାଜ୍ୟପାଳ ଶ୍ରୀ ଦାସ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି।




**ଗତିଶୀଳ ହେବ ମୋହନ ସରକାର**


# ମନ୍ତ୍ରୀଙ୍କୁ ମିଳିଲା ବିଭାଗ

■ **ଭୁବନେଶ୍ୱର, ୧୫।୬ (ସମିସ):** ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ପ୍ରଥମ ବିଜେପି ସରକାର ଗଠନ ହେବାର ୩ ଦିନ ପରେ ଆଜି ମନ୍ତ୍ରୀମାନଙ୍କୁ ବିଭାଗ ଆବଣ୍ଟିତ ହୋଇଛି। ଏନେଇ ରାଜ୍ୟପାଳ ରଘୁବର ଦାସଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜଭବନ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ ରାଜ୍ୟପାଳ ରଘୁବର ଦାସ ନିଜ କ୍ଷମତାର ଉପଯୋଗ କରି ମନ୍ତ୍ରୀମାନଙ୍କୁ ବିଭାଗ ଆବଣ୍ଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ, ୨ ଉପ-ମୁଖ୍ୟମନ୍ତ୍ରୀଙ୍କ ସମେତ ୮ କ୍ୟାବିନେଟ ଏବଂ ୫ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ)ଙ୍କୁ ବିଭାଗ ବଣ୍ଟନ କରାଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜ ପାଖରେ ଗୃହ, ଅର୍ଥ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗ ରଖିଛନ୍ତି। ଏଥିସହିତ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ସୂଚନା ଓ ଲୋକସମ୍ପର୍କ, ଜଳସମ୍ପଦ ଏବଂ ଯୋଜନା ଓ ସଂଯୋଜନ ଭଳି ଏକାଧିକ ବିଭାଗ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହିଛି। ଏହାବ୍ୟତୀତ ଅନ୍ୟ ଯେଉଁ ବିଭାଗ କାହାକୁ ଆବଣ୍ଟିତ କରାଯାଇ ନାହିଁ, ତାହା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ରହିବ ବୋଲି ଜଣାପଡ଼ିଛି।

ଅନ୍ୟପକ୍ଷରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସହ ଶକ୍ତି ବିଭାଗର ଦାୟିତ୍ୱ ପ୍ରଦାନ କରାଯାଇଛି।



**ମୋହନ ଚରଣ ମାଝୀ**
(ମୁଖ୍ୟମନ୍ତ୍ରୀ)
ଗୃହ, ଅର୍ଥ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ସୂଚନା ଓ ଲୋକସମ୍ପର୍କ , ଜଳସମ୍ପଦ, ଯୋଜନା ଓ ସଂଯୋଜନ



**କେ ଭି ସିଂହଦେଓ**
(ଉପ-ମୁଖ୍ୟମନ୍ତ୍ରୀ)
କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି



**ପ୍ରଭାତୀ ପରିଡ଼ା**
(ଉପ-ମୁଖ୍ୟମନ୍ତ୍ରୀ)
ମହିଳା, ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ

ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗ ଦିଆଯାଇଛି।

ସେହିପରି କ୍ୟାବିନେଟ ମନ୍ତ୍ରୀମାନଙ୍କ ମଧ୍ୟରୁ ସୁରେଶ ପୂଜାରୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ମିଳିଥିବା ବେଳେ ରବି ନାରାୟଣ ନାଏକଙ୍କୁ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମିଳିଛି। ନିତ୍ୟାନନ୍ଦ ଗଣ୍ଡଙ୍କୁ ସ୍କୁଲ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦିଆଯାଇଛି। କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ, ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଆଇନ, ପୂର୍ତ୍ତ ଓ ଅବକାରୀ, ମୁକେଶ ମହାଲିଙ୍ଗଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଆଣ୍ଡ ଆଇଟି, ବିଭୂତି ଭୂଷଣ ଜେନାଙ୍କୁ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି, ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଗୃହନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗର ଦାୟିତ୍ୱ ଦିଆଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶା ବିଧାନସଭାର ସଭ୍ୟ ସଂଖ୍ୟା ୧୪୭ ହୋଇଥିବା ବେଳେ ନିୟମାନୁଯାୟୀ ଏହାର ୧୫ ପ୍ରତିଶତ ଅର୍ଥାତ୍ ସର୍ବାଧିକ ୨୨ ଜଣ ମନ୍ତ୍ରୀ ହୋଇପାରିବେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ନବୀନଙ୍କୁ ମିଶାଇ ମୋଟ ୨୨ଜଣ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ତେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱାଧୀନ ସରକାରରେ ୨ ଉପମୁଖ୍ୟମନ୍ତ୍ରୀଙ୍କ ସହ ମୋଟ ୧୬ ମନ୍ତ୍ରୀ ଶପଥ ନେଇଛନ୍ତି। ଏହି ଦୃଷ୍ଟିରୁ ଆହୁରି ୬ଟି ମନ୍ତ୍ରୀ ପଦ ପୂରଣ ହେବା ବାକି ରହିଛି। ଅତଏବ ଆଗକୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେଲେ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମାନଙ୍କୁ ମିଳିଥିବା ଏକାଧିକ ବିଭାଗ ଅଦଳବଦଳ ହେବାର ସମ୍ଭାବନା ଥିବା କୁହାଯାଉଛି।

### କାହାକୁ ମିଳିଲା କେଉଁ ବିଭାଗ



**ସୁରେଶ ପୂଜାରୀ**
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା



**ରବି ନାରାୟଣ ନାଏକ**
ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ



**ନିତ୍ୟାନନ୍ଦ ଗଣ୍ଡ**
ସ୍କୁଲ ଓ ଗଣଶିକ୍ଷା, ଏସ୍‌ସି/ଏସ୍‌ଟି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ



**କୃଷ୍ଣଚନ୍ଦ୍ର ପାତ୍ର**
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା



**ପୃଥ୍ୱୀରାଜ ହରିଚନ୍ଦନ**
ଆଇନ, ପୂର୍ତ୍ତ ଓ ଅବକାରୀ



**ଡ. ମୁକେଶ ମହାଲିଙ୍ଗ**
ସ୍ୱାସ୍ଥ୍ୟ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି



**ବିଭୂତି ଭୂଷଣ ଜେନା**
ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି



**ଡ. କୃଷ୍ଣଚନ୍ଦ୍ର ମହାପାତ୍ର**
ଗୃହନିର୍ମାଣ ଓ ନଗରଉନ୍ନୟନ, ସାଧାରଣ ଉଦ୍ୟୋଗ



**ଗଣେଶରାମ ସିଂ ଖୁଣ୍ଟିଆ**
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା



**ସୂର୍ଯ୍ୟବଂଶୀ ସୂରଜ**
ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି



**ପ୍ରଦୀପ ବଳସାମନ୍ତ**
ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ



**ଗୋକୁଳାନନ୍ଦ ମଲ୍ଲିକ**
ମତ୍ସ୍ୟ ଓ ପଶୁସମ୍ପଦ ବିକାଶ, ଏମଏସଏମଇ



**ସମ୍ପଦ ଚନ୍ଦ୍ର ସ୍ୱାଇଁ**
ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

**ନିଟ୍ ଅନିୟମିତତାକୁ ନେଇ ଖୋଲୁଛି ଖିଅ**

## ୨.୩ କୋଟିର ଚେକ୍ ଜବତ, ୫ ଗିରଫ

■ **ଗାନ୍ଧୀନଗର, ୧୫।୬ (ଏଜେନ୍ସି):** ନିଟ୍-ୟୁଜି ପରୀକ୍ଷା ଅନିୟମିତତାକୁ ନେଇ ବିବାଦ ଦିନକୁ ଦିନ ବଢ଼ି ଚାଲିଥିଲା ବେଳେ ଗୁଜରାଟ ଗୋଧ୍ରା ପୁଲିସ ଏକ ବଡ଼ ଆର୍ଥିକ ଅନିୟମିତତାର ପର୍ଦ୍ଦାଫାସ କରିଛି। ଗୋଧ୍ରା ସହରର ଏକ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କୁ ସହାୟତା କରିବା ଲାଗି ୨୭ ଜଣ ପରୀକ୍ଷାର୍ଥୀଙ୍କଠାରୁ ପ୍ରତ୍ୟେକ ୧୦ ଲକ୍ଷ ଟଙ୍କା ଲେଖାଏଁ ଅର୍ଥ ନିଆଯାଇଥିଲା ବୋଲି ପୁଲିସ ଯାଞ୍ଚ ବେଳେ ଜଣାପଡ଼ିଛି। ଏହି ଘଟଣା ଜଣାପଡ଼ିବା ପରେ ୫ଜଣଙ୍କୁ ଗିରଫ କରାଯିବା ସହିତ ସେମାନଙ୍କ ନିକଟରୁ ୨ କୋଟି ୩୦ ଲକ୍ଷ ଟଙ୍କାର ଚେକ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଜଣେ ଶିକ୍ଷକଙ୍କ ସମେତ ଗୋଧ୍ରା ଟାଉନସ୍ଥିତ ଜଲାରାମ ସ୍କୁଲ ପ୍ରିନ୍ସିପାଲ ଏବଂ ଜଣେ ବିଜେପି ନେତା ରହିଛନ୍ତି। ଶିକ୍ଷକ ତୁଷାର ଭଟ୍ଟ, ପ୍ରିନ୍ସିପାଲ ପୁରୁଷୋତ୍ତମ ବର୍ମା, ପୁରୁଷୋତ୍ତମ ରୟ, ଆରିଫ ଭୋରା ଓ ବିଭୋର ଆନନ୍ଦଙ୍କୁ ପୁଲିସ ଗିରଫ କରିଛି। ଆରିଫ ଭୋରା ସ୍ଥାନୀୟ ବିଜେପି ନେତା ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ନିଟ୍ ଅନିୟମିତତାକୁ ନେଇ ବିହାର ଅର୍ଥନୈତିକ ଅପରାଧ ୟୁନିଟ୍ ପକ୍ଷରୁ ଯାଞ୍ଚ ଚାଲିଥିଲା ବେଳେ ପ୍ରଶ୍ନପତ୍ର ଲିକ୍ ହେବାକୁ ନେଇ ଏନଟିଏକୁ ସୁରାକ ମିଳିଛି। ପରୀକ୍ଷାର୍ଥୀଙ୍କ ସହ ଏକ ନିର୍ଦ୍ଦିଷ୍ଟ ଗ୍ୟାଙ୍ଗ ସମ୍ପର୍କ ରଖି ୧୩ ପରୀକ୍ଷାର୍ଥୀଙ୍କୁ ସହଯୋଗ କରିଥିବା ଜଣାପଡ଼ିବା ପରେ ପୁଲିସ ବର୍ତ୍ତମାନ ସୁଦ୍ଧା ୧୩ ଜଣଙ୍କୁ ଗିରଫ କରିଛି। ଯାଞ୍ଚ ଏଜେନ୍ସି ଏନଟିଏ ସହଯୋଗରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଲାଗି ଉଦ୍ୟମ ଚଳାଇଥିବା କୁହାଯାଇଛି।

**୨୭ ପରୀକ୍ଷାର୍ଥୀଙ୍କଠାରୁ ନିଆଯାଇଥିଲା ୧୦ ଲକ୍ଷ ଲେଖାଏଁ ଟଙ୍କା**

**ବିହାରରୁ ଗିରଫ ହେଲେଣି ୧୩**

## ମାଟି ଅତଡ଼ା ଧସି ୩ ଯୁବତୀ ମୃତ

■ **କୋରାପୁଟ, ୧୫।୬(ସମିସ):** କୋରାପୁଟ ବ୍ଲକ୍ ଅନ୍ତର୍ଗତ ବଡ଼କେରେଙ୍ଗା ପଞ୍ଚାୟତର କୋଲାବ ନଗର ମାଟିଖାଲ ପାହାଡ଼ ନିକଟରେ ଏକ ବଡ଼ ଅଘଟଣ ଘଟିଛି। ମୋରମ୍ ଖୋଳୁଥିବା ବେଳେ ପାହାଡ଼ରୁ ମାଟି ଅତଡ଼ା ଧସି ୩ ଜଣଙ୍କର ମୃତ୍ୟୁ ହୋଇଛି। ମାଟି ତଳେ ଚାପି ହୋଇ ଘଟଣାସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ସଲମନଗୁଡ଼ା ଗ୍ରାମର ସଲମତି ଜାନି, ଚମ୍ପା ବଡ଼ନାୟକ ଓ ପୂର୍ଣ୍ଣି ବଡ଼ନାୟକ। ସୂଚନା ଅନୁଯାୟୀ, ପ୍ରତିଦିନ ଭଳି ଆଜି ସଲମନଗୁଡ଼ାର ୧୦ ଜଣ ଶ୍ରମିକ ମାଟିଖାଲ ମୋରମ୍ ପାହାଡ଼ରୁ ▶ପୃଷ୍ଠା-୯

**ବରିଷ୍ଠ ଅଧିକାରୀଙ୍କ ସହ ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ**

## ଉତ୍ତମ ବ୍ୟବହାର, ଗୁଣାତ୍ମକ ସେବାକୁ ଗୁରୁତ୍ୱ

■ **ଭୁବନେଶ୍ୱର, ୧୫।୬ (ସମିସ):** ଥାନାକୁ ଆସୁଥିବା ଅଭିଯୋଗକାରୀ ଯେପରି ହଇରାଣ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। କଡ଼ା ଆଚରଣ ପ୍ରଦର୍ଶନ ବଦଳରେ ସାଧାରଣ ଲୋକଙ୍କୁ ପୁଲିସ ଉତ୍ତମ ବ୍ୟବହାର କରୁ। ଶନିବାର ବରିଷ୍ଠ ଅଧିକାରୀମାନଙ୍କ ସହ ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥାର ସମୀକ୍ଷା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପୁଲିସ ଲୋକଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରିବା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

ରାଜ୍ୟ ଅତିଥି ଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପୁଲିସ ଡିଜି ଅରୁଣ ଷଡ଼ଙ୍ଗୀ, ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା, ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନଶୃଙ୍ଖଳା ଏଡିଜି ଆର୍ କେ ଶର୍ମାଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ସମ୍ପର୍କରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମସ୍ତଙ୍କୁ ▶ପୃଷ୍ଠା-୯



**ନାଗରିକ ନ୍ୟାୟ ସଂହିତାର କାର୍ଯ୍ୟକାରିତା ନେଇ ଆଲୋଚନା**

### ଲୋକକଥା



ଅପେକ୍ଷାର ଅନ୍ତ ଘଟାଇ ମୋହନ,
ମନ୍ତ୍ରୀଙ୍କୁ ବିଭାଗ ବାଣ୍ଟିଲେ,
ଗୃହ-ଅର୍ଥ-ଜଳସମ୍ପଦ-ଯୋଜନା
ନିଜ ପାଖରେ ସେ ରଖିଲେ।
ବାବୁମାନଙ୍କୁ ସେ କହିଲେ,
ଆଇନ ଆଗରେ ସମସ୍ତେ ସମାନ
ଭଲ ବ୍ୟବହାର ପହିଲେ !!

**ଶ୍ରୀମନ୍ଦିର ଦର୍ଶନ ବିଶୃଙ୍ଖଳା**

## ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି ଭକ୍ତ

■ **ପୁରୀ, ୧୫।୬ (ସମିସ):** ତିନିଦିନ ହେଲାଣି ହେଲେ ଦର୍ଶନ ବ୍ୟବସ୍ଥାରେ ଆସିପାରୁନି ସୁଧାର। ଶ୍ରୀମନ୍ଦିର ଚାରିଦ୍ୱାରରେ ଭକ୍ତଙ୍କୁ ପ୍ରବେଶ ଅନୁମତି ମିଳିଛି ସିନା କିନ୍ତୁ ଭିତରେ ବ୍ୟବସ୍ଥିତ ହୋଇପାରିନି ବ୍ୟବସ୍ଥା। ଭିଡ଼ରେ ଭିତରେ ହନ୍ତସନ୍ତ ହେଉଛନ୍ତି ଭକ୍ତ। ଗହଳି ଏମିତି ହେଉଛି ଅନେକ ଅଣନିଃଶ୍ୱାସୀ ହୋଇପଡ଼ୁଛନ୍ତି। ଏପରିକି ଭିଡ଼ ଦେଖି ଭିତରକୁ ପଶିବାକୁ ସାହସ କରୁନାହାନ୍ତି କିଛି ଭକ୍ତ। ସେମାନେ ବାହାରୁ ମୁଣ୍ଡିଆ ମାରି ଫେରିଯାଉଛନ୍ତି। ଭିତରେ ଶୃଙ୍ଖଳିତ ଦର୍ଶନ ପାଇଁ କୌଣସି ବ୍ୟବସ୍ଥା ନକରି ଚାରିଦ୍ୱାରରେ ପ୍ରବେଶ ଅନୁମତି ଦିଆଯିବା ପରେ ଶ୍ରୀମନ୍ଦିରରେ କଳବଳ ହେଉଛନ୍ତି ଭକ୍ତ। ଫଳରେ ଅନେକ ଶ୍ରଦ୍ଧାଳୁ ତିକ୍ତ ଅନୁଭୂତି ନେଇ ଘରକୁ ଫେରୁଛନ୍ତି। ▶ପୃଷ୍ଠା-୯





**ଶ୍ରଦ୍ଧାଳୁ-ଜେଟିପି ହାତାହାତି**

■ **ପୁରୀ, ୧୫।୬(ସମିସ):** ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିଯାଇଛି। ଏବେ ଭକ୍ତଙ୍କୁ ଆଉ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ସେମାନେ ସୁବିଧାରେ ମହାପ୍ରଭୁଙ୍କ ଦର୍ଶନ ପାଇବେ। ଏମିତି ବାର୍ତ୍ତା ଏବେ ଭକ୍ତଙ୍କ ଭିତରେ ଖେଳି ଯାଇଛି। ହେଲେ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ। ଶ୍ରଦ୍ଧାଳୁଙ୍କ ପ୍ରବେଶ ପାଇଁ ଚାରିଦ୍ୱାର ଖୋଲିଯିବା ପରେ ସମସ୍ୟା ଆହୁରି ଜଟିଳ ହୋଇଛି। ଭିତରେ ସ୍ଥିତି ଅସମ୍ଭାଳ ହେଉଥିବା ବେଳେ ଭକ୍ତଙ୍କ ଧୈର୍ଯ୍ୟର ସୀମା ଭାଙ୍ଗୁଛି। ତିନିଦିନ ହେବ ବଡ଼ଦେଉଳରେ ଦର୍ଶନ ପାଇଁ ଦୟନୀୟ ପରିସ୍ଥିତି ଉପୁଜିଛି। ଅନେକ ଶ୍ରଦ୍ଧାଳୁ ଭିଡ଼ ଭିତରେ ଅଣନିଃଶ୍ୱାସୀ ହୋଇପଡ଼ୁଥିବା ବେଳେ କିଛି ବି ଦୂରରୁ ମହାପ୍ରଭୁଙ୍କୁ ମୁଣ୍ଡିଆଟିଏ ▶ପୃଷ୍ଠା-୯

## କାହିଁକି ବନ୍ଦଥିଲା ୩ ଦ୍ୱାରରେ ପ୍ରବେଶ

**ଶୃଙ୍ଖଳିତ ଦର୍ଶନ ପାଇଁ କାର୍ଯ୍ୟକାରୀ ହୋଇଥିଲା ଜଷ୍ଟିସ୍ ବି.ପି. ଦାସ କମିସନଙ୍କ ରିପୋର୍ଟ**

■ **ପୁରୀ, ୧୫।୬ (ସମିସ):** ଏବେ ଚର୍ଚ୍ଚାରେ ଶ୍ରୀମନ୍ଦିର ଚାରିଦ୍ୱାର। ସମସ୍ତେ କହୁଛନ୍ତି ଖୋଲିଲା ଶ୍ରୀମନ୍ଦିର ଚାରିଦ୍ୱାର। ବାସ୍ତବରେ କ'ଣ ଚାରିଦ୍ୱାର ବନ୍ଦ ଥିଲା ଯେ ଏବେ ଖୋଲିଗଲା? ଏମିତି ପ୍ରଶ୍ନ ବି ଅନେକଙ୍କ ମନରେ ଆସୁଥିବ, ଯେଉଁମାନେ ଗତ କିଛି ବର୍ଷ ହେବ ବଡ଼ଦେଉଳକୁ ଆସିନାହାନ୍ତି। ତେବେ ଯାହା ହେଉନା କାହିଁକି, ଏବେ ଶ୍ରଦ୍ଧାଳୁ ଯେକୌଣସି ଦ୍ୱାର ଦେଇ ମନ୍ଦିର ଭିତରକୁ ଯାଇପାରୁଛନ୍ତି। କିନ୍ତୁ ଭିତରକୁ ପଶିଗଲା ପରେ କଳବଳ ହେଉଛନ୍ତି। ଭିଡ଼ ଭିତରେ ଅନେକ ଅଣନିଃଶ୍ୱାସୀ ହୋଇପଡ଼ୁଛନ୍ତି। କୌଣସି ବ୍ୟବସ୍ଥା ନ କରି ଚାରିଦ୍ୱାରରେ ପ୍ରବେଶ ଅନୁମତି ଦେବା ଫଳରେ ପୂର୍ବାପେକ୍ଷା ଗହଳି ଦ୍ୱିଗୁଣିତ ହୋଇଯାଇଛି। ଏପଟେ ଖରା ଗୁଳୁଗୁଳି ସାଙ୍ଗକୁ ସପଟେ ଭିଡ଼ରେ ଅସ୍ତବ୍ୟସ୍ତ ହୋଇପଡ଼ୁଛନ୍ତି ଭକ୍ତ। ଏହାରି ଭିତରେ ଅନେକ ବରିଷ୍ଠ ନାଗରିକ ଦର୍ଶନ ନ କରି ଫେରିଯିବାକୁ ଏକପ୍ରକାର ବାଧ୍ୟ ହେଉଛନ୍ତି। ହେଲେ ଭିତରେ ଏଭଳି ବିଶୃଙ୍ଖଳା ବିଷୟରେ ଶୁଣିବାକୁ କେହି ନାହାଁନ୍ତି। ସମସ୍ତେ ▶ପୃଷ୍ଠା-୯

## ରୁଷ ବିରୋଧୀ ଆଭିମୁଖ୍ୟ ରଖି ଶେଷହେଲା ଜି-୭ ସମ୍ମିଳନୀ

# ରୁଷିଆ ସମ୍ପତ୍ତିରେ ପୁନର୍ବିନ୍ୟାସ ହେବ ୟୁକ୍ରେନ

ରୋମ୍,୧୫।୬(ଏଜେନ୍ସି)




ବିଦେଶରେ ଗଚ୍ଛିତ ରୁଷ ସମ୍ପତ୍ତିରୁ ୟୁକ୍ରେନକୁ ମିଳିବ ୫୦ ବିଲିୟନ ଡଲାର

ଇଟାଲୀରେ ଜୁନ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଚାଲିଥିବା ଜି-୭ ରାଷ୍ଟ୍ର ଗୋଷ୍ଠୀ ସମ୍ମିଳନୀ ଶନିବାର ଶେଷ ହୋଇଛି । ଏହି ସମ୍ମିଳନୀରେ ଆୟୋଜକ ଇଟାଲୀ ବ୍ୟତୀତ ବ୍ରିଟେନ,କାନାଡା, ଆମେରିକା,ଫ୍ରାନ୍ସ, ଜର୍ମାନୀ ଏବଂ ଜାପାନ ଭଳି ବିଶ୍ୱର ପ୍ରମୁଖ ଶକ୍ତିଶାଳୀ ରାଷ୍ଟ୍ର ଯୋଗ ଦେଇଥିଲା ବେଳେ ମୁଖ୍ୟତଃ ରୁଷ-ୟୁକ୍ରେନ ଯୁଦ୍ଧକୁ ନେଇ ସବିଶେଷ ଆଲୋଚନା ହୋଇଥିଲା । ଏହିକ୍ରମରେ ରୁଷ ବିରୋଧୀ ଆଭିମୁଖ୍ୟ ରଖି ସବୁ ସଦସ୍ୟ ରାଷ୍ଟ୍ର ୟୁକ୍ରେନକୁ କିଭଳି ସହାୟତା ଯୋଗାଇ ଦିଆଯିବ ସେନେଇ ଆଲୋଚନା କରିଥିଲେ। ଆଲୋଚନାରେ ହୋଇଥିବା ନିଷ୍ପତ୍ତି ଅନୁସାରେ ୟୁକ୍ରେନକୁ ରୁଷ ବିରୋଧରେ ଯୁଦ୍ଧ ଜାରି ରଖିବା ଉଦ୍ଦେଶ୍ୟରେ ବିପୁଳ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସବୁ ସଦସ୍ୟ ରାଷ୍ଟ୍ର ସହମତି ପ୍ରକାଶ କରିଛନ୍ତି। ୟୁକ୍ରେନକୁ ୫୦ ବିଲିୟନ ଡଲାର( ପ୍ରାୟ ୪.୨ ଲକ୍ଷ କୋଟି ଟଙ୍କା) ଯୋଗାଇ ଦିଆଯିବ ବୋଲି ସମ୍ମିଳନୀରେ ଘୋଷଣା କରାଯାଇଛି। ତେବେ ସବୁଠୁ ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟ ହେଲା ଏହି ପରିମାଣର ଅର୍ଥ ରୁଷିଆ ଠାରୁ ଆଦାୟ କରାଯାଇ ୟୁକ୍ରେନକୁ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି । ୟୁକ୍ରେନ ବିରୋଧରେ ରୁଷ ଯୁଦ୍ଧ ଆରମ୍ଭ କରିବା ପରେ ଆମେରିକା ସମେତ ବ୍ରିଟେନ ଏବଂ ଅନ୍ୟ ବହୁ ୟୁରୋପୀୟ ରାଷ୍ଟ୍ରରେ ରୁଷର ଗଚ୍ଛିତ ଥିବା ସୁନା ଏବଂ ଅନ୍ୟ ସମ୍ପତ୍ତି ଉପରେ ରୋକ୍ ଲଗାଇବା ସହିତ ଏଗୁଡ଼ିକୁ ଜବତ କରିନେଇଥିଲେ । ବର୍ତ୍ତମାନ ସେହି ଜବତ ସମ୍ପତ୍ତିରୁ ୟୁକ୍ରେନକୁ ଏହି ପରିମାଣର ସହାୟତା ଯୋଗାଇ ଦିଆଯିବ ବୋଲି କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଆମେରିକୀୟ ବ୍ୟାଙ୍କ ସମେତ ୟୁରୋପୀୟ ସଂଘରେ ସାମିଲ ଥିବା ବହୁ ରାଷ୍ଟ୍ରରେ ରୁଷିଆର ପର୍ଯ୍ୟାପ୍ତ ସମ୍ପତ୍ତି ମହଜୁଦ ରହିଛି । ଏହିସବୁ ସମ୍ପତ୍ତିରୁ ରୁଷିଆକୁ ବର୍ଷକୁ କେବଳ ସୁଧ ବାବଦରେ ଭାରତୀୟ ମୁଦ୍ରା ଅନୁସାରେ ପ୍ରାୟ ୩୦ ହଜାର କୋଟିରୁ ଅଧିକ ଟଙ୍କା ପ୍ରାପ୍ତ ହୋଇଥାଏ । ତେବେ ବର୍ତ୍ତମାନ ଏହି ଟଙ୍କାରୁ ୟୁକ୍ରେନକୁ ସହାୟତା ଯୋଗାଇ ଦେବାକୁ ଜି-୭ ରାଷ୍ଟ୍ର ସଦସ୍ୟ ସହମତି ଜଣାଇଛନ୍ତି। ୟୁକ୍ରେନର ଅସ୍ତିତ୍ୱ ବଞ୍ଚାଇବା ଲାଗି ଆମେରିକା ପ୍ରଥମେ ଏହି ପ୍ରସ୍ତାବ ଦେଇଥିଲା ବେଳେ ପ୍ରାୟ ତିନି ମାସ ଧରି ଏହି ପ୍ରସ୍ତାବ ଉପରେ ଆଲୋଚନା ଚାଲିଥିଲା । ବର୍ତ୍ତମାନ ଏହି ପ୍ରସ୍ତାବକୁ ଜି-୭ ସମ୍ମିଳନୀରେ ଅନୁମୋଦନ ଦିଆଯାଇଛି । ତେବେ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ଏଭଳି ଆଭିମୁଖ୍ୟକୁ ନେଇ ରୁଷ କିଭଳି ପ୍ରତିକ୍ରିୟା ଦେଖାଇବ ତାହା ଦେଖିବା ବାକି ରହିଛି । ରୁଷର କୌଣସି ନକାରାତ୍ମକ ପଦକ୍ଷେପ ପୁଣିଥରେ ସାରା ବିଶ୍ୱ ପାଇଁ ସମସ୍ୟା ଆଣିପାରେ ବୋଲି ଆଶଙ୍କା ବଢ଼ିଛି ।

### ଚର୍ଚ୍ଚାରେ ମେଲୋନି | ସବୁ ଅତିଥିଙ୍କୁ ହାତଯୋଡ଼ି ସ୍ୱାଗତ



ଜି-୭ ରାଷ୍ଟ୍ର ସମ୍ମିଳନୀରେ ସଦସ୍ୟ ରାଷ୍ଟ୍ର ମୁଖ୍ୟମାନେ ପହଞ୍ଚିବା ପରେ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ସେମାନଙ୍କୁ ସ୍ୱାଗତ କରିଥିଲେ । କିନ୍ତୁ ଏହି ସମୟରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଥିଲା । ସାଧାରଣତଃ ପାଶ୍ଚାତ୍ୟ ସଭ୍ୟତା ପରମ୍ପରା ଅନୁଯାୟୀ କାହାକୁ ସ୍ୱାଗତ କରିବାକୁ ହେଲେ କରମର୍ଦ୍ଦନ କରି ସ୍ୱାଗତ କରାଯାଇଥାଏ । କିନ୍ତୁ ମେଲୋନି ସମସ୍ତଙ୍କୁ ସ୍ୱାଗତ କରିବା ବେଳେ ଭାରତୀୟ ପରମ୍ପରାରେ ନମସ୍କାର କରି ସ୍ୱାଗତ କରିବା ଦେଖାଯାଇଥିଲା । କେବଳ ସେତିକି ନୁହେଁ, ଆମନ୍ତ୍ରିତ ଅତିଥିମାନେ ମେଲୋନିଙ୍କ ମଧ୍ୟ ପ୍ରତି ନମସ୍କାର କରି ସଭା ମଞ୍ଚକୁ ଆସୁଥିବା ଦେଖାଯାଇଥିଲା । ଜି-୭ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀରେ ଇଟାଲୀ ପ୍ରଧାନମନ୍ତ୍ରୀ ମେଲୋନିଙ୍କ ଏହି ଭାରତୀୟ ପରମ୍ପରା ପ୍ରତି ରହିଥିବା ରୁଚିକୁ ଦେଖି ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଛି ।

## ପୁଣିଥରେ ଚର୍ଚ୍ଚାରେ ମୋଦୀ-ମେଲୋନି ସେଲ୍ଫି




ଇଟାଲୀରେ ଅନୁଷ୍ଠିତ ଜି-୭ ସମ୍ମିଳନୀରେ ଭାରତ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଥିରେ ପ୍ରତିନିଧିତ୍ୱ କରି ସ୍ୱଦେଶ ଫେରି ଆସିଛନ୍ତି । ଏହି ସମ୍ମିଳନୀରେ ମୋଦୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ବେଳେ ସେ ବ୍ରିଟେନ, ଫ୍ରାନ୍ସ, ଇଟାଲୀ ଆଦି ରାଷ୍ଟ୍ରମୁଖ୍ୟଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରି ଭାରତ ସହ ସେମାନଙ୍କ ସହଯୋଗ ବୃଦ୍ଧି କରିବାକୁ ଗୁରୁତ୍ୱ ଦେଇଛନ୍ତି । ଏହାସହିତ 'ଗ୍ଲୋବାଲ ସାଉଥ' ପ୍ରସଙ୍ଗ ଉତ୍ଥାପନ କରି ଏହାକୁ ପ୍ରାସଙ୍ଗିକ ଭିତ୍ତିରେ ଗୁରୁତ୍ୱ ଦେବାକୁ ମଧ୍ୟ ମୋଦୀ ସବୁ ଜି-୭ ରାଷ୍ଟ୍ର ସଦସ୍ୟଙ୍କୁ କହିଛନ୍ତି । ତେବେ ଏସବୁ ଭିତରେ ପୁଣିଥରେ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ଏବଂ ମୋଦୀଙ୍କ ସେଲ୍ଫି ଚର୍ଚ୍ଚାକୁ ଆସିଛି । ମୋଦୀ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ମେଲୋନି ମୋଦୀଙ୍କ ସହ ସେଲ୍ଫି ନେବା ସହିତ ଏହାକୁ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଶେୟାର କରିଛନ୍ତି । କେବଳ ଶେୟାର କରିବା କଥା ନୁହେଁ , ସେଥିରେ 'ହେଲୋ ଫ୍ରମ୍ ମେଲୋଡି ଟିମ୍' ଲେଖି ମେଲୋନି ଏହାକୁ ଶେୟାର କରିଥିଲା ବେଳେ ଏହା ବିଭିନ୍ନ ମହଲରେ ବେଶ ଭାଇରାଲ ହେବାରେ ଲାଗିଛି । ଦୁଇ ରାଷ୍ଟ୍ର ମୁଖ୍ୟଙ୍କ ଏହି ସେଲଫି ଓ ଭିଡିଓ ସୋସିଆଲ ମିଡ଼ିଆ ୟୁଜର୍ସଙ୍କ ହୃଦୟ ଜିତି ନେଇଛି । ସେପଟେ ମେଲୋନୀଙ୍କ ସହ ନିଜର ସେଲ୍ଫିକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀ ପ୍ରତିକ୍ରିୟା ଦେଇଛନ୍ତି । ଜି-୭ ଶିଖର ସମ୍ମିଳନୀରେ ଯୋଗ ଦେବାକୁ ଭାରତକୁ ଆମନ୍ତ୍ରିତ କରାଯାଇଥିବାରୁ ଏଥିପାଇଁ ସେ ଇଟାଲୀ ପ୍ରଧାନମନ୍ତ୍ରୀ ମେଲୋନିଙ୍କୁ ଧନ୍ୟବାଦ ଦେବା ସହିତ ଇଟାଲୀବାସୀ ଏବଂ ସରକାରଙ୍କ ପକ୍ଷରୁ ତାଙ୍କୁ ଯେଭଳି ଅଭ୍ୟର୍ଥନା ଦିଆଯାଇଛି ତାହା ଅନନ୍ୟ ବୋଲି କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ,ଗତ ବର୍ଷ ଦୁବାଇରେ ଅନୁଷ୍ଠିତ ସିଓପି-୨୮ ଜଳବାୟୁ ସମ୍ମିଳନୀରେ ମେଲୋନି ମୋଦୀଙ୍କ ସହ ସେଲ୍ଫି ନେଇ ତାହାକୁ ଶେୟାର କରିବା ପରେ ବିଭିନ୍ନ ମହଲରେ ଏହା ଚର୍ଚ୍ଚିତ ହୋଇଥିଲା ।

## ମା'ଙ୍କ ନାଁରେ ଗଛ ଲଗାଇବାକୁ ମୋଦୀଙ୍କ ଆହ୍ୱାନ

ଇଟାଲୀ ପକ୍ଷରୁ ଆପୁଲିଆରେ ଆୟୋଜିତ ତିନି ଦିନିଆ ଜି-୭ ଶିଖର ସମ୍ମିଳନୀର ଆଉଟ୍‌ରିଚ୍ ସେସନରେ ଯୋଗଦେଇ ଆମେରିକା, ଇଟାଲୀ, ଫ୍ରାନ୍ସ, ଇଂଲଣ୍ଡ, ଜର୍ମାନୀ, ଜାପାନ, କାନାଡା, ୟୁକ୍ରେନ ଆଦି ରାଷ୍ଟ୍ରମୁଖ୍ୟମାନଙ୍କ ସହ ବୈଠକ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱଦେଶ ଫେରି ଆସିଛନ୍ତି। ସମ୍ମିଳନୀ ପରେ ମୋଦୀ ସର୍ବୋଚ୍ଚ ଖ୍ରୀଷ୍ଟିଆନ ଧର୍ମଯାଜକ ପୋପ୍ ଫ୍ରାନସିସ୍‌ଙ୍କୁ ଭେଟିବା ସହିତ ତାଙ୍କୁ ଭାରତ ଭ୍ରମଣରେ ଆସିବାକୁ ଆମନ୍ତ୍ରଣ ଜଣାଇଛନ୍ତି। ମୋଦୀ ଆଉଟ୍‌ରିଚ୍ ସେସନକୁ ସମ୍ବୋଧିତ କରି ଇମର୍ଜିଂ ଟେକ୍ନୋଲୋଜି ଉପରେ ବିଶେଷ କରି କୃତ୍ରିମ ବୁଦ୍ଧିମତ୍ତା(ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ) କ୍ଷେତ୍ରରେ କୌଣସି ଦେଶର ଏକଚାଟିଆ ଦଖଲ (ମନୋପଲୀ) ନ ରହୁ ବୋଲି କହିଛନ୍ତି। ଟେକ୍ନୋଲୋଜିର ସୁଫଳ ସମାଜର ସବୁ ସ୍ତରରେ ପହଞ୍ଚିଲେ ଅସମାନତା ହଟିବ ଓ ଏକ ଅନ୍ତର୍ମୁଖୀ ସମାଜର ମୂଳଦୁଆ ପଡ଼ିବ । ଏକବିଂଶ ଶତାବ୍ଦୀଟି ହେଉଛି ଟେକ୍ନୋଲୋଜିର ଯୁଗ, ଟେକ୍ନୋଲୋଜି ଆମକୁ ଚନ୍ଦ୍ରରେ ପହଞ୍ଚାଇଛି କିନ୍ତୁ ସେହି ଟେକ୍ନୋଲୋଜି ପାଇଁ ଆଜି ଆମେ ସାଇବର୍ ସିକ୍ୟୁରିଟି ଚ୍ୟାଲେଞ୍ଜ୍‌ର ସମ୍ମୁଖୀନ ହେଉଛୁ। ତେଣୁ ଟେକ୍ନୋଲୋଜି ନବସୃଜନଶୀଳ ହେଉ, ବିନାଶକାରୀ ନହେଉ-ଏହା ସୁନିଶ୍ଚିତ କରାଯିବା ନିମନ୍ତେ ପ୍ରଧାନମନ୍ତ୍ରୀ ମୋଦୀ ବିକଶିତ ସପ୍ତ ଦେଶର ନେତୃବୃନ୍ଦଙ୍କୁ ପ୍ରସ୍ତାବ ଦେଇଛନ୍ତି । ଗ୍ଲୋବାଲ୍ ସାଉଥ୍‌ର ସମନ୍ୱିତ ବିକାଶ ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ସମ୍ପ୍ରତି ବିଶ୍ୱରେ ଦେଖାଦେଇଥିବା ଅଶାନ୍ତି ଓ ଅସ୍ଥିରତାରେ ସର୍ବାଧିକ ପ୍ରଭାବିତ ହେଉଛନ୍ତି ଗ୍ଲୋବାଲ୍ ସାଉଥ୍ ଦେଶସମୂହ ବିଶେଷ କରି ଆଫ୍ରିକୀୟ ଦେଶସମୂହ । ଭାରତ ୨୦୭୦ ସୁଦ୍ଧା ଶୂନ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ଲକ୍ଷ୍ୟ ହାସଲ କରିବ। ଭାରତ ଆରମ୍ଭ କରିଥିବା ମିଶନ୍ ଲାଇଫ୍ ସମ୍ପର୍କରେ ମୋଦୀ କହିଛନ୍ତି, ମିଶନ ଲାଇଫ୍ ହେଉଛି ଲାଇଫ୍ ଷ୍ଟାଇଲ୍ ଫର୍ ଏନ୍‌ଭାଇରନ୍‌ମେଣ୍ଟ ବା ପରିବେଶସାଶ୍ରୟ ଜୀବନଶୈଳୀ। ନିଜ ମା'ଙ୍କ ନାମରେ ଗଛଟିଏ ରୋପଣ କରିବାକୁ ଏହି ମିଶନରେ ସମସ୍ତଙ୍କୁ ଆହ୍ୱାନ ଦିଆଯାଉଛି। ବୃକ୍ଷରୋପଣକୁ ଏକ ଗଣପ୍ରୟାସରେ ପରିଣତ କରିବା ହେଉଛି ମିଶନ ଲାଇଫ୍‌ର ଲକ୍ଷ୍ୟ। ନିଜ ମା'ଙ୍କୁ କିଏ ଭଲ ନ ପାଏ? ମା'ଙ୍କ ନାମରେ ଗଛଟିଏ ଲଗାଇଥିବା ବ୍ୟକ୍ତି ସେ ଗଛର ଯତ୍ନ ନେବାରେ ଅବହେଳା କରିପାରିବ କି? ତେଣୁ ନିଜ ମା'ଙ୍କ ନାମରେ ଗଛଟିଏ ଲଗାଇବାକୁ ମୋଦୀ ପ୍ରସ୍ତାବ ଦେଇଛନ୍ତି।

**ପୋପ୍‌ଙ୍କୁ ଭାରତ ଆସିବାକୁ ଆମନ୍ତ୍ରଣ**

## ସାଇରିଲ ରାମାଫୋସା ପୁନଃ ରାଷ୍ଟ୍ରପତି ନିର୍ବାଚିତ



କେପ୍‌ଟାଉନ,୧୫।୬(ଏଜେନ୍ସି): ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସାଇରିଲ ରାମାଫୋସା ଦ୍ୱିତୀୟଥର ପାଇଁ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି । ରାମାଫୋସାଙ୍କ ଆଫ୍ରିକାନ ନ୍ୟାସନାଲ କଂଗ୍ରେସ (ଏଏନ୍‌ସି) ଏବଂ ପ୍ରମୁଖ ବିରୋଧୀ ଦଳ ଡେମୋକ୍ରେଟିକ ଆଲାଏନ୍ସ ମଧ୍ୟରେ ଐତିହାସିକ ବୁଝାମଣା ପରେ ରାମାଫୋସା ଦ୍ୱିତୀୟଥର ପାଇଁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ସମ୍ଭବ ହୋଇଥିବା କୁହାଯାଇଛି । ୪୦୦ ଆସନ ବିଶିଷ୍ଟ ଦକ୍ଷିଣ ଆଫ୍ରିକା ସଂସଦରେ ଉଭୟ ଦଳ ସର୍ବାଧିକ ସଂଖ୍ୟା ହାସଲ କରିଛନ୍ତି । ଗତ ମାସରେ ଏଠାକାର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ବେଳେ ଶାସକ ଏଏନସିକୁ ବିଗତ ତିନି ଦଶନ୍ଧି ମଧ୍ୟରେ ପ୍ରଥମଥର ଲାଗି ଧକ୍କା ଲାଗିଥିଲା । ଦଳକୁ ମାତ୍ର ୪୦ ପ୍ରତିଶତ ଭୋଟ୍ ମିଳିଥିଲା ଏବଂ ବିରୋଧୀ ଦଳ ୨୨ ପ୍ରତିଶତ ଭୋଟ ହାସଲ କରିଥିଲା । ତେବେ ପରବର୍ତ୍ତୀ ସମୟରେ ଉଭୟ ଦଳ ମଧ୍ୟରେ ବୁଝାମଣା ପରେ ରାମାଫୋସା ପୁଣି ରାଷ୍ଟ୍ରପତି ହେବା ନିଶ୍ଚିତ ହୋଇଛି ।

■ ସୁନିତା କେଜ୍ରିୱାଲଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ସୋସିଆଲ ମିଡିଆରୁ ହଟିଲା ଭିଡିଓ

ନୂଆଦିଲ୍ଲୀ, ୧୫ ।୬(ଏଜେନ୍ସି): ସୋସିଆଲ୍ ମିଡିଆରେ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଯେଉଁ କୋର୍ଟ ଭିଡିଓ ଅପ୍‌ଲୋଡ୍ କରିଛ ତାହାକୁ ତୁରନ୍ତ ହଟାଅ ବୋଲି ଆଜି ଦିଲ୍ଲୀ ହାଇକୋର୍ଟ ସୁନିତା କେଜ୍ରିୱାଲ ଓ ଅନ୍ୟ ଚାରିଜଣ ବ୍ୟକ୍ତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୁନିତା ହେଉଛନ୍ତି ସମ୍ପ୍ରତି ଜେଲ୍‌ରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ପତ୍ନୀ । ଅରବିନ୍ଦ ଜେଲ୍‌ରେ ଥାଇ ଗତ ମାର୍ଚ୍ଚ ୨୮ ତାରିଖରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ରାଉଜ୍ ଏଭେନ୍ୟୁ ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟରେ ହାଜିରା ଦେଇ ସ୍ୱପକ୍ଷ ରଖିଥିଲେ । ତାହାର ଅଡିଓ ଓ ଭିଡିଓ ସୋସିଆଲ୍ ମିଡିଆରେ ଭାଇରଲ୍ ହେବାପରେ ସୁନିତା ଓ ଅନ୍ୟ ୪ଜଣ ତାଙ୍କ ସୋସିଆଲ୍ ମିଡିଆ ଆକାଉଣ୍ଟରେ ରିଟ୍ୱିଟ୍ କରିଥିଲେ । କିନ୍ତୁ କୋର୍ଟ ଭିଡିଓ ସୋସିଆଲ୍ ମିଡିଆରେ ଅପ୍‌ଲୋଡ୍ କରିବା ହେଉଛି କୋର୍ଟ ଭିଡିଓ କନ୍‌ଫରେନ୍ସିଂ ନିୟମର ଉଲ୍ଲଂଘନ । ଏନେଇ ଦିଲ୍ଲୀର ଓକିଲ ବୈଭବ ସିଂହ ଦିଲ୍ଲୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ଯାଚିକା ଦାଖଲ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ନିବେଦନ କରିଥିଲେ । ତାହାର ଶୁଣାଣି କରି ଜଷ୍ଟିସ୍ ନିନା ବନସାଲ କ୍ରିଷ୍ଣା ଓ ଜଷ୍ଟିସ୍ ଅମିତ ଶର୍ମାଙ୍କ ହାଇକୋର୍ଟ ଡିଭିଜନ ବେଞ୍ଚ୍ ସୁନିତା ଓ ଅନ୍ୟ ୪ଜଣଙ୍କୁ ଉପରୋକ୍ତ ଆଦେଶ ଦେବା ସହ ଏକ୍ସ, ୟୁଟ୍ୟୁବ୍, ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍‌କୁ ମଧ୍ୟ ସେପରି କୋର୍ଟ ଅଡିଓ, ଭିଡିଓ କଣ୍ଟେଣ୍ଟ୍ ସେମାନଙ୍କ ପ୍ଲାଟଫର୍ମରୁ ହଟାଇବାକୁ ଆଦେଶ ଦେଇଛନ୍ତି । ଏହାପରେ ସୋସିଆଲ ମିଡିଆରୁ ଭିଡିଓ ହଟିଛି ।



## ମଣିପୁର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନିକଟରେ ଅଗ୍ନିକାଣ୍ଡ

ଇମ୍ଫାଲ,୧୫।୬(ଏଜେନ୍ସି): ମଣିପୁର ମୁଖ୍ୟମନ୍ତ୍ରୀ ବିରେନ ସିଂଙ୍କ ସରକାରୀ ବାସଭବନ ନିକଟରେ ଜଣେ ପୂର୍ବତନ ଆଇଏଏସ ଅଧିକାରୀଙ୍କ ଘରେ ଅଗ୍ନିକାଣ୍ଡ ଘଟି ଘରଟି ସମ୍ପୂର୍ଣ୍ଣ ଜଳିଯାଇଛି । ଶନିବାର ସନ୍ଧ୍ୟାରେ ଏହି ଘରେ କୌଣସି କାରଣରୁ ଅଚାନକ ନିଆଁ ଲାଗି ହୁତହୁତ ହୋଇ ଜଳିଥିଲା ବେଳେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଚିନ୍ତା ବଢିଥିଲା । ତେବେ ଅଗ୍ନିଶମ ଟିମ୍ ତୁରନ୍ତ ପହଞ୍ଚି ନିଆଁ ଲିଭାଇଥିଲେ । ହେଲେ ଘରର ୭୦ ଭାଗ ନଷ୍ଟ ହୋଇଯାଇଥିବା କୁହାଯାଇଛି । ଏହି ଘରଟି ଗୋଆର ପୂର୍ବତନ ମୁଖ୍ୟ ସଚିବ ଥାଙ୍ଗଖୋପାଓ କିପଜେନଙ୍କ ବୋଲି ଜଣାପଡ଼ିଛି । ୨୦୦୫ରୁ କିପଜେନଙ୍କ ମୃତ୍ୟୁ ହୋଇସାରିଥିଲା ବେଳେ ଏହି ଘରେ ତାଙ୍କର କିଛି ପରିବାର ସଦସ୍ୟ ରହୁଥିଲେ ।

## ଛାତ୍ର ସଂଗଠନର ୨ ଦିନିଆ ଆନ୍ଦୋଳନ ଡକରା

ନୂଆଦିଲ୍ଲୀ,୧୫।୬(ଏଜେନ୍ସି)




**ନିଟ୍ ବିବାଦ**

**କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଘରେ ପ୍ରବେଶ କରିବାକୁ ଉଦ୍ୟମ**

ନିଟ୍-ୟୁଜି ପରୀକ୍ଷା ଫଳକୁ ନେଇ ବିବାଦ ଥମି ନଥିଲା ବେଳେ ଏହି ପରୀକ୍ଷା ବାତିଲ କରିବାକୁ ୨୦ ପରୀକ୍ଷାର୍ଥୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ କିମ୍ବା ଅନ୍ୟ ସ୍ୱାଧୀନ ଏଜେନ୍ସି ଦ୍ୱାରା ଅନିୟମିତତାର ତଦନ୍ତ କରିବାକୁ ସେମାନେ ପିଟିସନ ଦାଖଲ କରିଛନ୍ତି । ସୁପ୍ରିମକୋର୍ଟ ଏହାର ଶୁଣାଣି କରି କେନ୍ଦ୍ର ସରକାରଙ୍କୁ ଜବାବ ତଲବ କରିଥିଲା ବେଳେ ବାମପନ୍ଥୀ ଛାତ୍ର ସଂଗଠନ ପକ୍ଷରୁ ଦୁଇ ଦିନିଆ ଦେଶବ୍ୟାପୀ ଆନ୍ଦୋଳନ ଡକରା ଦିଆଯାଇଛି। ସର୍ବଭାରତୀୟ ଛାତ୍ର ମହାସଂଘ (ଏଆଇଏସ୍‌ଏ) ପକ୍ଷରୁ ଆସନ୍ତା ୧୯ ଓ ୨୦ ତାରିଖ ଦୁଇ ଦିନ ଧରି ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଦିଲ୍ଲୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଶାୟୀ ନିଟ୍ ପ୍ରାର୍ଥୀମାନେ ଗଭୀର ଚିନ୍ତା ବ୍ୟକ୍ତ କରିଥିଲା ବେଳେ ଜେଏନ୍‌ୟୁ ଛାତ୍ର ସଂସଦ ସଭାପତି ଧନଞ୍ଜୟ ଏନଟିଏର ଆଭିମୁଖ୍ୟକୁ ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନକୁ କିଛି ଲୋକ ଜବରଦସ୍ତି ପ୍ରବେଶ କରିବାକୁ ଉଦ୍ୟମ କରିବା ପରେ ସେମାନଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ହୋଇଛି ବୋଲି ଶନିବାର ସୂଚନା ମିଳିଛି। ପ୍ରାୟ ୨୦ରୁ ଅଧିକ ବ୍ୟକ୍ତି ତିନି ଚାରୋଟି କାର୍‌ରେ ଆସି କେନ୍ଦ୍ରମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ କରିବା ସହିତ ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ତେବେ ସୁରକ୍ଷାକର୍ମୀମାନେ ସେମାନଙ୍କୁ ଅଟକାଇବା ସହିତ ଧାରା ୧୮୮ ଆଧାରରେ ମାମଲା ରୁଜୁ କରିଥିବା କୁହାଯାଇଛି।

### ଆତଙ୍କବାଦୀଙ୍କ ଧମକପୂର୍ଣ୍ଣ ଚିଠି

## ଜିହାଦୀଙ୍କ ମୃତ୍ୟୁର ପ୍ରତିଶୋଧ ନେବୁ

ନୂଆଦିଲ୍ଲୀ,୧୫।୬(ଏଜେନ୍ସି): ଜମ୍ମୁ-କଶ୍ମୀରରେ ବିଗତ କିଛି ଦିନ ମଧ୍ୟରେ ୪ଟି ଆତଙ୍କବାଦୀ ଆକ୍ରମଣ ଘଟଣା ଘଟିଥିଲା ବେଳେ ସୁରକ୍ଷାବଳ ଏନକାଉଣ୍ଟରରେ ୩ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି । ଏହାବ୍ୟତୀତ ଅନ୍ୟ ଆତଙ୍କୀଙ୍କୁ ଧରିବା ଲାଗି ସର୍ଚ୍ଚ ଅପରେସନ ଜାରି ରହିଛି । କିନ୍ତୁ ଏହି ଘଟଣାପରେ ଆତଙ୍କବାଦୀମାନେ ଦେଶର ବିଭିନ୍ନ ସ୍ଥାନରେ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି । ଆତଙ୍କବାଦୀ ଆକ୍ରମଣ ଧମକ ଦେଇ ଆସିଥିବା ଏକ ଚିଠି ଅମ୍ବାଲା ରେଳ ଷ୍ଟେସନରେ ପହଞ୍ଚିଛି । ଜମ୍ମୁ-କଶ୍ମୀର ସମେତ ପଞ୍ଜାବ, ହିମାଚଳ ପ୍ରଦେଶରେ ବଡ଼ ବଡ଼ ଆତଙ୍କବାଦୀ ଆକ୍ରମଣ କରିବାକୁ ଏହି ଚିଠିରେ ଉଲ୍ଲେଖ ରହିଛି । ଅମୃତସର ସ୍ୱର୍ଣ୍ଣ ମନ୍ଦିର, ବୈଷ୍ଣୋ ଦେବୀ ମନ୍ଦିର ଏବଂ ଅମରନାଥ ଯାତ୍ରାକୁ ଆତଙ୍କବାଦୀ ନିଶାଣରେ ରଖିଥିବା କୁହାଯାଇଛି । ଚିଠିରେ ଲେଖାଯାଇଛି ଯେ 'ହେ ଇଶ୍ୱର ! ଆମକୁ କ୍ଷମା କରନ୍ତୁ । ଜମ୍ମୁ-କଶ୍ମୀରରେ ଆମର ଜିହାଦୀଙ୍କ ମୃତ୍ୟୁର ପ୍ରତିଶୋଧ ଆମେ ନିଶ୍ଚୟ ନେବୁ।'

**ମହାରାଷ୍ଟ୍ର ରାଜନୀତି**

## ଏମ୍‌ଭିଏ ଏକାଠି ଲଢ଼ିବ ବିଧାନସଭା ନିର୍ବାଚନ

ମୁମ୍ବାଇ, ୧୫ ।୬(ଏଜେନ୍ସି)




ମହାରାଷ୍ଟ୍ରରେ ଶିବସେନା(ଉଦ୍ଧବ ଗୋଷ୍ଠୀ), କଂଗ୍ରେସ ଓ ଏନ୍‌ସିପି(ଶରଦ ପାଓ୍ୱାର ଗୋଷ୍ଠୀ)- ଏହି ତିନି ରାଜନୈତିକ ଦଳର ମେଣ୍ଟ ମହାବିକାଶ ଆଘାଡି(ଏମ୍‌ଭିଏ) ଆଗାମୀ ବିଧାନସଭା ନିର୍ବାଚନ ଏକାଠି ଲଢ଼ିବେ ଓ ଅନ୍ୟ କ୍ଷୁଦ୍ର ଦଳଙ୍କୁ ମଧ୍ୟ ସଙ୍ଗରେ ନେବେ ବୋଲି ଆଜି ଏଠାରେ ଆୟୋଜିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ଆସନ୍ତା ୪ମାସ ଭିତରେ ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ହେବ। ଏହି ସାମ୍ବାଦିକ ସମ୍ମିଳନୀରେ ଶିବସେନା(ଉଦ୍ଧବ ଗୋଷ୍ଠୀ)ପକ୍ଷରୁ ଉଦ୍ଧବ ବାଲ ଥାକରେ, କଂଗ୍ରେସ ପକ୍ଷରୁ ପୃଥ୍ୱୀରାଜ ଚଭନ, ବାଲାସାହେବ ଥୋରାଟ ଓ ଏନ୍‌ସିପି(ଶରଦ ପାଓ୍ୱାର ଗୋଷ୍ଠୀ)ପକ୍ଷରୁ ଶରଦଚନ୍ଦ୍ର ପାଓ୍ୱାର ଅଂଶଗ୍ରହଣ କରିଥିଲେ।

ଏମ୍‌ଭିଏରେ କେହି ବଡ଼ ଭାଇ ନାହାନ୍ତି, ମେଣ୍ଟର ୩ ଦଳ ସମାନ ଗୁରୁତ୍ୱ ବହନ କରୁଛନ୍ତି। ପ୍ରତ୍ୟେକ ବିଧାନସଭା ଆସନରେ ସ୍ଥିତିକୁ ପରଖି ମେରିଟ୍ ଦେଖି ଆସନ ବଣ୍ଟନ ନିଷ୍ପତ୍ତି ନିଆଯିବ ବୋଲି କଂଗ୍ରେସ ନେତା ପୃଥ୍ୱୀରାଜ ଚଭନ କହିଛନ୍ତି। ଲେକସଭା ନିର୍ବାଚନରେ ମହାରାଷ୍ଟ୍ରର ୪୮ ଆସନରୁ ୩୦ଟିରେ ଏମ୍‌ଭିଏ ପ୍ରାର୍ଥୀ ଜିତିଥିବା ବେଳେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ୧୭ଟି ଆସନ ପାଇଛି। ଦଳଙ୍କ ମଧ୍ୟରେ କଂଗ୍ରେସ ସର୍ବାଧିକ ୧୩ ଆସନ ଜିତିଥିବା ବେଳେ ଜଣେ ସ୍ୱାଧୀନ ସାଂସଦଙ୍କ ସମର୍ଥନ ମଧ୍ୟ ପାଉଛି। ଥାକରେ ସ୍ପଷ୍ଟ କରିଛନ୍ତି, ଯେଉଁମାନେ ତାଙ୍କୁ ଛାଡ଼ି ଚାଲିଯାଇଛନ୍ତି ସେମାନଙ୍କୁ ପୁଣି ଥରେ ଦଳରେ ଗ୍ରହଣ କରାଯିବ ନାହିଁ। ସେହିଭଳି ଶରଦ ପାଓ୍ୱାର ମଧ୍ୟ ସ୍ପଷ୍ଟ କରିଛନ୍ତି, ଅଜିତ ପାଓ୍ୱାରଙ୍କୁ ପୁଣି ଥରେ ତାଙ୍କ ଦଳରେ ନେବେ ନାହିଁ। ଲୋକସଭା ନିର୍ବାଚନରେ ଏମ୍‌ଭିଏକୁ ବଡ଼ ସମର୍ଥନ ଦେଇଥିବାରୁ ଉଦ୍ଧବ ରାଜ୍ୟର ଭୋଟରମାନଙ୍କୁ, ସିଟିଜେନ୍ ଗ୍ରୁପ୍‌ଙ୍କୁ ଓ ଅନେକ ୟୁଟ୍ୟୁବ୍ ଚ୍ୟାନେଲ୍‌ଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଶରଦ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲେକସଭା ନିର୍ବାଚନ ବେଳେ ମହାରାଷ୍ଟ୍ରକୁ ବହୁବାର ପ୍ରଚାରରେ ଆସି ୧୮ ଟି ସଂସଦୀୟ କ୍ଷେତ୍ରରେ ସଭା, ରାଲୀ ଓ ରୋଡ୍ ସେ' କରିଥିଲେ । ସେହି ୧୮ ସଂସଦୀୟ କ୍ଷେତ୍ର ମଧ୍ୟରୁ ୧୫ଟିରେ ଏନଡିଏ ପ୍ରାର୍ଥୀ ହାରିଥିଲେ ଓ ଏମ୍‌ଭିଏ ପ୍ରାର୍ଥୀ ଜିତିଥିଲେ । ସେଥିପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛନ୍ତି ଓ ଦେଉଛନ୍ତି ବୋଲି ଶରଦ ପାୱାର କହିଛନ୍ତି ।

## କେନ୍ଦ୍ର ସାହିତ୍ୟ ଏକାଡେମୀର ପୁରସ୍କାର ଘୋଷଣା

# ସଞ୍ଜୟଙ୍କୁ 'ଯୁବ ପୁରସ୍କାର' ଓ ମାନସଙ୍କୁ 'ବାଲ ସାହିତ୍ୟ'

ଭୁବନେଶ୍ୱର, ୧୫।୬ (ସମିସ): କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବର୍ଷ ୨୦୨୪ ପାଇଁ ଯୁବ ଓ ବାଲ୍ ସାହିତ୍ୟ ପୁରସ୍କାର ଘୋଷଣା କରାଯାଇଛି। ଉଭୟ ବିଭାଗରେ ମୋଟ ୪୭ ଜଣଙ୍କ ନାମ ଘୋଷଣା କରାଯାଇଥିବା ବେଳେ ଏଥିରେ ଓଡ଼ିଶାର ୨ଜଣଙ୍କ ନାମ ମନୋନୀତ ହୋଇଛି। ବାଲେଶ୍ୱର ଜିଲ୍ଲାର ଯୁବ କଥାକାର ସଞ୍ଜୟ ପଣ୍ଡା




### ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

'ଯୁବ ପୁରସ୍କାର' ଏବଂ ବରିଷ୍ଠ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲ 'ବାଲ୍ ସାହିତ୍ୟ ପୁରସ୍କାର' ପାଇଁ ମନୋନୀତ ହୋଇଛନ୍ତି। ଗୁଜୁରାଟର ନର୍ମଦା ଜିଲ୍ଲାରେ ଅନୁଷ୍ଠିତ ଏକାଡେମୀର କାର୍ଯ୍ୟନିର୍ବାହୀ ବୈଠକରେ ଏହି ପୁରସ୍କାର ଘୋଷଣା କରାଯାଇଛି। ତେବେ ଯୁବ ପୁରସ୍କାର ବିଭାଗରେ ସଂସ୍କୃତ ଭାଷା ପାଇଁ ପୁରସ୍କାର ଘୋଷଣା କରାଯାଇନାହିଁ। ପରେ ଏହା ଘୋଷଣା କରାଯିବ ବୋଲି ଏକାଡେମୀ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଉଭୟ ପୁରସ୍କାର ବିଜେତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

ଯୁବ କଥାକାର ଶ୍ରୀ ପଣ୍ଡା ତାଙ୍କର ଗଳ୍ପ ପୁସ୍ତକ 'ହୁ ବାଇଆ' ପାଇଁ 'ଯୁବ ପୁରସ୍କାର' ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୧୯୯୦ ମସିହାରେ ଜନ୍ମିତ ଶ୍ରୀ ପଣ୍ଡା ବୃତ୍ତିରେ ଜଣେ ଶିକ୍ଷକ। 'ହୁ ବାଇଆ' ଓ 'ତକିଆ' ନାମରେ ତାଙ୍କର ଦୁଇଟି ଗପ ବହି ଓ ଗୋଟିଏ କବିତା ବହି ପ୍ରକାଶିତ ହୋଇଛି। ତାଙ୍କ ଗଳ୍ପଗୁଡ଼ିକ ବେଶ୍ ପାଠକୀୟ ଶ୍ରଦ୍ଧା ଲାଭ କରିଛି। ସେହିପରି ପୁସ୍ତକ 'ଗପକାକଳି' ପାଇଁ ବରିଷ୍ଠ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲଙ୍କୁ 'ବାଲ୍ ସାହିତ୍ୟ ପୁରସ୍କାର' ପାଇଁ ମନୋନୀତ ହୋଇଛନ୍ତି।

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଯୁବ ଲେଖକଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ୨୦୧୧ମସିହାରୁ ଆରମ୍ଭ କରାଯାଇଥିବା ଏହି ଯୁବ ପୁରସ୍କାର ପ୍ରତିବର୍ଷ ୩୫ବର୍ଷ ବୟସସୀମା ଭିତରେ ଜଣଙ୍କୁ ପ୍ରଦାନ କରାଯାଇଥାଏ। ୨୪ଟି ଭାରତୀୟ ଭାଷାରେ ଏହି ପୁରସ୍କାର ଦିଆଯାଏ। ପୁରସ୍କାର ସ୍ୱରୂପ ନଗଦ ୫୦, ୦୦୦ ଅର୍ଥରାଶି ସହିତ ତାମ୍ରଫଳକ ପ୍ରଦାନ କରାଯିବ। ଆଗାମୀ ଦିନରେ ଦିଲ୍ଲୀରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ।

ଏହି ବୈଠକରେ ଓଡ଼ିଆ ଭାଷାର ଉପଦେଷ୍ଟାମଣ୍ଡଳୀ ଆବାହକ ଡ. ଗୌରହରି ଦାସ ସମେତ ସଭାପତି ମାଧବ କୌଶିକ, ଉପସଭାପତି କୁମୁଦ ଶର୍ମା, କାର୍ଯ୍ୟନିର୍ବାହୀ ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏଥର ବାଲ ସାହିତ୍ୟ ପୁରସ୍କାର ପାଇଁ ବିଚାରକ ଥିଲେ ତରୁଣ କୁମାର ସାହୁ, ବୀରେନ୍ଦ୍ର ମହାନ୍ତି ଏବଂ ମମତା ଦାଶ। ସେହିପରି ଯୁବ ପୁରସ୍କାରର ବିଚାରକ ଥିଲେ ଗିରିବାଳା ମହାନ୍ତି, ହିରଣ୍ମୟୀ ମିଶ୍ର ଏବଂ ନିତ୍ୟାନନ୍ଦ ସାହୁ।

# ଝରାବାହାଲ ଚର୍ଚ୍ଚରୁ ୧୦ ଲକ୍ଷ ଟଙ୍କା ଡକାୟତି

**ଦୁଇ ଫାଦର୍‌ଙ୍କୁ ନିର୍ଘୁମ ପିଟିଲେ ● ରାତିସାରା ଗୁରୁତର ଅବସ୍ଥାରେ ପଡ଼ି ରହିଲେ ● ଗ୍ରୀଲ ଭାଙ୍ଗି ପଶିଥିଲେ ଦୁର୍ବୃତ୍ତ**

ରାଉରକେଲା, ୧୫।୬ (ସମିସ):





ବେଦବ୍ୟାସସ୍ଥିତ ଜଡ଼ାକୁଦର୍ ପଞ୍ଚାୟତ ଅରବା ଝରାବାହାଲ ଚର୍ଚ୍ଚରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଡକାୟତି ହୋଇଥିବା ନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୁଲିସ ସୂଚନା ମୁତାବକ, ଝରାବାହାଲଠାରେ ଗୋଟିଏ କ୍ୟାମ୍ପସ ମଧ୍ୟରେ ଚର୍ଚ୍ଚ ଓ ସେଣ୍ଟ ଜୋନ୍ସ ନାମକ ସ୍କୁଲ ରହିଛି। ଏହାସହ ଚର୍ଚ୍ଚ ନିକଟରେ କିଛି ବାସଗୃହ ମଧ୍ୟ ଅଛି। ଶୁକ୍ରବାର ବିଳମ୍ବିତ ରାତିରେ ଚର୍ଚ୍ଚର ଫାଦର ନାରିଏଲ୍ ବିଲୁଙ୍ଗ ଓ ଆଲବେସ ଖାଲଖୋ ଶୋଇଥିଲେ। ରାତି ପ୍ରାୟ ସାଢ଼େ ୧ଟାରୁ ୨ଟା ମଧ୍ୟରେ ୧୨ରୁ ୧୫ଜଣ ଦୁର୍ବୃତ୍ତ ଗ୍ରୀଲ୍ ଭାଙ୍ଗି ଚର୍ଚ୍ଚ ଭିତରେ ପଶିଥିଲେ। ଦୁଇ ଫାଦର୍ ଶୋଇଥିବା ରୁମର ଗ୍ରିଲ ଭାଙ୍ଗି ଭିତରକୁ ପଶି ଭୁଜାଲି, ରଡ୍, ହକି ଷ୍ଟିକ୍ ସମେତ ଅନ୍ୟ ମାରଣାସ୍ତ୍ର ଦେଖାଇ ସବୁ ଟଙ୍କା ଦେବାକୁ କହିଥିଲେ। ନଚେତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଦୁଇ ଫାଦର ବିରୋଧ କରିବାରୁ ସେମାନଙ୍କୁ ଦୁର୍ବୃତ୍ତମାନେ ନିସ୍ତୁକ ମାଡ଼ ମାରି ସବୁ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଫେରାର ହେବା ପୂର୍ବରୁ ଫାଦରଙ୍କ ମୋବାଇଲକୁ ପାଇଖାନା ନାଳରେ ପକାଇ ଦେଇଥିଲେ। ପ୍ରବଳ ମାଡ଼ ଯୋଗୁଁ ଦୁଇ ଫାଦର ରାତି ସାରା ମୁମୂର୍ଷ ଅବସ୍ଥାରେ ପଡ଼ି ରହିଥିଲେ। ଶନିବାର ସକାଳେ ଅନ୍ୟ ସିଷ୍ଟରମାନେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ଚର୍ଚ୍ଚ ଚାରିଟେବୁଲ ଟ୍ରଷ୍ଟର ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦୁର୍ବୃତ୍ତମାନେ ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ହିନ୍ଦୀ ଓ ସାଦ୍ରି ଭାଷାରେ କଥା ହେଉଥିବା ସହ ମୁଖା ପିନ୍ଧିଥିବା ଅଭିଯୋଗରେ ଦର୍ଶାଯାଇଛି। ପୁଲିସ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଅପରପକ୍ଷେ ଏହା ପୂର୍ବ ଯୋଜନା ଅନୁଯାୟୀ ଡକାୟତି ହୋଇଥିବା ଓ ସ୍ଥାନୀୟ ଅଞ୍ଚଳର ଦୁର୍ବୃତ୍ତମାନେ ଜଡ଼ିତ ଥିବା ଚର୍ଚ୍ଚା ଚାଲିଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ଏ ନେଇ ତଦନ୍ତକାରୀ ଅଧିକାରୀ ଡିଏସପି ନିର୍ମଳ କୁମାର ମହାପାତ୍ର କହିଛନ୍ତି, ୧୦ରୁ ୧୨ଜଣ ଦୁର୍ବୃତ୍ତ ୪ଟି ବାଇକରେ ଆସିଥିବା ଅନୁମାନ କରାଯାଉଛି। ଦୁର୍ବୃତ୍ତମାନେ ଲୁହା ଗ୍ରୀଲର ତାଲା ଭାଙ୍ଗିବା ସହ ଗୋଇଠା ମାରି କବାଟ ଖୋଲିଥିଲେ। ସେମାନେ ହାତରେ ଛୁରି ଧରିଥିବା ବେଳେ ଲୁହା ରଡ୍ ଏବଂ ଲାଠିରେ ଆକ୍ରମଣ କରିଥିଲେ ବୋଲି ଆହତ ଫାଦର୍‌ଦ୍ୱୟ କହିଛନ୍ତି। ଆଲମିରା, କ୍ୟାସ କାଉଣ୍ଟରର ଡ୍ରୟାର୍ ଭାଙ୍ଗି ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ପ୍ରାୟ ୪୦ରୁ ୪୫ମିନିଟ ଧରି ଏହି ଅପରେସନ୍ କରିବା ପରେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ତେବେ ସେମାନେ କେଉଁ ରାସ୍ତାରେ ଆସିଥିଲେ ଏବଂ କେଉଁ ରାସ୍ତା ଦେଇ ଫେରାର ହୋଇଥିଲେ; ସେନେଇ ସିସିଟିଭି ଫୁଟେଜ୍ ଯାଞ୍ଚ ଚାଲିଛି ବୋଲି ଡିଏସ୍‌ପି ମହାପାତ୍ର କହିଛନ୍ତି। ଏନେଇ ଏକ ଡକାୟତି ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ସେ ସୂଚନା ଦେଇଛନ୍ତି।

# ୪ ଜଣଙ୍କ ସଲିଳ ସମାଧି

## ଖେଳୁଖେଳୁ ପୋଖରୀରେ ବୁଡ଼ିଗଲେ ଦୁଇ ଶିଶୁ

ରେଢ଼ାଖୋଲ, ୧୫।୬ (ସମିସ): ମା' ଯାଇଥିଲେ ସାପ୍ତାହିକ ବଜାରକୁ ଘର ସଉଦା ଆଣିବାକୁ। ଆଉ ବାପା ନିଜ କାର୍ଯ୍ୟରେ ବ୍ୟସ୍ତ ଥିଲେ। ସେମାନଙ୍କ ଅଗୋଚରରେ ସେମାନଙ୍କ ଦୁଇ ନାବାଳକ ପୁଅ ଖେଳୁଥିବା ବେଳେ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଏପରି ଅଭାବନୀୟ ଓ ଦୁଃଖଦ ଘଟଣା ଘଟିଛି ରେଢ଼ାଖୋଲ ଏନ୍ଏସି ଅନ୍ତର୍ଗତ ୯ ନମ୍ବର ୱାର୍ଡ କଳିନ୍ଦର ଗ୍ରାମରେ। ହତଭାଗା ଦୁଇ ଭାଇ ହେଉଛନ୍ତି ଟୁକୁନା ସେଠ୍‌ଙ୍କ ପୁଅ ପ୍ରିୟାଂଶୁ (ସାଢ଼େ ତିନି ବର୍ଷ) ଓ ଶ୍ରୀୟାଂଶୁ (ଅଢ଼େଇ ବର୍ଷ)। ଏହି ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



କଳିନ୍ଦର ଗ୍ରାମରେ ଚିରଞ୍ଜୀବୀ ପ୍ରଧାନଙ୍କ ଏକ କୁକୁଡ଼ା ଫାର୍ମରେ ଅନଗୁଳ ଜିଲ୍ଲା ପୁରୁଣାକୋଟ ଥାନା ଅନ୍ତର୍ଗତ ଟିକରପଡ଼ା ଗଇଁଦି ଗ୍ରାମ ଟୁକୁନା ସେଠ୍ ଓ ପତ୍ନୀ ତିଲୋତ୍ତମା ଦୁଇ ପୁଅଙ୍କ ସହ ରହୁଥିଲେ। ଟୁକୁନା ସେଠାରେ ଜଗୁଆଳି ସହ ଫାର୍ମର ସମସ୍ତ କାର୍ଯ୍ୟ ଦେଖାରଖା କରନ୍ତି। ଶନିବାର ସାପ୍ତାହିକ ବଜାର ରହିଥିବାରୁ ତିଲୋତ୍ତମା ବଜାରକୁ ପରିବା କିଣିବାକୁ ଯାଇଥିଲେ। ଟୁକୁନା ନିଜ କାର୍ଯ୍ୟରେ ବ୍ୟସ୍ତ ରହିଥିଲେ। ସେ ପିଲାଦ୍ୱୟଙ୍କୁ ନ ଦେଖି ସେମାନେ ମା' ସହିତ ବଜାର ଯାଇଥିବେ ଭାବି ନିଜ କାର୍ଯ୍ୟରେ ବ୍ୟସ୍ତ ରହିଥିଲେ। ହେଲେ ଦୁଇ ଭାଇ ଖେଳିଖେଳି ପାଖରେ ଥିବା ଏକ ପୋଖରୀ ପାଖକୁ ଚାଲି ଯାଇଥିଲେ। ଗୋଡ଼ ଖସି ଯିବାରୁ ଉଭୟ ପୋଖରୀରେ ବୁଡ଼ି ଯାଇଥିଲେ। ଦିନ ସାଢ଼େ ୧୧ଟାରେ ତିଲୋତ୍ତମା ବଜାରରୁ ଫେରି ପିଲାଙ୍କ ପାଇଁ ଆଣିଥିବା କିଛି ଜିନିଷ ଦେବାକୁ ସେମାନଙ୍କୁ ଡାକ ପକାଇଥିଲେ। ହେଲେ ଦୁଇ ପିଲା ପାଖକୁ ଆସି ନ ଥିଲେ। ଉଭୟ ପିଲାଙ୍କ ସନ୍ଧାନରେ ଖୋଜାଖୋଜି କରିବାରେ ପୋଖରୀରେ ବଡ଼ ପୁଅ ଭାସୁଥିବା ଦେଖିବାକୁ ପାଇଥିଲେ। ଉଭୟଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ ସହ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

## ଜଳପ୍ରପାତରେ ବୁଡ଼ିଗଲେ ଦୁଇ ଭାଇ

ମାଥିଲି, ୧୫।୬ (ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ମାଡକାପଦର ପଞ୍ଚାୟତ ଅନ୍ତର୍ଗତ ଗୁମ୍ଫାଝରଣ ଜଳପ୍ରପାତରେ ଆଜି ଏକ ଅଘଟଣ ଘଟିଛି। ଜଳପ୍ରପାତ ନିକଟରେ ଗାଧୋଉଥିବା ବେଳେ ପାଣିରେ ବୁଡ଼ି ଦୁଇ ଭାଇ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ପ୍ରଦୀପ ସାହୁ (୩୪) ଓ ସାନଭାଇ ସନ୍ଦୀପ ସାହୁ (୩୦)। କୋରାପୁଟ ଜିଲ୍ଲା ଜୟପୁର ବାଇପାସ୍ ରୋଡ୍‌ର ଏକ ପରିବାର ରଜ ଉପଲକ୍ଷେ ଗୁମ୍ଫାଝରଣ ଜଳପ୍ରପାତକୁ ପିକ୍‌ନିକ୍‌ରେ ଆସିଥିଲେ। ଦିନ ପ୍ରାୟ ୨ଟା ବେଳେ ଦୁଇ ଭାଇ ପ୍ରଦୀପ ଓ ସନ୍ଦୀପ ଜଳପ୍ରପାତ ନିକଟରେ ଗାଧୋଉଥିଲେ। ତେବେ ଅସାବଧାନତାବଶତଃ ଦୁଇ ଭାଇ ଗଭୀର ଜଳରାଶିକୁ ଚାଲି ଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି ପରିବାରଲୋକେ ଡାକ ପକାଇବାରୁ ଗାଁଲୋକେ ଉଭୟଙ୍କୁ ଉଦ୍ଧାର କରି ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଦୁଇ ଭାଇଙ୍କୁ ମୃତ ଘୋଷଣା କରିଥିଲେ। ସାଙ୍ଗରେ ଆସିଥିବା ବାପା, ମା', ଭଉଣୀ ଓ ଭଉଣୀ ଜ୍ୱାଇଁ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ମାଥିଲି ଥାନା ଏସ୍ଆଇ ଖ୍ରୀଷ୍ଟ ସେବକ ବାଘ ଓ ଅନ୍ୟ କର୍ମଚାରୀ ମେଡିକାଲରେ ପହଞ୍ଚି ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।




## ପହଞ୍ଚିଲା କୁଏତ ଅଗ୍ନିକାଣ୍ଡରେ ପ୍ରାଣ ହୋଇଥିବା ଦୁଇ ଯୁବକଙ୍କ ମୃତଦେହ

# ବିମାନବନ୍ଦରରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ରାଜ୍ୟ ନେତୃବୃନ୍ଦ



ଭୁବନେଶ୍ୱର, ୧୫।୬(ସମିସ): କୁଏତରେ ଭୟାବହ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ୨ ଓଡ଼ିଆଙ୍କ ପାର୍ଥିବ ଶରୀର ଆଜି ଭୁବନେଶ୍ୱର ପହଞ୍ଚିଛି। ଓଡ଼ିଆ ଯୁବକ ମହମ୍ମଦ ଜହୁର ଓ ସନ୍ତୋଷ ଗୌଡ଼ଙ୍କ ମରଶରୀର ଆଜି ସକାଳେ କୁଏତରୁ ବିମାନ ଯୋଗେ ଆସି ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ପହଞ୍ଚିଥିଲା। ମୃତଦେହ ବିମାନବନ୍ଦରରେ ପହଞ୍ଚିବା ପରେ ଦୁଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ାଙ୍କ ସମେତ କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ପ୍ରଶାସନିକ ଅଧିକାରୀ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମୃତକଙ୍କ ପରିବାରଲୋକ ସେଠାରେ ପହଞ୍ଚି ସେଠାରୁ ସ୍ୱତନ୍ତ୍ର ଗାଡ଼ି ଯୋଗେ ମୃତଦେହକୁ ସେମାନଙ୍କ ଜନ୍ମମାଟିକୁ ପଠାଯାଇଛି। ଦୁଇ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ୪ଲକ୍ଷ ଲେଖାଏଁ ଅନୁକମ୍ପା ରାଶି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିବା ସହ ଉଭୟଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏଥିନିମନ୍ତେ ଅର୍ଥ ମଞ୍ଜୁର ହେବା ନେଇ ସୂଚନା ମିଳିଛି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ଦୁଃଖଦ ଘଟଣାରେ ଶୋକବ୍ୟକ୍ତ କରିବା ସହ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସମସ୍ତ ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ଏହାସହ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି।

■ ୪ଲକ୍ଷ ଲେଖାଏଁ ଅନୁକମ୍ପା ଘୋଷଣା କଲେ ମୁଖ୍ୟମନ୍ତ୍ରୀ
■ ଶୋକ ପ୍ରକାଶ କଲେ ନବୀନ

# ୧୮ ତାରିଖରୁ ଖୋଲିବ ସ୍କୁଲ୍

## ମଧ୍ୟାହ୍ନଭୋଜନର ମାନ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୫।୬(ସମିସ): ଗ୍ରୀଷ୍ମ ଛୁଟି ପରେ ଆସନ୍ତା ଆସନ୍ତା ୧୮ ତାରିଖରୁ ସ୍କୁଲ୍ ଖୋଲିବ। ସ୍କୁଲ୍ ଖୋଲିବାର ପ୍ରଥମ ଦିନରୁ ହିଁ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯିବ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନଭୋଜନ ଦେବା ପାଇଁ ପଦକ୍ଷେପ ନେବାକୁ ସମସ୍ତ ଡିଇଓଙ୍କୁ ପିଏମ୍ ପୋଷଣ ରାଜ୍ୟ ନୋଡାଲ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି, ପ୍ରଥମରୁ ୮ମ ଶ୍ରେଣୀରେ ପଢ଼ୁଥିବା ୬ରୁ ୧୪ ବର୍ଷ ବୟସର ପ୍ରତିଟି ଶିଶୁ ମଧ୍ୟାହ୍ନ ଭୋଜନ ପାଇବାକୁ ହକଦାର। ସ୍କୁଲର ଅବ୍ୟବସ୍ଥା ପାଇଁ ଛାତ୍ରଛାତ୍ରୀ ଯେପରି ସେମାନଙ୍କ ହକରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ତାଗିଦ କରାଯାଇଛି। ଆଉ ମାତ୍ର ୨ ଦିନ ପରେ ସ୍କୁଲ୍ ଖୋଲିବ। ତା' ପୂର୍ବରୁ ମଧ୍ୟାହ୍ନ ଭୋଜନ ପାଇଁ ବଳକା ରହିଥିବା ଚାଉଳ, ତେଲ, ଡାଲି, ସୋୟାବଡ଼ି ସମେତ ମଧ୍ୟାହ୍ନ ଭୋଜନରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀର ମାନ ଠିକ୍ ଅଛି କି ନାହିଁ ଯାଞ୍ଚ କରିବାକୁ କୁହାଯାଇଛି।

ଅନ୍ୟପକ୍ଷରେ ରୋଷେୟା କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀ ରାନ୍ଧିବା ପୂର୍ବରୁ ତାହାକୁ ଭଲ ଭାବେ ପରଖିବେ। ସାମଗ୍ରୀଗୁଡ଼ିକ ଖାଇବା ଯୋଗ୍ୟ ନ ଥିଲେ ନଷ୍ଟ କରିବା ଦିଗରେ ସ୍କୁଲ ପ୍ରଧାନଶିକ୍ଷକ ପଦକ୍ଷେପ ନେବେ। ସିଆରସିସି ଓ ବିଇଓମାନେ ତାହାକୁ ଯାଞ୍ଚ କରିବେ ଓ ସୁନିଶ୍ଚିତ କରାଇବେ। ପ୍ରଥମ ଦିନର ମଧ୍ୟାହ୍ନ ଭୋଜନରେ ଯେପରି କୌଣସି ପ୍ରକାର ଅବ୍ୟବସ୍ଥା ନ ହୁଏ ସେ ଦିଗରେ ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀ ଏବଂ ସିଆରସିସିମାନେ ନିୟମିତ ଭାବେ ଯାଞ୍ଚ କରିବେ। ରୋଷେଇ ହେଉଥିବା ସ୍ଥାନର ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ରହିଛି। ରୋଷେୟା-ସହାୟକ, ପାନୀୟ ଜଳ ଓ ମଧ୍ୟାହ୍ନ ଭୋଜନ ଉପାଦାନ ସମ୍ପର୍କିତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ପାଳନ କରିବାକୁ ଡିଇଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ନୂଆ ମନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# 'ପ୍ରତିବଦ୍ଧତାର ସହ ଦାୟିତ୍ୱ ସମ୍ପନ୍ନ କରନ୍ତୁ'

ଭୁବନେଶ୍ୱର, ୧୫।୬ (ସମିସ): ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ମନ୍ତ୍ରୀମାନଙ୍କୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶାର ବିକାଶ ଏବଂ ଓଡ଼ିଶାବାସୀଙ୍କ କଲ୍ୟାଣ ଦିଗରେ ନୂତନ ମନ୍ତ୍ରୀମାନେ ପ୍ରତିବଦ୍ଧତାର ସହ ଦାୟିତ୍ୱ ସମ୍ପନ୍ନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଓଡ଼ିଆ ଜାତିର ଅସ୍ମିତାକୁ ଦୃଷ୍ଟିରେ ରଖି ରାଜ୍ୟର ବିକାଶକୁ ଆଗେଇ ନେବା ପାଇଁ ସେ ମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ନୂତନ ମନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତା ବଳରେ ଓଡ଼ିଶା ଦେଶର ଏକ ନମ୍ବର ରାଜ୍ୟ ଭାବେ ବିକଶିତ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।



# ଗରିବ ଓ ମଧ୍ୟବିତ୍ତଙ୍କ ହାଣ୍ଡିଶାଳରୁ ହରଡ଼ ଡାଲି ଉଭାନ

କଟକ, ୧୫।୬(ସମିସ):

ଜାତୀୟ ସ୍ତରରେ ହରଡ଼ ଡାଲି ଦର ବୃଦ୍ଧି ପାଇ ଚାଲିଥିବା ବେଳେ ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି। ବିଗତ ୬ମାସ ମଧ୍ୟରେ ହରଡ ଡାଲି ଦର ଆଶାତୀତ ଭାବେ ବଢ଼ିଛି। ୬ମାସରେ ଖୁଚୁରା ବଜାରରେ ହାରାହାରି କିଲୋ ପ୍ରତି ୪୦ଟଙ୍କା ବଢ଼ିଛି ହରଡ ଡାଲି। ଗରିବ ଧନୀ ସମସ୍ତେ ଡାଲିର ଆବଶ୍ୟକତା କରିଥାନ୍ତି। ହେଲେ ଦର ବୃଦ୍ଧି ଯୋଗୁ ଏବେ ଗରିବ ଏବଂ ମଧ୍ୟବିତ୍ତଙ୍କ ହାଣ୍ଡିଶାଳରୁ ହରଡ ଡାଲି ଉଭାନ ହୋଇଗଲାଣି। ରାଜ୍ୟରେ ଏହା କିଲୋ ପ୍ରତି ୧୮୦ ଟଙ୍କା ଛୁଇଁଲାଣି। ଦର ଆକାଶଛୁଆଁ ହେବାରୁ ଚାହିଦା କମିଯାଇଛି।



**୬ମାସରେ କିଲୋ ପ୍ରତି ବଢ଼ିଲାଣି ୪୦ଟଙ୍କା**

**ହରଡ଼ର ଆକାଶଛୁଆଁ ଦର ପାଇଁ ବୁଟ ଡାଲିର ଚାହିଦା ବୃଦ୍ଧି**

କଟକ ମାଲଗୋଦାମ ବ୍ୟବସାୟୀଙ୍କ କହିବା ଅନୁଯାୟୀ, ଇତି ମଧ୍ୟରେ ମାଲଗୋଦାମରେ ଡାଲି ବେପାର ପୂର୍ବାପେକ୍ଷା ୩୦ପ୍ରତିଶତ ହ୍ରାସ ପାଇଲାଣି। ଅନ୍ୟପଟରେ ହରଡ଼ ଡାଲିଦର ଆକାଶଛୁଆଁ ହୋଇଥିବାରୁ ଏବେ ବିକଳ୍ପ ଭାବେ ବୁଟ ଡାଲି ବ୍ୟବହାର ହେଲାଣି। ହରଡ଼ ଡାଲିର ଅଧା ମୂଲ୍ୟରେ ବୁଟ ଡାଲି ମିଳି ଯାଉଥିବାରୁ ଏହାର ଚାହିଦା ଏବେ ବୃଦ୍ଧି ପାଇଛି। ଖୁଚୁରା ବଜାରରେ ୮୦ ଟଙ୍କା ରହିଛି ବୁଟ ଡାଲି ଦର। ମାଲଗୋଦାମରେ ପ୍ରାୟ ୩୦ଟି ଡାଲି ଗୋଦାମ ରହିଥିବା ବେଳେ ମହାରାଷ୍ଟ୍ରର ନାଗପୁର ଏବଂ ଛତିଶଗଡ଼ର ରାୟପୁରରୁ ମାଲଗୋଦାମ ବ୍ୟବସାୟୀ ମାନେ ଡାଲି ଆଣିଥାନ୍ତି।

ଆମେରିକାନ ଡଲାର, କିଚେନ୍ କୁଇନ୍, ସନ୍‌ରାଇଜ୍, ବୁଲେଟ୍, ମୟୂରକଳା ଆଦି କିସମର ହରଡ଼ ଡାଲି ମୂଲ୍ୟ ୧୭୦ରୁ ୧୮୦ଟଙ୍କା ରହିଛି। ହରଡ଼ ଦର ଅଧିକ ଥିବାରୁ ବୁଟ ବିକ୍ରି ବୃଦ୍ଧି ପାଇଛି। ବ୍ୟବସାୟୀଙ୍କ କହିବା ଅନୁଯାୟୀ, କଟକ ମାଲଗୋଦାମରେ ଦୈନିକ ହାରାହାରି ୩ରୁ ୪କୋଟି ଟଙ୍କାର ହରଡ଼ ଡାଲି ବିକ୍ରି ହୋଇଥାଏ। ହେଲେ ଦର ବୃଦ୍ଧି ପରେ ଏହା ହ୍ରାସ ପାଇଛି। ବୁଟ ଡାଲିର ଚାହିଦା ଆଗରୁ ଢେର୍ କମ୍ ରହିଥିବା ବେଳେ ବିଗତ କିଛି ମାସ ଧରି ଏହି ଡାଲିର ପ୍ରବଳ ଚାହିଦା ପରିଲକ୍ଷିତ ହୋଇଛି। ବିଭିନ୍ନ ହୋଟେଲ ରେଷ୍ଟୁରାଣ୍ଟରେ ବୁଟ ଡାଲି ବହୁଳ ପରିମାଣରେ ବ୍ୟବହାର କରାଯାଉଛି।

# ଆହୁରି ୩ ଦିନ ଗୁଳୁଗୁଳି

ଭୁବନେଶ୍ୱର, ୧୫।୬ (ସମିସ): ପ୍ରବଳ ଗୁଳୁଗୁଳି ଯୋଗୁଁ ରାଜ୍ୟବାସୀ ସନ୍ତୁଳି ହେଉଛନ୍ତି। ଆସନ୍ତା ୧୮ ତାରିଖ ଯାଏ ଏପରି ସ୍ଥିତି ଲାଗି ରହିବ। ବିଶେଷକରି ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଗୁଳୁଗୁଳି ଅଧିକ ଅନୁଭୂତ ହେବ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ତେବେ ଆଗାମୀ ୪ରୁ ୫ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାର କିଛି ଅଞ୍ଚଳରେ ଅଗ୍ରସର ହେବାର ସମ୍ଭାବନା ରହିଛି ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି।

## ୧୮ ତାରିଖ ପରେ ବଢ଼ିବ ବର୍ଷାର ପରିମାଣ; ତାତିରୁ ମିଳିବ ଆଶ୍ୱସ୍ତି

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତିଙ୍କ ସୂଚନା ଅନୁଯାୟୀ, ଆସନ୍ତା ୧୮ ଓ ୧୯ ତାରିଖ ଆଡ଼କୁ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ। ଏହାଦ୍ୱାରା ତାତି ଓ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ମିଳିବ। ତେବେ ଆସନ୍ତାକାଲି ରାଜ୍ୟର କେତେକ ଜିଲ୍ଲାରେ ହିଟ୍‌ୱେଭ୍ ସ୍ଥିତି ଅନୁଭୂତ ହେବାର ସମ୍ଭାବନା ଥିବାବେଳେ କେତେକ ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ଜଳବାୟୁ ପରିଲକ୍ଷିତ ହେବାର ସମ୍ଭାବନା ରହିଛି।

ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ ଅନୁଗୋଳ, ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, ବଲାଙ୍ଗୀର, ସୋନପୁର, ବୌଦ୍ଧ ଓ ନୂଆପଡ଼ାରେ ହିଟ୍‌ୱେଭ୍ ସ୍ଥିତି ଅନୁଭୂତ ହୋଇପାରେ। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ଜଳବାୟୁ ଅନୁଭୂତ ହେବ। ଏହାବ୍ୟତୀତ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଯାଜପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାର କେତେକ ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।





# ଭୁବନେଶ୍ୱର ସିଟି

## ଖୋଲିଲା ଡିପ୍ଲୋମା ଛାତ୍ର ହତ୍ୟାକାଣ୍ଡର ରହସ୍ୟ

# ‘ମଦ-ପେଟ୍ରୋଲ୍’ କଳିରୁ ସୁଶାନ୍ତଙ୍କ ଜୀବନ ଗଲା

ଭୁବନେଶ୍ୱର, ୧୫।୬ (ସମିସ)

ଚୁଡ଼ଙ୍ଗଗଡ଼ ଜଙ୍ଗଲରେ ଡିପ୍ଲୋମା ଛାତ୍ର ସୁଶାନ୍ତ କୁମାର ଟୁଡ୍ଡୁ ହତ୍ୟା ଘଟଣାରୁ ପରଦା ହଟିଛି। ଘଟଣାର ୪ ଦିନ ପରେ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିଛି ଚନ୍ଦକା ଥାନା ପୁଲିସ। ମଦ-ପେଟ୍ରୋଲ୍ କିଣା ବାବଦ ଟଙ୍କାକୁ କେନ୍ଦ୍ରକରି ଉପୁଜିଥିବା ବିବାଦ ଯୋଗୁଁ ସୁଶାନ୍ତଙ୍କୁ ସାଙ୍ଗମାନେ ହତ୍ୟା କରିଥିବା ପୁଲିସ ଜାଣିବାକୁ ପାଇଛି। ନିଶା ସେବନ ପରେ ଏଭଳି କାଣ୍ଡ ଘଟିଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି। ଘଟଣାର

**ମୃତଦେହକୁ ୫୦ ମିଟର ଘୋଷାରି ଥିଲେ**

**ସିନ୍ ରିକ୍ରିଏସନ୍ ପରେ ଜେଲ୍‌ଗଲେ ୨ ସାଙ୍ଗ**

**ଗାଡ଼ି, ମୋବାଇଲ୍ ଓ ଗାମୁଛା ଜବତ**

ମୁଖ୍ୟ ଅଭିଯୁକ୍ତ ପୁଟୁ ଓରଫ୍ ରାଜେନ୍ଦ୍ର ହାଁସଦା (୨୯) ଓ ସହଯୋଗୀ ଚାମୁଡ଼ା ଓରଫ୍ ମୋହନ ହେମ୍ରମ (୩୨)କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ସୁଶାନ୍ତଙ୍କ ବେକକୁ ଗାମୁଛାରେ ଚିପି ଅଣନିଃଶ୍ୱାସୀ କରି ହତ୍ୟା କରାଯାଇଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଅତିରିକ୍ତ ଡିସିପି ସୁରେଶ ଚନ୍ଦ୍ର ପାତ୍ର। ପୁଲିସ ସୂଚନା ଅନୁସାରେ, ବାରଙ୍ଗ ଥାନା କନକ ଦୁର୍ଗା ସାହିର ସୁଶାନ୍ତ ଚନ୍ଦକାସ୍ଥିତ ଏକ ଘରୋଇ କଲେଜରେ ମେକାନିକାଲ୍ ବିଭାଗରେ ଡିପ୍ଲୋମା କରୁଥିଲେ। ଗତ ମଙ୍ଗଳବାର ଦିନ ସକାଳେ ସୁଶାନ୍ତ ତାଙ୍କ ସ୍କୁଟିରେ ରାଜେନ୍ଦ୍ର ଓ ମୋହନଙ୍କୁ ନେଇ ଦେଶୀମଦ ପିଇବା ପାଇଁ ଚୁଡ଼ଙ୍ଗଗଡ଼ ଯାଇଥିଲେ। ସେଠାରେ ମଦ୍ୟପାନ କରି ଫେରିବା ସମୟରେ ପାଞ୍ଚମାଣିଆ ଜଙ୍ଗଲ ଭିତରେ ସୁଶାନ୍ତଙ୍କ ଗାଡ଼ିରୁ ତେଲ ସରି ଯାଇଥିଲା। ରାଜେନ୍ଦ୍ର ମଦ୍ୟପାନ କରିବା ପାଇଁ ଟଙ୍କା ଦେଇଥିବାରୁ ତୋ ଟଙ୍କାରେ ତେଲ ପକାଇବୁ ବୋଲି ସୁଶାନ୍ତଙ୍କୁ କହିଥିଲା। ଏହାକୁ ନେଇ ସୁଶାନ୍ତ ଓ ରାଜେନ୍ଦ୍ର ମଧ୍ୟରେ ଜୋର୍‌ସୋରରେ ପାଟିତୁଣ୍ଡ ହୋଇଥିଲା। ଉଭୟ ଧକ୍କା ମରାମରି ହୋଇଥିଲେ। ରାଜେନ୍ଦ୍ର ଗାମୁଛାରେ ସୁଶାନ୍ତଙ୍କ ବେକକୁ ଚାପି ଦେବାରୁ ସେ ଚେତା ହରାଇ ଥିଲେ। ଏହା ପରେ ତାଙ୍କୁ ରାସ୍ତାରୁ ପ୍ରାୟ ୫୦ ମିଟର ଦୂରରେ ଥିବା ଏକ ବୁଦାମୂଳକୁ ନେଇ ଯାଇଥିଲେ। ଗାଁରୁ ଅନ୍ୟ ଜଣଙ୍କୁ ଡକାଇ ତାଙ୍କ ଗାଡ଼ିରେ ଘରକୁ ଚାଲି ଯାଇଥିଲେ। ତେଲ ସରିଯିବା ପରେ ଏମାନେ ପଳାଇ ଆସିଲେ ବୋଲି ସୁଶାନ୍ତଙ୍କ ପରିବାର ଲୋକେ ପଚାରିବାରୁ ରାଜେନ୍ଦ୍ର ଓ ମୋହନ କହିଥିଲେ। ପରଦିନ ସକାଳେ ଚୁଡ଼ଙ୍ଗଗଡ଼ ଜଙ୍ଗଲର ଏକ ବୁଦା ଭିତରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ଚନ୍ଦକା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସେପଟେ ସୁଶାନ୍ତଙ୍କ ପରିବାର ଲୋକେ ସେଠାରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ପୁଅକୁ ହତ୍ୟା କରାଯାଇଥିବା ନେଇ ବାପା ରାମଚନ୍ଦ୍ର ଟୁଡ୍ଡୁ ଚନ୍ଦକା ଥାନାରେ ଅଭିଯୋଗ କରିବା ପରେ ପୁଲିସ ହତ୍ୟା ମାମଲା ରୁଜୁ କରିଥିଲା। ଶନିବାର ରାଜେନ୍ଦ୍ର ଓ ମୋହନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



### ଗାମୁଛାରୁ ମିଳିଲା ସୁରାକ

ତେଲ ସରିବାକୁ ନେଇ ସୁଶାନ୍ତ ଓ ରାଜେନ୍ଦ୍ର ଝଗଡ଼ା ହେବାପରେ ରାଜେନ୍ଦ୍ର ଓ ମୋହନ ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ଘରକୁ ଯାଇ ପାଣି ମାଗି ପିଇଥିଲେ। ଆସିବା ବେଳକୁ ସେଠାରେ ଶୁଖା ଯାଇଥିବା ସେହି ବ୍ୟକ୍ତିଙ୍କ ଗାମୁଛାକୁ ସାଙ୍ଗରେ ଆଣିଥିଲେ। ସେଠାରୁ ଫେରିବା ପରେ ମଧ୍ୟ ରାଜେନ୍ଦ୍ର ଓ ସୁଶାନ୍ତଙ୍କ ଭିତରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ରାଜେନ୍ଦ୍ର ଆଣିଥିବା ଗାମୁଛାରେ ସୁଶାନ୍ତଙ୍କ ବେକକୁ ଜୋର୍‌ରେ ଚାପି ତାଙ୍କୁ ମାରି ଦେଇଥିଲା। ତାଙ୍କୁ ବୁଦାମୂଳରେ ଲୁଚାଇ ଦେଇ ସୁଶାନ୍ତଙ୍କ ଗାଡ଼ିକୁ ନେଇ ପାଣି ପିଇଥିବା ବ୍ୟକ୍ତିଙ୍କ ଘର ଆଗରେ ରଖିଥିଲେ। ପୁଲିସ ଯେତେବେଳେ ରାଜେନ୍ଦ୍ର ଓ ମୋହନଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଆରମ୍ଭରୁ ସେମାନେ କେବଳ ଝଗଡ଼ା ହେବାପରେ ଘରକୁ ପଳାଇ ଆସିଥିବା କଥା ସ୍ୱୀକାର କରିଥିଲେ। ହେଲେ ଗାମୁଛା ସୁଶାନ୍ତଙ୍କ ବେକରୁ ଜବତ ହୋଇଥିବା ଗାମୁଛା କେଉଁଠାରୁ ଆସିଲା ତାକୁ ନେଇ ପୁଲିସ ଦ୍ୱନ୍ଦ୍ୱରେ ପଡ଼ିଥିଲା। ଗାମୁଛା କାହାର ବୋଲି ପଚାରିବାରୁ ରାଜେନ୍ଦ୍ର ଓ ମୋହନ ଜାଣି ନ ଥିବା କହିଥିଲେ। ଏମିତିକି ତାଙ୍କ ଗାମୁଛା ନୁହେଁ ବୋଲି ସୁଶାନ୍ତଙ୍କ ବାପା ମଧ୍ୟ ସ୍ପଷ୍ଟ କରିଥିଲେ। ଗାମୁଛାଟି ପାଣି ପିଇବାକୁ ଦେଇଥିବା ବ୍ୟକ୍ତିଙ୍କର ବୋଲି ଜଣାପଡ଼ିବା ପରେ ରାଜେନ୍ଦ୍ର ଓ ମୋହନ ସତ ଓଗାରିବାକୁ ବାଧ୍ୟ ହୋଇଥିଲେ। ସେମାନେ ପାଣି ପିଇ ଫେରିବା ବେଳେ ସେଠାରେ ଶୁଖା ଯାଇଥିବା ଗାମୁଛା ଆଣି ସେଇଥିରେ ସୁଶାନ୍ତଙ୍କ ବେକକୁ ଚାପି ହତ୍ୟା କରିଥିବା ରାଜେନ୍ଦ୍ର ପୁଲିସ ଆଗରେ ସ୍ୱୀକାର କରିଥିଲା। ପରେ ଉଭୟ ମିଶି ମୃତଦେହକୁ ବୁଦାମୂଳରେ ଲୁଚାଇ ଘରକୁ ପଳାଇଥିଲେ ବୋଲି ପୁଲିସକୁ କହିଥିଲେ।

## ଉତ୍କଳଶ୍ରୀ, ସେବାରତ୍ନ ସମ୍ମାନ ପ୍ରଦାନ

ଭୁବନେଶ୍ୱର, ୧୫।୬ (ସମିସ)

ଜୟ ମା’ ଭବାନୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଉତ୍କଳ ରଙ୍ଗମଞ୍ଚ ଜୟଦେବ ବିହାରରେ ରଜ ସଂକ୍ରାନ୍ତି ଓ ୭ମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଡ଼ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାମ ନାରାୟଣ ଦାସ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ଉପଦେଷ୍ଟା ଶାଶ୍ୱତୀ ମିଶ୍ର ଅନୁଷ୍ଠାନର କୋଷାଧ୍ୟକ୍ଷ ଉମାନାଥ ମିଶ୍ର ଯୋଗ ଦେଇଥିଲେ। ଭଜନ ପରିବେଷଣ କରାଯାଇଥିଲା। ଶ୍ରୀଜଗନ୍ନାଥଙ୍କ ପ୍ରଚାର ଓ ପ୍ରସାର ନିମନ୍ତେ ପାଇଁ ପଣ୍ଡିତ ଦାଶରଥି ସାମନ୍ତରାୟଙ୍କୁ ଉତ୍କଳ ଶ୍ରୀସମ୍ମାନ ପ୍ରଦାନ କରାଯାଇଥିଲା ସୁନାମଧନ୍ୟ ଡା ସୁରେନ୍ଦ୍ର ସେନାପତି ଡା ଦିଲ୍ଲୀପ ମୁଦୁଲି ଓ ଚିକିତ୍ସା କ୍ଷେତ୍ରରେ ବହୁ ପ୍ରସିଦ୍ଧ ଡାକ୍ତରଙ୍କୁ ସେବା ରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଭଜନରେ ଡ଼ ଅନୁସୂୟା ନାଥ, ଅନାମିକା ସ୍ୱାଇଁ ପଟ୍ଟନାୟକ, ସ୍ୱର୍ଣ୍ଣଲତା ପାଣିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଦୂର ମୟୂରଭଞ୍ଜରୁ ଆସିଥିବା ୩ ଜଣ ମହିଳା ହସ୍ତଶିଳ୍ପ କାର୍ଯ୍ୟକରି ବହୁ ପରିବାର ଚଳିବା ନିମନ୍ତେ ରୋଜଗାର ଦେଇଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟାନ୍ୟ କ୍ଷେତ୍ରରେ କାମ କରୁଥିବା ବ୍ୟକ୍ତି ଓ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ଲେଡିଜ ଫୋରମର ସଦସ୍ୟମାନେ ଓ ଡି କେ ଗ୍ରୁପ ସଦସ୍ୟମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଦିଲ୍ଲୀପ କୁମାର ପଟ୍ଟନାୟକ, ବିପିନ ବିହାରୀ ସାହୁ, ମନୋଜ ରାଉଳ, ବିଦ୍ୱାନ୍ତ ଶେଖର ସିଂ, ରଞ୍ଜନ ସାମଲ, ଅଜୟ ଚୌଧୁରୀ, ନବକିଶୋର ମହାଲ୍ଲିକ ଯୋଗ ଦେଇଥିଲେ।




■ ଦାଦାବଟି ଆଦାୟ ଘଟଣା

## ଅଇଁଠାପାଲିରୁ ଆଉ ଜଣେ ଗିରଫ



ଭୁବନେଶ୍ୱର, ୧୫।୬ (ସମିସ): ନିର୍ମାଣ ସାମଗ୍ରୀ ପରିବହନ କରୁଥିବା ଗାଡ଼ିକୁ ଦାଦାବଟି ମାଗିଥିବା ଘଟଣାରେ ଅଇଁଠାପାଲିରୁ ଆଉ ଜଣଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପଞ୍ଚୁପଲ୍ଲୀର ସୁରଥ ବିଶ୍ୱାଳ (୫୭)। ପୁଲିସ ସୂଚନା ଅନୁଯାୟୀ, ଗତ ଫେବୃୟାରୀ ମାସ ୨୦ ତାରିଖ ଦିନ କିଛି ଅସାମାଜିକ ଯୁବକ ପଞ୍ଚୁପଲ୍ଲୀ ରାସ୍ତାରେ ସାଧାରଣରେ ମାରଣାସ୍ତ୍ର ଧରି ନିର୍ମାଣ ସାମଗ୍ରୀ ପରିବହନ କରୁଥିବା ଗାଡ଼ିରୁ ବଳପୂର୍ବକ ଦାଦାବଟି ଆଦାୟ କରୁଥିଲେ। ଏୟାରଫିଲ୍ଡ ଥାନା ପୁଲିସ ଖବରପାଇ ସେଠାରେ ଚଢ଼ଉ କରିଥିଲା। ସେଠାରୁ ପ୍ରେମାନନ୍ଦ ଭାରିମଲ୍ଲକୁ ଗୋଟିଏ ଖଣ୍ଡା ସହିତ ଘଟଣାସ୍ଥଳରୁ କାବୁ କରିଥିବା ବେଳେ ଗୋପାଳ ଓ ସୁରଥ ମୋଟରସାଇକେଲ ଯୋଗେ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଗତକାଲି ଏୟାରଫିଲ୍ଡ ଥାନା ପୁଲିସ ଅଇଁଠାପାଲି ଥାନା ଅଞ୍ଚଳରେ ଚଢ଼ଉ କରି ସୁରଥକୁ ଗିରଫ କରିଥିଲା। ଆଜି ତାକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଘଟଣାରେ ସଂପୃକ୍ତ ପ୍ରେମାନନ୍ଦ ଓ ଗୋପାଳକୁ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଭାରାରୁ ଖସି ପଡ଼ି ଶ୍ରମିକ ମୃତ

ଭୁବନେଶ୍ୱର, ୧୫।୬ (ସମିସ): ରାଜଧାନୀର ଶାସ୍ତ୍ରୀନଗରରେ ଅଘଟଣ ଘଟିଛି। କାମ କରୁଥିବାବେଳେ ଭାରାରୁ ପଡ଼ି ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ଝାଡ଼ଖଣ୍ଡ ହଜାରିବାଗ ଜିଲ୍ଲା ମାସିପିଢ଼ିର ଦୋଲତ ପ୍ରସାଦ (୩୭)। ମିଳିଥିବା ସୂଚନା ଅନୁସାରେ, ଶାସ୍ତ୍ରୀ ନଗର ଅଞ୍ଚଳରେ ଏକ ନିର୍ମାଣାଧୀନ ଆପାର୍ଟମେଣ୍ଟର ତୃତୀୟ ମହଲାର ବାହାର କାନ୍ଥ ପ୍ଲାଷ୍ଟର କାମ ଚାଲିଥିଲା। ଦୋଲତ ଭାରାରେ ଚଢ଼ି ପ୍ଲାଷ୍ଟର କରୁଥିବାବେଳେ ଭାରାର ଏକ ବାଉଁଶ ଖସିଯିବାରୁ ସେ ତଳେ ପଡ଼ି ଯାଇଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିବା ସହିତ ସେ ଗୁରୁତର ହୋଇ ପଡ଼ିଥିଲେ। ସେଠାରେ ଉପସ୍ଥିତ ଥିବା ସାଥୀ ଶ୍ରମିକମାନେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଖାରବେଳ ନଗର ଥାନା ପୁଲିସ କେସ୍ ନଂ ୨୭୫/୨୪ ରେ ଦଫା ୩୦୪ (ଏ) ଆଇପିସି ଲଗାଇ ମାମଲା ରୁଜୁ କରିଛି।

## ରକ୍ତ ଦାନକଲେ ପୁଲିସ କମିସନର୍



ନନ୍ଦନକାନନ,୧୫।୬(ସମିସ): ବିଶ୍ୱ ରକ୍ତଦାତା ଦିବସ ଅବସରରେ ଶୁକ୍ରବାର ବାରଙ୍ଗ ଥାନା ପରିସରରେ ଏକ ମାଗଣା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଭାରତୟ ରକ୍ତଭଣ୍ଡାର ସଂଗଠନ ଓ କମିସନରେଟ୍ ପୁଲିସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ୬୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୁଲିସ କମିସନର୍ ଆଇପିଏସ୍ ସଞ୍ଜିବ କୁମାର ପଣ୍ଡା, କଟକ ଡିସିପି ଆର ପ୍ରକାଶ , ଏସିପି ଉମାକାନ୍ତ ପ୍ରଧାନ, ଭାରତୀୟ ରେଡ୍‌କ୍ରସର ଯୁକ୍ତ ସଚିବ ଦିଲ୍ଲିପ ଦାସ ପ୍ରମୁଖ ଯୋଗଦେଇ ରକ୍ତଦାନ କରିଥିଲେ। ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ସାମ୍ବାଦିକ ଓ ବିଭିନ୍ନ ବର୍ଗର ଲୋକମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। କେନ୍ଦ୍ରୀୟ ରକ୍ତ ଭଣ୍ଡାର ତରଫରୁ ରକ୍ତ ସଂଗ୍ରହ କରାଯାଇଛି। କଟକ କେନ୍ଦ୍ରୀୟ ରେଡ୍‌କ୍ରସର ଡାକ୍ତର କିଶୋର ଚନ୍ଦ୍ର ବେହେରା ରକ୍ତ ସଂଗ୍ରହ କରିଥିଲେ।

## ଦୁଇ ଲୁଟେରାଙ୍କ ସମେତ ସୁନା ଦୋକାନୀ ଗିରଫ

ଭୁବନେଶ୍ୱର, ୧୫।୬ (ସମିସ)





**୭ଟି ସୁନା ଚେନ୍ ଜବତ**

ରାଜଧାନୀରୁ ସୁନା ଚେନ୍ ଲୁଟ୍ କରୁଥିବା ଗ୍ୟାଙ୍ଗକୁ ଠାବ କରିଛି ବଡ଼ଗଡ଼ ଥାନା ପୁଲିସ। ଦୁଇ ଲୁଟେରାଙ୍କ ସମେତ ସୁନା ଦୋକାନୀକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି କଟକ ଜିଲ୍ଲା ଗୋବିନ୍ଦପୁର ଥାନା ସାଇଲୋ ବଡ଼ ବିଲର ପବି ପ୍ରସାଦ ସାହୁ ଓରଫ୍ ପବି (୩୪), ସୁଧାକର ମହାପାତ୍ର ଓରଫ୍ ଜଗନ (୩୪) ଓ ସୁନା ଦୋକାନୀ ସୁରେଶ କୁମାର ଭୋଇ (୩୬)। ସେମାନଙ୍କ ଠାରୁ ୭ଟି ସୁନା ଚେନ୍ ଜବତ କରାଯାଇଛି। ପୁଲିସ ସୂଚନା ଅନୁସାରେ, ମେଘେଶ୍ୱର କଲୋନୀର ଶାନ୍ତିପ୍ରିୟା ଦାସ ଗତ ୭ ତାରିଖ ଦିନ ମାର୍କେଟରୁ ଘରକୁ ଫେରୁଥିଲେ। ସେ କଲୋନୀ ପାଖାପାଖି ପାଇଥିବା ବେଳେ ପବି ଓ ସୁଧାକର ଏକ ମଟରସାଇକଲ୍‌ରେ ଆସି ତାଙ୍କ ବେକରୁ ସୁନା ଚେନ୍ ଛଡ଼ାଇ ନେଇ ଦ୍ରୁତ ଗତିରେ ପଳାଇଥିଲେ। ଏନେଇ ସେ ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଘଟଣାସ୍ଥଳରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ ଓ ରୁଟ୍ ଲାଇନିଂ କରି ପବି ଓ ସୁଧାକରକୁ ଚିହ୍ନଟ କରିବା ପରେ ସେମାନଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରିଥିଲା। ସେମାନେ ଲୁଟ୍ କରିଥିବା ସୁନା ଚେନକୁ ଗୋବିନ୍ଦପୁରର ସୁନା ଦୋକାନୀ ସୁରେଶକୁ ବିକ୍ରି କରିଥିବା ନେଇ ପୁଲିସ ଆଗରେ ସ୍ୱୀକାର କରିଥିଲେ। ତାଙ୍କ ଠାରୁ ମିଳିଥିବା ତଥ୍ୟ ଆଧାରରେ ପୁଲିସ ସୁନା ଦୋକାନରେ ଚଢ଼ଉ କରି ସୁରେଶକୁ ଗିରଫ କରିଥିଲା। ଦୋକାନରୁ ୭ଟି ସୁନା ଚେନ୍ ଜବତ କରି ଥାନାକୁ ଆଣିଥିଲା। ପବି ଓ ସୁଧାକର ବଡ଼ଗଡ଼ ଥାନା ଅଞ୍ଚଳରେ ୨ ଟି, ପାହାଳ, କ୍ୟାପିଟାଲ, ଖାରବେଳ ଓ ଭରତପୁର ଥାନା ଅଞ୍ଚଳର ଗୋଟିଏ ଲେଖାଏଁ ସୁନା ଚେନ୍ ଲୁଟ୍ କରିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଲୁଟ୍ କରିବା ପରେ ସମସ୍ତ ସୁନା ଚେନ୍ ସେ ସୁରେଶ ଦୋକାନରେ ବିକ୍ରି କରୁଥିଲେ ବୋଲି ପୁଲିସ ଜାଣିବାକୁ ପାଇଥିଲା। ସେମାନଙ୍କ ଠାରୁ ୭ ଟି ସୁନା ଚେନ୍, ଗୋଟିଏ ମଟରସାଇକଲ ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଥିଲା। ଏହି ଗ୍ୟାଙ୍ଗ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ଘଟିଥିବା ୭ଟି ସୁନା ଚେନ୍ ଲୁଟ୍ ଘଟଣାରେ ସଂପୃକ୍ତ ରହିଥିବା ପୁଲିସ କହିଛି।

## ଷ୍ଟେସନରେ ରାପିଡୋ ବାଇକ୍‌କୁ ପିଟିଲେ ଅଟୋ ଚାଳକ

**ଜିଆର୍‌ପି ଦ୍ୱାରା ୩ ଅଟକ**

ଭୁବନେଶ୍ୱର, ୧୫।୬ (ସମିସ): ମଞ୍ଚେଶ୍ୱର ଷ୍ଟେସନରେ ଜଣେ ରାପିଡୋ ବାଇକ୍ ଚାଳକଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି ଅଟୋ ଚାଳକ। ଆକ୍ରମଣରେ ରାକେଶ ରୋସନ ରାଉତ ନାମକ ଜଣେ ରାପିଡୋ ବାଇକ୍ ଚାଳକ ଆହତ ହୋଇଛନ୍ତି। ସେ ଏନେଇ ପ୍ରଥମେ ମଞ୍ଚେଶ୍ୱର ଥାନା ପରେ ଜିଆର୍‌ପି ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଜିଆରପି ପୁଲିସ ଏକ ମାମଲା ରୁଜୁକରି ଆକ୍ରମଣ କରିଥିବା ୩ଜଣ ଅଟୋ ଚାଳକଙ୍କୁ ଅଟକ ରଖିଛି। ଅଭିଯୋଗ ଅନୁସାରେ, ଶୁକ୍ରବାର ରାତି ୧୦ଟା ସମୟରେ ରାକେଶଙ୍କୁ ମଞ୍ଚେଶ୍ୱର ଷ୍ଟେସନରୁ ଜଣେ ଯାତ୍ରୀଙ୍କୁ ଆଣିବା ପାଇଁ ରାପିଡୋ ବୁକିଂ ଆସିଥିଲା। ସେ ତୁରନ୍ତ ସେଠାକୁ ଯାଇ ଯାତ୍ରୀଙ୍କୁ ଆଣିବାକୁ ଅପେକ୍ଷା କରିଥିଲେ। ଏହି ସମୟରେ ଜଣେ ଅଟୋ ଚାଳକ ନିଶାଗ୍ରସ୍ତ ଅବସ୍ଥାରେ ଆସି ତାଙ୍କୁ ପଛରୁ ଧକ୍କା ଦେଇଥିଲେ। ଏଠାରୁ କ’ଣ ପାଇଁ ଯାତ୍ରୀଙ୍କୁ ନେଉଛୁ ବୋଲି କହି ଧମକାଇବା ସମୟରେ ଅନ୍ୟ ୫ଜଣ ଚାଳକ ଆକ୍ରମଣ କରିଥିଲେ।

# ବିସ୍ଫୋରକ ନିଷ୍କ୍ରିୟ ବେଳେ ମାର୍ଗଦର୍ଶିକାକୁ ହେୟଜ୍ଞାନ

ଭୁବନେଶ୍ୱର, ୧୫।୬ (ସମିସ)



**ମାଲ୍‌ଖାନାରେ ପଡ଼ିରହିଛି ଅସୁରକ୍ଷିତ ବିସ୍ଫୋରକ**

**ବିସ୍ଫୋରକ ପାଇଁ ବିପଦ ଆଣୁଛନ୍ତି ମୂଷାପଲ**

**ନିଷ୍କ୍ରିୟ ସମୟରେ ପୁଲିସ ପିନ୍ଧୁନାହାନ୍ତି ସେଫ୍ଟି କିଟ୍**

ଶୁକ୍ରବାର କଟକ ସହର ଉପକଣ୍ଠ ସଦର ଥାନା ଅନ୍ତର୍ଗତ ଗୋପାଳପୁର ନିକଟ କାଠଯୋଡ଼ି ନଦୀ ପଠାରେ ଜବତ ବାଣକୁ ନିଷ୍କ୍ରିୟ କରିବା ସମୟରେ ବିସ୍ଫୋରଣ ଘଟି ଜଣେ ରିଜର୍ଭ ହାବିଲଦାରଙ୍କ ମୃତ୍ୟୁ ଘଟିଛି। ଏହି ମୃତ୍ୟୁ କେମିତି ଏବଂ କାହା ଅବହେଳାରୁ ଘଟିଲା, ତାହାକୁ ନେଇ ତଦନ୍ତ କରାଯାଉଛି। କିନ୍ତୁ ମୃତ ହାବିଲ୍‌ଦାରଙ୍କ ପରିବାର ଏକ ଭିନ୍ନ ଅଭିଯୋଗ କରିଛନ୍ତି। ବାଣ ନିଷ୍କ୍ରିୟ ବେଳେ ସେଫ୍ଟି କିଟ୍ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଯେଉଁଥି ପାଇଁ ନିଷ୍କ୍ରିୟ ସମୟରେ ବିସ୍ଫୋରଣ ଘଟିଲା। ଆଉ ସେଫ୍ଟି କିଟ୍ ନ ଥିବାରୁ ହାବିଲ୍‌ଦାରଙ୍କ ଜୀବନ ଚାଲିଗଲା। ଏଭଳି ଘଟଣା ମଧ୍ୟ ପୂର୍ବରୁ ଦେଖିବାକୁ ମିଳିଛି। ବିଭିନ୍ନ ସମୟରେ ଜବତ ହୋଇଥିବା ବିସ୍ଫୋରକକୁ ପୁଲିସ ଅସୁରକ୍ଷିତ ଭାବେ ମାଲ୍‌ଖାନାରେ ରଖୁଛି। ଥାନା କର୍ମଚାରୀଙ୍କ ଜୀବନ ବିପଦରେ ପକାଯାଉଛି। ବିସ୍ଫୋରକ ଜବତ ଠାରୁ ନିଷ୍କ୍ରିୟ କରିବା ପର୍ଯ୍ୟନ୍ତ କଣ କରାଯିବ ସେନେଇ କ୍ରାଇମ୍‌ବ୍ରାଞ୍ଚ ମାର୍ଗଦର୍ଶିକା ଜାରିକରିଛି। କିନ୍ତୁ ଏହି ମାର୍ଗଦର୍ଶିକାକୁ କେହି ପାଳନ କରୁ ନ ଥିବା ଅଭିଯୋଗ ହେଉଛି। ଆହୁରି ମଧ୍ୟ ନିଷ୍କ୍ରିୟ ସମୟରେ ସେଫ୍ଟି କିଟ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରାଯାଉନି। ପୁରୁଣା ଚିରାଚରିତ ଢଙ୍ଗରେ ଏହାକୁ ନିଷ୍କ୍ରିୟ କରାଯାଉଛି। ଫଳରେ ଟିକେ ଅସାବଧାନତା ଯୋଗୁଁ ହାତ ବାଜି ବିସ୍ଫୋରଣ ଘଟୁଛି। ତିନିବର୍ଷ ତଳେ ବଳାଙ୍ଗା ଥାନା ବିସ୍ଫୋରଣରେ ଉଡ଼ି ଯାଇଥିଲା। ଏହି ଘଟଣାକୁ ପୁଲିସ କର୍ମଚାରୀ ଏବଂ ଅଧିକାରୀମାନେ କିଛି ବି ଶିକ୍ଷା କଲା ଭଳି ମନେ ହେଉନି।

### ଜାରି କରାଯାଇଥିବା ମାର୍ଗଦର୍ଶିକା

ବିସ୍ଫୋରକ ସାମଗ୍ରୀ ଜବତ ବେଳେ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ବିସ୍ଫୋରକକୁ ଯେପରି ସୁରକ୍ଷିତ ଭାବେ ରଖାଯିବ ଏହାର ଦାୟିତ୍ୱ ନେବେ ଥାନା ଅଧିକାରୀ। କେତେ ପରିମାଣର ବିସ୍ଫୋରକ ଏବଂ କେଉଁ ପ୍ରକାରର ବିସ୍ଫୋରକ ତାହାର ତାଲିକା କରିବେ। ବିସ୍ଫୋରକକୁ କିଭଳି ରଖାଯିବ ସେନେଇ ମଧ୍ୟ ଥାନା ଅଧିକାରୀଙ୍କ ଦାୟିତ୍ୱ ରହିଛି। ମାଲ୍‌ଖାନା ଦାୟିତ୍ୱରେ ଥିବା ଅଧିକାରୀ ତଦାରଖ କରିବେ। ଯଦି ବୋମା, ଡିନାମାଇଟ୍ ଭଳି ବିସ୍ଫୋରକ ଥିବ ତାହାକୁ ନିଷ୍କ୍ରିୟ କରି ରଖିବେ। ମଝିରେ ମଝିରେ ଥାନା ଅଧିକାରୀ ଏହି ସବୁ ବିସ୍ଫୋରକକୁ ଯାଞ୍ଚ କରିବେ। ଆହୁରି ମଧ୍ୟ ଏହି ସବୁ ବିସ୍ଫୋରକକୁ ଖୁବ୍ ଶୀଘ୍ର ନଷ୍ଟ କରିବା ପାଇଁ କୋର୍ଟକୁ ନିର୍ଦ୍ଦେଶ ଆଣିବେ। ଯେପରି ଯଥା ଶୀଘ୍ର କୋର୍ଟରୁ ଡିସ୍‌ପୋଜାଲ୍ ନିର୍ଦ୍ଦେଶ ଆସିବ ସେନେଇ ମାଲ୍‌ଖାନା ଅଧିକାରୀ ଲାଗିବେ। କୋର୍ଟରୁ ନିର୍ଦ୍ଦେଶ ଆସିଲା ପରେ ଏହାକୁ ଜନବସତି ଠାରୁ ଦୂରକୁ ନେଇ ଅଭିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ନିଷ୍କ୍ରିୟ କରାଇବେ। ନିଷ୍କ୍ରିୟ ସମୟରେ ମୁଖ୍ୟତଃ ସେଫ୍ଟି କିଟ୍ ବ୍ୟବହାର କରିବା ବାଧ୍ୟତାମୂଳକ। ଆହୁରି ମଧ୍ୟ ବିସ୍ଫୋରକ ସାମଗ୍ରୀ ନଷ୍ଟ କରିବା ସମୟରେ ଅଭିଜ୍ଞ ବ୍ୟକ୍ତିଙ୍କ ଠାରୁ ଅନେକ ଦୂରରେ ପୁଲିସ କର୍ମଚାରୀ ଏବଂ ତଦନ୍ତ ଅଧିକାରୀ ରହିବେ।

### ଅଘଟଣ ଘଟିଲେ ଥାନା ଅଧିକାରୀ ଦାୟୀ

ରାଜଧାନୀର କୌଣସି ଥାନାରେ ବିସ୍ଫୋରଣ ଘଟେ ତେବେ ଥାନା ଅଧିକାରୀ ଏବଂ ମାଲ୍‌ଖାନା ଦାୟିତ୍ୱରେ ଥିବା ଅଧିକାରୀ ଦାୟୀ ରହିବେ। ସେମାନଙ୍କୁ ଏଥିପାଇଁ ନିଲମ୍ବିତ ମଧ୍ୟ କରାଯାଇ ପାରିବେ। ତେଣୁ ବିସ୍ଫୋରକ୍ ସାମଗ୍ରୀକୁ ସୁରକ୍ଷିତ ଭାବେ ରଖିବା ସହ ଏହାକୁ ନିୟମିତ ଯାଞ୍ଚ କରିବେ। ବୋମା ଜବତ ହେଲେ ଏହାକୁ ପାଣିରେ ବୁଡ଼ାଇ ନିଷ୍କ୍ରିୟ କରି ରଖିବେ।

### ଡିଜିଟାଲ ମାଲ୍‌ଖାନା କେବେ

ମାଲ୍‌ଖାନାରେ ବହୁ ବର୍ଷ ଧରି ଅନେକ ବିସ୍ଫୋରକ ସାମଗ୍ରୀ ରଖାଯାଉଛି। କିନ୍ତୁ ପୁଲିସରେ ଡିଜିଟାଲ ମାଲ୍‌ଖାନା କରାଯାଇ ନ ଥିବାରୁ ଏ ନେଇ ତଥ୍ୟ ମିଳିପାରୁନାହିଁ। ଏଥିରେ ବିସ୍ଫୋରକ ନୁହେଁ ଅନ୍ୟାନ୍ୟ ଜବତ ସାମଗ୍ରୀ ମଧ୍ୟ ଅପ୍‌ଲୋଡ୍ କରାଯାଉନି। ଡିଜିଟାଲ ମାଲ୍‌ଖାନା ହେଲେ ଜବତ ବିସ୍ଫୋରକ ସାମଗ୍ରୀ ସମ୍ପର୍କରେ ଏଥିରେ ଉଲ୍ଲେଖ ରହିବ। ଥାନା ଅଧିକାରୀ କିମ୍ବା ମାଲ୍‌ଖାନା ଦାୟିତ୍ୱରେ ଥିବା ଅଧିକାରୀ ଜାଣିପାରିବେ। କିନ୍ତୁ ଡିଜିଟାଲ ମାଲ୍‌ଖାନା ନ ଥିବାରୁ ତାହା ବର୍ଷ ବର୍ଷ ଧରି ସେଠାରେ ବିପଦଶଙ୍କୁଳ ଅବସ୍ଥାରେ ପଡ଼ିରହୁଛି। ମାଲ୍‌ଖାନାରେ ମୂଷା ରହୁଥିବାରୁ ସେ ବୋମାକୁ ଗଡ଼ାଇ ଦେଲେ ବିସ୍ଫୋରକ ଘଟିପାରେ ବୋଲି କୁହାଯାଉଛି।

# ଭୁବନେଶ୍ୱର ସିଟି



## ଆମ୍ବୁଲାନ୍ସରୁ ଲାଉଡଙ୍କିଆ ଉଦ୍ଧାର




ଭୁବନେଶ୍ୱର, ୧୫।୬(ସମିସ): କ୍ୟାପିଟାଲ୍ ହସ୍ପିଟାଲ୍ ପରିସରରେ ଥୁଆ ହୋଇଥିବା ଏକ ଆମ୍ବୁଲାନ୍ସରୁ ଶନିବାର ଏକ ଲାଉଡଙ୍କିଆ ସାପକୁ ଉଦ୍ଧାର କରାଯାଇଛି। ହସ୍ପିଟାଲ୍ ପଛପାର୍ଶ୍ୱରେ ଥିବା ପାର୍କିଂ ଅଞ୍ଚଳରେ ଏହି ଆମ୍ବୁଲାନ୍ସ ଥୁଆ ହୋଇଥିଲା। ଡ୍ରାଇଭର ହଠାତ ଆସି ଦେଖନ୍ତି ତ ସାପ ଗାଡ଼ିର ସମ୍ମୁଖ ଜାଲିରେ ଗୁଡ଼ାଇ ହୋଇ ରହିଛି। ସାପକୁ ବାହାର କରିବା ପାଇଁ ଚେଷ୍ଟା କରିବାବେଳେ ସେ ହଠାତ୍ ବନେଟ୍ ଭିତରକୁ ପଶିଯାଇଥିଲା। ଫଳସ୍ୱରୂପ ଡ୍ରାଇଭର ଉଦ୍ଧାର କରି ନପାରି ନିରୁପାୟ ହୋଇ ସ୍ନେକ୍ ହେଲ୍ପଲାଇନ୍‌କୁ ଯୋଗାଯୋଗ କରିଥିଲେ। ଖବର ପାଇ ସ୍ନେକ୍ ହେଲ୍ପଲାଇନ୍‌ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ହସ୍ପିଟାଲ ପରିସରରେ ପହଞ୍ଚି ଗାଡ଼ି ବନେଟ୍ ଖୋଲି ସାପଟିକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଥିଲେ।

## ମଦମୁକ୍ତ ଓଡ଼ିଶା ପାଇଁ କର୍ମଶାଳାରେ ଆହ୍ୱାନ



ଭୁବନେଶ୍ୱର, ୧୫।୬(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟସ୍ଥିତ ତାଳପଦେଶ୍ୱରୀ ମନ୍ଦିରରେ ମଦମୁକ୍ତି ଯୁବବାହିନୀ ପକ୍ଷରୁ ଏକ କେନ୍ଦ୍ରୀୟ କର୍ମଶାଳା ସହିତ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ସରକାରଙ୍କ ମଦ ନୀତି ଯୋଗୁଁ ପ୍ରତ୍ୟେକ ଦିନ କେତେ ଘଟଣା ଓ ଦୁର୍ଘଟଣା ଘଟୁଛି। ସରକାର ଏବଂ ରାଜନେତାମାନେ କିପରି ଏଭଳି ଏକ ଗମ୍ଭୀର ସମସ୍ୟାକୁ ଅଣଦେଖା କରିଚାଲିଛନ୍ତି। ସେହି ବିଷୟକୁ ସଙ୍ଗଠନର ସଦସ୍ୟମାନେ ଚର୍ଚ୍ଚା ଆଲୋଚନା କରିଥିଲେ। ସଙ୍ଗଠନର ଆବାହକ ସତ୍ୟବ୍ରତ ପୃଷ୍ଟି କହିଛନ୍ତି ଯେ, ସରକାରଙ୍କ ମୋଟ ବଜେଟ୍‌ର ମାତ୍ର ୨.୫ ପ୍ରତିଶତରୁ ୩ ପ୍ରତିଶତ ଅବକାରୀ ବିଭାଗରୁ ମିଳୁଛି। ଗୁଜରାଟ, ବିହାର ଭଳି ଓଡ଼ିଶା ସରକାରଙ୍କୁ ଏହି ଅର୍ଥ ନ ମିଳିଲେ ମଧ୍ୟ ରାଜ୍ୟ ସହଜରେ ଚାଲିପାରିବ। କିନ୍ତୁ ମଦ ମିଳୁଥିବା କାରଣରୁ ଲୋକେ ମଦ ପିଇ ଗାଡ଼ି ଦୁର୍ଘଟଣା, ଘରୋଇ ହିଂସା, ନାରୀ ନିର୍ଯାତନା, ହତ୍ୟା, ଦୁଷ୍କର୍ମ, ଗୋଷ୍ଠୀ ସଂଘର୍ଷ ପରି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ସରକାର ବାର୍ଷିକ ପ୍ରାୟ ୨ଲକ୍ଷ କୋଟି ଟଙ୍କାର ରଜସ୍ୱ ହରାଉଛନ୍ତି। ନିଶାଦ୍ରବ୍ୟ ବିକ୍ରି ବିରୁଦ୍ଧରେ ଆଜିର ଯୁବଗୋଷ୍ଠୀ ସ୍ୱର ଉତ୍ତୋଳନ କରିବାକୁ ମଦମୁକ୍ତି ଯୁବବାହିନୀର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲଲାଟେନ୍ଦୁ ପାତ୍ର ଅହ୍ୱାନ ଦେଇଥିଲେ। ସରକାରଙ୍କ ପ୍ରତ୍ୟକ୍ଷ ସହଯୋଗରେ ଓଡ଼ିଶାର ଗାଁ ଗହଳି, ସହର ବଜାରରେ ୪ ହଜାରରୁ ଅଧିକ ମଦ ଦୋକାନ ଖୋଲିଛି। ଆଗାମୀ ଦିନରେ ରାଜ୍ୟ ସରକାରଙ୍କୁ ମଦମୁକ୍ତି ଯୁବବାହିନୀ ପକ୍ଷରୁ ମଦମୁକ୍ତ ଓଡ଼ିଶା ପାଇଁ ଏକ ଦାବିପତ୍ର ଦିଆଯିବାର ଯୋଜନା ହୋଇଛି। ଏହି କର୍ମଶାଳାରେ ସଞ୍ଜୟ ମହାନ୍ତି, ହିମାଂଶୁ ନାୟକ, ପ୍ରଶାନ୍ତ ରାଉତ, ଜ୍ଞାନ ରାଉତ, ନମିତା ବାରିକ, ଝରଣା ସାହୁ ଯୋଗ ଦେଇଥିଲେ।

## ସୁନ୍ଦରପଦାରେ ଦେବସ୍ନାନ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି

ଭୁବନେଶ୍ୱର, ୧୫।୬(ସମିସ): ସୁନ୍ଦରପଦାସ୍ଥିତ ଠାକୁର ଗୋଖିବାବାଙ୍କ ଆଶ୍ରମ ପ୍ରାଙ୍ଗଣରେ ମୁରଲୀ ମନୋହର ପାତ୍ର ମ୍ୟାନେଜିଂ ଟ୍ରଷ୍ଟିଙ୍କ ଅଧ୍ୟକ୍ଷତାରେ ପତିତପାବନ ଦେବଙ୍କ ଦେବସ୍ନାନ ଯାତ୍ରା ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ। ସକାଳ ୯.୨୦ରୁ ୧୧.୩୮ ମିନିଟ୍ ସମୟରେ ବ୍ରାହ୍ମଣ ସମିତିର ସମସ୍ତ ବ୍ରାହ୍ମଣଙ୍କ ସହାୟତାରେ ସ୍ନାନ ମଣ୍ଡପକୁ ଶ୍ରୀଜିଉ ବିଜେ କରିବେ। ରାଜେଶ ମିଶ୍ର ଓ ଲୋକନାଥ ବାରିକଙ୍କ ଦ୍ୱାରା ଗଜାନନ ବେଶ କରାଯିବ ଓ ଭଜନ ସମାରୋହ ଅନୁଷ୍ଠିତ ହେବ। ମାହେନ୍ଦ୍ର ବେଳାରେ ଶ୍ରୀଜିଉ ନିଜ ନହରକୁ ପ୍ରତ୍ୟାବର୍ତ୍ତନ କରିବେ। ଏଥିରେ ସମାଜ ସେବକ ନୀଳମଣି ମିଶ୍ର, ଗୋଖିବାବା ମେଳା କମିଟିର ସଭାପତି ଅର୍ଜୁନ ନାୟକ, ସମ୍ପାଦକ ବିଶ୍ୱଜିତ ମଙ୍ଗରାଜ, ଦୀପ୍ତି ପ୍ରସାଦ ନନ୍ଦ, ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଭାଗ ନେଇଥିଲେ।

# ବର୍ଷା ପୂର୍ବରୁ ବିଏମ୍‌ସିର 'ଡ୍ରେନ୍' ସମୀକ୍ଷା

ଭୁବନେଶ୍ୱର, ୧୫।୬(ସମିସ)

ବର୍ଷା ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପରିସରରେ ଶନିବାର ଭୁବନେଶ୍ୱର ଡ୍ରେନ୍ ସମସ୍ୟାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ପାଇଁ ପ୍ରସ୍ତୁତ ପ୍ରସ୍ତାବିତ ସମନ୍ୱୟ ଡ୍ରେନେଜ୍ ମାଷ୍ଟର ପ୍ଲାନ୍‌କୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ରାଜଧାନୀରେ ଜଳବନ୍ଦୀ ସମସ୍ୟା, ସହରାଞ୍ଚଳ ବନ୍ୟା ସମ୍ପର୍କରେ ମହାନଗର ନିଗମ ଏବଂ ବିଡିଏ କ'ଣ ସବୁ ଯୋଜନା ପ୍ରସ୍ତୁତ କରିଛି ଏବଂ ଏହାକୁ କିଭଳି ଭାବେ କାର୍ଯ୍ୟକାରୀ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାସହ ଡ୍ରେନ୍ ମତାମତି ଏବଂ ସଫେଇ କାର୍ଯ୍ୟ କେତେଦୂର ଆଗେଇଛି ସେ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା।

ଡ୍ରେନ୍ ସମୀକ୍ଷା ବୈଠକରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମେୟର୍ ସୁଲୋଚନା ଦାସ, ବିଏମ୍‌ସି କମିସନର୍ ରାଜେଶ ପ୍ରଭାକର ପାଟିଲ, ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ବିଏମ୍‌ସି ଅଧୀନରେ ଥିବା ମୁଖ୍ୟ ଡ୍ରେନ୍‌ଗୁଡ଼ିକରେ ଜଳ ନିଷ୍କାସନର ସମସ୍ୟା ପାଇଁ ବିଏମ୍‌ସି ସ୍ୱଳ୍ପକାଳୀନ ଏବଂ ଦୀର୍ଘକାଳୀନ ସମାଧାନ ପାଇଁ କ'ଣ ସବୁ ପଦକ୍ଷେପ ନେଇଛି ସେନେଇ ଆଲୋଚନା ହୋଇଥିଲା। ବିଏମ୍‌ସି ଯନ୍ତ୍ରୀମାନେ ଭୁବନେଶ୍ୱର ଡ୍ରେନ୍ ସଂକ୍ରାନ୍ତ ଏକ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ଦେଇ ଏସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ ଅନ୍ୟ ବିଭାଗର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।



ମିଳିଥିବା ସୂଚନା ମୁତାବକ ଭୁବନେଶ୍ୱରର ଅଧିକାଂଶ ସ୍ଥାନରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଥିଲେ ମଧ୍ୟ ୧୨ଟି ସ୍ଥାନକୁ ସବୁଠାରୁ ବିପଦପୂର୍ଣ୍ଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ଏହି ଅଞ୍ଚଳ ଜଳ ନିଷ୍କାସନ ପାଇଁ କିଭଳି ପଦକ୍ଷେପ ନିଆଯାଇଛି, ଉନ୍ନତିମୂଳକ କାର୍ଯ୍ୟ କେତେଦୂର ଆଗେଇଛି କେବେ ଶେଷ ହେବାର ସମୟସୀମା ସ୍ଥିର କରାଯାଇଛି କିମ୍ବା ନାହିଁ ଆଲୋଚନା ହୋଇଥିଲା।

ଆଗକୁ ଭୁବନେଶ୍ୱରରେ ମୌସୁମୀଜନିତ ବର୍ଷା ହେବାକୁ ଯାଉଛି। ଏହାଦ୍ୱାରା ନୂଆପଲ୍ଲୀ ଇସ୍କନ୍ ମନ୍ଦିର ସାମ୍ନା ଜାତୀୟ ରାଜପଥ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ଜାତୀୟ ରାଜପଥ କଡ଼ ଡ୍ରେନ୍ ଚେକ୍ ହୋଇଯିବାରୁ କିଛି ସ୍ଥାନରେ ପାଣି ଜମି ରହୁଛି। ଏସମ୍ପର୍କରେ ମଧ୍ୟ ଏନ୍‌ଏଚ୍‌ଏଆଇର ସହଯୋଗ ଲୋଡ଼ାଯିବ ବୋଲି ଆଲୋଚନା ହୋଇଥିଲା। ସେହିପରି ଦୟା ୱେଷ୍ଟ କେନାଲ, ସୌଭାଗ୍ୟ ନଗର, ଲକ୍ଷ୍ମୀସାଗର ଅଞ୍ଚଳର ଜଳବନ୍ଦୀ ସମ୍ପର୍କରେ ଆଲୋଚନା ହୋଇଛି। ଅନ୍ୟପକ୍ଷରେ ଝାରପଡ଼ା ହାଟ ଭଙ୍ଗା ଯାଇଥିଲା। ଏହାର ଉନ୍ନତିକରଣ କାମ କେତେଦୂର ଆଗେଇଛି। ଉନ୍ନତିକରଣ କାର୍ଯ୍ୟ କେବେ ଶେଷ ହେବ ବୋଲି ପ୍ରଶ୍ନ କରିବାରୁ ବିଡିଏ ପକ୍ଷରୁ ଏହାର ଉତ୍ତର ରଖାଯାଇଥିଲା।

### ବୈଠକରେ ସାଂସଦଙ୍କ ସହ ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ଚର୍ଚ୍ଚା

ବିଏମ୍‌ସି କାର୍ଯ୍ୟାଳୟରେ ବସିଥିବା ଏହି ବୈଠକରେ ସାଂସଦ ଅପରାଜିତା ଷଡଙ୍ଗୀଙ୍କ ସହ ବିଜେପିର କିଛି ଦଳୀୟ କର୍ମକର୍ତ୍ତାଙ୍କ ଉପସ୍ଥିତିକୁ ନେଇ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି। କାରଣ ଏଠାରେ ବିଜେପିର ମଧ୍ୟ ନିର୍ବାଚନମଣ୍ଡଳୀର ପରାଜିତ ପାର୍ଥି ଜଗନ୍ନାଥ ପ୍ରଧାନ ଏବଂ ଉତ୍ତର ନିର୍ବାଚନମଣ୍ଡଳୀର ପରାଜିତ ପାର୍ଥି ପ୍ରିୟଦର୍ଶୀ ମିଶ୍ର ଏବଂ ବିଜେପି ନେତ୍ରୀ ରଶ୍ମୀ ମହାପାତ୍ରଙ୍କ ସମେତ ଅନ୍ୟମାନଙ୍କୁ ବୈଠକରେ ଦେଖିବାକୁ ମିଳିଥିଲା। ବିଏମ୍‌ସିର ଲୋକ ପ୍ରତିନିଧି ମେୟର ସୁଲୋଚନା ଦାସଙ୍କୁ ଛାଡି ଦେଲେ ବିଏମ୍‌ସିର ଅନ୍ୟ ଲୋକ ପ୍ରତିନିଧି ତଥା ଷ୍ଟାଣ୍ଡି କମିଟିର ସଦସ୍ୟମାନେ ବୈଠକରେ ଉପସ୍ଥିତ ନ ଥିଲା ବେଳେ ଏମାନେ ବିଏମ୍‌ସିର କୌଣସି ପଦପଦବୀରେ ନ ଥାଇ କିଭଳି ବୈଠକରେ ଉପସ୍ଥିତ ରହିଲେ ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏମିତି ହେଲେ ସମସ୍ତ ସରକାରୀ ବୈଠକକୁ ସାଧାରଣ ଲୋକଙ୍କ ପାଇଁ ଖୋଲି ଦିଆଯାଉ ବୋଲି ଆଜି ଦିନ ତମାମ ବିଏମ୍‌ସିରେ ଚର୍ଚ୍ଚାର ମୁଖ୍ୟ ବିଷୟବସ୍ତୁ ପାଲଟିଥିଲା। ଏହି ବୈଠକ ସମ୍ପର୍କରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଏକ ପୋଷ୍ଟ ଜରିଆରେ ଦର୍ଶାଇଛନ୍ତି, ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ଭୁବନେଶ୍ୱର ବିଭିନ୍ନ ମୁଖ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ ବିଷୟ ନେଇ ସକାରାତ୍ମକ ଆଲୋଚନା ହେଲା। ଆଗାମୀ ଦିନରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ସମସ୍ତ ସମସ୍ୟା ସମାଧାନ ହେବ ସେନେଇ ପ୍ରୟାସ କଲୁ। ଏହି ପରିପ୍ରେକ୍ଷୀରେ ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ସମସ୍ତ ବରିଷ୍ଠ ଅଧିକାରୀ ଏବଂ ସହକର୍ମୀ ପ୍ରିୟଦର୍ଶୀ ମିଶ୍ର, ଏବଂ ଜଗନ୍ନାଥ ପ୍ରଧାନ ଉପସ୍ଥିତ ଥିଲେ। ତେବେ ପ୍ରିୟଦର୍ଶୀ ଏବଂ ଜଗନ୍ନାଥ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ପ୍ରତିନିଧି ନ ଥିଲା ବେଳେ ବିଏମ୍‌ସି କାର୍ଯ୍ୟାଳୟରେ ବସିଥିବା ବୈଠକରେ କିଭଳି ଉପସ୍ଥିତ ରହିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ରାଜ୍ୟ ସଂଗ୍ରହାଳୟ ପରିସରରେ ଡାଇନୋସର୍ ମଡେଲ୍

## ୫ ଦେଲେନି; ୫୦୦ ଗଣିଲେ

ଭୁବନେଶ୍ୱର, ୧୫।୬(ସମିସ)



ରଜ ପାଇଁ 'ମୋ ବସ୍'ରେ ଭିଡ଼ ପରିଲକ୍ଷିତ ହେଉଛି। ଏହାର ଫାଇଦା ନେଇ କିଛି ବ୍ୟକ୍ତି ବିନା ଟିକଟରେ ଯାତ୍ରା କରୁଛନ୍ତି। କେହି କେହି ମଧ୍ୟ ନିଜ ଅସାବଧାନତା ଲାଗି ଟିକଟ୍ କରିପାରୁ ନାହାନ୍ତି। ଏବେ ବସ୍‌ରେ ଭିଡ଼କୁ ନଜରରେ ରଖି ଟିକଟ୍ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଏହିକ୍ରମରେ ସହରର ବିଭିନ୍ନ ଗହଳି ପୂର୍ଣ୍ଣସ୍ଥାନଗୁଡ଼ିକରେ ଶନିବାର କଡ଼ାକଡ଼ି ଯାଞ୍ଚ ଚାଲିଥିଲା। ଜୟଦେବ ବିହାରଠାରେ ଆଜି ଯାଞ୍ଚ ସମୟରେ ଅଧିକାରୀଙ୍କ ହାବୁଡ଼ରେ ଧରା ପଡ଼ିଥିଲେ ଦୁଇଜଣ ଯୁବତୀ। ଜଣେ ଯୁବତୀଙ୍କ କହିବାନୁଯାୟୀ ସେ ବସ୍‌ରେ କଟକରୁ ଯାତ୍ରା କରିଥିଲେ। କିନ୍ତୁ ବସ୍‌ରେ ପ୍ରବଳ ଭିଡ଼ ଯୋଗୁଁ ସେ ଟିକଟ କାଟିପାରି ନ ଥିଲେ। ଶେଷରେ ଯୁବତୀ ଜଣଙ୍କ ୫ଶହ ଟଙ୍କା ଜରିମାନା ଦେଇ ସେଠାରୁ ମୁକୁଳିଥିଲେ। ଠିକ୍ ସେହିପରି ଅନ୍ୟ ଜଣେ ଯୁବତୀ ଯାଞ୍ଚ ସମୟରେ ଧରା ପଡ଼ିଥିଲେ। ସେ ଓମ୍‌ଫେଡ୍ ଛକରୁ ଜୟଦେବ ବିହାର ଆସୁଥିଲେ। କିନ୍ତୁ ଟିକଟ କରି ନ ଥିଲେ। ଅଧିକାରୀଙ୍କୁ ଟିକଟ୍ ନ ଦେଖାଇପାରି ସେ ଯେଉଁଠି ୫ ଟଙ୍କାର ଟିକଟ କରି ନ ଥିବାରୁ ୫ଶହ ଟଙ୍କା ଜରିମାନା ଦେଇଥିଲେ।

## ଏନ୍‌ସିଇଆର୍‌ଟିର ସର୍ବଭାରତୀୟ ଚୟନ ପରୀକ୍ଷା ଆଜି

ଭୁବନେଶ୍ୱର, ୧୫।୬(ସମିସ): ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅନ୍ତର୍ଗତ ଏନ୍‌ସିଇଆର୍‌ଟିର ବିଭିନ୍ନ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର, ଭୋପାଳ, ଆଜମେର୍, ମୈଶୁର ଓ ଶିଲଂରେ ବିଇଡି, ଏମ୍‌ଇଡି, ବିଏବିଇଡି, ବିଏସ୍‌ସିବିଇଡି, ଏମ୍‌ଏସ୍‌ସିବିଇଡି ଆଦି ଉନ୍ନତମାନର ଶିକ୍ଷା ଭିତ୍ତିକ ପାଠପଢ଼ା ପାଇଁ ଆସନ୍ତାକାଲି ସର୍ବଭାରତୀୟ ଚୟନ ପରୀକ୍ଷା ସିଇଇ୨୦୨୪ ଅନୁଷ୍ଠିତ ହେବ। ଚଳିତବର୍ଷ ଭାରତର ୨୯ଟି ସହରରେ ୫୮ଟି କେନ୍ଦ୍ରରେ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଚାଲିବ। ୧୯ ହଜାର ୫୪୭ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଉଛନ୍ତି। ପ୍ରକାଶ ଥାଉକି ଚଳିତ ଥର ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରୀକ୍ଷା ନୋଡାଲ୍ ସେଣ୍ଟର ଭାବେ ପରିଚାଳନା କରୁଛି।

## ଆଜି ବିଶ୍ୱ ପିତୃତ୍ୱ ଦିବସ

# ଅବହେଳିତ ପିତାଙ୍କ ଭରସା ଜରାଶ୍ରମ

ଭୁବନେଶ୍ୱର, ୧୫।୬(ସମିସ)

ପିତା ! ଅଭୟ ଓ ଆଶିଷ ଭରା ଏହି ଦୁଇଟି ଅକ୍ଷରରେ ଭରି ରହିଛି ସଂସାରର ସବୁ ଆନନ୍ଦ ଓ ଉପଲବ୍ଧି। କିନ୍ତୁ ପିତୃତ୍ୱର ସର୍ବଶ୍ରେଷ୍ଠ ସଫଳତା ହେଉଛି ସନ୍ତାନର ଉନ୍ନତି। ସନ୍ତାନର ସୁଖ, ସମୃଦ୍ଧି ଓ ଖୁସି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିବା ପିତୃତ୍ୱ ସମୟ ସ୍ରୋତରେ ଦିନେ ବାର୍ଦ୍ଧକ୍ୟକୁ ଚାଲିଯାଏ। ଏକଦା ସନ୍ତାନର ଦମ୍ଭ ଓ ସାହାରା ହୋଇ ଆସିଥିବା ପିତା ସମୟର ସାୟାହ୍ନରେ ସାହାରା ଖୋଜେ। କିନ୍ତୁ ଅନେକ ସମୟରେ ପିତାର ଅଜାଣତରେ ସନ୍ତାନ ପାଇଁ ବୋଝ ପାଲଟି ଯାଏ। ଯେଉଁ ପିତୃତ୍ୱ ଦିନେ ସନ୍ତାନର ପ୍ରଥମ ପରିଚୟ ସୃଷ୍ଟି କରିଥଲା ଆଜି ତାର ଶେଷ ଠିକଣା ପାଲଟି ଯାଏ ସେହି ସନ୍ତାନର ଘରକୋଣ, ବାରଣ୍ଡା କିମ୍ବା ଜରାଶ୍ରମ। ମଣିଷ ଯେତେ ଆଧୁନିକ ଓ ସଭ୍ୟ ହେଉଥିବା ଦାବି କରୁଛି ଅବହେଳିତ ପିତୃତ୍ୱର କରୁଣ ଉଦାହରଣ ସଂଖ୍ୟା ବଢ଼ିଚାଲିଛି। ଏଭଳି କିଛି ଅବହେଳିତ ପିତୃତ୍ୱର କରୁଣ କାହାଣୀକୁ ନେଇ ଆଜିର ପିତୃ ଦିବସରେ ସ୍ୱତନ୍ତ୍ର ଉପସ୍ଥାପନା।

### ସମ୍ପତ୍ତି ଭାଗ ପରେ ଅଲୋଡ଼ା ହେଲେ ବାପା

ଦିନକୁ ଦିନ ସମାଜ ଓ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ଓ ଅଗ୍ରଗତି ହେଉଛି। ଏହାରି ଭିତରେ ଜହିଯାଉଛି ପିତୃତ୍ୱର ଅର୍ଥ। ସନ୍ତାନମାନଙ୍କ ଆରାମଦାୟକ ଜୀବନରେ ଘରେ ପିତାଙ୍କୁ ସ୍ଥାନ ମିଳୁନି। ସାରା ଜୀବନ ମୁଣ୍ଡ ଝାଳ ତୁଣ୍ଡରେ ମାରି ପିଲାମାନଙ୍କୁ ଶିକ୍ଷା ଦେବା ସହ ସମାଜରେ ପରିଚୟ ଦେବାରେ ଯେଉଁମାନଙ୍କ ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଥିଲା ଆଜି ସେମାନେ ଅବହେଳିତ ହୋଇପଡ଼ିଛନ୍ତି। ପରିବାର ସହ ଶାନ୍ତିରେ ରହିବା ପାଇଁ ସ୍ୱପ୍ନ ଦେଖୁଥିବା ପିତା ଏବେ ଜରାଶ୍ରମରେ ଗୁମୁରି କାନ୍ଦୁଛି। ରାଜଧାନୀର ବିଭିନ୍ନ ଜରାଶ୍ରମରେ ଯାହାର ଉଦାହରଣ ଦେଖିବାକୁ ମିଳିଛି। ନହରକଣ୍ଟାସ୍ଥିତ ସ୍ୱପ୍ନମନ୍ଦିର ଜରାଶ୍ରମରେ ଜଣେ ବାପା ନିଜ ଅସହାୟତାର କାହାଣୀ ବଖାଣିବା ବେଳେ ତାଙ୍କ ଆଖି ଛଳ ଛଳ ହୋଇଯାଇଥିଲା। ପରିବାର ସଦସ୍ୟଙ୍କ ଅତ୍ୟାଚାର ଏବେ ବୃଦ୍ଧି ପାଇଥିଲା ଯେ, ଢେଙ୍କାନାଳରୁ ଭୁବନେଶ୍ୱର ଧାଇଁ ଆସିଥିଲେ ଶ୍ୟାମ ସୁନ୍ଦର ବେହେରା। ବୟସ ତାଙ୍କର ୬୫। ଚାଷ କାମ କରି ୨ପୁଅଙ୍କୁ ମଣିଷ କରିବା ପରେ ଭାବିଥିଲେ ବୃଦ୍ଧାବସ୍ଥାରେ ପୁଅ ବୋହୂ ନାତି ନାତୁଣୀଙ୍କ ସହ ହସ ଖୁସିରେ ଜୀବନ କଟିଯିବ। କିନ୍ତୁ ସେ ଜାଣି ନ ଥିଲେ ଯେ, ବୃଦ୍ଧାବସ୍ଥା ଯେ, ପରିବାର ଠାରୁ ସବୁଦିନ ପାଇଁ ଦୂରେଇ ଦେବ। ଦୁଇ ପୁଅ ବିଭିନ୍ନ କମ୍ପାନୀରେ କାର୍ଯ୍ୟରତ ଅଛନ୍ତି କିନ୍ତୁ ପରିଣତ ବୟସରେ ବାପାଙ୍କୁ କିଏ ରଖିବ ତାହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଦୁଇପୁଅଙ୍କ କଳିରେ ବଳିପଡ଼ିଲେ ବୃଦ୍ଧ ବାପା। ସନ୍ତାନମାନଙ୍କ ପାଖରେ ନିର୍ଯାତିତ ହୋଇ ବଞ୍ଚିବା ଅପେକ୍ଷା ବୃଦ୍ଧାଶ୍ରମରେ ଶେଷ ନିଶ୍ୱାସ ତ୍ୟାଗ କରିବା ତାଙ୍କ ପାଇଁ ଶେଷ ନିଷ୍କର୍ଷ ହୋଇଥିଲା। ପ୍ରାୟ ସାଢ଼େ ୩ବର୍ଷ ହେବ ଶ୍ୟାମ ସୁନ୍ଦର ଏଠାରେ ରହୁଥିଲେ ବି ପୁଅମାନଙ୍କର ଦିନେ ହେଲେ ବି ମନେପଡୁନି। କିନ୍ତୁ ବାପା ନିଜ ସନ୍ତାନର ଖୁସି ପାଇଁ ନିଜେ ଦୂରେଇ ଗଲା ସତ କିନ୍ତୁ ଶେଷ ନିଶ୍ୱାସ ଯାଏ ସନ୍ତାନ ମୁହଁ ଦେଖିବାକୁ ପ୍ରତ୍ୟେକ ବାପା ଚାହାନ୍ତି ବୋଲି କହିଛନ୍ତି ଶ୍ୟାମ ସୁନ୍ଦର।



### ପୁଅଙ୍କ ହାତରେ ନିର୍ଯାତିତ ସୁଖରଞ୍ଜନ



ସେହିପରି ଆଉଜଣେ ବାପାଙ୍କ କରୁଣ କାହାଣୀ ଯେ, ଏତେ ଦୟନୀୟ ହୋଇପାରେ ତାହା ଆଖିରେ ନଦେଖିଲେ ବିଶ୍ୱାସ ହେବନି। ୪ଟି ପୁଅ ଜନ୍ମ ହେବା ପରେ ଯେଉଁ ବାପାର ନିଜ ଭାଗ୍ୟକୁ ନେଇ ଗର୍ବରେ ଛାତି ଫୁଲିଯାଉଥିଲା, ଆଜି ଅପମାନ, ଅସହାୟତା ଓ ଦୁର୍ବ୍ୟବହାରରେ ଜୀବନ ଜର୍ଜରିତ ହୋଇଯାଇଛି। ରାସ୍ତା କଡ଼ରେ ଘୁଗୁନି ବେପାର କରି ୪ପୁଅଙ୍କୁ ମଣିଷ କରିବାକୁ କେତେ ଯେ ଦୁର୍ଦ୍ଦିନ ଦେଇ ଗତି କରିଛନ୍ତି ତାହା କେବଳ ତାଙ୍କୁ ଜଣା। କିନ୍ତୁ ବଦଳରେ ପାଇଛନ୍ତି କେବଳ ନିର୍ଯାତନା। ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ସାଇ ନିବାସ ଜରାଶ୍ରମରେ ରହୁଥିବା ସୁଖରଞ୍ଜନ। ରାଜଧାନୀର ୪ଟି ପୁଅ ବିଭିନ୍ନ ବ୍ୟବସାୟ କରି ସୁନାମ ଅର୍ଜନ କରୁଥିବା ବେଳେ ବାପା କିନ୍ତୁ ଦିନ କାଟୁଛନ୍ତି ବୃଦ୍ଧାଶ୍ରମରେ। ଜୀବନକାଳ ମଧ୍ୟରେ ଯାହା ଅର୍ଜିତ ସମ୍ପତ୍ତି ଥିଲା ୪ପୁଅଙ୍କ ମଧ୍ୟରେ ଭାଗବାଣ୍ଟ ହେବା ପରେ ଅଲୋଡ଼ା ହୋଇଯାଇଥିଲେ ବୃଦ୍ଧ ବାପା ଓ ମାଆ। ଖାଇବାକୁ ନଦେଇ ଉଭୟଙ୍କୁ ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେବା ସହ ଘରୁ ତଡ଼ିଦେଇଥିଲେ। ଏମିତିକି ନିଜ ମା'ଙ୍କ ଶେଷକୃତ୍ୟ କରିବାକୁ ମନା କରିଦେଇଥିଲେ। ଶେଷରେ ବୃଦ୍ଧାଶ୍ରମରେ ହିଁ ମା'ଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅମାନଙ୍କ ନାଁରେ କେସ୍ କରିବାକୁ ସମସ୍ତେ ସୁଖରଞ୍ଜନଙ୍କୁ କହିଥିଲେ ବି ସେ ମନା କରିଥିଲେ।

### ଆଦର୍ଶ ବାପା 'ଦୁବରାଇ'



ସାଧାରଣତଃ ଆଦିବାସୀ ସମ୍ପ୍ରଦାୟରେ ଜଣେ ବ୍ୟକ୍ତି ଏକାଧିକ ବିବାହ କରୁଥିବା ଦେଖିବାକୁ ମିଳେ। ଏମିତିକି ପ୍ରଥମ ସ୍ୱାମୀ କିମ୍ବା ସ୍ତ୍ରୀ ଥାଇ ମଧ୍ୟ ଅନ୍ୟତ୍ର ବିବାହ କରୁଥିବାର ଅନେକ ଉଦାହରଣ ରହିଛି। ମାତ୍ର ୪ମାସର କୁନି ଝିଅକୁ ଛାଡ଼ି ପତ୍ନୀ ଆରପାରିକୁ ଚାଲିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିବାହ ନ କରି ଦୁଇ ଝିଅଙ୍କ ସେବା କରୁଛନ୍ତି ବାପା ଦୁବରାଇ ସିଂହ। ଉଭୟ ବାପା ଓ ମା' ହୋଇ ଦୁଇ ଝିଅଙ୍କୁ ମଣିଷ କରିବାକୁ ଦିନରାତି ଏକ କରିଦେଇଛନ୍ତି ସେ। ଚନ୍ଦ୍ରଶେଖରପୁର ରାଧାକୃଷ୍ଣ ଲେନ୍ ବସ୍ତିରେ ଦୁଇ ଝିଅଙ୍କୁ ନେଇ ରୁହନ୍ତି ଦୁବରାଇ। ପେସାରେ ସେ ଜଣେ ଦିନମଜୁରିଆ, ପିଲାମାନଙ୍କ ପାଇଁ ସେ ଘରେ ଜଣେ ଗୃହିଣୀଙ୍କ ଭଳି ଦାୟିତ୍ୱ ତୁଲାଇବା ସହ ନିଜ କର୍ମକ୍ଷେତ୍ରରେ ଜଣେ କର୍ମଜୀବୀ ପାଲଟିଯାଆନ୍ତି। ୧୨ବର୍ଷ ତଳେ ସାନ ଝିଅ ୪ମାସର ହୋଇଥିବା ବେଳେ ଆଖି ବୁଜିଥିଲେ ପତ୍ନୀ। ସେହିଦିନରୁ ଦୁଇ ଝିଅଙ୍କୁ ଲାଳନପାଳନ କରିବା ସହ ଦୁହିଁଙ୍କୁ ସ୍ନେହ ଶ୍ରଦ୍ଧା ଦେଇ ସେମାନଙ୍କ ଯତ୍ନ ନେଇ ଆସୁଛନ୍ତି। ଝିଅ ଦୁହେଁ ଏବେ ଅଷ୍ଟମ ଓ ନବମ ଶ୍ରେଣୀରେ ପଢ଼ୁଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫ ● ପାଉଣ୍ଡ ୧୦୬.୨୯
- ୟୁରୋ ୮୯.୧୪ ● ୟେନ୍ ୦.୫୩

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୬,୦୫୦ (ନୂଆଦିଲ୍ଲୀ)
- ରୁପା : ୯୪,୯୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୯୯୨.୦୦
- ନିଫ୍ଟି ୨୩,୪୬୫.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ବିପଦରେ ଡଲାରର ରାଜୁତି

# ଆମେରିକା-ସାଉଦି ଆରବ ୫୦ ବର୍ଷ ପୁରୁଣା ଚୁକ୍ତି ରଦ୍ଦ

ନୂଆଦିଲ୍ଲୀ,୧୫।୬(ଏଜେନ୍ସି)

ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ବର୍ତ୍ତମାନ ସାଉଦି ଆରବ ଆମେରିକା ସହିତ ହୋଇଥିବା ଏହାର ଦୀର୍ଘ ୫୦ ବର୍ଷ ପୁରୁଣା ପେଟ୍ରୋଡୋଲାର ଚୁକ୍ତିକୁ ଶେଷ କରିଛି। ଏହା ଫଳରେ ଶେଷ ହୋଇଛି ପେଟ୍ରୋ-ଡଲାର ଚୁକ୍ତିନାମା। ଏଥିଯୋଗୁ ସାରା ବିଶ୍ୱରେ ଚାଲିଥିବା ଆମେରିକୀୟ ଡଲାରର

**ସାଉଦି ଆରବ ଯେ କୌଣସି ମୁଦ୍ରାରେ ତେଲ ବିକ୍ରି କରିପାରିବ**

**ଶେଷ ହେଲା ପେଟ୍ରୋ-ଡଲାର ଚୁକ୍ତିନାମା**

ରାଜୁତି ଏବେ ଏବେ ବିପଦରେ ପଡିଛି। ବର୍ତ୍ତମାନ ସାଉଦି ଆରବ ଆମେରିକା ସହିତ ପେଟ୍ରୋଡୋଲାର ସିଷ୍ଟମ ଚୁକ୍ତିନାମାକୁ ବାତିଲ



କରିବାକୁ ନିଷ୍ପତ୍ତି ନେଇଛି, ଯାହା ୫୦ ବର୍ଷ ଧରି ଚାଲିଆସୁଛି। କେତେକ ଗଣମାଧ୍ୟମ ରିପୋର୍ଟରେ ଏହା ଦାବି କରାଯାଇଛି ଯେ ଏହି ଚୁକ୍ତି ଗତ ଶନିବାର ଅର୍ଥାତ୍ ଜୁନ୍ ୮ ରେ ଶେଷ ହୋଇଛି। ତେବେ ଜୁନ୍ ୯ରେ ସାଉଦି ଆରବ ଏବଂ ଆମେରିକା ଏହି ଚୁକ୍ତି ନବୀକରଣ କରି ନ ଥିଲେ। ଏହାଫଳରେ ଏବେ ବର୍ତ୍ତମାନ ସାଉଦି ଆରବ ୟୁଆନ୍, ରୁବେଲ୍, ରୁପି ଆଦି ଯେ କୌଣସି ମୁଦ୍ରାରେ ଏହାର ତେଲ ବିକ୍ରି କରିପାରିବ।

୧୯୭୩ ଅକ୍ଟୋବର ୬ ରେ ଇଜିପ୍ଟ ଏବଂ ସିରିଆର ନେତୃତ୍ୱରେ ଆରବ ଦେଶ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲେ। ଇଜିପ୍ଟର ରାଷ୍ଟ୍ରପତି ମହମ୍ମଦ ଅନୱାର ସାଦତ ଏବଂ ସିରିଆର ରାଷ୍ଟ୍ରପତି ହାଫେଜ ଅଲ-ଆସାଦ ଷଷ୍ଠ ଦିନ ଯୁଦ୍ଧରେ ଇସ୍ରାଏଲ ଦଖଲ କରିଥିବା ଜମିକୁ ପୁନ ପ୍ରାପ୍ତ କରିବାକୁ ଚାହୁଁଥିଲେ। ଏହି ଯୁଦ୍ଧରେ ରୁଷ ସିରିଆ ଏବଂ ଇଜିପ୍ଟକୁ ସାହାଯ୍ୟ କରୁଥିଲା। ଏଭଳି ପରିସ୍ଥିତିରେ ଆମେରିକା ଇସ୍ରାଏଲକୁ ସମର୍ଥନ କରିଥିଲା ଏବଂ ଅସ୍ତ୍ରଶସ୍ତ୍ର ସାହାଯ୍ୟ ମଧ୍ୟ କରିଥିଲା। ଆମେରିକାର ଏହି ସାହାଯ୍ୟରେ ଇସ୍ରାଏଲ ଏହି ଯୁଦ୍ଧରେ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଥିଲା। ଏହି ସମୟରେ ଆମେରିକାରେ ତେଲ ଦର ବୃଦ୍ଧି ପାଇଥିଲା। ତେଲ ମୂଲ୍ୟରେ ବୃଦ୍ଧି ହେତୁ ମୁଦ୍ରାସ୍ଫୀତି ଆମେରିକା ସମେତ ସମଗ୍ର ବିଶ୍ୱରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଏହି ସଙ୍କଟରୁ ମୁକ୍ତି ପାଇବା ପାଇଁ ଆମେରିକା ଏବଂ ସାଉଦି ଆରବ ମଧ୍ୟରେ ୧୯୭୪ ଜୁନ୍ ୮ ରେ ଏକ ଚୁକ୍ତିନାମା ହୋଇଥିଲା।

**କ'ଣ ଥିଲା ପେଟ୍ରୋ-ଡଲାର ସିଷ୍ଟମ**

ପେଟ୍ରୋ-ଡଲାର ଚୁକ୍ତି ସାଉଦି ଏବଂ ଆମେରିକା ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା। ଏହି ଚୁକ୍ତି ଅନୁଯାୟୀ ସାଉଦି ଆରବ ଏହାର ତେଲକୁ କେବଳ ଡଲାରରେ ବିକ୍ରି କରିପାରିବ। ଏହାର ପ୍ରତିବଦଳରେ ସାଉଦି ଆରବକୁ ଆମେରିକାଠାରୁ ସାମରିକ ସୁରକ୍ଷା ମିଳିବ। ଦୁଇ ଦେଶ ମଧ୍ୟରେ ହୋଇଥିବା ଏହି ଚୁକ୍ତିକୁ ପେଟ୍ରୋଡଲାର ସିଷ୍ଟମ କୁହାଯାଉଥିଲା।

ରିପୋର୍ଟ ଅନୁଯାୟୀ, ଆଗାମୀ ୧୮୦ ଦିନ ମଧ୍ୟରେ ପେଟ୍ରୋଡଲାର୍ ସିଷ୍ଟମ୍ ଯେ କୌଣସି ଦିନ ନବୀକରଣ ହୋଇପାରିବ। ଏହି ସମୟ ମଧ୍ୟରେ ସାଉଦି ଆରବ ଏହି ଚୁକ୍ତି ବଢ଼ାଇବାକୁ ପ୍ରସ୍ତୁତ ନୁହେଁ ବୋଲି ଅନେକ ରିପୋର୍ଟରେ ମଧ୍ୟ ଦାବି କରାଯାଇଛି। ଏଭଳି ପରିସ୍ଥିତିରେ ବର୍ତ୍ତମାନ ସାଉଦି ଆରବ ୟୁଆନ୍, ରୁବେଲ୍, ରୁପି ଆଦି ଯେ କୌଣସି ମୁଦ୍ରାରେ ଏହାର ତେଲ ବିକ୍ରି କରିପାରିବ। ସାଉଦି ଆରବର ଏହି ନିଷ୍ପତ୍ତି ହେତୁ ଭୂ-ରାଜନୈତିକ ସ୍ଥିତିରେ ଏକ ବଡ ପରିବର୍ତ୍ତନ ଦେଖିବାକୁ ମିଳିବ ବୋଲି କୁହାଯାଉଛି। ବିଶ୍ୱ ବଜାରରେ ଡଲାରର ପ୍ରାଧାନ୍ୟକୁ ଏହା ଏକ ବଡ ଝଟ୍‌କା ହୋଇପାରେ ବୋଲି ବିଶ୍ୱାସ କରାଯାଉଛି। ସାଉଦି ତେଲ କେବଳ ଡଲାରରେ ବିକ୍ରି ହେଉଥିବାରୁ ଏହାର ଚାହିଦା ସାରା ବିଶ୍ୱରେ ଅକ୍ଷୁର୍ଣ୍ଣ ରହିଛି। ତେବେ ଆମେରିକା କିମ୍ବା ସାଉଦି ଆରବ ଏପର୍ଯ୍ୟନ୍ତ ଏହି ଚୁକ୍ତି ବାତିଲ କରିବାକୁ ନିଶ୍ଚିତ କରିନାହାଁନ୍ତି। ରିପୋର୍ଟ ଅନୁଯାୟୀ, ଆମେରିକା ଏବଂ ସାଉଦି ମଧ୍ୟରେ ପେଟ୍ରୋଡୋଲାର ସିଷ୍ଟମ ବଳବତ୍ତର ରହିଛି ବୋଲି ଅନେକ ଦଶନ୍ଧି ଧରି ବିଶ୍ୱାସ କରାଯାଉଥିଲା, ଯେଉଁ କାରଣରୁ ତେଲ ଏବଂ ଡଲାର ପରସ୍ପର ସହ ଜଡିତ ଥିଲେ।

### ● ରେପୋ ହାର ସ୍ଥିର

## ଷ୍ଟେଟ୍ ବ୍ୟାଙ୍କ ଏମ୍‌ସିଏଲ୍‌ଆର୍‌ରେ ବୃଦ୍ଧି



ନୂଆଦିଲ୍ଲୀ,୧୫।୬(ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ରେପୋ ହାର ବା ଏହାର ପ୍ରମୁଖ ସୁଧ ହାରରେ କୌଣସି ପରିବର୍ତ୍ତନ କରିନାହିଁ। ପୂର୍ବ ଥର ଭଳି ବ୍ୟାଙ୍କ ରେପୋ ହାରକୁ ସ୍ଥିର ରଖିଛି। ହେଲେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଗ୍ରାହକଙ୍କୁ ଜୋର୍ କା ଝଟ୍‌କା ଧୀରେ ଦେବା ଆରମ୍ଭ କରିଦେଲାଣି। ରେପୋ ହାର ସ୍ଥିର ରହିଥିଲେ ମଧ୍ୟ ଏସ୍‌ବିଆଇ ତା'ର ଗୃହ ଋଣ ସୁଧହାର ଣି ଥରେ ବୃଦ୍ଧି କରିଛି। ଏହାର ଅର୍ଥ ଗ୍ରାହକଙ୍କୁ ଏବେ ଅଧିକ ଇଏମଆଇ ଦେବାକୁ ପଡ଼ିବ। ଆରବିଆଇର ମୁଦ୍ରାନୀତି ବୈଠକର କିଛି ଦିନ ପରେ ଷ୍ଟେଟ୍ ବ୍ୟାଙ୍କ୍ ଋଣ ସୁଧ ହାର ବୃଦ୍ଧି ଘୋଷଣା କରିଛି। ଏସବିଆଇ ଜୁନ ୧୫ ତାରିଖ ଅର୍ଥାତ୍ ଆଜିଠାରୁ ସମସ୍ତ ଅବଧିର ଋଣ ଉପରେ ମାର୍ଜିନାଲ୍ କଷ୍ଟ ଅଫ୍ ଫଣ୍ଡ ବେସ୍ଡ ଲେଣ୍ଡିଂ ରେଟ୍ ବା (ଏମସିଏଲଆର) ରେ ୧୦ ବେସିସ୍ ପଏଣ୍ଟ ବୃଦ୍ଧି କରିଛି। ଏହାକୁ ଶତକଡ଼ା ପ୍ରତିଶତରେ ହିସାବ କଲେ ୦.୧% ହେବ। ଏସବିଆଇର ଏହି ପଦକ୍ଷେପରେ ଏମସିଏଲଆର୍ ଜଡ଼ିତ ସମସ୍ତ ପ୍ରକାର ଋଣର ଇଏମଆଇ ବଢ଼ିଯାଇଛି। ଏହାର ଅର୍ଥ ଗ୍ରାହକଙ୍କୁ ପ୍ରତି ମାସରେ ଅଧିକ ଋଣ ଇଏମଆଇ ଦେବାକୁ ପଡ଼ିବ। ଏମ୍‌ସିଏଲ୍‌ଆର୍ ସହିତ ଗୃହ ଋଣ ଓ ଅଟୋ ଋଣ ସହିତ ସମସ୍ତ ପ୍ରକାର ରିଟେଲ୍ ଋଣ ରହିଛି।

### ସୀମା ଯୁଦ୍ଧ ନୁହେଁ, ପରସ୍ପର ମଧ୍ୟରେ ବାଣିଜ୍ୟିକ ଯୁଦ୍ଧ

# ଭାରତ-ଚୀନ୍ ବିବାଦରେ ହଜିଗଲା ଏକ ଲକ୍ଷ ଚାକିରି

ନୂଆଦିଲ୍ଲୀ,୧୫।୬(ଏଜେନ୍ସି)

ଭାରତ ଏବଂ ଚୀନ୍ ମଧ୍ୟରେ ଚାଲିଥିବା ବିବାଦ କାହାରିକୁ ଅଛପା ନାହିଁ। ଦୁଇ ଦେଶ ମଧ୍ୟରେ 'ଲଢ଼େଇ' ଉଭୟ ଦେଶ ଉପରେ ଅଧିକ ପ୍ରଭାବ ପକାଉଛି। ଏହି କାରଣରୁ, ଗତ କିଛି ବର୍ଷ ମଧ୍ୟରେ ୧ ଲକ୍ଷ ଚାକିରି ଚାଲିଯିବା ସହ କୋଟି କୋଟି ଟଙ୍କା କ୍ଷତି ମଧ୍ୟ ଘଟିଛି।

ଏହା ଏକ ସୀମା ଯୁଦ୍ଧ ନୁହେଁ ବରଂ ପରସ୍ପର ମଧ୍ୟରେ ବାଣିଜ୍ୟିକ ଯୁଦ୍ଧ। ଏହା ଚୀନ୍ ଏବଂ ଭାରତ ଯାତ୍ରା କରୁଥିବା ଅଧିକାରୀଙ୍କୁ ମଧ୍ୟ ପ୍ରଭାବିତ କରୁଛି। ସେମାନଙ୍କୁ ଭିସା ପାଇବାରେ ବିଳମ୍ବ ହେଉଛି। ୪ ବର୍ଷ ପୂର୍ବେ ଗାଲୱାନରେ ଭାରତ ଏବଂ ଚୀନ୍ ସୈନିକଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହି ସଂଘର୍ଷ ଯୋଗୁଁ ଦୁଇ ଦେଶ ମଧ୍ୟରେ ବହୁତ ତିକ୍ତତା ଦେଖାଦେଇଥିଲା। ସେବେଠାରୁ ଦୁଇ ଦେଶ



ମଧ୍ୟରେ ବାଣିଜ୍ୟିକ ସମ୍ପର୍କରେ ଦୂରତା ରହିଆସିଛି। ଏହାର ପ୍ରଭାବ ଏ ପର୍ଯ୍ୟନ୍ତ ଦୃଶ୍ୟମାନ ହେଉଛି। ଏହି 'ସଂଗ୍ରାମ' ହେତୁ ଭାରତର ଇଲେକ୍ଟ୍ରୋନିକ୍ସ ଉତ୍ପାଦନକାରୀମାନେ ଗତ ୪ ବର୍ଷ ମଧ୍ୟରେ ଉତ୍ପାଦନରେ ୧୫ ବିଲିୟନ ଡଲାର (ପ୍ରାୟ ୧.୨୫ ଲକ୍ଷ କୋଟି) କ୍ଷତି ସହିଛନ୍ତି। କେବଳ ଏତିକି ନୁହେଁ ଦୁଇ ଦେଶ ମଧ୍ୟରେ ତିକ୍ତତା ଚାକିରି ଉପରେ ମଧ୍ୟ ପ୍ରଭାବ ପକାଇଛି। ଗତ ୪ ବର୍ଷ ମଧ୍ୟରେ ୧ ଲକ୍ଷ ଚାକିରି ସୁଯୋଗ ମଧ୍ୟ ହଜିଯାଇଛି। ଯଦି ଏସବୁ ହୋଇ ନ ଥାନ୍ତା, ତେବେ ଏହି ୪ ବର୍ଷରେ ଏକ ଲକ୍ଷ ଲୋକ ଚାକିରି ପାଇଥାନ୍ତେ। କେବଳ ଏତିକି ନୁହେଁ, ବିଭିନ୍ନ ମନ୍ତ୍ରଣାଳୟକୁ ପଠାଯାଇଥିବା ସ୍ମାରକପତ୍ରରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଶିଳ୍ପ କହିଛି ଯେ ୨ ବିଲିୟନ ଡ଼ଲାର (ପ୍ରାୟ ୧୬,୭୧୦ କୋଟି ଟଙ୍କା) ବ୍ୟତୀତ ଭାରତ ମଧ୍ୟ ୧୦ ବିଲିୟନ ଡ଼ଲାରର ରପ୍ତାନି ସୁଯୋଗ ହରାଇଛି (ପ୍ରାୟ ୮୩,୫୫୦ କୋଟି)।

### ଆର୍‌ବିଆଇ ବାର୍ଷିକ ରିପୋର୍ଟରେ ଖୁଲାସା

# ଅଧା ଭାରତ ଆର୍ଥିକ ଠକେଇର ଶିକାର

ନୂଆଦିଲ୍ଲୀ,୧୫।୬(ଏଜେନ୍ସି)

ଦେଶରେ ସମ୍ପ୍ରତି ଠକେଇ ଘଟଣା ବଢ଼ିବାରେ ଲାଗିଛି। ଯେଉଁ ଗତି ସହିତ ଦେଶରେ ଡିଜିଟାଲ୍ ଇଣ୍ଡିଆକୁ ପ୍ରୋତ୍ସାହନ ଦିଆଯାଉଛି, ସମାନ ବେଗରେ ଲୋକମାନେ ଆର୍ଥିକ ଠକେଇର ମଧ୍ୟ ଶିକାର ହେଉଛନ୍ତି। ଏକ ରିପୋର୍ଟରେ କୁହାଯାଇଛି

**■ ବ୍ୟାଙ୍କ ଠକେଇ ୧୬୬% ବଢ଼ିଛି**
**■ ୟୁପିଆଇ, କ୍ରେଡିଟ କାର୍ଡରେ ସର୍ବାଧିକ ଠକେଇ**
**■ ଗତ ତିନିବର୍ଷରେ ୪୭% ଲୋକ ଏକାଧିକ ଠକେଇର ଶିକାର**




ଯେ ଦେଶର ପ୍ରାୟ ଅଧା ଭାଗ ଲୋକ କୌଣସି ନା କୌଣସି ଆର୍ଥିକ ଠକେଇର ଶିକାର ହୋଇଛନ୍ତି। ଏଥିରେ ୟୁପିଆଇ ଏବଂ କ୍ରେଡିଟ କାର୍ଡ ଜରିଆରେ ଅଧିକାଂଶ ଠକେଇ କରାଯାଇଥିବା ଜଣାପଡିଛି। ଦେଶର ୪୭ ପ୍ରତିଶତ ଲୋକ ଗତ ତିନିବର୍ଷ ମଧ୍ୟରେ ଏକ ବା ଏକାଧିକ ଆର୍ଥିକ ଠକେଇ ଘଟଣାର ସମ୍ମୁଖୀନ ହୋଇଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ପ୍ରକାଶିତ ଏହାର ବାର୍ଷିକ ରିପୋର୍ଟରେ କୁହାଯାଇଛି।

ଏହି ସର୍ବେକ୍ଷଣ ରିପୋର୍ଟରେ ଦର୍ଶାଯାଇଛି ଯେ ଏଥି ମଧ୍ୟରେ ୟୁପିଆଇ ଏବଂ କ୍ରେଡିଟ୍ କାର୍ଡ ସହିତ ଜଡିତ ଆର୍ଥିକ ଜାଲିଆତି ସବୁଠାରୁ ସାଧାରଣ। ଦେଶର ୩୦୨ଟି ଜିଲ୍ଲାର ୨୩,୦୦୦ ଲୋକଙ୍କ ମଧ୍ୟରେ ଏହି ସର୍ଭେ କରିଥିବା ଏଜେନ୍ସି ଲୋକାଲ୍ ସର୍କଲ୍ସ କହିଛି ଯେ ଘରୋଇ ଏବଂ ଅନ୍ତର୍ଜାତୀୟ ବଣିକ / ୱେବସାଇଟ୍ ଦ୍ୱାରା ସେମାନଙ୍କ କ୍ରେଡିଟ୍ କାର୍ଡରେ ଅଧାରୁ ଅଧିକ ଅନଧିକୃତ ଚାର୍ଜର ସମ୍ମୁଖୀନ ହୋଇଥିଲେ। ଏଜେନ୍ସି ଏକ ବିବୃତ୍ତିରେ କହିଛି ଯେ ଠକେଇକୁ ରୋକିବା ପାଇଁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଏବଂ ଉପଭୋକ୍ତା ସଚେତନତା ସୃଷ୍ଟି କରିବା ଜରୁରୀର ଆବଶ୍ୟକତା ଉପରେ ରିପୋର୍ଟରେ ଦର୍ଶାଯାଇଛି। ଏହି ସର୍ଭେରେ ୪୩ ପ୍ରତିଶତ ଲୋକ କହିଛନ୍ତି ଯେ ସେମାନଙ୍କ କ୍ରେଡିଟ କାର୍ଡରେ ଜାଲିଆତି କରାଯାଇଛି। ସେହିପରି ୩୬ ପ୍ରତିଶତ ଲୋକଙ୍କର କହିବା ହେଉଛି ୟୁପିଆଇ କାରବାର ହେତୁ ସେମାନଙ୍କ ସହ ଠକେଇ କରାଯାଇଛି। କ୍ରେଡିଟ୍ କାର୍ଡ ଠକେଇ ବିଷୟରେ, ୫୩ ପ୍ରତିଶତ ଲୋକ ଘରୋଇ ବ୍ୟବସାୟୀ ଏବଂ ୱେବସାଇଟ୍ ଦ୍ୱାରା ଦିଆଯାଇଥିବା ଅନଧିକୃତ ଚାର୍ଜ ବିଷୟରେ କହିଥିଲେ।

## ଦି ହାବିଟାଟ ଟ୍ରଷ୍ଟ ଆୟୋଜନ କରିବ କର୍ମଶାଳା

ନୂଆଦିଲ୍ଲୀ, ୧୫।୬: ଦି ହାବିଟାଟ ଟ୍ରଷ୍ଟ, ଭାରତର ପ୍ରାକୃତିକ ଆଶ୍ରୟସ୍ଥଳୀ ଓ ମୂଳ ପ୍ରଜାତୀଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସମର୍ପିତ ଥିବା ଅଣଲାଭକାରୀ ଅନୁଷ୍ଠାନ ଦି ହାବିଟାଟ ଟ୍ରଷ୍ଟ ଜୁନ ୧୮ ଅପରାହ୍ନ ୩ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଏକ ଅନୁଦାନ ସେମିନାରର ଆୟୋଜନ କରିବ। ଜୟପୁର, ଚେନ୍ନାଇ ଏବଂ ଡେରାଡୁନରେ ସଫଳ ସେମିନାରର ଆୟୋଜନ ପରେ, ଜୈବ ବିବିଧତା ପାଇଁ ଜଣାଶୁଣା ସହର ଭୁବନେଶ୍ୱରରେ ଏହାର ପରବର୍ତ୍ତୀ ସେମିନାରର ଆୟୋଜନ କରି ଦି ହାବିଟାଟ ଟ୍ରଷ୍ଟ ପକ୍ଷରୁ ସଂରକ୍ଷଣକାରୀମାନଙ୍କ ପ୍ରଶ୍ନର ସମାଧାନ ସହ ସେମାନଙ୍କ ପ୍ରସ୍ତାବ ଗୁଡିକର ସଂଶୋଧନ ଏବଂ ସଦୃଢ କରିବାରେ ସାହର୍ଯ୍ୟ କରିବ । ଚଳିତ ବର୍ଷର ଆଲୋଚନାଚକ୍ରର ଉଦ୍ଦେଶ୍ୟ ହେଉଛି ତୃଣମୂଳ ସଂରକ୍ଷଣକାରୀମାନଙ୍କୁ ପ୍ରଭାବଶାଳୀ ଏବଂ ସମୟବଦ୍ଧ ସଂରକ୍ଷଣ ପ୍ରକଳ୍ପ ପ୍ରସ୍ତୁତ କରିବା ଏବଂ ବିକଶିତ କରିବାରେ ସାହାର୍ଯ୍ୟ କରିବା ଯାହା ଅନୁଦାନ ପାଇଁ ଆକୃଷ୍ଟ କରିପାରିବ।

## ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ପିତୃ ଦିବସ ଅବସରରେ 'ଶର୍ମା ଜୀ କେ ପାପା' ଅଭିଯାନ

ମୁମ୍ବଇ,୧୫।୬: ଚଳିତ ପିତୃ ଦିବସରେ ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ପିତା-ସନ୍ତାନ ସମ୍ପର୍କକୁ ନେଇ ଏକ ମଜାଦାର ଭିଡିଓ ସେୟାର କରାଯାଇଛି। ଏହା ଜୀବନର ଏକ ଅଂଶ ଉପରେ ଆଲୋକପାତ କରିଛି, ଯେଉଁଠାରେ ଆଜିର ପିଲାମାନେ ପିତାଙ୍କୁ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ବିଷୟରେ ଜ୍ଞାନ ପ୍ରଦାନ କରିବା, ବେଳେବେଳେ କଟାକ୍ଷ ବ୍ୟବହାର କରି, ବିକଶିତ ସାମାଜିକ ଗତିଶୀଳତାକୁ ପ୍ରଦର୍ଶିତ କରନ୍ତି ଯେଉଁଠାରେ ପିଲାମାନେ ବର୍ତ୍ତମାନ ସେମାନଙ୍କ ପିତାଙ୍କୁ ଜୀବନର ବିଭିନ୍ନ ଦିଗରେ ସ୍ମାର୍ଟ ହେବା ପାଇଁ ସଶକ୍ତ କରନ୍ତି। ଭିଡିଓରେ ଚତୁରତାର ସହ 'ଶର୍ମା ଜୀ କେ ପାପାଙ୍କୁ ଦର୍ଶାଯାଇଛି, ଯେଉଁଥିରେ ପିତାମାନେ ସେମାନଙ୍କ ପିଲାମାନଙ୍କଠାରୁ ବିଭିନ୍ନ ଉପାୟରେ ଶିଖିଥାନ୍ତି। ବନ୍ଧନ ଏଏମସିର ସିଇଓ ବିଶାଲ କପୁର କହିଛନ୍ତି, 'ଶର୍ମା ଜୀ କା ବେଟା'ର କାଳଜୟୀ ବ୍ୟକ୍ତିତ୍ୱ ଉପରେ ନିର୍ମିତ କାହାଣୀ 'ଶର୍ମା ଜୀ କେ ପାପା, ବାପା ଓ ପିଲାଙ୍କ ମଧ୍ୟରେ ବିକଶିତ ସମ୍ପର୍କକୁ ମଜାଦାର ଢଙ୍ଗରେ ପାଳନ କରିବା ସହିତ ପିଢ଼ି ପିଢ଼ି ମଧ୍ୟରେ ପାରସ୍ପରିକ ଅଭିବୃଦ୍ଧି ଏବଂ ଶିକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଛି। ଏହି ପିତୃ ଦିବସରେ ଆସନ୍ତୁ ବୟସ ନିର୍ବିଶେଷରେ ଆମ ଜୀବନକୁ ବଢ଼ାଇବା, ଶିଖିବା ଏବଂ ସମୃଦ୍ଧ କରିବା ପାଇଁ 'ବଢ଼େ ରାହୋ'ର ଭାବନାକୁ ଗ୍ରହଣ କରିବା।

## ଲାଇଫ୍ ଷ୍ଟାଇଲ୍ ପକ୍ଷରୁ ସିଜନ୍‌ର ସବୁଠାରୁ ବଡ଼ ସେଲ୍ ଘୋଷଣା

ନୂଆଦିଲ୍ଲୀ,୧୫।୬: ଭାରତର ଅନ୍ୟତମ ଅଗ୍ରଣୀ ଫ୍ୟାସନ୍ ଡେଷ୍ଟିନେସନ୍ ଲାଇଫ୍ ଷ୍ଟାଇଲ୍ ଜୁନ୍ ୭ରୁ ଏହାର ବହୁ ପ୍ରତୀକ୍ଷିତ ସେଲ୍ ଘୋଷଣା କରିବାକୁ ଉତ୍ସାହିତ। ଲାଇଫ୍ ଷ୍ଟାଇଲ୍ ସେଲରେ ଗ୍ରାହକମାନେ ଟପ୍ ଫ୍ୟାସନ୍ ବ୍ରାଣ୍ଡ ଗୁଡ଼ିକର ଅତ୍ୟାଧୁନିକ ଷ୍ଟାଇଲ୍ ଉପରେ ୫୦% ପର୍ଯ୍ୟନ୍ତ ରିଆତି ପାଇପାରିବେ। ଅଗ୍ରଣୀ ଜାତୀୟ ଏବଂ ଅନ୍ତର୍ଜାତୀୟ ବ୍ରାଣ୍ଡର ଅତ୍ୟାଧୁନିକ ଟ୍ରେଣ୍ଡ ଏବଂ ଫ୍ୟାସନ ପସନ୍ଦଗୁଡିକର ବ୍ୟାପକ ଚୟନ ସହିତ ଲାଇଫ୍ ଷ୍ଟାଇଲ୍ ସେଲ୍ ଫ୍ୟାସନ ଉତ୍ସାହୀମାନଙ୍କୁ ସେମାନଙ୍କ ୱାର୍ଡରୋବ୍କୁ ଉନ୍ନତ କରିବାର ଉପଯୁକ୍ତ ସୁଯୋଗ ପ୍ରଦାନ କରିବ। ଲାଇଫ୍ ଷ୍ଟାଇଲ୍ ସଂଗ୍ରହ ସ୍ପ୍ରିଂ-ସମର୍ ଭାବର ସର୍ବୋତମ ଉପସ୍ଥାପନା କରୁଛି। ଯେଉଁଥିରେ ପୁଷ୍ପ ଚିହ୍ନ ଏବଂ ପେଷ୍ଟଲ ରଙ୍ଗ ପ୍ରାଧାନ୍ୟ ରହିଛି। ଏହି ଷ୍ଟାଇଲିସ୍ ବର୍ଗରେ ଟ୍ରେଣ୍ଡିଂ ଶିଫଲି ଏବଂ କ୍ରୋଶେ ଡ୍ରେସ୍, ଭିଣ୍ଟେଜ୍ ବ୍ଲୁମ୍ କୋର୍ଡ-ସେଟ୍, ମହିଳାଙ୍କ ପାଇଁ ଷ୍ଟାଇଲିସ୍ ଡେନିମ୍ ଟ୍ରେଣ୍ଡ ଏବଂ ବିଭିନ୍ନ ପ୍ରକାରର ପ୍ରିଣ୍ଟେଡ୍ ସାର୍ଟ, ନୂଆ ଲୁଜ୍ ଫିଟ୍ ପ୍ୟାଣ୍ଟ ଏବଂ ଆକର୍ଷଣୀୟ ରିହାତିରେ ପୁରୁଷମାନଙ୍କ ପାଇଁ ଆକର୍ଷଣୀୟ ଟିଜ୍ ରହିଛି।

## ଓପୋ ପକ୍ଷରୁ ଏଫ୨୭ ପ୍ରୋ+ ୫ଜିର ଶୁଭାରମ୍ଭ

ନୂଆଦିଲ୍ଲୀ,୧୫।୬(ଏଜେନ୍ସି): ଓପୋ ପକ୍ଷରୁ ଦେଶର ପ୍ରଥମ ଆଇପି୬୬, ଆଇପି୬୮ ଏବଂ ଆଇପି୬୯- ରେଟେଡ ସୁପର-ରଗ୍ଡ, ମନସୁନ-ରେଡି ସ୍ମାର୍ଟଫୋନ ଏଫ୨୭ ପ୍ରୋ+ ୫ଜିର ଶୁଭାରମ୍ଭ କରାଯାଇଛି। ଏହି ଏଫ୨୭ ପ୍ରୋ+ ସ୍ମାର୍ଟଫୋନ ଡସ୍କ ପିଙ୍କ ଏବଂ ମିଡନାଇଟ ନେଭି ଭଳି ଦୁଇଟି ରଙ୍ଗରେ ଉପଲବ୍ଧ। ଏହି ସ୍ମାର୍ଟଫୋନରେ ଓପୋର ଡ୍ୟାମେଜ-ପ୍ରୁଫ ୩୬୦ ଡିଗ୍ରୀ




ଆରମୋର ବଡି ରହିଛି ଯାହା ଫୋନକୁ ପଡିବା ଏବଂ ସ୍କ୍ରାଚରୁ ସୁରକ୍ଷା ଦେଇଥାଏ। ଅତିରିକ୍ତ ଭାବରେ ୪ବର୍ଷର ସ୍ଥାୟୀ ୫,୦୦୦ ଏମଏଏଚ ବ୍ୟାଟେରୀ ମଧ୍ୟ ରହିଛି । ୨୦ ଜୁନ ୨୦୨୪ରୁ ଓପୋ ଏଫ୨୭ ପ୍ରୋ+ ୫ଜି ଭାରତରେ ଉପଲବ୍ଧ ହେବ। ୧୨୮ ଜିବି ମଡେଲର ମୂଲ୍ୟ ଟଙ୍କା.୨୭,୯୯୯ ଟଙ୍କା ରହିଥିବାବେଳେ ୨୫୬ ଜିବି ମଡେଲର ମୂଲ୍ୟ ୨୯,୯୯୯ ଟଙ୍କା ରହିଛି। ଏଫ୨୭ ପ୍ରୋ+ ୫ଜି ଏଫ ସିରିଜରେ ପ୍ରଥମ ଥର ପାଇଁ ୩ଡି କର୍ଭଡ ଆମୋଲ୍ଡ ଡିସପ୍ଲେ, ରହିଛି, ୭.୮୯ ଏମଏମର ସ୍ଲିମ ପ୍ରୋଫାଇଲ ରହିଛି ଏବଂ ଏହାର ଓଜନ ମାତ୍ରା ୧୭୭ ଗ୍ରାମ ରିହିଛି। ଓପୋ ଏଫ୨୭ ପ୍ରୋ+ ୫ଜି ଜେନ-ଏଆଇ ଚାଳିତ ଏଆଇ ଇରେଜର ଏବଂ ଏଆଇ ପୋଟ୍ରେଟ ରିଟଚିଂ ସହିତ ଫ୍ଲାଗସିପ ଗ୍ରେଡ ଏଆଇ ଫିଚରକୁ ମୁଖ୍ୟସ୍ରୋତକୁ ଆଣିଛି।

# ଡିଲରଙ୍କ ପାଖରେ ଗାଡ଼ି ଷ୍ଟକ୍ ବଢୁଛି

### ଫାଡାର ଚିନ୍ତା ପ୍ରକଟ

ନୂଆଦିଲ୍ଲୀ,୧୫।୬(ଏଜେନ୍ସି)

ଦେଶର ଅଟୋ ଡିଲରମାନଙ୍କ ପାଖରେ ଷ୍ଟକ୍ ଥିବା ଯାନବାହାନ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ନଇେ ଏବେ ଫେଡେରେସନ୍ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ୍ (ଫାଡା) ଚିନ୍ତା ପ୍ରକଟ କରିଛି। କାରଣ ବର୍ତ୍ତମାନ ସମୟରେ ଏହି ଡିଲରମାନଙ୍କ ପାଖରେ ମହଜୁଦ ରଖାଯାଇଥିବା ଚାରି ଚକିଆ ଯାନ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି, ଯାହା ଫାଡା ପାଇଛି ଚିନ୍ତାର କାରଣ ସାଜିଛି।

ଡିଲରଙ୍କ ପାଖରେ ବଢୁଥିବା ଗାଡ଼ିର ଷ୍ଟକ୍ ବର୍ତ୍ତମାନ ୬୦ ଦିନ ସ୍ତରରେ ପହଞ୍ଚିଯାଇଛି। ଅର୍ଥାତ୍ ଡିଲରଙ୍କ ପାଖରେ ପ୍ରାୟ ୫.୫୦ ଲକ୍ଷ ଗାଡି ଜମା ହୋଇଗଲାଣି। ଏହି ପରିସ୍ଥିତି ଡିଲରମାନଙ୍କ ଉପରେ ଏକ ବଡ଼ ଆର୍ଥିକ ବୋଝ ହୋଇପାରେ। କାରଣ ସେମାନେ ବିକ୍ରି ହୋଇ ନ ଥିବା ଗାଡ଼ି ଉପରେ ଅତିରିକ୍ତ ସୁଧ ଭାର ପଡୁଛି। ତେବେ ଏହି ଷଟକ୍ ପରିମାଣ ଏବେ ୨୦୧୮-୧୯ ର ମହଜୁଦ ସ୍ତରର ନିକଟତର ହୋଇଛି। ସେତେବେଳେ ଡିଲରଙ୍କ ପାଖରେ ଗାଡ଼ି ଷ୍ଟକ୍ ସ୍ତର ୭୦ ଦିନର ଥିଲା। ଏହାର ପ୍ରଭାବ ସ୍ୱରୂପ ସେତେବେଳେ ଦେଶରେ ୨୮୨ଟି ଯାତ୍ରୀବାହୀ ଯାନର ଡିଲର ଶୋ'ରୁମ୍ ବନ୍ଦ କରିଦେଇଥିଲେ। ଏହି ପ୍ରସଙ୍ଗରେ ଫାଡା ଭାରତୀୟ ଅଟୋମୋବାଇଲ ଉତ୍ପାଦନକାରୀ



ସଂଗଠନ ସିଆମ୍ ସହିତ ଆଲୋଚନା ଆରମ୍ଭ କରିଛି। ଉକ୍ତ ପ୍ରସଙ୍ଗରେ ଆମେ ସିଆମ୍‌କୁ ପତ୍ର ଲେଖିବୁ ବୋଲି ଫାଡାର ଅଧ୍ୟକ୍ଷ ମନୀଷ ରାଜ ସିଂଘାଣିଆ କହିଛନ୍ତି। ଡିଲରମାନେ ଖୁସି ନୁହଁନ୍ତି ଏବଂ ଭଣ୍ଡାରଣ ସମସ୍ୟାରେ ସେମାନେ ଫସିରହିଛନ୍ତି ବୋଲି ଗଣମାଧ୍ୟମ ମାଧ୍ୟମରେ କହିସାରିଥିବା ସେ କହିଛନ୍ତି।

ଏକ ଆଲୋଚନାଚକ୍ରରେ ସିଂଘାଣିଆ ଗଣମାଧ୍ୟମକୁ କହିଛନ୍ତି ଯେ, ୩୦ ଦିନରୁ ଅଧିକ ସମୟ ଧରି ଷ୍ଟକ୍ ପରିମାଣ ବଢ଼ିବା ଡିଲରସିପ୍ ଉପରେ ପ୍ରଭାବ ପକାଇବ। ବ୍ୟାଙ୍କରୁ ନିଆଯାଇଥିବା ଯେ କୌଣସି ଟଙ୍କା ପାଇଁ, ଆମର ଏକ ପରିଶୋଧ ସମୟ ରହିଛି, ଯାହାକୁ ଆମକୁ ୬୦ ଦିନ ମଧ୍ୟରେ ସୁଧ ସହିତ ଫେରସ୍ତ କରିବାକୁ ପଡିବ। ସିଂଘାଣିଆ ଦାବି କରିଛନ୍ତି ଯେ ମୂଳ ଯନ୍ତ୍ରପାତି ନିର୍ମାତା (ଓଇଏମ୍) ଡିଲରମାନେ ଏହି ଅବଧି ବୃଦ୍ଧି କରିବାକୁ ଅନୁରୋଧ କରୁଛନ୍ତି। ଏହା ୬୦ରୁ ୯୦ ଦିନ ଯାହାକି ଡିଲରମାନଙ୍କ ଉପରେ ଏକ ମାସର ସୁଧ ଭାର ବଢ଼ାଇବ।

ଗଢ଼ା ଚାଲିଛି ତିନି ରଥ

# ଅଖ ଉପରେ ପଡ଼ିଲା ଦଣ୍ଡା



ପୁରୀ, ୧୫।୬ (ସମିସ): ଜୁଲାଇ ୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ତିନିରଥ ତିଆରି ଚାଲିଛି। ଚଳିତବର୍ଷ ରଥ ନିର୍ମାଣ କାମ ଆଗୁଆ ରହିଛି। ପୂର୍ବରୁ ତିନିରଥର ସମସ୍ତ ଚକ, ଅଖ ଡେରା ସରିଥିବା ବେଳେ ଶନିବାର ଅଖ ଉପରେ ଦଣ୍ଡା ପଡ଼ିଛି। ଦଣ୍ଡାଗୁଡ଼ିକ ଅଖକୁ ସ୍ପର୍ଶ କରୁଥିବା ସ୍ଥାନରେ ଦଣ୍ଡାର ତଳପଟେ ଅର୍ଦ୍ଧ ଚନ୍ଦ୍ରାକାର ଭଳି କଟାଯାଇ ସେଠାରେ ସେଟ୍ କରାଯାଇଛି। ଦଣ୍ଡା ଏବଂ ଅଖକୁ ଦଉଡ଼ିରେ ଟାଣ ଦେଇ ବନ୍ଧାଯାଇଛି। ପଞ୍ଚଦଣ୍ଡା ଆଗ ଏବଂ ପଛରେ ମୁହାଁଟ ସଂଯୋଗ ହୋଇଛି। ଆଗ ମୁହାଁଟରେ ସାଲଗୁଜ ଏବଂ ପଛ ମୁହାଁଟରେ ଜଳଯନ୍ତ୍ର ବସିବା ସହ ଗୁଜ ଉପରେ ନିରାଡ଼ି ଉଠିଥିଲା। ଏହାପରେ ପଞ୍ଚଦଣ୍ଡାରେ କଣ୍ଟା ବାଡ଼ା ଯାଇଛି। କଣ୍ଟାବାଡ଼ିଆ ପୂର୍ବରୁ ତିନିରଥର ମୁଖ୍ୟ କମାର ସେବକ ପ୍ରତ୍ୟେକ ରଥର ଦଣ୍ଡାରେ ମାଳ ମାହାର୍ଦ୍ଦ ରଖି ନଡ଼ିଆ ବାଡେଇ ଅନୁକୂଳ କରିଥିଲେ। ଏହାପରେ କଣ୍ଟା ବାଡ଼ିଆ କାମ ଆରମ୍ଭ ହୋଇଥିଲା। ଅଖ ଉପରେ ଦଣ୍ଡା ଫ୍ରେମ ମଜଭୁତ୍ ପାଇଁ ଭୋଇ, କମାର ଏବଂ ମହାରଣା ସେବକ ଏହି କଣ୍ଟା ବାଡ଼ିଆ କାର୍ଯ୍ୟ ଶେଷ କରିଛନ୍ତି। ଅନ୍ୟାନ୍ୟ କାମ ମଧ୍ୟରେ ଦେବଦଳନ ରଥର ପୋଲ ଗୟଳ ଚିରଟ ସରିଛି। ରୂପକାର ସେବକମାନେ ତିନିରଥର ସିଂହାସନରେ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ତାଳଧ୍ୱଜ ରଥର ସିଂହାସନରେ ମାଛ ଥାଇ ପୂର୍ଣ୍ଣ କୁମ୍ଭ, ଡାଳିଲତା, ହଂସ ଏବଂ ପଦ୍ମ ପାଖୁଡ଼ାର ଚିତ୍ର ଖୋଦେଇ କରାଯାଉଥିବା ବେଳେ ଦେବଦଳନ ରଥ ସିଂହାସନରେ ମାଛ ସହ ପୂର୍ଣ୍ଣ କୁମ୍ଭ, ପଦ୍ମ ଡାଳି ଓ ମୟୂର ସହ ପୁଚ୍ଛ କରାଯାଉଛି। ନନ୍ଦିଘୋଷ ରଥ ସିଂହାସନରେ ମାଛ ସହ ପୂର୍ଣ୍ଣ କୁମ୍ଭ, ପଦ୍ମ ଡାଳି, ହାତୀ, ପଦ୍ମ ପାଖୁଡ଼ା ଚିତ୍ର ଖୋଦେଇ ହେଉଛି।

ଘରୋଇ ବସ୍ ମାଲିକ ଓ କର୍ମଚାରୀ ସଂଘ ବିବାଦ

# ଗଡ଼ିଲାନି ବସ୍; ଯାତ୍ରୀ ହନ୍ତସନ୍ତ

କୋରାପୁଟ,୧୫।୬(ସମିସ): କୋରାପୁଟ ଘରୋଇ ମାଲିକ ସଂଘ ଓ ଘରୋଇ ବସ୍ କର୍ମଚାରୀ ସଂଘ ମଧ୍ୟରେ ଶନିବାର ବିବାଦ ଦେଖାଦେଇଥିଲା। ଏହାକୁ ନେଇ କୋରାପୁଟରେ ଆଜି ସକାଳୁ ଘରୋଇ ବସ୍ ଚଳାଚଳ ବନ୍ଦ ରହିଥିଲା। ପୂର୍ବ ସୂଚନା ନଥାଇ ବସ୍ ବନ୍ଦଥିବାରୁ ଘଣ୍ଟାଘଣ୍ଟା

**ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପ୍ରଶାସନ ଓ ଦୁଇ ସଂଘର କର୍ମକର୍ତ୍ତାଙ୍କ ଆଲୋଚନା ପରେ ସମାଧାନ**




ଧରି ଯାତ୍ରୀମାନେ ବସଷ୍ଟାଣ୍ଡରେ ଅପେକ୍ଷା କରି ବସି ରହିବା ସହ ହନ୍ତସନ୍ତ ହୋଇଥିଲେ। ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ପ୍ରଶାସନ ପକ୍ଷରୁ ଟାଉନ ଥାନା ଆଇଆଇସି ପ୍ରମୋଦ କୁମାର ନାୟକ ଉଭୟ ପକ୍ଷକୁ ଥାନାକୁ ଡାକି ଆଲୋଚନା କରିବା ପରେ ବସ୍ ଚଳାଚଳ ସ୍ୱାଭାବିକ ହୋଇଛି।

ସୂଚନାଯୋଗ୍ୟ, ଗତକାଲି ବସ୍ ଟାଇମିଂକୁ ନେଇ ଘରୋଇ ବସ୍ ମାଲିକ ସଂଘ ଓ ଘରୋଇ ବସ୍ କର୍ମଚାରୀ ସଂଘ ମଧ୍ୟରେ ବଚସା ହୋଇଥିଲା। ଜଣେ ବସ୍ ଡ୍ରାଇଭର ୨ ମିନିଟ ବିଳମ୍ବରେ ବସ୍ ଲଗାଇବାରୁ ବସର ମାଲିକ ଡ୍ରାଇଭରଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି ସମସ୍ତଙ୍କ ସମ୍ମୁଖରେ ତାଙ୍କୁ ମାଡ଼ ମାରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ବସ୍ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଫଳରେ ସକାଳୁ ଘରୋଇ ବସ୍ ଚଳାଚଳ ବନ୍ଦ ହୋଇଥିଲା। ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଘଣ୍ଟାଘଣ୍ଟା ଧରି ବସକୁ ଅପେକ୍ଷା କରି ଘରକୁ ଫେରି ଯାଇଥିଲେ। ପରେ ମୁଖ୍ୟମନ୍ତ୍ରୀ ଯାତ୍ରୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇ ବସ୍ ଚଳାଚଳ ସ୍ୱାଭାବିକ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନ ପକ୍ଷରୁ କୋରାପୁଟ ଟାଉନ ଥାନା ଆଇଆଇସି ଶ୍ରୀ ନାୟକ ଦୁଇ ପକ୍ଷକୁ ଥାନାକୁ ଡାକି ଆଲୋଚନା କରିବା ପରେ ସମସ୍ୟାର ସମାଧାନ ହୋଇଥିଲା। ଏହାପରେ ବସ୍ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ବଜ୍ରପାତରେ ଶାଶୂ ମୃତ; ଜ୍ୱାଇଁ ଗୁରୁତର

ଦିଗପହଣ୍ଡି, ୧୫।୬(ସମିସ): ଦିଗପହଣ୍ଡି ବ୍ଲକ କଇଠଡ଼ା ପଞ୍ଚାୟତ ଝାଟିପିଟିଆ ଗାଁରେ ଶନିବାର ଅପରାହ୍ଣରେ ବଜ୍ରପାତ ଘଟିଛି। ଏଥିରେ ଶାଶୂ ଜାନକୀ ନାୟକଙ୍କ ମୃତ୍ୟୁ ଘଟିଥିବା ବେଳେ ଜ୍ୱାଇଁ ଟୁକୁନା ନାୟକ ଗୁରୁତର ହୋଇଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଶନିବାର ଅପରାହ୍ଣ ପ୍ରାୟ ୩ଟାରେ ଶାଶୂ ଓ ଜ୍ୱାଇଁ ଘର ବାରଣ୍ଡାରେ ବସି କଥାବାର୍ତ୍ତା ହେଉଥିବା ବେଳେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଏଥିରେ ଉଭୟ ଅଚେତ ହୋଇଯାଇଥିଲେ। ଉଭୟଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ଜାନକୀଙ୍କୁ ମୃତ ଘୋଷଣା କରିଥିଲେ। ଟୁକୁନାଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଦିଗପହଣ୍ଡି ପୁଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଦେବହରି ଗୌଡ଼ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ସରକାରୀ ସହାୟତା ଯୋଗାଇବା ନିମନ୍ତେ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି। ଦିଗପହଣ୍ଡି ତହସିଲଦାର ଅନିତା ସାହୁଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ ପୁଷ୍ପାଞ୍ଜଳି ମଲ୍ଲିକ ଗାଁରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡ଼ିଛି।

# କମ୍ପାଉଣ୍ଡ ସେମିକଣ୍ଡକ୍ଟର ଇକୋସିଷ୍ଟମ ନିର୍ମାଣ କରିବ ଭୁବନେଶ୍ୱର ଆଇଆଇଟି

ଭୁବନେଶ୍ୱର, ୧୫।୬(ସମିସ): 'କମ୍ପାଉଣ୍ଡ ସେମିକଣ୍ଡକ୍ଟର' କ୍ଷେତ୍ରରେ ଅନୁସନ୍ଧାନ କରିବାରେ ସହଯୋଗ କରିବାକୁ 'ସିକ୍ସେମ ପ୍ରାଇଭେଟ ଲିମିଟେଡ୍' ଏବଂ ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି), ଭୁବନେଶ୍ୱର ଚୁକ୍ତିନାମା ସ୍ୱାକ୍ଷର କରିଛି। ଏହି ଚୁକ୍ତିନାମାର ଅଂଶ ଭାବେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରଥମ ପ୍ରକଳ୍ପ ଆଇଆଇଟି ଭୁବନେଶ୍ୱରରେ ସିଲିକନ୍ କାର୍ବାଇଡ୍(ସିସି) କ୍ରିଷ୍ଟାଲ ଅଭିବୃଦ୍ଧିକୁ ସ୍ୱଦେଶୀ କରିବ। ଆନୁମାନିକ ମୂଲ୍ୟ ୪୫କୋଟି ଟଙ୍କା ବ୍ୟୟଆକଳିତ ଏହି ପ୍ରକଳ୍ପ ୧୫୦ ମିଲିମିଟର ଏବଂ ୨୦୦ ମିଲିମିଟର ସିସି ୱାଫରର ଉଚ୍ଚ ପରିମାଣର ଉତ୍ପାଦନ ବିଷୟରେ ଅନୁସନ୍ଧାନ

**ସିକ୍ସେମ ପ୍ରାଇଭେଟ ଲିମିଟେଡ ସହ ଚୁକ୍ତିନାମା ସ୍ୱାକ୍ଷର**

କରିବା ସହ ସିକ୍ସେମ ପ୍ରାଇଭେଟ୍ ଲିମିଟେଡ ଓଡ଼ିଶାର ଏକ ସିସି ପ୍ରୋସେସ ଫ୍ୟାବ୍ରିକେସନ୍ ଏବଂ ଏଟିଏମପି ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯୋଜନା କରିଛି। ଏହା ବୈଦ୍ୟୁତିକ ଯାନ(ଇଭି), ଫାଷ୍ଟ ଚାର୍ଜର, ସବୁଜ ଶକ୍ତି, ପିଭି ଇନଭର୍ଟର, ମୋଟର କଣ୍ଟ୍ରୋଲ ଏବଂ ୫-ଜି ଯୋଗାଯୋଗ ପରି ଉନ୍ନତ ଜ୍ଞାନକୌଶଳ ପାଇଁ ପାୱାର ସେମିକଣ୍ଡକ୍ଟର ଉପକରଣ ନିର୍ମାଣରେ ଭାରତକୁ ଆତ୍ମନିର୍ଭରଶୀଳ କରିବାରେ ସାହାଯ୍ୟ କରିବ। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ତଥା ସେମିକଣ୍ଡକ୍ଟର ଉପକରଣଗୁଡ଼ିକର ବିଶେଷଜ୍ଞ ପ୍ରଫେସର୍ ଶ୍ରୀପଦ କରମଲକର କହିଛନ୍ତି ଯେ ଏହି ସହଯୋଗ ସିସି କ୍ରିଷ୍ଟାଲ ଅଭିବୃଦ୍ଧିରେ ନବସୃଜନ ଏବଂ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବ।

■ କାଶିପୁରରେ ଡିପ୍‌ଥେରିଆ ଆତଙ୍କ

# ଅନୁସନ୍ଧାନ ପାଇଁ ଆର୍‌ଏମ୍‌ଆର୍‌ସିକୁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୬(ସମିସ): ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ କାଶିପୁର ବ୍ଲକର ମାନୁସପଦର ଗ୍ରାମରେ ସନ୍ଦିଗ୍ଧ ରୋଗରେ ମୃତ୍ୟୁ ଘଟଣାରେ ହସ୍ତକ୍ଷେପ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗ୍ରାମରେ ଉପଯୁକ୍ତ ଅନୁସନ୍ଧାନ କରି ରୋଗର କାରଣ ଖୋଜି ବାହାର କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଏବଂ ଆଞ୍ଚଳିକ ଭେଷଜ ଗବେଷଣା ପ୍ରତିଷ୍ଠାନ (ଆରଏମ୍‌ଆରସି) କୁ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ରୋଗର ପ୍ରଭାବ ନିୟନ୍ତ୍ରଣ କରିବା ପାଇଁ ବିହିତ ପଦକ୍ଷେପ ନେବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସମ୍ପୃକ୍ତ ଅଞ୍ଚଳରେ ଯଥାଶୀଘ୍ର ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ସହିତ ଭଲ ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତିରାଜ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଅତ୍ୟନ୍ତ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ମାନୁସପଦର ଗ୍ରାମରେ ଏକ ମାସ ମଧ୍ୟରେ ୫ ଜଣଙ୍କ ମୃତ୍ୟୁ ହେଲାଣି। ପ୍ରଥମେ ମୃତ୍ୟୁ ବରଣ କରିଥିବା ଚାରି ଜଣ

■ ଅଗ୍ରାଧିକାର ଭିତ୍ତିରେ ବିଶୁଦ୍ଧ ଜଳ ଯୋଗାଣ

■ ଶୀଘ୍ର ରାସ୍ତା ନିର୍ମାଣ ପାଇଁ ନିର୍ଦ୍ଦେଶ ପଦକ୍ଷେପ

ରୋଗୀଙ୍କୁ କୌଣସି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ନଥିଲା ଏବଂ ଗ୍ରାମବାସୀ ତାଙ୍କର ଅନ୍ତିମ ସଂସ୍କାର କରି ଦେଇଥିଲେ। ଏ ସମ୍ପର୍କରେ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମୀଙ୍କୁ ମଧ୍ୟ କୌଣସି ସୂଚନା ଦିଆଯାଇ ନଥିଲା। ତେବେ ଡାକ୍ତରୀ ଦଳ ଏହାକୁ ଡିପଥେରିଆ ଜନିତ ମୃତ୍ୟୁ ବୋଲି ସନ୍ଦେହ କରୁଛନ୍ତି। ୫ମ ବ୍ୟକ୍ତି ମୃତ୍ୟୁବରଣ କରିବା ପରେ ତାଙ୍କର ନମୁନା ସଂଗ୍ରହ କରି ପରୀକ୍ଷା ନିମନ୍ତେ ଆରଏମ୍‌ଆରସିକୁ ପଠାଯାଇଥିଲା। ଅନୁସନ୍ଧାନ ପରେ ତାହା ଡିପଥେରିଆ ଜନିତ ମୃତ୍ୟୁ ବୋଲି ସ୍ପଷ୍ଟ ହୋଇଛି। ନିକଟରେ ଏକ ବିଶେଷଜ୍ଞ ଡାକ୍ତରୀ ଦଳ ସେଠାରେ ପହଞ୍ଚି ଆବଶ୍ୟକୀୟ ଅନୁସନ୍ଧାନ କରିଥିଲେ। ଘରକୁ ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଚିକିତ୍ସା କରିଥିଲେ। ଏବେ ମଧ୍ୟ ଡାକ୍ତରୀ ଦଳ ସେଠାକୁ ନିୟମିତ ଯାଇ ସ୍ଥିତି ଉପରେ ନଜର ରଖିଛନ୍ତି। ସମ୍ପୃକ୍ତ ଅଞ୍ଚଳର ରୋଗୀଙ୍କୁ ଆଣ୍ଟିବାୟୋଟିକ୍ ଡୋଜ୍ ଦିଆଯାଇଛି। ଲକ୍ଷ୍ୟଣଯୁକ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି ଏବଂ ସ୍ଥିତି ନିୟନ୍ତ୍ରଣରେ ଅଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ବିଏଡ୍ ପାଇଁ ଆଜି ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର, ୧୫। ୬ (ସମିସ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ବିଏଡ୍, ଏମ୍‌ଏଡ୍, ବିଏବିଏଡ୍, ବିଏସ୍‌ସିବିଇଡି, ଏମ୍‌ଏସ୍‌ସିଇଡି ନାମଲେଖା ପାଇଁ ଆସନ୍ତାକାଲି (ରବିବାର) ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ସକାଳ ୯ଟାରୁ ୧୧ଟା ଯାଏ ପରୀକ୍ଷା ଅନୁଷ୍ଠିତ ହେବ। ଦେଶର ୨୯ଟି ସହରର ୫୮ଟି କେନ୍ଦ୍ରରେ ମୋଟ୍ ୧୯ ହଜାର ୫୪୭ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଓଡ଼ିଶାରେ ମୋଟ ୪ଟି ସହରରେ ୨୭ ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଭୁବେନଶ୍ୱର ସମେତ କଟକ, ସମ୍ବଲପୁର, ବ୍ରହ୍ମପୁରରେ ପରୀକ୍ଷା ଦେବେ ପରୀକ୍ଷାର୍ଥୀ। ସୂଚନାଯୋଗ୍ୟ, ଜୁଲାଇ ୫ତାରିଖରେ ବିଏବିଇଡି, ବିଏସ୍‌ସିବିଇଡି, ଏମ୍‌ଏସ୍‌ସିଇଡି ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇବ। ସେହିପରି ୧୦ ତାରିଖରେ ବିଇଡି, ଏମ୍‌ଇଡି ଫଳ ପ୍ରକାଶ ପାଇବ। ଚଳିତବର୍ଷ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଏହି ପରୀକ୍ଷା ନୋଡାଲ୍ କେନ୍ଦ୍ର ଭାବେ ପରିଚାଳନା କରୁଥିବା ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର୍ ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ସୂଚନା ଦେଇଛନ୍ତି।

# ୧୭୬ କଇଁଛ ଜବତ; ୪ ଗିରଫ



କୋକସରା, ୧୫।୬ (ସମିସ): କଳାହାଣ୍ଡି ଜିଲ୍ଲା ଗୋତମୁଣ୍ଡା ଅଞ୍ଚଳରେ କଇଁଛ ଚୋରାଚାଲାଣ ବେଳେ ନବରଙ୍ଗପୁର ଜିଲ୍ଲା ଝରିଗାଁ ବନ ବିଭାଗ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୭୬ଟି ଜୀବନ୍ତ କଇଁଛ ଓ ଦୁଇଟି ବାଇକ୍ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ, ଗୋତମୁଣ୍ଡାର ଦିଗାମ୍ବର ଗୋପାଳ ଓ ସର୍ଗିଗୁଡା ଗ୍ରାମର ଧର୍ମୁ ଚଳାନ, ତ୍ରିଲୋଚନ ଚଳାନ ଓ ଜଗଦୀଶ ଚଳାନ।

ସୂଚନା ଅନୁସାରେ କଳାହାଣ୍ଡି ଜିଲ୍ଲା ସୀମାନ୍ତ ଗତମୁଣ୍ଡାଠାରୁ ସମ୍ପୃକ୍ତ ୪ ବ୍ୟକ୍ତି ଦୁଇଟି ବାଇକ୍ ଯୋଗେ ଉମରକୋଟ ଅଞ୍ଚଳକୁ ବେଆଇନ ଭାବେ କଇଁଛ ଚାଲାଣ କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଝରିଗାଁ ବନାଞ୍ଚଳ ଅଧିକାରୀ ଗୋବିନ୍ଦ ନାୟକଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କଠାରୁ ପାଖାପାଖି ୨ କୁଇଣ୍ଟାଲ (ମୋଟ ୧୭୬)ଟି ଜିଅନ୍ତା କଇଁଛ ଉଦ୍ଧାର କରିଛନ୍ତି। ବର୍ତ୍ତମାନ ଉଦ୍ଧାର କଇଁଛଗୁଡ଼ିକ ଝରିଗାଁ ସେଣ୍ଟ୍ରାଲ ନର୍ସରୀରେ ରଖାଯାଇଛି। ଚୋରାଚାଲାଣ କରୁଥିବା ଚାରିଜଣଙ୍କୁ ଗିରଫ କରାଯାଇ ତଦନ୍ତ ଜାରି ରହିଛି।

# ହଟିଲା କଟକଣା; ସମୁଦ୍ରକୁ ଗଲେ ମତ୍ସ୍ୟଜୀବୀ

ବାଲେଶ୍ୱର, ୧୫।୬ (ସମିସ): ଏପ୍ରିଲ ୧୫ରୁ ଜୁନ୍ ୧୪ ପର୍ଯ୍ୟନ୍ତ ସମୁଦ୍ରରୁ ମାଛ ଧରିବା ଉପରେ ଲାଗିଥିଲା କଟକଣା। ଅର୍ଥାତ୍ ୬୧ ଦିନ ପର୍ଯ୍ୟନ୍ତ ଟ୍ରେଲର୍‌ଗୁଡ଼ିକ ସମୁଦ୍ରକୁ ମାଛ ଧରିବାକୁ ଯିବେ ନାହିଁ ବୋଲି ମତ୍ସ୍ୟ ବିଭାଗ ପକ୍ଷରୁ କଟକଣା ଲଗାଯାଇଥିଲା। ତେବେ ଶୁକ୍ରବାର ଦିନଠାରୁ କଟକଣା ହଟିବା ପରେ ପୁଣିଥରେ ଟ୍ରେଲର୍ ଚଳାଚଳ ଆରମ୍ଭ ହୋଇଛି। ବାହାବଳପୁରରେ ପ୍ରାୟ ୩୧୫ଟି ଟ୍ରେଲର୍ ଥିବା ବେଳେ ୪୦୦/୫୦୦ଟି ଭୁଟଭୁଟି ରହିଛି। ସେହିପରି ଚାନ୍ଦିପୁରରେ ୩୮୦ଟି ଟ୍ରଲର୍ ଥିବାବେଳେ ୪୦ଟି ଭୁଟଭୁଟି ରହିଛି। ପାଞ୍ଜି ଦେଖି ଅଷ୍ଟମୀ ତିଥି ଶୁକ୍ରବାର ଦିନ ମଧ୍ୟାହ୍ନ ୨ଟାରେ ସମୁଦ୍ରକୁ ବାହାରିଛନ୍ତି। ବାହାବଳପୁର ବେସ୍‌ରୁ ପ୍ରାୟ ୨୦୦ ଟ୍ରେଲର୍ ସମୁଦ୍ର ଭିତରକୁ ମାଛ ଧରିବାକୁ ବାହାରିଥିବା ବେଳେ ବଳରାମଗଡ଼ି ବେସ୍‌ରୁ ପ୍ରାୟ ୧୦୦ଟି ଟ୍ରଲର ମାଛ ଧରିବାକୁ ବାହାରିଛନ୍ତି। ଏମାନେ ୮/୧୦ ଦିନ ଭିତରେ ମାଛ ଧରି ଫେରି ଆସିବେ।

ବାଲେଶ୍ୱର ଜିଲ୍ଲାର ବଳରାମଗଡ଼ି, ବାହାବଳପୁର, ଚନ୍ଦନେଶ୍ୱର, ବାଲିଆପାଳ ଏବଂ ଗୋପାଳପୁରରୁ ସାମୁଦ୍ରିକ ମାଛ ଧରାଯାଇଥାଏ। ଏଥିମଧ୍ୟରୁ ବାହାବଳପୁର ଓ ବଳରାମଗଡ଼ିରୁ ଅଧିକ ମାତ୍ରାରେ ସାମୁଦ୍ରିକ ମାଛ ଉତ୍ପାଦନ ହୋଇଥାଏ। ବର୍ତ୍ତମାନ ଗ୍ୟାଲେଟ୍ ବୋଟ୍ (ଇଲିସି ସହ ଛୋଟ ମାଛ ଧରେ) ଓ ଟ୍ରେଲର୍ (ଛୋଟ ମାଛ, ଚିଙ୍ଗୁଡ଼ି ଓ ପମ୍ଫ୍ରେଟ୍ ଧରେ) ସମୁଦ୍ର ଭିତରକୁ ଯାଇଛି। ଏବେ ମୌସୁମୀ ପ୍ରବେଶ କରିନାହିଁ। ତେଣୁ ଇଲିସି ମିଳିବ ନାହିଁ। କେବଳ ଛୋଟ ମାଛ, ପମ୍ଫ୍ରେଟ୍, ଚିଙ୍ଗୁଡ଼ି ଆଦି ଉତ୍ପାଦନ ଆଶାରେ ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ବାହାରି ଯାଇଛନ୍ତି। ଏହି ସବୁ ଟ୍ରେଲର ଓ ବୋଟ୍ ଏଠୁ ବାହାରି ପୁରୀ, ବାଂଲାଦେଶ ବର୍ଡର ଏବଂ ଚିଲିକା ପର୍ଯ୍ୟନ୍ତ ଯାଆନ୍ତି। ପ୍ରାୟ ୮/୧୦ ଲକ୍ଷ ଟଙ୍କା ଭିତରେ ମାଛ ଉତ୍ପାଦନ ହୋଇଗଲେ ଏହି ଟ୍ରେଲର ଫେରିବ ବୋଲି ବଳରାମଗଡ଼ି ବେସ୍‌ର ଏଏଫଓ ଓମ୍‌ପ୍ରକାଶ ରଣା ସୂଚନା ଦେଇଛନ୍ତି।

ଜାଲ୍ ସାର୍ଟିଫିକେଟ୍ ରାକେଟ୍ ମାମଲା

# ଅଟକ ୪ଜଣଙ୍କୁ ଧରି ଉତ୍ତରପ୍ରଦେଶ ଗଲା ସିବିଆଇ

ଭୁବନେଶ୍ୱର, ୧୫।୬(ସମିସ): ଡାକ ବିଭାଗରେ ନକଲି ସାର୍ଟିଫିକେଟ ଦେଇ ଚାକିରି ଆବେଦନ କରିବା ଘଟଣାରେ ସିବିଆଇ ତା'ର ତଦନ୍ତକୁ ଜୋର୍‌ଦାର୍ କରିଛି। ଆଜି ତୃତୀୟ ଦିନରେ ସିବିଆଇ ଅଟକ ରଖିଥିବା ୪ଜଣଙ୍କୁ ଧରି ଉତ୍ତରପ୍ରଦେଶ ଯାଇଥିବା ସୂଚନା ମିଳିଛି। ଏହି ୪ଜଣ ଉତ୍ତରପ୍ରଦେଶରୁ ଜାଲ୍ ସାର୍ଟିଫିକେଟ୍ ଆଣି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପିଲାଙ୍କୁ ଦେଉଥିଲେ। ଏକାଧିକ ଯୁବକଙ୍କ ଠାରୁ ସାର୍ଟିଫିକେଟ୍ ଦେବାକୁ ଅଗ୍ରିମ୍ ଟଙ୍କା ଅଟକ ୪ଜଣ ବ୍ୟକ୍ତି ନେଉଥିଲେ। ସେମାନେ ଟଙ୍କା ନେବା ପରେ ୧୨ଦିନ ସମୟ ଦେଉଥିଲେ। ସେମାନେ ଉତ୍ତରପ୍ରଦେଶ ଯାଇ ସେଠାରେ ମାଷ୍ଟରମାଇଣ୍ଡକୁ ଟଙ୍କା ଦେଇ ଏହି ନକଲି ସାର୍ଟିଫିକେଟ୍ ଆଣୁଥିଲେ। କେବଳ ଓଡ଼ିଶା ନୁହେଁ; ଏକାଧିକ ରାଜ୍ୟକୁ ଏହି ନକଲି ସାର୍ଟିଫିକେଟ୍ ପଠାଯାଉଥିବା ସିବିଆଇ ତଦନ୍ତରୁ ଜାଣିବାକୁ ପାଇଛି। ତେଣୁ କେଉଁଠି ଏହି ନକଲି ସାର୍ଟିଫିକେଟ୍ ପ୍ରସ୍ତୁତ କରାଯାଉଛି, ଉକ୍ତ ଜାଗାକୁ ଚିହ୍ନଟ କରିବା ପାଇଁ ୪ଜଣଙ୍କୁ ନେଇ

**ପରୀକ୍ଷା ପାଇଁ ଲ୍ୟାବ୍‌କୁ ଯିବ ଜାଲ୍ ସାର୍ଟିଫିକେଟ୍**

ସିବିଆଇ ନେଇଛି। ସିବିଆଇ ଏହି ରାକେଟ୍ ପଛରେ ମାଷ୍ଟରମାଇଣ୍ଡ କିଏ ଜାଣିବାକୁ ପାଇଛି। ତେଣୁ ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ମଧ୍ୟ ସେ ସିବିଆଇ ହାତରେ ପଡୁନି। ଆହୁରି ମଧ୍ୟ ସିବିଆଇ ଜବତ କରିଥିବା ସବୁ ନକଲି ସାର୍ଟିଫିକେଟ୍‌କୁ ପରୀକ୍ଷା କରିବା ପାଇଁ ଲ୍ୟାବ୍‌କୁ ପଠାଇଛି। ସେଠାରୁ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନେବ ସିବିଆଇ।

ସୂଚନାଯୋଗ୍ୟ, ଗତ ଗୁରୁବାର ସିବିଆଇ ଏହି ଘଟଣାରେ ୬୭ଟି ସ୍ଥାନରେ ଚଢ଼ଉ କରିଥିଲା। ଗତକାଲି ମଧ୍ୟ ସିବିଆଇ ପାଖାପାଖି ୩୦ଜଣ ଯୁବକଙ୍କୁ ପଚରାଉଚରା କରିବା ପରେ ସେମାନଙ୍କ ସାର୍ଟିଫିକେଟ୍ ଯାଞ୍ଚ କରିଥିଲା। ସେମାନେ ଦେଖାଇଥିବା ସାର୍ଟିଫିକେଟ୍ ସବୁ ନକଲି ଥିବା ଜଣାପଡ଼ିଛି। ଡାକ ସେବା ନିର୍ଦ୍ଦେଶକଙ୍କ ଅଭିଯୋଗ ପରେ ସିବିଆଇ ମାମଲା ରୁଜୁ କରି ତଦନ୍ତ କରିଥିଲା। କଳାହାଣ୍ଡି, ନୂଆପଡ଼ା, ରାୟଗଡ଼ା, ନବରଙ୍ଗପୁର, କନ୍ଧମାଳ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକର ବିଭିନ୍ନ ସ୍ଥାନରେ ସିବିଆଇ ଚଢ଼ଉ ଜାରି ରଖିଛି। ୨୦୨୩ରେ ୧ ହଜାର ୩୮୨ଟି ଗ୍ରାମୀଣ ଡାକ ସେବକ ପାଇଁ ନିଯୁକ୍ତି ପ୍ରକ୍ରିୟା ହୋଇଥିଲା। କେବଳ ଦଶମ ମାର୍କ ଆଧାରରେ ଚାକିରି ମିଳିବାର ନିୟମ ଥିଲା। ଅନେକ ପିଲା ରାଜ୍ୟ ବାହାରୁ ଜାଲ୍ ସାର୍ଟିଫିକେଟ ଦେଇ ଅନେକ ପିଲା ଏହି ଚାକିରି ପାଇଥିବାର ହୋଇଥିଲା ଅଭିଯୋଗ।

ହଳଦୀ ଯୋଗାଣ ଆଳରେ ୮୦ଲକ୍ଷ ଠକେଇ ଘଟଣା

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଗିରଫ

ବ୍ରହ୍ମପୁର, ୧୫।୬(ସମିସ): ନାସିକର ଜଣେ ବ୍ୟବସାୟୀଙ୍କଠାରୁ ହଳଦୀ ଯୋଗାଣ ଆଳରେ ୮୦ ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଭଦ୍ରକ ଜିଲ୍ଲା ବଂସଡ଼ା ଥାନା ଅନ୍ତର୍ଗତ ତରଫରାଜପୁର ଗ୍ରାମର ଅଜୟ ନାୟକ(୫୩), ନୂଆପଡ଼ା ନେତାଜୀପଲ୍ଲୀର ଗୁରୁଚାନ୍ଦ ବିଶ୍ୱାସ (୫୦), ବାଲେଶ୍ୱରର ପ୍ରମୋଦ କୁମାର ମୁଖୀ(୩୫) ଓ ପଶ୍ଚିମବଙ୍ଗର ବଟକୃଷ୍ଣପୁର ମେଇନ ରୋଡର ଦେବସେନା ନନ୍ଦ(୩୩)।

ସୂଚନାଯୋଗ୍ୟ, ନାସିକର ବ୍ୟବସାୟୀ ଅମଜାଦ ବାବୁ ସାହାଙ୍କ ଏବିଏସ ଟ୍ରେଡର୍ସ ନାମକ ଏକ କମ୍ପାନୀ ରହିଛି। ନିଜ କମ୍ପାନୀ ଜରିଆରେ ଅମଜାଦ୍ ଦେଶର ବିଭିନ୍ନ ସ୍ଥାନରୁ କୃଷିଜାତ ଦ୍ରବ୍ୟ ସଂଗ୍ରହ କରି ଅର୍ଡର ମୁତାବକ ବିଭିନ୍ନ କମ୍ପାନୀକୁ ସାମଗ୍ରୀ ଯୋଗାଣ କରୁଛନ୍ତି। ଗତ ମାସରେ ଅମଜାଦଙ୍କ କମ୍ପାନୀଙ୍କୁ ଥାନେ ଅଞ୍ଚଳରେ ଥିବା ପ୍ରିୟଙ୍କା ଏକ୍ସପର୍ଟ ନାମକ ଏକ କମ୍ପାନୀରୁ ୧୨୦ ମେଟ୍ରିକ ଟନ୍ ହଳଦୀ ଯୋଗାଣ ପାଇଁ ଅର୍ଡର ମିଳିଥିଲା। ହଳଦୀ ସଂଗ୍ରହ କରିବାକୁ ଚେଷ୍ଟା ଚଳାଇଥିବା ଅମଜାଦ ଏହି ବ୍ୟବସାୟରେ ସମ୍ପୃକ୍ତ ଥିବା ବାଂଲାଦେଶର ସୌରଭ ଘୋଷ ଓରଫ ଗୁରୁଚାନ୍ଦ ବିଶ୍ୱାସ ନାମକ ଜଣେ ବ୍ୟକ୍ତିଙ୍କ ବିଷୟରେ ଜାଣିବାକୁ ପାଇଥିଲେ। ଅମଜାଦଙ୍କ କମ୍ପାନୀର ଏଜେଣ୍ଟ ସାନ୍ତନୁ ନାଗ ଓ ରାକେଶ ମଣ୍ଡଳଙ୍କ ଜରିଆରେ ସେ ସୌରଭ ଘୋଷଙ୍କ ସହ ଯୋଗାଯୋଗ କରିଥିଲେ। ଏହାପରେ ଅମଜାଦ୍ ବ୍ରହ୍ମପୁର ଆସି ସୌରଭ ଘୋଷଙ୍କ ସହ ସାକ୍ଷାତ କରିଥିଲେ। ପରେ ସୌରଭ ତାଙ୍କୁ ବ୍ରହ୍ମପୁରର ସ୍ଥାନୀୟ ବ୍ୟବସାୟୀ ତଥା ବ୍ରହ୍ମପୁର ଖୋଡାସିଙ୍ଗିଠାରେ ଥିବା ୟୁନିଭର୍ସାଲ ଏଗ୍ରୋ ଇନୋଭେସନ କମ୍ପାନୀର ମାଲିକ ପ୍ରମୋଦ କୁମାର ମୁଖୀଙ୍କ ସହ ସାକ୍ଷାତ କରାଇଥିଲେ। ଏହି କମ୍ପାନୀରୁ ହଳଦୀ ଯୋଗାଣ ହେବ ବୋଲି ଅମଜାଦଙ୍କୁ କୁହାଯାଇଥିଲା। ପରେ ଶୋଭନ ପାତ୍ର ନାମକ ଜଣେ ବ୍ୟକ୍ତିଙ୍କ ହଳଦୀ ଗୋଦାମରେ ମାଲ ମହଜୁଦ ଥିବା ନେଇ ତାଙ୍କୁ ସୂଚନା ଦିଆଯାଇଥିଲା। ସେହି କ୍ରମରେ ଅମଜାଦ ଉକ୍ତ ଗୋଦାମକୁ ଯାଇ ମାଲ ଯାଞ୍ଚ କରିଥିଲେ।

ଏହାପରେ ଅମଜାଦ ଗତ ମାସ ୧୮ ତାରିଖରୁ ଚଳିତ ମାସ ୧୧ ତାରିଖ ମଧ୍ୟରେ ପ୍ରମୋଦ କୁମାର ମୁଖୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୯ଟି ପର୍ଯ୍ୟାୟରେ ମୋଟ ୮୦ଲକ୍ଷ ଟଙ୍କା ପଠାଇଥିଲେ। ଚଳିତ ମାସ ୧୧ତାରିଖରେ ୧୨୦ ମେଟ୍ରିକ ଟନ ଏଠାରୁ ଟ୍ରକ ଯୋଗେ ପଠାଇ ଦିଆଯିବ ବୋଲି ଅମଜାଦଙ୍କୁ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ଦୀର୍ଘ ଦିନ ପରେ ବି ହଳଦୀ ମିଳିନଥିଲା। ଏ ସଂପର୍କରେ ଅମଜାଦ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ।

SBI

STATE BANK OF INDIA
REGIONAL BUSINESS OFFICE, RBO-II, JHARSUGUDA

PREMISES REQUIRED ON LEASE BASIS FOR SHIFTING OF SBI-BRANCH

**Regional Business Office (RBO-Jharsuguda)** invites offers from the PSUs/Govt. Deptt/ Promoters/Private Parties having ownership of building ready to occupy or under construction to be ready for occupation within three months from the date of advertisement at the desired location preferably at ground floor, with good communication, parking faciity for Shifting of existing branch premises of SBI-Sundergarh Bazar branche. The intending parties may download the Tender document from www.sbi.co.in under the link "SBI in the News - procurement news" from **14/06/2024 to 05/07/2024.** The offers must be submitted to the aforesaid address on or before **3.30 PM on 05.07.2024 in two cover system** in person or by post.

| Name of the Branch | Desired Location | Carpet Area Requirement (+/- 5%) | Open Parking and space for DC | Three Phase Electrical Connection |
|---|---|---|---|---|
| Sundergarh Bazar | Nearby vicinity of the existing Branch Premises | 181.22 Sqm (2600 Sqft) | 92.93 Sqm (1000 Sqft) | 25-30 KW |

Place: Jharsuguda
Date: 12/06/2024

Regional Manager
Regional Business Office, Jharsuguda

# ସମ୍ପର୍କର କୁଆପଥର



ସମରେନ୍ଦ୍ର ବଳିଆରସିଂହ

-"ହଠାତ୍ ପାଗରେ ଗୋଟେ ଆଶ୍ୱସ୍ତିକର ପରିବର୍ତ୍ତନ। ଭଲ ଲାଗିଲା। ଆପଣଙ୍କ ଆଡ଼େ ବର୍ଷା ହଉଚି କି?"

-"ନାଁ ହେଇନି। ଘୋଟେଇଚି। "

-"ମେଘ ଘୋଟେଇକି ଆସିବା ସିନେରୀ ମୋତେ ବହୁତ ଭଲ ଲାଗେ।"

- "Me too ଖୁସିରେ ବିହ୍ୱଳ ହବାର ପୂର୍ବ ମୁହୂର୍ତ୍ତ।"

- "ହଁ, ଠିକ୍ କହିଲେ। ଇଏ ମିଳନର ପୂର୍ବାଭାସ।

-"ଗୋଟେ ଉତ୍କଣ୍ଠିତ ଅପେକ୍ଷା।"

- "କାହାର ?"

-"ମୋର...ତମର... ଆମ ଜୀବ ଜଗତର।"

- "ଛେନାଗୁଡ଼। ଅପେକ୍ଷା ଚିରକାଳ କରୁଥାନ୍ତୁ।"

-"ହଁ, ମୋର ଗୋଟେ କବିତା ଅଛି, 'ଅପେକ୍ଷା ଚିରକାଳ'। ଆଉ ଏକ ଜନ୍ମକୁ ଅପେକ୍ଷା, ଅପେକ୍ଷା ଆଉ ଏକ ସମ୍ଭାବନାକୁ...। ପୂରଣ ହେବାକୁ ଯେତେ ସବୁ ସ୍ୱପ୍ନ...ଅପେକ୍ଷା ତୁମକୁ, ଆଉ ଏକ ଜନ୍ମକୁ।"

-"ଏଇଟା କ'ଣ ସତ ନା ଖାଲି ଗୋଟେ ଟାଇମ୍ ପାଶ୍ ? "

-"ନାଁ, ସତ।"

- "ନାଁ, ଆପଣ ମିଛ କହୁଛନ୍ତି..!"

-"ଭଲଲାଗ ତୁମେ। ତୁମର ଆନ୍ତରିକତା ଓ ବନ୍ଧୁତା।"

-"ନାଁ, ମୋର ବିଶ୍ୱାସ ହେଉନି। ତୁମେ ମୋ ମନର ମଣିଷ, ପ୍ରୀତିର ପୀୟୁଷ।"

- "ସବୁ ମିଛ। ସେମିତି ଭଲ ଲାଗିବା, ସ୍ପେସିଆଲିଟି ତ କିଛି ନାହିଁ।"

-"ମହାନ୍ ଲୋକ ଟିକେ ଉଦାର।"

- "କିଏ ମ ?"

-"ନନ୍ ଅଦର ଦାନ୍ ୟୁ..."

- "ଛେନାଗୁଡ଼। ମୁଁ ବହୁତ୍ ଖରାପ।"

-"ହଉ ଛାଡ଼ ସେକଥା। ଏପଟେ ବର୍ଷା ହେଇନି। ଖାଲି ମେଘୁଆ।"

- "ଉପଭୋଗ କରନ୍ତୁ ତା' ହେଲେ। "

-"ହଁ, ଭୋଗକୁ ଅପେକ୍ଷା ?"

-"କ'ଣ ଭୋଗ?"

-"ବର୍ଷା ହେଲେ ଭୋଗ କରିହେବ। ମିଳନର ମଧୁଛନ୍ଦା। ଅତୃପ୍ତିର ତୃପ୍ତି। ଏ ପରିବେଶ, ପ୍ରକୃତି ଆଉ ଏ ମାନବୀୟ ସଂପର୍କ ଆଉ କ'ଣ କି?"

- "କ'ଣ ପୂରା ସାହିତ୍ୟ ଚର୍ଚ୍ଚା କଲେଣି ?"

-"ହଁ, ଇଏ ଭୋଗ ଆଉ ଭାଗ୍ୟ। କୋଉଠି ପ୍ରଚୁର ଭୋଗର ସାମ୍ରାଜ୍ୟ, କୋଉଠି ଭାଗ୍ୟ ବାଧ୍ୟ କରାଏ ବୈରାଗ୍ୟ।"

- "ମୁଣ୍ଡ ଗଣ୍ଡି। ମୋ ମୁଣ୍ଡ ହ୍ୟାଙ୍ଗ୍।"

-"ବର୍ଷାରେ ଭିଜିଗଲେ ଥଣ୍ଡା ହେଇଯିବ।

- "ଯାହା ଲାଗୁଚି, ଏଥର କଥାବାର୍ତ୍ତା ବନ୍ଦ କରିବାକୁ ପଡ଼ିବ।"

-"ଦିନକୁ ଥରେ କଥା ହେଲେ ଚଳିବ। ଏ ଅଧମ ସେତିକିରେ ସନ୍ତୁଷ୍ଟ ହେଇଯିବ।"

- "କାହିଁକି ଏତେ ଜୋର୍ ମ..."

-"LMP should be linked with each other. "

- -"LMP? "

--" Like Minded People ... ସମଧର୍ମା।"

- "ନାଁ। ଏତେ ଲିଙ୍କ୍ ରହିବା ଠିକ୍ ନୁହେଁ। ମୁଁ ଏତେ ମୁଣ୍ଡକୁ ନେଉନି। Just friendship..."

-"ଜାଣିଚ, ଏବେ ଏବେ ଖବର ମିଳିଲା, ମଝି ଆକାଶରେ କୁଆପଥର ମାଡ଼ ଯୋଗୁଁ ଜରୁରି ଅବତରଣ କରାଗଲା ବିମାନ। ବିମାନର ଉଇଣ୍ଡ ସିଲ୍ଡ କ୍ଷତିଗ୍ରସ୍ତ।"

-"କୋଉଠିକା ଘଟଣା?"

-"ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦର। ଟଳିଗଲା ବଡ଼ ବିମାନ ଦୁର୍ଘଟଣା। ଅଳ୍ପକେ ୧୬୦ ଜଣଙ୍କ ଜୀବନ ବଞ୍ଚିଗଲା।"

-"କିଛି ଅସୁବିଧା ହେଇନି ତ ଯାତ୍ରୀଙ୍କର ? "

-"ନାଁ।"

- "ମତେ କିନ୍ତୁ କୁଆପଥର ଭାରି ଭଲ ଲାଗେ।"

-"ଆଛା, ଏମିତି କଥା...।"



- "ବହୁତ ଦିନ ହେଲାଣି ଏନ୍‌ଜଏ କରାହେଇନି। ପିଲାବେଳେ କୁଆପଥର ଧରିକି ଆମେ କେତେ ଖେଳୁ। ଖାଉ ବି...। ଭାରି ଭଲ ଲାଗେ। "

-"ହଉ ଏବେ ଗୋଟେ କୁଆପଥର ଉପଭୋଗ ହଉ। ତୁମ ଆଡ଼େ ହେଉଥିବ, ଟିକେ ଦେଖ କିମ୍ବା ଅପେକ୍ଷା କର। "

-"ସତରେ ବହୁତ୍ କଥା ଆପଣ ଭାବୁଛନ୍ତି, କହୁଛନ୍ତି ଆଉ ସ୍ୱପ୍ନ ବି ଦେଖୁଛନ୍ତି।"

- "କ'ଣ ଚୁପ୍ ?"

-"କ'ଣ କରିବା? ଭାବନା, କଳ୍ପନା ଓ ସ୍ୱପ୍ନରେ ତମେ ଆସିଯାଉଚ ? ଏଇ ନଗଦ ନଗଦ ଭାବୁଥିଲି, କୁଆପଥର ଗୋଟେଇବାକୁ ଆମେ ଦୁହେଁ କଂପିଟିସନ କରୁଚେ। ମୁଁ ପକେଟରେ ସେଗୁଡ଼ାକ ପୂରାଇ ଦଉଚି ଆଉ ତୁମେ ବ୍ଲାଉଜ୍ ଭିତରେ। ଓଃ କି ଥଣ୍ଡା...। ଥଣ୍ଡା ଥଣ୍ଡା ଚିଲ୍ ଚିଲ୍...।...ଓଃ ସିନ୍ ପୂରା ଜିଙ୍ଗାଲାଲା।"

-"ମାନିବାକୁ ପଡ଼ିବ ଆପଣଙ୍କ କଳ୍ପନାକୁ। କେତେ ଜଲ୍‌ଦି ଏ କଳ୍ପନା କଲେ ଆପଣ? ଆଚ୍ଛା ସେଦିନ ଯେଉଁ ସ୍ୱପ୍ନ କଥା ଆପଣ କହୁଥିଲେ.. 'ହମ୍ ତୁମ ଏକ୍ କମରେ ମେଁ ବନ୍ଦ ହେ' ଗୀତରେ ଆପଣ ସତରେ ମତେ ଦେଖୁଛନ୍ତି, ନା ଗୋଟେ ଏନ୍‌ଜଏମେଣ୍ଟ ପାଇଁ ଏମିତି କହୁଥିଲେ।"

-"ସତରେ, ମତେ ବିଶ୍ୱାସ କର। ସେଇ ଗୀତଟା ମତେ ଭାରି ଭଲ ଲାଗେ। ଭାରି ରୋମାଣ୍ଟିକ୍। 'ଗୋଟେ ଘରେ କେବଳ ତମେ ଆଉ ମୁଁ, ଆଉ ଚାବି ହଜିଯାଉଚି। ବାକି କାମ ଭାବନା, କଳ୍ପନା ଓ ସ୍ୱପ୍ନମାନଙ୍କର କାମ।"

-"ଛେନାଗୁଡ଼।"

-"ଭାରି ଭଲଲାଗ ତୁମେ। ପୂରା ଛୁଇଁଯାଅ ଦେହ ଓ ମନକୁ। ସତରେ ନ ହେଲେ ନାହିଁ, କଳ୍ପନାରେ, ଭାବନାରେ ଓ ସ୍ୱପ୍ନରେ ତୁମେ ମୋ ସ୍ୱପ୍ନସୁନ୍ଦରୀ, କରିଚ ମୋ ମନ ଚୋରି।"

-"ଥାଉ ସେତିକି କବିତା। ସରକାର ବଦଳିବା ପରି ଆପଣମାନଙ୍କର ଉପଭୋଗ ପାଇଁ ଗୋଟେ ଗୋଟେ ଚେଞ୍ଜ୍ ଆଇଟମ୍ ଦରକାର।"

-"ନାଁ, ତୁମେ ଭୁଲ କହୁଚ। କେମିତି କହିବି, ତୁମେ ମୋର କ'ଣ? ଶୁଣିଥିବ 'ୱଜୁଦ' ଫିଲ୍ମରେ ନାନା ପାଟେକରଙ୍କ ସଂଳାପ: କୈସେ ବତାଉଁ ମେଁ ତୁଝେ, ମେରେ ଲିଏ ତୁମ୍ କ୍ୟା ହୋ... କୈସେ ବତାଉଁ ମେଁ ତୁମେ ..ତୁମ୍ ଧଡ଼କନ କା ଗୀତ ହୋ, ଜୀବନ କା ତୁମ ସଂଗୀତ ହୋ...। ତୁମ୍ ଜିନ୍ଦଗୀ, ତୁମ୍ ବନ୍ଦେଗୀ... ତୁମ୍ ରୌସନୀ, ତୁମ୍ ତାଜଗୀ, ତୁମ୍ ହରଖୁସି, ତୁମ୍ ପ୍ୟାର ହୋ ତୁମ୍ ପ୍ରୀତ ହୋ ତୁମ୍...ମନ୍ ମିତ୍ ହୋ... ।"


- "ମୋର ତ ବିଶ୍ୱାସ ହେଉନି, ଆପଣ ମୋତେ ଏତେ ଚାହୁଁଛନ୍ତି ! ତେବେ ଏସବୁ ଆପଣଙ୍କ ଚିନ୍ତାଧାରା। ଅଯଥା ...ବୃଥା। ଆପଣ ବୋଧେ ସମ୍ପର୍କଟା ଭଲରେ ରହୁ ଚାହୁଁନାହାନ୍ତି। ଏସବୁ କ୍ଷଣିକ।

-ନାଇଁ ସମ୍ପର୍କ ଥାଉ। ଚିରସ୍ଥାୟୀ ହେଉ। ଏ କୁଆପଥର ଭଳି ମିଳାଇ ନଯାଉ ସମ୍ପର୍କ। ଅଦିନିଆ କାଳବୈଶାଖୀ ଭଳି ଛିନ୍‌ଭିନ୍ ନ ହେଉ ଆମର ଏଇ ଅନାମ ସମ୍ପର୍କ...।"

-"ହେଇ ! ମୁଁ ବଞ୍ଚିଥିବା ଯାଏଁ କାଟିବନି ସମ୍ପର୍କ, ପ୍ରୋମିଜ୍ କର। ବରଂ ଚେତାଇ ଦିଅ ମୋ ସୀମା, ଲକ୍ଷ୍ମଣରେଖା। ମୋ କଳ୍ପନା, ଭାବନା ଆଉ ସ୍ୱପ୍ନତ୍ରୟୀଙ୍କୁ ମୁଁ ଆକଟ କରୁଛି, ସେମାନେ ଆଉ ମତେ ତୁମ ଭାବ ସୁଆଗ ଭିତରକୁ ବେଶୀ ବେଶୀ ପଶିବାରୁ ବିରତ କରନ୍ତୁ।" ■

ବିଶ୍ୱାମ୍ରୀ, ଏମ୍-୨୩, ବକ୍ସି ଜଗବନ୍ଧୁ ନଗର
ଖୋର୍ଦ୍ଧା-୭୫୨୦୫୫
ମୋ: ୮୨୪୯୬୭୯୦୯୯

# ଦୁଃସମୟ



ଫନୀ ମହାନ୍ତି



ସମୟର ନିର୍ଲ୍ଲଜ ମୁଖପତ୍ର ମୁଁ
କି ଡହଳ ବିକଳ ସ୍ଥିତାବସ୍ଥା ମୋର!
ମୁଁ କି ଗୋଟେ ପ୍ରାଚୀନ ଗ୍ରନ୍ଥର
ଖଣ୍ଡେ କାର୍ଡବୋର୍ଡ ଛବି, ନିଆଶ୍ରୀ
ବିଧବା ପରି ବନ୍ଧା ପଡ଼ିରହିଛି
ଜ୍ୟାମିତି ବହିର ଏମିତି
ଏକ ଶୀର୍ଣ୍ଣ ପୃଷ୍ଠାରେ ଯେ' ଯେଉଁ
ଆଡ଼କୁ ପାଦ ବଢ଼େଇଲେ ବି ଫେରିବାକୁ
ହେବ ମତେ ଦିନେ ନା ଦିନେ
ଉଦାସ ଚକୋର ପରି ଅବାକ୍ ବିସ୍ମୟକର।

ଶବ୍ଦଟିଏ ଲହୁଲୁହାଣ ଜନ୍ମ ନେଲା
ବେଳକୁ କ୍ଷଣଟିଏ ଗଡ଼ି ଯାଉଥିବ
ଶବ୍ଦଟିଏ ଭାଷାର ଉପଡାଳେ ଫୁଲଟିଏ
ହୋଇ ଫୁଟିବା ଆଗରୁ
କଡ଼ ଶୁଖି ଝରି ପଡୁଥିବ,
ମଲା ମୂଷାଟିଏ ପରି ଚାରିକାତ ମେଲି
ପଡ଼ିଚି ମୁଁ ଭାଗ୍ୟର ଯନ୍ତାରେ, ଯେତେ ଦୂର
ଆଖି ଖୋଲି ଚାହିଁଲେ ବି
ସୀମା ସରହଦ ଦିଶୁନାହିଁ
ସୂର୍ଯ୍ୟାସ୍ତର ବିଦାୟ ଲଗ୍ନରେ।

ରଙ୍ଗର ବୈଭବ କ'ଣ ଜାଣୁନି ମୁଁ
ଲୁହର ସ୍ୱର ଶୁଣି ପାରୁନାହିଁ
ଶବ୍ଦର ଧ୍ୱନି ମୋର କାନକୁ ଶୁଭୁନି
ଘରବାହୁଡ଼ା ଚଢ଼େଇଙ୍କ କିଚିରିମିଚିରି
କି, ପାହାଡ଼ି ଝରଣାର କୁଳୁକୁଳୁ
ଗୁଞ୍ଜନ ଶୁଭୁନି
ଅଜଣା ଭୟରେ ବିସ୍ଫାରିତ ମୋ'
ଚକ୍ଷୁ ଯୁଗଳ
ନିଃସଙ୍ଗତାରୁ ନିଃସଙ୍ଗତାକୁ ଯାତ୍ରା
ଅବଶିଷ୍ଟ ଜୀବନକାଳ,

ଆଗରେ ପଛରେ
ବାମ ଓ ଡାହାଣରେ
ଲମ୍ବା ଲମ୍ବା ପାହୁଣ୍ଡ ପକେଇ ଅରଣା
ମହିଷୀ ପରି ଧାଉଁଚି ମରଣ
କିଳିକିଳା ରଡ଼ିରେ ଗଗନ ପବନ ମୁଖରିତ
କରି ଆକାଶ ମନ୍ଥନ କରୁଛି
ଦେଖ ଦେଖ ବନ୍ଧୁବର ଅଶୁଭ ଶକୁନ
ମୁଁ ତ ଆଜନ୍ମରୁ ଭାଗ୍ୟହୀନ ॥ ■


ଭୁବନେଶ୍ୱର
ମୋ: ୯୯୩୭୯୬୧୮୭୮

# ପୀତଲୋହିତ ପୃଷ୍ଠା

ଅୟସକାନ୍ତ



ଦୁଃଖ, ପକ୍ଷୀ
ସୁଖ ବି
ସୁଖ ଯେମିତି
ପରଦେଶୀ ଗେଣ୍ଡାଳିଆ
ଆଜି ଆସେ ସେ ରସେ ହସେ
ହଠାତ୍ କାଲି ଚାଲିଯାଏ।



ଦୁଃଖ, ମୋଟାସୋଟା
ଓଜନିଆ
ନିଜ ଓଜନ ସମ୍ଭାଳିପାରେନା
ଖଣ୍ଡିଉଡ଼ା ଦିଏ, ଘୁଷୁରୁଥାଏ
ପାଖରେ ସେମିତି ପଡ଼ିରହେ।


ଏହି ପକ୍ଷୀମାନଙ୍କୁ ଦେଖିଦେଖି
ବୟସ ବୁଢ଼ା ହୁଏ
ତା' ଛଡ଼ା ଚାରା ବି କ'ଣ ଥାଏ ହାୟ। ■

ଗ୍ରାମ୍ୟନିର୍ମାଣ ଉପବିଭାଗ
ରାଜକନିକା, କେନ୍ଦ୍ରାପଡ଼ା
ମୋ: ୮୭୬୩୩୯୩୧୧୬

## ପୁସ୍ତକ ପରିଚୟ

### ଆକାଶଦୀପ

ଗଦାଧର ସାହୁ




ଅକ୍ଷାଂଶ ପ୍ରକାଶନୀ
କଲ୍ୟାଣନଗର,
ଅଙ୍ଗାରଗଡ଼ିଆ,ବାଲେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୩୦ ଟଙ୍କା

ଓଡ଼ିଶାର କେତେଜଣ ଯଶସ୍ୱୀ, ଅସାଧାରଣ ପ୍ରତିଭାଙ୍କୁ ନେଇ ଗଦାଧର ସାହୁଙ୍କ ରଚିତ କବିତା ପୁସ୍ତକ 'ଆକାଶଦୀପ' ପ୍ରକାଶ ପାଇଛି। ଏହି ପୁସ୍ତକରେ ମୋଟ ୪୬ଟି କବିତା ସଂକଳିତ ହୋଇଛି। ସତ୍ୟବାଦୀ ଯୁଗର ପ୍ରଜ୍ଞା ପୁରୁଷ ଆଚାର୍ଯ୍ୟ ହରିହର, ପଣ୍ଡିତ କୃପାସିନ୍ଧୁ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ , ପଣ୍ଡିତ ଗୋଦାବରୀଶ ମିଶ୍ର, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ପ୍ରମୁଖଙ୍କ ଜୀବନ ଓ ପ୍ରତିଭାକୁ ନେଇ ରଚିତ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ସେହିପରି 'ଅନ୍ନପୂର୍ଣ୍ଣା ମହାରଣା', 'ଜୟୀ ରାଜଗୁରୁ', 'ପାର୍ବତୀ ଗିରି', 'ବାଜି ରାଉତ', 'ରମାଦେବୀ', 'ମାଳତୀଦେବୀ ଚୌଧୁରୀ' ଆଦି କବିତାରେ ଏହି ସଂଗ୍ରାମୀଙ୍କ ସଂଘର୍ଷମୟ ଜୀବନ ଓ ଦେଶପ୍ରେମ ପ୍ରତିଫଳିତ ହୋଇଛି। ସେହିପରି 'ଫକୀର ମୋହନ ସେନାପତି', 'ସାରଳା ଦାସ', 'ରାଧାନାଥ ରାୟ', 'ଲକ୍ଷ୍ମୀକାନ୍ତ ମହାପାତ୍ର' ପ୍ରଭୃତି କବିତାରେ ଓଡ଼ିଆ ସାହିତ୍ୟର ବରେଣ୍ୟ ସ୍ରଷ୍ଟାମାନଙ୍କ ସାହିତ୍ୟ, ଜୀବନ ଓ ବ୍ୟକ୍ତିତ୍ୱ ପ୍ରସ୍ଫୁଟିତ ହୋଇଉଠିଛି। ଏହି ପୁସ୍ତକର ପ୍ରତ୍ୟେକ କବିତାର ଛନ୍ଦୋବଦ୍ଧତା, ସରଳ ଓ ସୁବୋଧ ଶବ୍ଦ ପ୍ରୟୋଗ, ସାବଲୀଳ ଶୈଳୀ କବିତାଗୁଡ଼ିକ ଅଧିକ ରସସିକ୍ତ କରିଛି। ଓଡ଼ିଶାର ବରେଣ୍ୟ କବି, ଲେଖକ, ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ପ୍ରମୁଖଙ୍କ ଜୀବନ, ପ୍ରତିଭା ଓ କୃତିତ୍ୱ ସଂପର୍କରେ ମାର୍ମିକ ଭାବେ ଏହି ସବୁ କବିତାରେ ବର୍ଣ୍ଣନା କରାଯାଇଛି। 'ଆକାଶଦୀପ'ର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ସ୍ମୃତିର ଉପବନ

ନୀଳିମା ପଟ୍ଟନାୟକ



ଶାନ୍ତିସେନା ପବ୍ଲିକେଶନ୍
ଜଗତସିଂହପୁର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୫୦ ଟଙ୍କା

ସ୍ମୃତି କେବେ ଭୁଲି ହୁଏନା। ଅତୀତର ପୃଷ୍ଠା ଲେଉଟାଇଲେ ମନେ ପଡ଼ିଯାଏ ଅନେକ ମଧୁର ସ୍ମୃତି। ଏମିତି କିଛି ମିଠା ମିଠା ସ୍ମୃତି ଓ ଅନୁଭୂତିକୁ ନେଇ ରଚିତ ନୀଳିମା ପଟ୍ଟନାୟକଙ୍କ 'ସ୍ମୃତିର ଉପବନ' କବିତା ପୁସ୍ତକ। ଏହି ପୁସ୍ତକରେ ମୋଟ ଛପନଟି କବିତା ସଂକଳିତ ହୋଇଛି। ପ୍ରତିଟି କବିତାରେ କବିଙ୍କ ଅନେକ ସଜଳ ସ୍ମୃତି, ନିବିଡ଼ ଓ ନିଆରା ଅନୁଭବର ଚିତ୍ର ପ୍ରତିସ୍ଫୁଟିତ ହୋଇଛି। 'ସ୍ମୃତି ତୁମେ', 'ସ୍ୱପ୍ନ', 'ହଜିଲା ସ୍ମୃତି', 'ସ୍ମୃତିର ପୃଷ୍ଠାରେ ତୁମେ', 'ଚିଠି', 'ସପନ ନାୟିକା', 'ଯୌବନର ରଙ୍ଗ', 'ପ୍ରୀତି ରଙ୍ଗ ଗାଢ଼ା', 'ସମୟର ସ୍ରୋତ' ଆଦି କବିତାଗୁଡ଼ିକ ସ୍ମୃତି ଓ ପ୍ରେମର ରଙ୍ଗରେ ରଙ୍ଗିନ ହୋଇଛି। ସେହିପରି 'ବାପା', 'ବୋଉ', 'ବୋଉ' ଭାରି ମନେ ପଡୁ', 'ଝିଅଟିଏ', 'ଆଇ ମୋ' କହେ','ବନ୍ଧୁତ୍ୱ' ପ୍ରଭୃତି କବିତାରେ ମାନବୀୟ ଭାବାବେଗ ଅତି ମାର୍ମିକ ଭାବେ ଚିତ୍ରିତ ହୋଇଛି। ସେହିପରି 'ନିଃସଙ୍ଗତା', 'ମରୀଚିକା', 'ଇନ୍ଦ୍ରଧନୁ','ହେ ଈଶ୍ୱର', 'ଦୀପଟିଏ ମୋତେ କର', 'ଜହ୍ନ ରାଇଜ', 'ନିର୍ଜନତା', 'ବାରଙ୍ଗନା', 'ମା'ଙ୍କର ଆବାହନ', 'ଜହ୍ନ ରାଇଜ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। 'ସ୍ମୃତିର ଉପବନ' ପୁସ୍ତକର କବିତାଗୁଡ଼ିକ ସ୍ମୃତି, ଅନୁଭୂତି, ଭକ୍ତିଭାବନା, ସାମାଜିକ ପ୍ରତିବଦ୍ଧତା, ପ୍ରକୃତିପ୍ରୀତି, ମାନବୀୟ ଭାବାବେଗରେ ସମୃଦ୍ଧଶାଳୀ ହୋଇଛି। ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

# କୋଟି ଓଡ଼ିଆଙ୍କ ହୃଦୟର ସମ୍ରାଟ: ଉପେନ୍ଦ୍ର ଭଞ୍ଜ

ଡକ୍ଟର ଅଭିମନ୍ୟୁ ବରାଳ



ପଞ୍ଚସଖା ଯୁଗର ଅବସାନ ପରେ ଉତ୍କଳ ସାହିତ୍ୟ ଗଗନରେ ଯେଉଁ ପ୍ରଚଣ୍ଡ ପ୍ରତିଭାଙ୍କ ଅଭ୍ୟୁଦୟ ଘଟିଥିଲା, ସେ ହେଉଛନ୍ତି ବାଣୀ ବରପୁତ୍ର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ। ଯାହାଙ୍କର ଦୀପ୍ତିମାନ ତେଜ ରାଶି ଉତ୍କଳ ସାହିତ୍ୟ ଗଗନକୁ ଦୀର୍ଘ ଦୁଇ ଶହ ବର୍ଷ ପର୍ଯ୍ୟନ୍ତ ଉଜ୍ଜ୍ୱଳ ଆଭାରେ ଦୀପ୍ତିମନ୍ତ କରି ରଖିଥିଲା। ତତ୍କାଳୀନ ସଂସ୍କୃତ, ସାହିତ୍ୟାଭିମାନୀ, ସହରୀ ପଣ୍ଡିତମାନଙ୍କ ଦର୍ପ ଚୂର୍ଣ୍ଣ କରି ଓଡ଼ିଆ ସାହିତ୍ୟକୁ ସଂସ୍କୃତ ସାହିତ୍ୟ ସହିତ ସମକକ୍ଷ କରି ଉତ୍କଳମାତାଙ୍କ ଗୌରବବର୍ଦ୍ଧନ କରିବା ଥିଲା ତାଙ୍କ ମହାନ୍ ଉଦ୍ଦେଶ୍ୟ। ମାତ୍ର ମାତୃଭାଷାରେ ଯେ ଉଚ୍ଚକୋଟୀର କାବ୍ୟ ରଚନା କରାଯାଇପାରେ, ତାହା ଉପେନ୍ଦ୍ର ଭଞ୍ଜ ପ୍ରମାଣିତ କରିଦେଲେ।

ଉପେନ୍ଦ୍ରଙ୍କ ଜନ୍ମକାଳ ନିରୂପଣ କରିବା ପାଇଁ ପଣ୍ଡିତ ଓ ଗବେଷକମାନେ ନାନା ମତ ପ୍ରଦାନ କରିଥିଲେ ମଧ୍ୟ ୧୬୭୦ରୁ ୧୬୨୦ ଖ୍ରୀଷ୍ଟାବ୍ଦକୁ ସମସ୍ତେ ପ୍ରାୟ ମାନି ଯାଇଛନ୍ତି। କବିଙ୍କ ଜନ୍ମଦିନ ସଂପର୍କରେ କୌଣସି ନିର୍ଦ୍ଦିଷ୍ଟ ଦିନ ସ୍ଥିର କରାଯାଇ ପାରିନାହିଁ। କବିଙ୍କ ଜନ୍ମପୀଠ କୁଳାଡ଼ଗଡ଼ରେ ଦୋଳ ପୂର୍ଣ୍ଣିମା ପୂର୍ବଦିନ ଭଞ୍ଜ ଜୟନ୍ତୀ ପାଳନ କରାଯାଉଥିବା ବେଳେ ଭଞ୍ଜନଗରର 'ଭଞ୍ଜ ସାହିତ୍ୟ ପରିଷଦ'ରେ ଶ୍ରୀପଞ୍ଚମୀ ଦିନ ଭଞ୍ଜ ଜୟନ୍ତୀ ଭାବେ ଗ୍ରହଣ କରାଯାଏ। ଓଡ଼ିଶା ଖଡ଼ୀରତ୍ନ ପଞ୍ଜିକାରେ ଜୁନ୍ ୧୬ ତାରିଖକୁ ଭଞ୍ଜଙ୍କ ଜନ୍ମଦିନ ଭାବେ ସୂଚିତ ହୋଇଛି। 'କଳିଙ୍ଗ ଭାରତୀ' ଆଦି ବିଭିନ୍ନ ଭଞ୍ଜ ସାହିତ୍ୟାନୁଷ୍ଠାନରେ ଭିନ୍ନ ଭିନ୍ନ ଦିନରେ ଭଞ୍ଜ ଜୟନ୍ତୀ ପାଳନ କରାଯାଏ। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ମଧ୍ୟ ଭଞ୍ଜ ଜୟନ୍ତୀ ଅଲଗା ଅଲଗା ସମୟରେ ପାଳନ କରାଯାଏ।

ଉପେନ୍ଦ୍ର ଘୁମୁସର ରାଜବଂଶରେ ଜନ୍ମ ହେବା କଥା ସ୍ୱୀୟ କାବ୍ୟ-କବିତାରେ ଉଲ୍ଲେଖ କରିଛନ୍ତି। ସ୍ୱୀୟ 'ଲାବଣ୍ୟବତୀ'ର ଷୋଡ଼ଶ ଛାନ୍ଦରେ କହିଛନ୍ତି:-

ସେ କୁଳେ ରାଜା ଧନଞ୍ଜୟ। ସମସ୍ତ ଗୁଣର ନିଳୟ॥
ତଦ୍‌ଜତ ତାହାଙ୍କ ତନୁଜ। ନରେଶ ନୀଳକଣ୍ଠ ଭଞ୍ଜ।।
ତାହାଙ୍କ ଜ୍ୟେଷ୍ଠ ପୁତ୍ର ମୁହିଁ। ଉପେନ୍ଦ୍ର ଭଞ୍ଜ ନାମ ବହି।।

ଘୁମୁସର ରାଜ ବଂଶରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ କବି ତାଙ୍କର ଜୀବନର ଅନେକ ସମୟ ନୟାଗଡ଼ ମାଳିସାହିରେ ଅତିବାହିତ କରିଥିଲେ। ତାହା ଉପେନ୍ଦ୍ର ଭଞ୍ଜଙ୍କ ଜୀବନୀ ପୁସ୍ତକରେ ଉଲ୍ଲେଖ କରାଯାଇଛି।

କବିଙ୍କ ଶିକ୍ଷା ସଂପର୍କରେ ନିର୍ଦ୍ଦିଷ୍ଟ କିଛି କୁହାଯାଇ ନାହିଁ। ଉପେନ୍ଦ୍ର, ଜିତେନ୍ଦ୍ରୀୟ, ବହୁଶାସ୍ତ୍ରଦର୍ଶୀ ଓ ତାରକା ମନ୍ତ୍ର ସିଦ୍ଧ ଥିଲେ। "ତାରକ ମନ୍ତ୍ର ପରସାଦେ, ମୋର କବି ପଣ ଉଦେ" – ବୋଲି କବି କହିଥିଲେ। ତେବେ ଅଧ୍ୟୟନ ଦିଗରେ କବିଙ୍କ ଐକାନ୍ତିକ ଉଦ୍ୟମ, ଅକ୍ଳାନ୍ତ ପରିଶ୍ରମ ଓ ସାଧାରଣ ସାଧନା ନଥାଇ, ସେ ସ୍ୱୀୟ କାବ୍ୟ କବିତାରେ ସଂସ୍କୃତ, ସାହିତ୍ୟ, ବ୍ୟାକରଣ, ଅଳଙ୍କାର ଶାସ୍ତ୍ର, କାମ ଶାସ୍ତ୍ର, ଜ୍ୟୋତିଷ, ବିଜ୍ଞାନ, ଦର୍ଶନ, ଶିଳ୍ପ, ଅର୍ଥନୀତି, ଭୂଗୋଳ, ଇତିହାସ ପ୍ରଭୃତି ଅସଂଖ୍ୟ ଶାସ୍ତ୍ରର ଜ୍ୱଳନ୍ତ ପ୍ରମାଣ ରଖିପାରି ନଥାନ୍ତେ। ପ୍ରଭାବଶାଳୀ ବ୍ୟକ୍ତିବୃନ୍ଦଙ୍କ ବାଲ୍ୟତ ବୟସରୁ ସାଧାରଣତଃ ପ୍ରତିଭାର ଉନ୍ମେଷ ହୋଇଥାଏ। ବାବା ଭାରତୀ, ରାମାନୁଜ, ଶଙ୍କରାଚାର୍ଯ୍ୟ କିପରି ସ୍ୱଳ୍ପ ବୟସରେ ବହୁଶାସ୍ତ୍ରଜ୍ଞାତା ହୋଇପାରିଥିଲେ ତାହାର ଦୃଷ୍ଟାନ୍ତ ଭାରତରେ ବେଶ୍ ପରିଦୃଷ୍ଟ। ତେଣୁ ଉପେନ୍ଦ୍ର ସେହି ପ୍ରତିଭାର ଅଧିକାରୀ ଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ।

ସ୍ୱଳ୍ପ ଜୀବନ କାଳ ମଧ୍ୟରେ ଉପେନ୍ଦ୍ରେ ବହୁ କାବ୍ୟ କବିତା ଲେଖି ଯାଇଛନ୍ତି। ସେଥିରୁ ଅନେକ ଲୋକଲୋଚନ ଅନ୍ତରାଳରେ ରହିଛି। ଯେତିକି ଲୋକଲୋଚନକୁ ଆସିଛି, ତନ୍ମଧ୍ୟରୁ ଶ୍ରେଷ୍ଠ କାବ୍ୟଗୁଡ଼ିକ ହେଲା- 'ଲାବଣ୍ୟବତୀ', 'ବୈଦେହୀଶ ବିଳାସ', 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ରସିକ ହାରାବଳୀ', 'ସୁଭଦ୍ରା ପରିଣୟ', 'ପ୍ରେମ ସୁଧାନିଧି' ପ୍ରଭୃତି କାବ୍ୟ। ଏ ସବୁ କାବ୍ୟରାଜି ଆଲୋଚନା ପାଇଁ ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖେ।

ଉପେନ୍ଦ୍ର ଉତ୍କଳ ସାହିତ୍ୟ ଜଗତର ଶ୍ରେଷ୍ଠ ଆଳଙ୍କାରିକ କବି ଥିଲେ ମଧ୍ୟ ତାଙ୍କ ପୂର୍ବବର୍ତ୍ତୀ କବିଗଣ ସ୍ୱ ସ୍ୱ ସାହିତ୍ୟରେ ଅଳଙ୍କାର ପ୍ରୟୋଗ କରି ନ ଥିଲେ ଏମନ୍ତ ନୁହେଁ। କିନ୍ତୁ ଉପେନ୍ଦ୍ରଙ୍କର ଅଳଙ୍କାର ପ୍ରିୟତା ସବୁଠାରୁ ବଳିଗଲା, ତାଙ୍କ ଅଳଙ୍କାର ଯଥାର୍ଥ ପରିଚୟ ହେଲା ତତ୍ ପ୍ରଣୀତ 'ରସ ପଞ୍ଚକ' ଗ୍ରନ୍ଥ। ଉପେନ୍ଦ୍ରଙ୍କ ଅଳଙ୍କାର ବ୍ୟୁହ ଭେଦ କରିବା କୁଶଳୀ ପାଠକ ଖୁବ୍ କମ୍। ତେଣୁ ଉପେନ୍ଦ୍ର କହିଛନ୍ତି:-

"ନାନା ଶବ୍ଦ ଅର୍ଥେ ଯେ ବିଚକ୍ଷଣ,ଯେହୁ ଜାଣେ ଅଳଙ୍କାର ଲକ୍ଷଣ।
ସେହି କରୁ ଏ ଛାନ୍ଦ ବିବେଚନା, ବାଲ୍ୟ ପୌଗଣ୍ଡ, ଯୌବନ ରଚନା। "
(କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ)

ଓଡ଼ିଆ ଭାଷା ଓ ସାହିତ୍ୟକୁ ସଂସ୍କୃତର ସମକକ୍ଷ କରିବା ପାଇଁ ଉପେନ୍ଦ୍ର ଆପ୍ରାଣ ଉଦ୍ୟମ କରି ସଫଳ ମଧ୍ୟ ହୋଇଥିଲେ। ସଂସ୍କୃତ ସାହିତ୍ୟର ସମସ୍ତ ବିଭବକୁ ମାତୃ ସାହିତ୍ୟରେ ସ୍ଥାନିତ କରି ଓଡ଼ିଆ ସାହିତ୍ୟର ଗୌରବ ବର୍ଦ୍ଧନ କରିଥିଲେ। ସଂସ୍କୃତରେ କୁହାଯାଇଛି:-

"ଉପମା କାଳିଦାସସ୍ୟ, ଭାରବେ ଅର୍ଥ ଗୌରବମ୍
ନୈଷଧେ ପଦ ଲାଳିତଂ, ମାଘେ ସନ୍ତି ତ୍ରୟୋଗୁଣାଃ।"

ସେହିପରି ଓଡ଼ିଆରେ ପଣ୍ଡିତ ମୃତ୍ୟୁଞ୍ଜୟ ରଥ କହିଛନ୍ତି : -

"ଉପମା ଭଞ୍ଜବୀରସ୍ୟ, ତସୈବଚାର୍ଥ ଗୌରବମ୍
କଲ୍ଲୋଳେ ପଦଲାଳିତ୍ୟ, ସନ୍ତି ଚିନ୍ତାମଣୌତ୍ରୟଃ।"

ଉପମା ପ୍ରୟୋଗ ଓ ଅର୍ଥ ଗୌରବରେ ଉପେନ୍ଦ୍ର, ଲାଳିତ୍ୟ ପଦରେ 'ରସକଲ୍ଲୋଳ' ଓ ଉପମା ଅର୍ଥଗୌରବ, ପଦ ଲାଳିତ୍ୟରେ 'ବିଦଗ୍ଧ ଚିନ୍ତାମଣି' ଅନନ୍ୟ, ଅସାଧାରଣ। ଉପେନ୍ଦ୍ର, ଦୀନକୃଷ୍ଣ ଓ ବିଦଗ୍ଧ କବି ଅଭିମନ୍ୟୁ, ଏହି କବିତ୍ରୟ ଏ ଗୌରବର ଅଧିକାରୀ ଅଟନ୍ତି। ଉପେନ୍ଦ୍ର ସାହିତ୍ୟ ଯେତେ କ୍ଲିଷ୍ଟ ହେଉ, ଦୁର୍ବୋଧ ହେଉ ପଛେ, ଉପେନ୍ଦ୍ର ଗଣକବିର ଗୌରବ ଲାଭ କରିଛନ୍ତି। ତେଣୁ ପରମ ଭଞ୍ଜ ଭକ୍ତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ କହିଛନ୍ତି: -

"ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ ପଥେ ପାନ୍ଥ ହୃଷ୍ଟମନା,
ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷା ନୃତ୍ୟରଙ୍ଗେ ବାରାଙ୍ଗନା।"
(ଅବକାଶ ଚିନ୍ତା)

ପ୍ରାଚୀନ ଓଡ଼ିଆ ସାହିତ୍ୟର ସଂଗୀତ ଧର୍ମ ହିଁ ପ୍ରାଚୀନ ସାହିତ୍ୟକୁ ଗଣସାହିତ୍ୟର ମର୍ଯ୍ୟାଦା ପ୍ରଦାନ କରିଛି। ସେ ସାହିତ୍ୟର ଭାବଧାରା, ଅର୍ଥ ସମ୍ଭାର, କେହି ବୁଝୁ ବା ନ ବୁଝୁ, ତା'ର ସଂଗୀତରେ ହିଁ ସମସ୍ତେ ଅଭିଭୂତ ହେଉଥିଲେ। ଉପେନ୍ଦ୍ରଙ୍କ କାବ୍ୟର ଅର୍ଥ ବୁଝାଯାଉ କି ନ ଯାଉ – ତାଙ୍କର ସଂଗୀତ ପାଟବ ହିଁ ତାଙ୍କୁ ଗଣକବିର ସମ୍ମାନ ପ୍ରଦାନ କରିଛି। ପୂର୍ବରୁ ଥିବା ଛଅ ରାଗ ଆଉ ଛତିଶି ରାଗିଣୀ ବ୍ୟତୀତ ଉପେନ୍ଦ୍ର ଅନେକ ନୂତନ ରାଗ ଓ ରାଗିଣୀ ସୃଷ୍ଟି କରିଛନ୍ତି। ତେଣୁ କବିଙ୍କୁ କବି ସମ୍ରାଟ ନ କହି ସଂଗୀତ ସମ୍ରାଟ କହିଲେ ମଧ୍ୟ କିଛି ଭୁଲ ହେବ ନାହିଁ। ଉପେନ୍ଦ୍ର ଭଞ୍ଜ ଓଡ଼ିଆ ସାହିତ୍ୟର ବାସ୍ତବରେ ରକ୍ଷାକର୍ତ୍ତା।

ଉପେନ୍ଦ୍ର ଓଡ଼ିଆ ଭାଷା ସାହିତ୍ୟର ସମ୍ରାଟ ତଥା କୋଟି ଓଡ଼ିଆଙ୍କ ହୃଦୟର ସମ୍ରାଟ। ଓଡ଼ିଆ ଭାଷା ସାହିତ୍ୟ ଥିବା ପର୍ଯ୍ୟନ୍ତ ଉପେନ୍ଦ୍ର ବଞ୍ଚି ରହିଥିବେ କୋଟି କୋଟି ଓଡ଼ିଆଙ୍କ ଉନ୍ମାନ ମନରେ ଆଉ ଉତ୍କଣ୍ଠ କଣ୍ଠରେ । ସେହି ପ୍ରଥିତଯଶା କବିଙ୍କୁ କୋଟି ପ୍ରଣାମ। ■

ବର୍ଷଣା ବିହାର, ମନ୍ଦିର ମାର୍ଗ
ସାକ୍ଷୀଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦

# ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ

ଭୁବନେଶ୍ୱର, ୧୫।୬(ସମିସ): ଭୌଗୋଳିକ ଅବସ୍ଥିତି ଏବଂ ସକାରାତ୍ମକ ନୀତି ଯୋଗୁଁ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ବିଶେଷକରି ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପ କ୍ଷେତ୍ରରେ ଓଡ଼ିଶା ବହୁତ ଭଲ ପ୍ରଦର୍ଶନ କରିପାରିବ ବୋଲି ଇଣ୍ଡିଆନ୍ ରିନ୍ୟୁଏବଲ୍ ଏନର୍ଜୀ ଡେଭଲପମେଣ୍ଟ ଏଜେନ୍ସି ଲିମିଟେଡ୍ (ଆଇଆରଇଡିଏ)ର ସିଏମ୍‌ଡି ପ୍ରଦୀପ କୁମାର ଦାସ କହିଛନ୍ତି। ଆଇଆରଇଡିଏ ଏବଂ ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରାଳୟ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ କର୍ମଶାଳାରେ ଯୋଗଦେଇ ଶ୍ରୀ ଦାସ କହିଥିଲେ ଯେ ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଅକ୍ଷୟ ଶକ୍ତି କ୍ଷେତ୍ରରେ ଦେଶବ୍ୟାପୀ ପ୍ରକଳ୍ପ ପାଇଁ ଆଇଆରଇଡିଏ ସମୁଦାୟ ୧୨୫, ୯୧୭ କୋଟି ଟଙ୍କାର ଋଣ ଦିଆଯାଇ ଥିବା ବେଳେ ଏଥିରେ ପବନ ଶକ୍ତି ପ୍ରକଳ୍ପ ପାଇଁ ୨୬, ୯୧୩ କୋଟି ଟଙ୍କା ଆବଣ୍ଟନ କରାଯାଇଛି।

ଓଡ଼ିଶାରେ ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ଆଇଆରଇଡିଏ ପକ୍ଷରୁ ୧୬୩୭ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଓଡ଼ିଶାର ଅକ୍ଷୟ ଶକ୍ତି ନୀତି ଉପରେ ଆଲୋକପାତ କରି ଶ୍ରୀ ଦାସ କହିଥିଲେ, ଏଥିରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବା ଲାଗି ବ୍ୟାପକ ବ୍ୟବସ୍ଥା ହୋଇଛି। ବିଶେଷକରି ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଆମୋନିଆ, ଭାସମାନ ସୌର ପ୍ରକଳ୍ପ ଏବଂ ଅଭିନବ ଜ୍ଞାନକୌଶଳ ଉପଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଛି। ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ୱିଣ୍ଡ ଏନର୍ଜୀ ପକ୍ଷରୁ ହୋଇଥିବା ଆକଳନ ଅନୁସାରେ ଅକ୍ଷୟ ଶକ୍ତିରୁ ୧୧୪୬ ଗିଗାୱାଟ୍ ଶକ୍ତି ଉତ୍ପାଦନ ହେବାକୁ ଥିବା ବେଳେ ଓଡ଼ିଶାରେ ଏହି ପରିମାଣ ୧୨ ଗିଗାୱାଟ୍‌ରେ ପହଞ୍ଚିବ। ସବୁଜ ହାଇଡ୍ରୋଜେନ୍ କ୍ଷେତ୍ରରେ ଓଡ଼ିଶା ବହୁତ ଭଲ କାମ କରିପାରିବ ବୋଲି ମତପ୍ରକାଶ କରିଥିଲେ। ଆଇଆରଇଡିଏ ନିର୍ଦ୍ଦେଶକ (ବିତ୍ତ) ଡ଼ ବିକେ ମହାନ୍ତି କହିଥିଲେ ଅକ୍ଷୟ ଶକ୍ତିର ଉତ୍ପାଦନ ବୃଦ୍ଧି କରିବା ଜରୁରୀ ହୋଇଥିବା ବେଳେ ଆଗାମୀ ଦିନରେ ଓଡ଼ିଶାର ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ଓଡ଼ିଶା ସମେତ ଦେଶର ଅନ୍ୟ ରାଜ୍ୟମାନଙ୍କରେ ଅକ୍ଷୟଶକ୍ତିର ଉତ୍ପାଦନ ବୃଦ୍ଧି ପାଇଁ ଭାରତ ସରକାର ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସେ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଗତ କିଛି ବର୍ଷ ମଧ୍ୟରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ଓହିଶାକୁ ଆଖିଦୃଶିଆ ପୁଞ୍ଜିବିନିଯୋଗ ଆସିଛି। ମୁଖ୍ୟତଃ ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଆମୋନିଆ ପ୍ରକଳ୍ପ ପାଇଁ ପୂର୍ବ ସରକାର ଅନେକ ପ୍ରକଳ୍ପକୁ ସବୁଜ ସଙ୍କେତ ପ୍ରଦାନ କରିଥିଲେ। ଓଡ଼ିଶା ରିନ୍ୟୁଏବଲ୍ ଏନର୍ଜୀ ଡେଭଲପମେଣ୍ଟ ଏଜେନ୍ସି (ଓରେଡା)କୁ ଏଥିପାଇଁ ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।




## ଛତିଶଗଡ଼ରେ ଏନ୍‌କାଉଣ୍ଟର୍

# ଯବାନ ସହିଦ, ୮ ମାଓବାଦୀ ନିହତ

ମାଲକାନଗିରି, ୧୫।୬ (ସମିସ):

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ପୁଲିସ୍ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୮ ମାଓବାଦୀ ନିହତ ହୋଇଛନ୍ତି। ସେହିପରି ଜଣେ ଯବାନ ସହିଦ ହୋଇଥିବା ବେଳେ ଦୁଇଜଣ ଯବାନ ଆହତ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଦୁଇ ଦିନ ତଳେ ନାରାୟଣପୁର, ଦନ୍ତେୱାଡା, କାଂକେର ଏବଂ କୋଣ୍ଡାଗାଓଁର ଏସଟିଏଫ୍, ଡିଆରଜି ଏବଂ ଆଇଟିବିପିର ଯବାନ ମାଓ ଉପଦ୍ରବ ଆବୁଝମାଡ଼ ଜଙ୍ଗଲରେ ମାଓ ଦମନ ନିମନ୍ତେ ତଲାସୀ ଅଭିଯାନ ଆରମ୍ଭ କରିଥିଲେ। ଏହି ସମୟରେ କୁଟୁର ଗ୍ରାମ ନିକଟ ଜଙ୍ଗଲ ମଧ୍ୟରେ ଶୁକ୍ରବାର ବିଳମ୍ବିତ ରାତିରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ମୁହାଁମୁହିଁ ସହ ଗୁଳିବିନିମୟ ଆରମ୍ଭ ହୋଇଥିଲା। ଯେଉଁଥିରେ ଜଣେ ଯବାନ ସହିଦ ହୋଇଥିଲା ବେଳେ ଦୁଇଜଣ ଯବାନ ଆହତ ହୋଇଥିଲେ। ରାତିତମାମ ଗୁଳିବିନିମୟ ପରେ ଶନିବାର ମାଓବାଦୀମାନେ ଯବାନଙ୍କ ସାମ୍ନା କରି ନ ପାରି ଜଙ୍ଗଲ ମଧ୍ୟରେ ଲୁଚି ପଳାଇଥିଲେ। ଏହାପରେ ସମ୍ପୃକ୍ତ ଅଞ୍ଚଳରେ ଯବାନଙ୍କ ତଲାସୀ ବେଳେ ୮ ଜଣ ନକ୍ସଲଙ୍କ ମୃତଦେହ ମିଳିଥିଲା। ମୃତ ମାଓବାଦୀଙ୍କ ମଧ୍ୟରେ କୁଖ୍ୟାତ ମହିଳା କମାଣ୍ଡର ଅନୀତା ମଧ୍ୟ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଗୁରୁତର ଆହତ ଯବାନଙ୍କୁ ତୁରନ୍ତ ଏୟାରଲିଫ୍ଟ କରାଯାଇଛି। ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ସହ ମାଓ ସାମଗ୍ରୀ ଜବତ କରାଯାଇଛି।

# ସାଇ କା ଆଙ୍ଗନରେ ଜ୍ୟେଷ୍ଠ ମେଳା

ନୂଆଦିଲ୍ଲୀ, ୧୫।୬: ଗୁରୁଗ୍ରାମସ୍ଥିତ ସାଇ କା ଆଙ୍ଗନ୍ ପରିସରରେ ମା' ଖୀର ଭବନୀଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ ଜ୍ୟେଷ୍ଠ ମେଳା ଆରମ୍ଭ ହୋଇଛି। ଦୁଇ ବର୍ଷ ତଳେ ଆଜିର ତିଥିରେ ସାଇ କା ଅଙ୍ଗନ୍ ପରିସରରେ ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀଙ୍କ କର କମଳରେ ଏହି ମନ୍ଦିର ଉଦ୍‌ଘାଟିତ ହୋଇଥିଲା। ଦେଶର ବିଭିନ୍ନ ସ୍ଥାନ ବିଶେଷକରି କାଶ୍ମୀରରେ ମାତାଜୀଙ୍କ ଏହି ଉତ୍ସବ ବଡ଼ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଥାଏ। ଏହି ଉପଲକ୍ଷେ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଅନୁଷ୍ଠିତ ହୋଇଥିଲା।



### ବାଣ ନିଷ୍କ୍ରିୟ କରୁଥିବା ହାବିଲଦାରଙ୍କ ମୃତ୍ୟୁ ଘଟଣା

# ରାଜ୍ୟ ମାନବାଧିକାର କମିସନରେ ମାମଲା

କଟକ, ୧୫।୬ (ସମିସ): ବାଣ ନିଷ୍କ୍ରିୟ ବେଳେ ବିସ୍ଫୋରଣରେ ହାବିଲଦାର ପ୍ରଦୀପ କୁମାର ମଲ୍ଲିକଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ମାନବାଧିକାର କମିସନ (ଓଏଚ୍‌ଆର୍‌ସି)ରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲାରେ ହସ୍ତକ୍ଷେପ କରି କମିସନ୍ ଉପଯୁକ୍ତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହ ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ବାବଦକୁ ପ୍ରଦାନ କରାଯାଉ ବୋଲି ସାମାଜିକ ସଂଗଠନ ନ୍ୟାୟ ପାଇଁ ଲଢ଼େଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶଙ୍କ ପକ୍ଷରୁ ଆବେଦନ କରାଯାଇଛି। ଏହି ମାମଲାରେ କଟକ ଡିସିପି, ପୁଲିସ ଡିଜି ଓ ଗୃହ ସଚିବଙ୍କୁ ଆବେଦନକାରୀଙ୍କ ପକ୍ଷରୁ ପକ୍ଷଭୁକ୍ତ କରାଯାଇଛି। ମାମଲାରୁ ପ୍ରକାଶ ଯେ ଗତକାଲି ତଥା ୧୪ ତାରିଖରେ କଟକ ସଦର ଥାନା ପକ୍ଷରୁ କାଠଯୋଡ଼ି ନଦୀପଠାରେ ଜବତ ବାଣଗୁଡ଼ିକୁ ନିଷ୍କ୍ରିୟ କରାଯାଉଥିଲା। କାର୍ଯ୍ୟରତ ହାବିଲଦାର ପ୍ରଦୀପ କୁମାର ମଲ୍ଲିକ ଏହି ବାଣଗୁଡ଼ିକୁ ନିଷ୍କ୍ରିୟ କରୁଥିବା ବେଳେ ହଠାତ ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା। ଏଥିରେ ପ୍ରଦୀପଙ୍କ ମୃତ୍ୟୁ ହୋଇଥିଲା।

■ ଉପକାରାଗାରରୁ କଏଦୀ ଚମ୍ପଟ ଘଟଣା

# ଜମାଦାର ନିଲମ୍ବିତ

କରଞ୍ଜିଆ, ୧୫।୬(ସମିସ): କରଞ୍ଜିଆ ଉପକାରାଗାରରେ ଆଜୀବନ ସଶ୍ରମ କାରାଦଣ୍ଡ ଭୋଗୁଥିବା କଏଦୀ ଲକ୍ଷ୍ମଣ ମହାନ୍ତ ଫେରାର ଘଟଣାରେ ଡିଆଇଜି ଅନସୂୟା ଜେନା ଜମାଦାର ଗୁମାନ ଜାମୁଡ଼ାଙ୍କୁ ନିଲମ୍ବିତ କରିଛନ୍ତି। ଉକ୍ତ ଦିନ ଆମ୍ବ ଗୋଟାଇବା ପାଇଁ କଏଦୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ଜମାଦାର ଗୁମାନ ଦାୟିତ୍ୱରେ ଥିଲେ।

# ରଜ ଓଡ଼ିଆ ସଂସ୍କୃତି ଓ ଅସ୍ମିତାର ପର୍ବ: ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀ



ନୂଆଦିଲ୍ଲୀ, ୧୫।୬: ରଜ ପର୍ବ ଉପଲକ୍ଷେ ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀ ଓଡ଼ିଶାର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ଏକ ବାର୍ତ୍ତାରେ ସେ କହିଛନ୍ତି ଯେ ରଜ ଓଡ଼ିଆ ସଂସ୍କୃତି ଓ ଅସ୍ମିତାର ଏକ ପ୍ରଧାନ ଅଂଶ। ଏହା ଓଡ଼ିଶାର ନିଜସ୍ୱ ପର୍ବ। ଅନେକ ପର୍ବପର୍ବାଣୀ ଆମ ଦେଶର ସର୍ବତ୍ର ପାଳନ କରାଯାଏ; କିନ୍ତୁ ରଜ ଓଡ଼ିଆ ଜାତି, ସଂସ୍କୃତିର ଏକ ଅନନ୍ୟତା ପ୍ରଦର୍ଶନ କରେ। ବର୍ଷା ଋତୁର ଆଗମନ ପୂର୍ବରୁ ପ୍ରକୃତିର ସୃଜନତାର ଏହି ପର୍ବରେ ନାରୀକୁ ପ୍ରକୃତିର ଅଂଶ ଭାବରେ ତୁଳନା କରାଯାଏ। ସମାଜରେ ନାରୀର ମହତ୍ତ୍ୱ ଓ ମର୍ଯ୍ୟାଦାକୁ ପ୍ରତିପାଦନ କରେ ଏହି ପର୍ବ। ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ସମସ୍ତ ଓଡ଼ିଆଙ୍କୁ ମୁଁ ଏହି ଅବସରରେ ଶୁଭେଚ୍ଛା ଜଣାଇବା ସହ ପୂର୍ବବର୍ଷ ଭଳି ଆଗାମୀ ବର୍ଷ ସେମାନଙ୍କ ପାଇଁ ଆନନ୍ଦମୟ ହେଉ, ଏହି କାମନା କରୁଛି ବୋଲି ଗୁରୁଜୀ ଡକ୍ଟର ଶତପଥୀ କହିଛନ୍ତି।

# ଅନୁପସ୍ଥିତ ରହୁଛନ୍ତି ଜେଲ୍‌ରେ ନିଯୁକ୍ତ ମେଡିକାଲ ଅଫିସର୍

## ଚଢ଼ଉ ନିର୍ଦ୍ଦେଶ ପାଳନ କରୁନାହାନ୍ତି ଜିଲ୍ଲା ଅଧିକାରୀ

ଭୁବନେଶ୍ୱର, ୧୫।୬(ସମିସ): ରାଜ୍ୟର ବିଭିନ୍ନ କାରାଗାରରେ ବନ୍ଦୀ ଥିବା ଅନ୍ତେବାସୀଙ୍କୁ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଲାଗି ପଦକ୍ଷେପ ନିଆଯାଉଛି। ଖାଲି ପଦବୀ ପୂରଣ ହେଉଛି ଭିତ୍ତିଭୂମି ରହିଛି। କିନ୍ତୁ ଜେଲ୍‌ରେ ଡାକ୍ତରଖାନାରେ ଅନୁପସ୍ଥିତ ଡାକ୍ତର। ଅନେକ ଜେଲ୍‌ରେ ଡ୍ୟୁଟି ସମୟରେ ଡାକ୍ତର ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି। ଏପରିକି ଜେଲ୍‌କୁ ଅଚାନକ ଗସ୍ତ କରି ସେଠାରେ ସମ୍ପୃକ୍ତ ମେଡିକାଲ ଅଫିସର ଉପସ୍ଥିତ ରହି କଏଦୀଙ୍କୁ ସ୍ୱାସ୍ଥ୍ୟ ସେବା ଦେଉଛନ୍ତି କି ନାହିଁ ତାହା ଅନୁଧ୍ୟାନ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଖୋଦ୍ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ସମସ୍ତ ସିଡିଏମଓ/ପିଏଚ୍‌ଓଙ୍କୁ ପତ୍ର ଲେଖି ଚଢ଼ଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଜି ବି ସ୍ଥିତିରେ କୌଣସି ପରିବର୍ତ୍ତନ ଆସିନଥିବା ଜଣାପଡ଼ିଛି।

କାରାଗାରରେ ଅନ୍ତେବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପ୍ରଦାନ ଲାଗି ଓଡ଼ିଶା କାରାଗାର ମାନୁଆଲରେ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ସେହି ଅନୁସାରେ ବିଭିନ୍ନ ଜେଲ୍‌ରେ ମେଡିକାଲ ଅଫିସର ପଦବୀ ପୂରଣ କରାଯାଉଛି। କିଛି ଜେଲ୍‌ରେ ଡାକ୍ତର ପଦବୀ ଖାଲି ଥିବାକୁ ନେଇ ହାଇକୋର୍ଟରେ ମାମଲା ମଧ୍ୟ ରୁଜୁ ହୋଇଥିଲା। ତେବେ ସ୍ୱାସ୍ଥ୍ୟ ବିଭାଗ ତ୍ୱରିତ ପଦକ୍ଷେପ ଗ୍ରହଣ କରି ପଦବୀ ପୂରଣ କରୁଛି। ହେଲେ ଅନ୍ତେବାସୀଙ୍କୁ ସ୍ୱାସ୍ଥ୍ୟ ସେବା ମିଳୁନଥିବା ଅଭିଯୋଗ ଥମୁନାହିଁ। ଅଧିକାଂଶ ଜେଲ୍‌ରେ ଥିବା ଡାକ୍ତରଖାନାରେ ମେଡିକାଲ ଅଫିସର ଉପସ୍ଥିତ ରହୁନଥିବା ବିଭାଗର ଦୃଷ୍ଟିଗୋଚର ହୋଇଛି। ଅନ୍ତେବାସୀଙ୍କୁ ଶାରୀରିକ ସହ ମାନସିକ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲାଗି ମାନସିକ ଚିକିତ୍ସକଙ୍କ ନିୟୋଜନ ପାଇଁ ନିୟମ ରହିଛି। କିନ୍ତୁ ଯଦି ମେଡିକାଲ ଅଫିସର ନିୟମିତ ଭାବେ ଡ୍ୟୁଟି କରନ୍ତେ, ତା'ହେଲେ ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି।

ରାଜ୍ୟରେ ଥିବା ସ୍ୱତନ୍ତ୍ର କାରାଗାର, ଉପ-କାରାଗାର, ଜିଲ୍ଲା କାରାଗାର ଆଦିରେ ଡାକ୍ତର ପଦବୀ ପୂରଣ କରାଯାଉଛି। କିନ୍ତୁ ଏହା ଦେଖାଯାଇଛି ଯେ ଦୂର ଦୂରାନ୍ତରେ ଥିବା ଜେଲ୍‌ରେ କାମ କରିବା ପାଇଁ ଅନେକ ଡାକ୍ତର ଅମଙ୍ଗ ହେଉଛନ୍ତି। ଜେଲ୍‌ରେ ନିଯୁକ୍ତି ହୋଇଥିଲେ ସୁଦ୍ଧା କିଛି ଦିନ ଭିତରେ ସେଠାରୁ ବଦଳି ହୋଇ ଅନ୍ୟତ୍ର ଚାଲିଯିବା ଲାଗି ସେମାନେ ବହୁ ବ୍ୟାକୁଳ। ଏପରିସ୍ଥଳେ କଏଦୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିପନ୍ନ ହେବାରେ ଲାଗିଛି। ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ କହିଛନ୍ତି, ଅଭିଯୋଗ ଆସିବାରୁ ଚଢ଼ଉ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏହି ଆଦେଶର ଅନୁପାଳନ କରୁନଥିବା ଅଭିଯୋଗ ଆସୁଛି। ତେଣୁ ସେମାନଙ୍କୁ ପୁନର୍ବାର ନିର୍ଦ୍ଦେଶନାମା ଦିଆଯାଇ କାର୍ଯ୍ୟାନୁଷ୍ଠାନ ପାଇଁ କୁହାଯିବ ବୋଲି ସେ କହିଛନ୍ତି।

## ଅବଶିଷ୍ଟାଂଶ...

### ୧୪ ଶ୍ରଦ୍ଧାଳୁ...

ଏସ୍‌ଡିଆର୍‌ଏଫ୍ ଓ ରୁଦ୍ରପ୍ରୟାଗ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲା। ଗୁରୁତରମାନଙ୍କୁ ହେଲିକପ୍ଟର ଯୋଗେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି ବୋଲି ଏସ୍‌ଡିଆର୍‌ଏଫ୍ କମାଣ୍ଡାଣ୍ଟ ମଣିକାନ୍ତ ମିଶ୍ରା କହିଛନ୍ତି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଆହତଙ୍କୁ ଏୟାର୍‌ଲିଫ୍ଟ କରି ଋଷିକେଶ ଏମସ୍‌ରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁର୍ଘଟଣାର ତଦନ୍ତ କରିବାକୁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଭଳି ଏକ ମର୍ମନ୍ତୁଦ ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଶୋକବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ମଧ୍ୟ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରଙ୍କୁ ସମବେଦନା ଜଣାଇଛନ୍ତି।

### ମାଟି ଅତଡ଼ା...

ହାଇୱା ଗାଡ଼ିରେ ମାଟି ଲୋଡ୍ କରିବା ପାଇଁ ଯାଇଥିଲେ। ପ୍ରଥମ ଟ୍ରିପ ଲୋଡ୍ କରି ସାରି ଦ୍ୱିତୀୟ ଟ୍ରିପ ମାଟି ଖୋଳୁଥିବା ବେଳେ ଏହି ଅଘଟଣ ଘଟିଥିଲା। ହଠାତ୍ ଉପର ମୁଣ୍ଡରୁ ପାହାଡ଼ ଭଳି ମାଟି ଧସି ଆସିଥିଲା। ଫଳରେ ମାଟି ତଳେ ଦୁଇଜଣ ଚାପି ହୋଇଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ସ୍ଥାନୀୟ ବାସିନ୍ଦା ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ପୁଲିସ ଓ ପ୍ରଶାସନକୁ ଜଣାଇଥିଲେ। ତତ୍‌କ୍ଷଣାତ ପୁଲିସ, ଅଗ୍ନିଶମ ବିଭାଗ ଅଧିକାରୀଙ୍କ ସହ ଓଡ୍ରାଫ ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ।

ଗୁରୁତର ଚମ୍ପାଙ୍କୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ସଲମତି ଓ ପୂର୍ଣ୍ଣିଙ୍କର ଶବ ମାଟି ତଳୁ ଉଦ୍ଧାର କରାଯାଇଥିଲା। ଖବର ପାଇ ସ୍ଥାନୀୟ ବିଧାୟକ ରଘୁରାମ ମାଛ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିଥିଲେ। ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଘଟଣାର ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଘଟଣାରେ ପୁଲିସ ନିଜ ଆଡୁ ତଦନ୍ତ ଆରମ୍ଭ କରିଥିବା ଟାଉନ୍ ଥାନା ଆଇଆଇସି ପ୍ରମୋଦ କୁମାର ନାୟକ କହିଛନ୍ତି। ଆଜି ରଜ ସଂକ୍ରାନ୍ତିରେ ସବୁଆଡ଼େ ଉତ୍ସବର ମାହୋଲ ଥିବା ବେଳେ ଏହି ଦୁଃଖଦ ଘଟଣା ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକ ୩ଜଣ ଅବିବାହିତ ଯୁବତୀ ହୋଇଥିବା ବେଳେ ଗରିବ ଆଦିବାସୀ ଶ୍ରେଣୀର।

### ଉତ୍ତମ ବ୍ୟବହାର...

ପୁଲିସ ଉତ୍ତମ ବ୍ୟବହାର ପ୍ରଦର୍ଶନ ସହ ସାଧାରଣ ଲୋକେ ଥାନାକୁ ଆସି ଯେପରି ନିରାଶ ହେବେ ନାହିଁ, ସେଥିପ୍ରତି ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ସାଧାରଣତଃ କୌଣସି ଅଭିଯୋଗ ନେଇ ଅଭିଯୋଗକାରୀ ଥାନାକୁ ଆସି ଉତ୍ତମ ବ୍ୟବହାର ପାଉନଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସିଛି। ଅତଏବ ଏପରି ଆଚରଣରେ ପୁଲିସ ସୁଧାରଣ ଆଣିବା ସହ ଧୈର୍ଯ୍ୟର ସହ ସମସ୍ତ ଅଭିଯୋଗ ଶୁଣିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିବା ଜଣାପଡ଼ିଛି।

ବୈଠକ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ପୁଲିସ ଡିଜି ଶ୍ରୀ ଷଡ଼ଙ୍ଗୀ ଗଣମାଧ୍ୟମକୁ କହିଛନ୍ତି ଯେ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଜି ପଚାରି ବୁଝିଥିଲେ। ବିଶେଷକରି ଜନସାଧାରଣଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି। ଯେଉଁମାନେ ଥାନାକୁ ଆସୁଛନ୍ତି ସେମାନଙ୍କ ଅଭିଯୋଗକୁ ଶୁଣିବା ସହ ସେମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ସମ୍ପର୍କରେ ଆମେ ସମସ୍ତ ପୁଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ଅବଗତ କରାଇଦେବୁ। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଯେପରି ସଠିକ୍ ବାବେ ଅନୁପାଳନ ହେବ ଏବଂ ଲୋକଙ୍କୁ ଗୁଣାତ୍ମକ ପୁଲିସ ସେବା ମିଳିପାରିବ ସେନେଇ ସମସ୍ତେ ଚେଷ୍ଟା କରିବେ ବୋଲି ଡିଜିପି କହିଛନ୍ତି। ଅପରପକ୍ଷେ ଆସନ୍ତା ଜୁଲାଇ ମାସରୁ ସମଗ୍ର ଦେଶ ସହ ଓଡ଼ିଶାରେ ନାଗରିକ ନ୍ୟାୟ ସଂହିତାର ଲାଗୁ ହେବାକୁ ଯାଉଛି। ଏହାସହ ୧୫୦ ବର୍ଷରୁ ଉଦ୍ଧ୍ୱର୍ ସମୟ ଧରି ଜାରି ରହିଥିବା ଆଇପିସି, ସିଆର୍‌ପିସି ଓ ଇଣ୍ଡିଆନ ଏଭିଡେନ୍ସ ଆକ୍ଟ ପରି ବ୍ରିଟିଶ ନିୟମ ହଟିଯିବ। ଏନେଇ ରାଜ୍ୟ ପୁଲିସ କେତେ ପ୍ରସ୍ତୁତ ରହିଛି, ସେନେଇ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ବୈଠକରେ ବିଭିନ୍ନ ଜିଲ୍ଲାର ଏସ୍‌ପିମାନେ ମଧ୍ୟ ଉପସ୍ଥିତ ଥିଲେ।

### ତିକ୍ତ ଅନୁଭୂତି...

ଶନିବାର ଥିଲା ରଜ ସଂକ୍ରାନ୍ତି। ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଭକ୍ତଙ୍କ ବେଶ୍ ଭିଡ଼ ହୋଇଥିଲା। ତେବେ ଚାରିଦ୍ୱାରରେ ଭକ୍ତ ପ୍ରବେଶ କରୁଥିଲେ ହେଁ ଦର୍ଶନ ଅବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଭିଡ଼ ଯୋଗୁ ବାହାରେ ଦୀର୍ଘ ସମୟ ଛିଡ଼ା ହୋଇଥିବା ବେଳେ ଅନେକ ଠାକୁରଙ୍କୁ ଠିକ୍ ଭାବେ ଦର୍ଶନ କରିପାରିନାହାନ୍ତି। ଶନିବାର ମଧ୍ୟ ଅଚେତ ହୋଇ ୨ ଜଣ ଶ୍ରଦ୍ଧାଳୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନେ ସୁସ୍ଥ ହୋଇ ଫେରିଯାଇଛନ୍ତି।

ସମ୍ପର୍କୀୟଙ୍କ ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ନିଆଳିର ଚିତ୍ତରଞ୍ଜନ ସାହୁ କହିଛନ୍ତି, ୨ ଘଣ୍ଟା ହେଲାଣି ଧାଡ଼ିରେ ରହିଛୁ। ଏ ପର୍ଯ୍ୟନ୍ତ ଭିତରକୁ ଯାଇନାହୁଁ। ଚାରିଦ୍ୱାର ଖୋଲିଥିଲେ ବି ଲାଭ କ'ଣ? ଲୋକେ ଠିକ୍ ଭାବେ ଦର୍ଶନ କରିପାରୁ ନାହାଁନ୍ତି। ଏହାକୁ ଗୁରୁତ୍ୱ ଦିଆଯିବା ଦରକାର। ସେହିପରି ଶ୍ରୀମନ୍ଦିରର ସେବାୟତ ଭଗବାନ ପଣ୍ଡା କହିଛନ୍ତି, ଚାରିଦ୍ୱାର ଖୋଲିବା ପୂର୍ବରୁ ପ୍ରଶାସନ ଏବଂ ସେବାୟତଙ୍କ ସହ ବସି ଆଲୋଚନା କରିବାର ଥିଲା। ଚାରିଦ୍ୱାରରେ ଭକ୍ତମାନେ ପ୍ରବେଶ କଲେ ଭିତରେ ପ୍ରବଳ ଭିଡ଼ ହେବ। ଶ୍ରଦ୍ଧାଳୁମାନେ କିଭଳି ଭଲ ଭାବେ ଠାକୁରଙ୍କୁ ଦର୍ଶନ କରିବେ, ପ୍ରବେଶ ପ୍ରସ୍ଥାନ ବେଳେ ଯେଭଳି କୌଣସି ଅସୁବିଧା ନ ହେବ, ସେନେଇ ପଦକ୍ଷେପ ନିଆଯାଇ ପାରିଥାନ୍ତା।

ସବୁଠୁ ବଡ଼ କଥା ହେଉଛି, ୩୦/୪୦ ବର୍ଷ ପୂର୍ବରୁ ଶ୍ରୀମନ୍ଦିରକୁ ଯେତିକି ଭକ୍ତ ଆସୁଥିଲେ ଏବେ ତାର ୪/୫ ଗୁଣ ଅଧିକ ଆସୁଛନ୍ତି। ସେମାନଙ୍କ ଭିତରେ ବୟସ୍କ, ପିଲା ବି ରହୁଛନ୍ତି। ମାତ୍ର ଭିଡ଼ ଯୋଗୁ ଅନେକ ହନ୍ତସନ୍ତ ହେଉଛନ୍ତି। ଖରାରେ ବହୁ ସମୟ ଅପେକ୍ଷା କରୁଛନ୍ତି। ଭିତରେ ସ୍ଥିତି ଆହୁରି ଦୟନୀୟ। ବେଢ଼ାରେ କୌଣସି ଜାଗାରେ ଠିଆ ହେବା ପାଇଁ ବି ଜାଗା ନାହିଁ। ତେଣୁ ଏହାର କିପରି ସମାଧାନ ହୋଇପାରିବ ସେ ଦିଗରେ ଯେଉଁମାନେ ନିଷ୍ପତ୍ତି ନେଇଛନ୍ତି ସେମାନେ ଚିନ୍ତା କରିବା ଦରକାର।

### ଶ୍ରଦ୍ଧାଳୁ-ଜେଟିପି...

ମାରି ଫେରି ଯାଉଥିବା ଜଣାପଡ଼ିଛି। ଏଭଳି ସ୍ଥିତି ଲାଗି ରହିଥିବା ବେଳେ ଶନିବାର ଦର୍ଶନ ପାଇଁ ଆସିଥିବା କିଛିଙ୍କ ଧୈର୍ଯ୍ୟ ସୀମା ଭାଙ୍ଗିଛି। ଫଳରେ ସିଂହଦ୍ୱାର ଆଗରେ ଶ୍ରଦ୍ଧାଳୁ-ଜେଟିପି ହାତହାତି ହୋଇଛନ୍ତି। ଏପରିକି ଏହି ଘଟଣାକୁ ନେଇ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି।

ଶନିବାର ଥିଲା ରଜ ସଂକ୍ରାନ୍ତି। ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀକୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଆସିଥିଲେ। ଚାରିଦ୍ୱାର ଖୋଲିଯାଇଛି, ତେଣୁ ଭଲ ଭାବେ ଠାକୁରଙ୍କୁ ଦର୍ଶନ କରି ଫେରିବେ ବୋଲି ଆସିଥିବା ଭକ୍ତ କିନ୍ତୁ ପହଞ୍ଚିବା ପରେ ବାସ୍ତବ ସ୍ଥିତି ଦେଖିଥିଲେ। ପ୍ରତ୍ୟୁଷରୁ ଚାରିଦ୍ୱାରରେ ଧାଡ଼ି ଲଗାଇଥିଲେ ଭକ୍ତ। ପ୍ରବଳ ଭିଡ଼କୁ ଦେଖି ପୁଲିସ ଦଫାଦଫା କରି ଛାଡୁଥିଲା। ହେଲେ ସବୁ ଦ୍ୱାରରେ ଲମ୍ବା ଧାଡ଼ି ଲାଗିଥିବା ବେଳେ ବହୁ ଭକ୍ତ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ ବାହାରେ ଛିଡ଼ା ହୋଇଥିଲେ। ଅସମ୍ଭାଳ ଭିଡ଼ ଦେଖି କେହି କେହି ପତିତପାବନଙ୍କୁ ଦର୍ଶନ କରି ଫେରୁଥିବା ବେଳେ କ୍ରମଶଃ ସେଠାରେ ଗହଳି ହୋଇଥିଲା। ଅନେକ ଭକ୍ତ ଦୀର୍ଘ ସମୟ ଛିଡ଼ା ହେବା ପରେ ସେମାନଙ୍କ ଧୈର୍ଯ୍ୟ ଭାଙ୍ଗିଥିଲା। ତେଣୁ କିଛି ଭକ୍ତ ସିଂହଦ୍ୱାର ସମ୍ମୁଖରେ ସେବାୟତ ଏବଂ ମନ୍ଦିର କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ରବେଶ ପଥ ଦେଇ ଭିତରକୁ ଯିବା ଲାଗି ଚାହିଁଥିଲେ। ସେଠାରେ ମୁତୟନ ସୁରକ୍ଷା କର୍ମଚାରୀ ଏବଂ ଜେଟିପି ତାଙ୍କୁ ବାରଣ କରିଥିଲେ। ଚାରିଦ୍ୱାର ଖୋଲିଲା, ପୁଣି ଆମକୁ ଅଟକାଯାଉଛି କାହିଁକି ବୋଲି ପ୍ରଶ୍ନ କରିଥିଲେ ଶ୍ରଦ୍ଧାଳୁ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଯୁକ୍ତି ତର୍କ ଏବଂ କଥା କଟାକଟି ହୋଇଥିଲା। ଶେଷରେ ଭକ୍ତମାନେ ସେହି ବାଟ ଦେଇ ଯିବାକୁ ଚେଷ୍ଟା କରିବା ବେଳେ ସୁରକ୍ଷା କର୍ମୀ ଅଟକାଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ହାତାହାତି ହୋଇଥିଲା। ପରେ ଅଧିକ ସଂଖ୍ୟକ ପୁଲିସ, ଜେଟିପି ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲେ। ଏନେଇ ଜେଟିପିଙ୍କ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି।

### କାହିଁକି ବନ୍ଦଥିଲା...

ଗୋଟିଏ ମୋହରେ ଯେ ଖୋଲିଗଲା ଚାରିଦ୍ୱାର। କିନ୍ତୁ କେହି କେବେ ଚିନ୍ତା କରିନାହାନ୍ତି କାହିଁକି କିଛି ବର୍ଷ ହେବ ପ୍ରଥମେ ଗୋଟିଏ ଦ୍ୱାର (ସିଂହଦ୍ୱାର) ଏବଂ ପରେ ଆଉ ଗୋଟିଏ ଦ୍ୱାର (ପଶ୍ଚିମ ଦ୍ୱାର) ଦେଇ ଭକ୍ତଙ୍କୁ ଭିତରକୁ ଛଡ଼ାଯାଉଥିଲା? ଏହି ବ୍ୟବସ୍ଥା ଠିକ୍ ଥିଲା ନା ନାହିଁ? ହେଲେ ଏହା ପଛରେ କେବଳ ଗୋଟିଏ ହିଁ ଉଦ୍ଦେଶ୍ୟ ଥିଲା ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ।

ବାସ୍ତବତା ହେଉଛି ସମୟ ଯେତେ ଆଗକୁ ବଢୁଛି ଶ୍ରୀମନ୍ଦିରକୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ସେମିତି ବୃଦ୍ଧି ପାଇବାରେ ଲାଗିଛି। ଫଳରେ ବିଭିନ୍ନ ସମୟରେ ଅସମ୍ଭାଳ ଭିଡ଼ ଯୋଗୁ ବେଳେବେଳେ ଦଳାଚକଟା ଭଳି ସ୍ଥିତି ଉପୁଜିଥିଲା। ଏପରିକି ନୀତିକାନ୍ତିରେ ବିଶୃଙ୍ଖଳା ହେଉଥିଲା। ତେଣୁ ଶ୍ରୀମନ୍ଦିରରେ ସଂସ୍କାର ଏବଂ ଶୃଙ୍ଖଳା ପାଇଁ ୨୦୧୬ ଜୁଲାଇ ୨୩ ତାରିଖରେ ଗଠିତ ହୋଇଥିଲା ଜଷ୍ଟିସ ବି.ପି. ଦାସ କମିସନ। ମହାପ୍ରଭୁଙ୍କ ନୀତିକାନ୍ତି, ସେବାପୂଜା, ଶୃଙ୍ଖଳିତ ଦର୍ଶନ, ପରମ୍ପରା ସୁରକ୍ଷା, ସେବାୟତଙ୍କ ଆଚରଣ, ଜଗନ୍ନାଥ ସଂସ୍କୃତିର ପ୍ରସାର ଓ ପ୍ରଶାସନିକ ସଂସ୍କାରକୁ କମିସନରେ ଧ୍ୟାନ ଦିଆଯାଇଥିଲା। ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ ସେଥିଲାଗି ଜଷ୍ଟିସ୍ ବି.ପି. ଦାସ କମିସନଙ୍କ ରିପୋର୍ଟକୁ କାର୍ଯ୍ୟକାରୀ କରିଥିଲେ ଜିଲ୍ଲା ପ୍ରଶାସନ, ପୁଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନ। ଗୋଟିଏ ଦ୍ୱାର ଦେଇ ଭକ୍ତ ଭିତରକୁ ଯାଉଥିବା ବେଳେ ଅନ୍ୟ ତିନିଦ୍ୱାର ଦେଇ ବାହାରକୁ ବାହାରୁଥିଲେ। ପରବର୍ତ୍ତୀ ସମୟରେ ପୁରୀବାସୀଙ୍କ ସମସ୍ୟାକୁ ନଜରରେ ରଖି ସେମାନଙ୍କୁ ଉତ୍ତର ଦ୍ୱାରରେ ପ୍ରବେଶ ଅନୁମତି ଦିଆଯାଇଥିଲା।

ରାଜ୍ୟରେ ବିଜେପି ସରକାର ଗଢ଼ିବା ପରେ ଏବେ ଚାରିଦ୍ୱାର ଦେଇ ଭକ୍ତଙ୍କୁ ମିଳିଛି ପ୍ରବେଶ ଅଧିକାର। ଯେହେତୁ ବିଜେପି ନିର୍ବାଚନ ପ୍ରଚାରରେ ଏହାକୁ ପ୍ରମୁଖ ପ୍ରସଙ୍ଗ କରିଥିଲା ତେଣୁ ନୂଆ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କେ.ଭି. ସିଂହଦେଓଙ୍କ ସମେତ ମନ୍ତ୍ରୀମଣ୍ଡଳର ଅନ୍ୟ ସଦସ୍ୟମାନଙ୍କ ଉପସ୍ଥିତିରେ ଗୁରୁବାରଠାରୁ ଭକ୍ତଙ୍କ ପ୍ରବେଶ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଉନ୍ମୁକ୍ତ କରିଦିଆଯାଇଛି। ଏହି ୩ ଦିନରେ ଶ୍ରଦ୍ଧାଳୁମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଚାରିଦ୍ୱାର ଦେଇ ସିନା ଭିତରକୁ ପ୍ରବେଶ କରୁଛନ୍ତି ହେଲେ ଦର୍ଶନ କରିବା ମୁସ୍କିଲ ହୋଇପଡୁଛି। ଭିଡ଼ ଏମିତି ହେଉଛି ଯେ ଠିଆ ହେବା ପାଇଁ ଜାଗା ଟିକିଏ ପାଉନାହାନ୍ତି। ଅନେକ ଗହଳି ଭିତରେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଚାରିଦ୍ୱାରରୁ ଆସୁଥିବା ଭକ୍ତ ଭିତରେ କେବଳ ସାତପାହାଚ ଦେଇ ବାହାରକାଠକୁ ପ୍ରବେଶ କରୁଛନ୍ତି। ତେଣୁ ସାତପାହଚରେ ହିଁ ସ୍ଥିତି ଅସମ୍ଭାଳ ହୋଇପଡୁଛି। ଏବେ ଚାରିଦ୍ୱାରରୁ ଭକ୍ତ ପଶୁଥିବା ବେଳେ ସେହି ଅନୁଯାୟୀ ଶ୍ରଦ୍ଧାଳୁ ବାହାରକୁ ଆସୁନାହାନ୍ତି। ଭିଡ଼ ନିୟନ୍ତ୍ରଣ ପାଇଁ ମୁତୟନ ପୁଲିସ କର୍ମଚାରୀ ବି ଅସହାୟ ହୋଇପଡୁଛନ୍ତି। ତିନିଦିନ ହେଲାଣି ସମାନ ସ୍ଥିତି ଲାଗିରହିଛି।

ଅନ୍ୟପକ୍ଷରେ ତରବରିଆ ଭାବେ ନୂଆ ସରକାର ନେଇଥିବା ନିଷ୍ପତ୍ତି ଆଗାମୀ ଦିନରେ ସାଧାରଣ ଭକ୍ତଙ୍କ ପାଇଁ ଆହୁରି ସମସ୍ୟା ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ। ସେ କହିଛନ୍ତି, ଚାରିଦ୍ୱାର ଖୋଲାଥିଲା। ସିଂହଦ୍ୱାରରେ ଭକ୍ତମାନେ ଯାଉଥିବା ବେଳେ ପୁରୀବାସୀ ପଶ୍ଚିମଦ୍ୱାର ବାଟେ ଯାଉଥିଲେ। ସେବାୟତମାନେ ଦକ୍ଷିଣ ଦ୍ୱାରରେ ମନ୍ଦିରକୁ ପ୍ରବେଶ କରୁଥିଲେ। ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ ସେଥିଲାଗି ବି.ପି. ଦାସ କମିସନଙ୍କ ରିପୋର୍ଟ ଆଧାରରେ ପୂର୍ବରୁ ଦର୍ଶନ ପାଇଁ ଭକ୍ତଙ୍କୁ ଗୋଟିଏ ଦ୍ୱାରରେ ଛଡ଼ାଯାଉଥିଲା। ଏବେ ଚାରିଦ୍ୱାରରେ ପ୍ରବେଶ ପ୍ରସ୍ଥାନ ହେଲେ ଦଳାଚକଟା ହେବାର ସମ୍ଭାବନା ରହିଛି। ତିନିଦିନ ହେବ ଭିତରେ ଅସମ୍ଭାଳ ଭିଡ଼ ଯୋଗୁଁ ଅନେକ ଭକ୍ତ ଅଣନିଶ୍ୱାସୀ ହୋଇପଡୁଛନ୍ତି। ରାଜ୍ୟ ସରକାର ତରବରିଆ ଭାବେ ନିଷ୍ପତ୍ତି ନ ନେଇ ପୂର୍ବରୁ ପରିଚାଳନା କମିଟି ସହ ଭଲ ଭାବେ ଆଲୋଚନା କରିବାର ଥିଲା। ହେଲେ ଏବେ ଯଦି କିଛି ଅଘଟଣ ଘଟିବ ତେବେ ରାଜ୍ୟ ସରକାର ଦାୟୀ ରହିବେ ବୋଲି କହିଛନ୍ତି ରାଜ୍ୟସଭା ସାଂସଦ ଶ୍ରୀ ଖୁଣ୍ଟିଆ।


**AFFIDAVIT**

I, Nirmala Samal, W/o- Biswaketan Samal, age 49 R/o - Plot no - 68, Sector -2, Niladri Vihar, Bhubaneswar, Odisha have changed my name to **Nirmala Mallick** for all purposes.

**SALE**


Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.
**Ph.: 9437015112**

**WANTED LAND ON LEASE FOR NURSERY**

Godrej Agrovet Limited, Odisha Unit at Bargarh Dist. is looking out for a land on lease for 5 years - minimum 8 Acres to 10 Acres of land for raising Oil Palm Nursery under Government of India Scheme National Mission on Edible Oil - Oil Palm (NMEO - OP) scheme.
Land with Irrigation source & Approach road is a must.

Please contact with details to: -
**Godrej Agrovet Limited,**
**Edara Gunasekhar - 95561 34986**
**B. Praveen Kumar - 7680098623 / 9989973108**

# ଗୁଡ୍ ମର୍ଣ୍ଣିଂ ରିପୋର୍ଟର



# ଦୋଷମୁକ୍ତ କରୁଛି କିରିଆ ପଥର



ଶୁଭାଶିଷ ପାଢ଼ୀ
ସମ୍ବଲପୁର

**ମହାନଦୀ ତଟରେ ରହିଛି ଅନେକ ମନ୍ଦିର, ଦେବାଦେବୀଙ୍କ ପୀଠ। ସମସ୍ତ ପୀଠରେ ରହିଛି ଭିନ୍ନ ଭିନ୍ନ ଜନଶ୍ରୁତି ଓ ପୌରାଣିକ କଥା। ସମ୍ବଲପୁର ସହର ଝାଡୁଆପଡ଼ାରେ ଥିବା ବ୍ରହ୍ମପୁରା ଗୋପୀନାଥ ମନ୍ଦିରରେ ଥିବା ବୃହତ କଳାପଥର (ଶାଳଗ୍ରାମ) କିରିଆ ପଥର ଭାବେ ପୂଜା ପାଆନ୍ତି। ଏହି ପଥର ଉପରେ ଛିଡ଼ା ହୋଇ ଶପଥ କରାଯାଇଥାଏ। ସତ ନ କହିଲେ ଅନିଷ୍ଟ ହୋଇଥାଏ। ଜଣେ କଳାପଥର ଉପରେ ଛିଡ଼ା ହୋଇ ଶପଥ କଲେ ତାକୁ ଦୋଷମୁକ୍ତ ବିବେଚନା କରାଯାଇଥାଏ। ବ୍ରିଟିଶ ଶାସନ ସମୟରେ ମଧ୍ୟ ସିଭିଲ କୋର୍ଟ ଏହାକୁ ମାନ୍ୟତା ଦେଉଥିଲା।**

ଇଂରେଜମାନଙ୍କର ଦସ୍ତାବେଜରେ ଏହି କିରିଆ ପଥର ଉପରେ ଉଲ୍ଲେଖ ରହିଛି। ବ୍ରହ୍ମପୁରା ଗୋପୀନାଥ ମନ୍ଦିର ଗମ୍ଭୀରା ଓ ଜଗମୋହନ ମଧ୍ୟରେ ଅନ୍ତରାଳ ଏହି (ଶାଳଗ୍ରାମ) କଳାପଥର ରହିଛି। ଅନ୍ତରାଳ ପରେ ଗମ୍ଭୀରା ପ୍ରବେଶ ଦ୍ୱାର ପୂର୍ବରୁ ରହିଥିବା ଅଳିନ୍ଦରେ ଏକ ବୃହତ କଳାପଥର ଶାଳଗ୍ରାମ ବୋଲି ପୂଜା ପାଇ ଆସୁଛନ୍ତି। ଏ ପଥର ଉପରେ ଛିଡ଼ା ହୋଇ ଶପଥ କରିବାର ବିଧି ରହିଛି। କୌଣସି ବିଷୟକୁ ନେଇ ଦୁଇ ବ୍ୟକ୍ତି ବା ଦୁଇ ପକ୍ଷ ମଧ୍ୟରେ ବିବାଦ ସୃଷ୍ଟି ହେଲେ ଝଗଡ଼ାର ଚରମ



ସୋପାନରେ ଏହି ମନ୍ଦିରରେ ଶପଥ କରାଯାଏ। ଯିଏ ମିଥ୍ୟା କହୁଥାଏ, ତା'ର ଅନିଷ୍ଟ ନିଶ୍ଚିତ- ଏଭଳି ଦୃଢ଼ ବିଶ୍ୱାସ ରହିଛି। ଏ ବିଶ୍ୱାସ ଏତେ ଦୃଢ଼ ଯେ ବ୍ରିଟିଶ ଶାସନ ସମୟରେ ମଧ୍ୟ ସିଭିଲ କୋର୍ଟ ଏହାକୁ ମାନ୍ୟତା ଦେଉଥିଲା।

ଆମକୁ ଶୁଣିଲେ ଅବିଶ୍ୱନୀୟ ଲାଗି ଥାଇପାରେ କିନ୍ତୁ ସତ୍ୟର ଗାଥା। କେବଳ ଜନଶ୍ରୁତି ନୁହେଁ ଏହା ପ୍ରମାଣିତ ହୋଇରହିଛି। ଏହି ମନ୍ଦିର ଅନ୍ୟ ଏକ ବିଶେଷତ୍ୱ ରହିଛି ଯେ, ପ୍ରତିଦିନ ମହାପ୍ରଭୁଙ୍କ ପାଖରେ ଅନ୍ନ ଲାଗି ହେବା ପରେ ପୂଜାରୀ ମନ୍ଦିର ସମ୍ମୁଖକୁ ଆସ ଘଣ୍ଟ ବଜାଇ ବାହାରେ ଥିବା ଭୋକିଲା ଅତିଥିଙ୍କୁ ଖାଇବାକୁ ନିମନ୍ତ୍ରଣ କରନ୍ତି ଓ ପ୍ରସାଦ ଦିଅନ୍ତି।

ଚୋଳ ଆକ୍ରମଣରେ ସୋମବଂଶୀ ରାଜାଙ୍କ ରାଜଧାନୀ ଯଯାତି ନଗର ଧ୍ୱଂସ ପାଇଲା। ୧୫୫୭ ମସିହାରେ ବଳରାମ ଦେବ ସମ୍ବଲପୁରର ପୁନଃ ପ୍ରତିଷ୍ଠା କରିବା ମାତ୍ରେ ଏହା ସୁପ୍ରତିଷ୍ଠିତ ହେଲା। କାଳକ୍ରମେ ଲୋକମୁଖରେ ବ୍ରହ୍ମପୁରା ବସତି ଅଞ୍ଚଳ ଝାଡୁଆପଡ଼ା ଓ ଗୋପୀନାଥ ମହାପ୍ରଭୁଙ୍କ ମନ୍ଦିର ବ୍ରହ୍ମପୁରା ମନ୍ଦିର ରୂପେ ପ୍ରସିଦ୍ଧି ପାଇଛି। ମନ୍ଦିରଟି ସମ୍ବଲପୁର ଶୈଳୀରେ ନିର୍ମିତ ହୋଇଛି। ସମ୍ବଲପୁର ମନ୍ଦିର ଶୈଳୀ ଏକ ନିଜସ୍ୱ ଢାଞ୍ଚା ରହିଛି। ସମଲେଶ୍ୱରୀ ଓ ପାଟଣେଶ୍ୱରୀ ମନ୍ଦିରକୁ ଛାଡ଼ିଦେଲେ ଅନ୍ୟ ମନ୍ଦିରରେ ଗମ୍ଭୀରା ଓ ଜଗମୋହନ ରହିଛନ୍ତି। ତେବେ ବ୍ରହ୍ମପୁରା ଗୋପୀନାଥ ମନ୍ଦିରରେ ଗମ୍ଭୀରା ଓ ଜଗମୋହନ ମଧ୍ୟରେ ଅନ୍ତରାଳ ରହିଛି। ■



## ଇତିହାସରେ କିରିଆଘରର କଳାପଥର

ଅନ୍ତରାଳ ପରେ ଗମ୍ଭୀରା ପ୍ରବେଶ ଦ୍ୱାର ପୂର୍ବରୁ ରହିଥିବା ଅଳିନ୍ଦରେ ଏକ ବୃହତ କଳାପଥର ଶାଳଗ୍ରାମ ପ୍ରସ୍ତର ଉପରେ ଛିଡ଼ାହୋଇ ଶପଥ କରିବାର ବିଧି ରହିଛି। ବିଶ୍ୱାସଯୋଗ୍ୟ ଯେ, ବ୍ରିଟିଶ ଶାସନ ସମୟରେ ମଧ୍ୟ ସିଭିଲ କୋର୍ଟ ଏହାକୁ ମାନ୍ୟତା ଦେଉଥିଲା। ବ୍ରହ୍ମପୁରା ମନ୍ଦିରରେ କିରିଆ (ଶପଥ) ହେଲେ ସେ ମାମଲାକୁ ଆଉ ଆଗକୁ ବଢ଼ାଉ ନ ଥିଲା ବା ମାମଲା ସମାପ୍ତ ବୋଲି ଧରିନିଆ ଯାଉଥିଲା। ଏହାର ଏକ ଉଦାହରଣ ଇଂରେଜମାନଙ୍କ ଲେଖାରେ ରହିଛି। ୧୮୬୨ରେ ମେଜର ଇମ୍ପେ ଶାନ୍ତି ବୁଝାମଣା କରିବା ପରେ ବୀର ସୁରେନ୍ଦ୍ର ସାଏ ତଥା ତାଙ୍କ ଅନ୍ତରଙ୍ଗ ସହଯୋଗୀଙ୍କୁ ଆଣି ଏଠି ଶପଥ କରାଇଥିଲେ ଓ ଶପଥ ନେବା ପରେ ଦୋଷମୁକ୍ତ କରିଥିଲେ।

---



ରିତେଶ ବ୍ରହ୍ମା
କାମାକ୍ଷାନଗର

**ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ସାରା ରାଜ୍ୟରେ ଜଳକଷ୍ଟ ଦେଖିବାକୁ ମିଳୁଥିବା ବେଳେ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ସୋଗର ଗ୍ରାମର ୮ ଫୁଟିଆ ଝରଣ କୂଅ ଗାଁ ଲୋକଙ୍କ ପାଇଁ ପାଲଟିଛି ବରଦାନ। ଏହି କୂଅରୁ ଯେତେ ପାଣି ନେଲେ ସରେନହିଁ। ଏହି ଅଲୌକିକ କୂଅର ବିରାଟ ଇତିହାସ ବିଷୟରେ ଜାଣିବା ଅସମ୍ଭବ। ଆଜି ପର୍ଯ୍ୟନ୍ତ ଏହି କୂଅ ଭିତରେ ପଥର ଖଣ୍ଡ, ବଡ଼ବଡ଼ କାଠ ଗଣ୍ଡି ସହ ଅନେକ ଜିନିଷ ରହିଛି। ପ୍ରତ୍ନତାତ୍ତ୍ୱିକ ସଂସ୍ଥା ଦ୍ୱାରା ଏହାର ସର୍ବେକ୍ଷଣ କରାଯିବା ସହ ଏହାର ଇତିହାସ ବିଷୟରେ ତର୍ଜମା କରାଗଲେ ଅନେକ କଥା ସାମ୍ନାକୁ ଆସି ପାରିବ।**

## ଅଲୌକିକ ଝରଣ କୂଅ

# ଯେତେ ନେଲେ ପାଣି ସରୁନି



ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର-ଢେଙ୍କାନାଳ ରାସ୍ତାରେ ଶାଳୁଆ ଛକ। ସେହି ଛକରୁ ବାମ ପାର୍ଶ୍ୱରେ ଚାରି କିଲୋମିଟର ଗଲେ ପଡ଼ିଥାଏ ସୋଗର ଗ୍ରାମ। ପ୍ରାୟ ୭ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ନେଇ ଗଠିତ ହୋଇଥିବା ଏହି ଗାଁରେ ଏବେ ଚର୍ଚ୍ଚାର କାରଣ ପାଲଟିଛି ଏକ ୮ ଫୁଟର ଝରଣ କୂଅ। ଏହି କୂଅର ଝର ଏତେ ପ୍ରଖର ଯେ ଆଜିକୁ ୧୫୦ ବର୍ଷ ଧରି କୂଅ ଶୁଖିବା ତ ଦୂରର କଥା ମାତ୍ର ଚାରି ହାତରେ ରହୁଛି ପାଣି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ସାରା ରାଜ୍ୟରେ ଜଳକଷ୍ଟ ଦେଖିବାକୁ ମିଳୁଥିବା ବେଳେ ଏହି ୮ ଫୁଟିଆ ଝରଣ କୂଅ ସୋଗର ଗାଁ ପାଇଁ ପାଲଟିଛି ବରଦାନ। ପାହାଡ ତଳେ ପଥୁରିଆ ଜାଗାରେ ଥିବା ଏହି ଛୋଟିଆ କୂଅଟି ଲୋକଙ୍କ ଜଳକଷ୍ଟ ଦୂର କରିବା ସହ ତାହାର ଇତିହାସକୁ ନେଇ ଆମ ରାଜ୍ୟର ସମୃଦ୍ଧ ମହିମାଧର୍ମକୁ କରିଛି ଉଜ୍ଜୀବିତ। ଏହି ୮ ଫୁଟିଆ ଝରଣ କୂଅ ନିର୍ମାଣ ପଛରେ ରହିଛି ଅନେକ ଲୋକକଥା ଯାହା ସେତେବେଳର ମହିମାଧର୍ମକୁ ନେଇ ଜଡିତ। ଆଜିକୁ ୧୫୦ ବର୍ଷ ପୂର୍ବେ ମହିମା ଧର୍ମର ପ୍ରଚାର, ପ୍ରସାର ପାଇଁ ସ୍ୱାମୀ ଗୋସାଇଁ ଗାଁକୁ ଗାଁ ବୁଲି ଲୋକଙ୍କୁ ମହିମା ଧର୍ମ ବିଷୟରେ ଅବଗତ କରାଉଥିଲେ। ସେତେବେଳେ କାମାକ୍ଷାନଗର ଅଞ୍ଚଳ ମହିମାଧର୍ମ ପ୍ରଚାରର ଉତ୍କୃଷ୍ଟ ସ୍ଥାନ ଥିବା ଇତିହାସରୁ ଜଣାଯାଏ। କାମାକ୍ଷାନଗର, ଜକା, ସୋଗର ମହିମା ଟୁଙ୍ଗି, ଯୋରନ୍ଦା ଇତ୍ୟାଦି ସ୍ଥାନରେ ସେତେବେଳେ ମହିମା ଗୋସାଇଁ ଟୁଙ୍ଗି ସ୍ଥାପନା କରି ଧର୍ମ ପ୍ରଚାର କରୁଥିଲେ। ସେତେବେଳେ ସୋଗର ଗାଁକୁ ସ୍ୱାମୀ ଗୋସାଇଁ ମହିମା ଧର୍ମ ପ୍ରଚାର କରିବାକୁ ଯାଇଥିଲା ବେଳେ ଗ୍ରାମରେ ଭୀଷଣ ଜଳକଷ୍ଟ ଥିବା ଗ୍ରାମବାସୀଙ୍କ ଠାରୁ ଜାଣିବାକୁ ପାଇଥିଲେ। ଏହାର ସମାଧାନ ନିମନ୍ତେ ସ୍ୱାମୀ ଗୋସାଇଁ ନିଜ ଦୈବୀଶକ୍ତି ବଳରେ ଗାଁର ଶେଷମୁଣ୍ଡରେ ଏକ ପାହାଡ଼ ତଳେ ନିଜର ବେତ ବାଡ଼ି ସାହାଯ୍ୟରେ ଜାଗା ଚିହ୍ନଟ କରିଥିଲେ ଓ ଏହି ସ୍ଥାନରେ କୂଅ ଖୋଳାଇବା ପାଇଁ ଗ୍ରାମବାସୀଙ୍କୁ କହିଲେ। ମାତ୍ର ୮ ଫୁଟ ଖୋଳାଇବା ପରେ ଏଠାରୁ ଏକ ବିରାଟ ପଥର ବାହାରିବା ନେଇ କହିଥିଲେ। ସେହି ପଥରକୁ ଖୋଲିବା ପରେ ସେହି ସ୍ଥାନରୁ ଏକ ଏମିତି ଝର ସୃଷ୍ଟି ହେବ ଯାହା କେବେ ଶୁଖିବନାହିଁ ଓ ସମସ୍ତ ଗ୍ରାମବାସୀଙ୍କ ଜଳକଷ୍ଟ ଦୂର କରିବା ନେଇ ଜଣାଇଥିଲେ। ପରେ ସ୍ୱାମୀ ଗୋସାଇଁଙ୍କ ନିର୍ଦ୍ଦେଶରେ ଗ୍ରାମବାସୀ ସେଠାରେ କୂଅ ଖୋଳି ଥିଲେ। ଆଜି ପର୍ଯ୍ୟନ୍ତ ଯେତେ ହାଇପାୱାର ମୋଟର ଲଗାଇ କୂଅର ପାଣିକୁ ନିଷ୍କାସନ କରି ଶୁଖାଇଲେ ସୁଦ୍ଧା ମାତ୍ର କେଇ ମିନିଟ ମଧ୍ୟରେ ପୁଣି କୂଅରେ ପାଣି ଦେଖାଯାଏ। ଆଜିର ଡିଜିଟାଲ ଯୁଗରେ ଏହି ୮ ଫୁଟର କୂଅ ଓ ଏହାର ଇତିହାସ ଏବେ ବି ଅନେକ ଅସମାହିତ ପ୍ରଶ୍ନ ସୃଷ୍ଟି କରୁଛି। ■



ଜୟକୃଷ୍ଣ ସେଠ
ସୁନ୍ଦରଗଡ଼

**ବହୁ ପ୍ରାଚୀନ କାଳରୁ ଆମ ଦେଶରେ ଔଷଧୀୟ ବୃକ୍ଷକୁ ଉପଯୋଗ କରି ଚିକିତ୍ସା କରାଯିବାର ପରମ୍ପରା ରହି ଆସିଛି। ମାତ୍ର ଦିନକୁ ଦିନ ଏହିସବୁ ଔଷଧୀୟ ବୃକ୍ଷଗୁଡ଼ିକ ନଷ୍ଟ ହୋଇଯାଉଛି। ସାମ୍ପ୍ରତିକ ସ୍ଥିତିରେ ଗଛକୁ ଭଲ ପାଇ ଏକ ଔଷଧୀୟ ଉଦ୍ୟାନ ସୃଷ୍ଟି କରିବାର ବିରଳ ପରମ୍ପରା ସୃଷ୍ଟି କରିଛି ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଝୁରିମାଲ ଗାଁ ଦେଖିବାକୁ ମିଳିଛି। ଏହାର ସୁରକ୍ଷା ପାଇଁ ମୁଖ୍ୟ କର୍ଣ୍ଣଧାର ସାଜିଛି ଗ୍ରାମର ବନ ସୁରକ୍ଷା ସମିତି।**

# ସଞ୍ଜୀବନୀ ବାଟିକା ସୁରକ୍ଷାରେ ...



ଝୁରିମାଲ ଗାଁର ଏକତା, ସହଭାଗିତା, ଭାଇଚାରାର ପରମ୍ପରା ରାଜ୍ୟ ତଥା ଦେଶରେ ପ୍ରସିଦ୍ଧ। ଏହି ଗାଁର ବନ ସୁରକ୍ଷା ସମିତି ତରଫରୁ ଶ୍ରମଦାନ ମାଧ୍ୟମରେ କରାଯାଇଛି ଅନେକ ଅଭିନବ କାର୍ଯ୍ୟ। ସୃଷ୍ଟି କରାଯାଇଛି ଅନେକ ସାମୁହିକ ସମ୍ପତି। ଗାଁର ପ୍ରତ୍ୟେକ ମହିଳାମାନଙ୍କ ଗଛକୁ ରାକ୍ଷୀ ବାନ୍ଧିବାର ନିଆରା ପରମ୍ପରା ରହି ଆସିଛି। ସେହିପରି ଏହି ଗାଁ ପ୍ରତ୍ୟେକ ପରିବାର ପାଇଁ ଗୋଟିଏ ଗୋଟିଏ

ଗଛ ଲଗାଇ ଆଜୀବନ ସୁରକ୍ଷାର ଶପଥ ନେବାର ଅବିଶ୍ୱସନୀୟ ସଂସ୍କୃତି କ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ସାମୂହିକ ଇତିହାସର ପରମ୍ପରା ସୃଷ୍ଟି କରିଛି। କୌଣସି ସରକାରୀ ଅନୁଦାନକୁ ଅଧିକ ଆଶା ଓ ଭରସା ନ କରି ସାମୂହିକ ଶ୍ରମଦାନ କୁ ନିଜର ପ୍ରମୁଖ ଅସ୍ତ୍ର ରୂପରେ ବ୍ୟବହାର କରି ଗାଁ ବନ ସୁରକ୍ଷା ସମିତି ନେତୃତ୍ୱରେ ଏକ ଔଷଧୀୟ ଉଦ୍ୟାନ ସୃଷ୍ଟି କରାଯାଇଛି। ଗତ ୨୦୨୨ ଜୁଲାଇ ୧୬ ତାରିଖ ଦିନ ବନ ସୁରକ୍ଷା ସମିତି ଦ୍ୱାରା ନିଜସ୍ୱ ଉଦ୍ୟମରେ ଶ୍ରମଦାନ ମାଧ୍ୟମରେ ଗ୍ରାମର ତିନି ଏକର ପରିମିତ ଜମିରେ



ଔଷଧୀୟ ଉଦ୍ୟାନ 'ସଞ୍ଜୀବନୀ ବାଟିକା'ଆରମ୍ଭ କରା ଯାଇଥିଲା। ଏହି ଔଷଧୀୟ ଉଦ୍ୟାନରେ ପ୍ରଥମ ପର୍ଯ୍ୟାୟରେ ୫୬ ପ୍ରକାରର ଔଷଧୀୟ ବୃକ୍ଷ, ଲତା, ଗୁଳ୍ମ ଆଦି ରୋପଣ କରାଯାଇଥିବା ବେଳେ ବର୍ତ୍ତମାନର ସମୟରେ ଏହି 'ସଞ୍ଜୀବନୀ ବାଟିକା' ରେ ୧୦୦ରୁ ଅଧିକ ଔଷଧୀୟ ବୃକ୍ଷ, ଲତା, ଗୁଳ୍ମ ମହଜୁଦ ରହିଛି। ଆଞ୍ଚଳିକ ଔଷଧୀୟ ଗଛ ହରିଡା, ବାହାଡା, ଅଁଳା ସାଙ୍ଗକୁ କର୍ପୁର, ଅଳେଇଚ, ଲବଙ୍ଗ, ବ୍ରହ୍ମକମଳ, ଡାଲଚିନି, କୁମକୁମ, ଗୋଲମରିଚ ଇତ୍ୟାଦି ଶତାଧିକ ଗଛ, ଲତା, ଗୁଳ୍ମ ଏହି ଔଷଧୀୟ ବାଟିକାର ଶୋଭା ବର୍ଦ୍ଧନ କରୁଛି। ସଞ୍ଜିବନୀ ବାଟିକାର ପରିକଳ୍ପନା କରିଥିବା ଝୁରିମାଲ ବନ ସୁରକ୍ଷା ସମିତିର ମୁଖ୍ୟ ଉପଦେଷ୍ଟା ଦିଗାମ୍ବର ଉପାଧ୍ୟାୟଙ୍କ ଏକ ଶିକ୍ଷଣୀୟ ପୁସ୍ତିକା ପ୍ରସ୍ତୁତ କରା ଯାଇଛି ଯେଉଁଥିରେ ପ୍ରତ୍ୟେକ ଔଷଧୀୟ ବୃକ୍ଷ, ଲତା, ଗୁଳ୍ମର ସବିଶେଷ ତଥ୍ୟ ଲିପିବଦ୍ଧ କରା ଯାଇଛି। ■



# ଗୁଡ଼ ମର୍ଣ୍ଣିଂ ଓଡ଼ିଶା





ରାଜ୍ୟର କେତେକ ପ୍ରମୁଖ ଶକ୍ତିପୀଠରେ ମାଛ ଭୋଗ ହେବାର ପରମ୍ପରା ରହିଛି । ତେବେ ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳରେ ଥିବା ମା' ବାଲି ହରଚଣ୍ଡୀଙ୍କ ପୀଠରେ ମାଛକଣ୍ଟା ପୂଜା ପାଇ ଆସୁଛି । ଯାହାକୁ ଦେଖିବା ପାଇଁ ରାଜ୍ୟର କୋଣ ଅନୁକୋଣ ସମେତ ରାଜ୍ୟ ବାହାରର ବହୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ । ବିଶେଷକରି ରଜରେ ଏଠାରେ ଭକ୍ତଙ୍କ ସମାଗମ ପରିଲକ୍ଷିତ ହୋଇଥାଏ । ଏଠାରେ ଥିବା ଦୀର୍ଘବର୍ଷର ମାଛକଣ୍ଟାକୁ ଶ୍ରଦ୍ଧାଳୁମାନେ ମୁଣ୍ଡିଆ ମାରି ମା'ଙ୍କ ଦର୍ଶନ ପାଇଁ ଭିତରକୁ ପ୍ରବେଶ କରିଥାନ୍ତି । ଏଭଳି ଏକ ବିରଳ ମାଛକଣ୍ଟା ପୂଜା ସମ୍ପର୍କରେ **ରଞ୍ଜନା ନାୟକ**ଙ୍କ ସ୍ୱତନ୍ତ୍ର ଉପସ୍ଥାପନା ।

## ମନ୍ଦିର ଓ ବିଗ୍ରହ



ଏହି ପ୍ରସିଦ୍ଧ ଶକ୍ତି ପୀଠକୁ ପୁରୀ-ସାତପଡ଼ା ଜାତୀୟ ରାଜପଥର କାଠୁଆରେଡି ଛକରୁ ପଲଙ୍କ ଗ୍ରାମ ମଧ୍ୟ ଦେଇ ଏକ ପିଚୁ ରାସ୍ତା ଲମ୍ବିଯାଇଛି । ସମୁଦ୍ରପଉନ ଠାରୁ ୭୦ ଫୁଟ୍ ଉଚ୍ଚର ଏକ ବିରାଟ ବାଲୁକାସ୍ତୂପ ଉପରେ ୮୦ ଫୁଟ ଲମ୍ବ ଓ ୮୦ ଫୁଟ ଓସାର ପ୍ରସ୍ତର ମଣ୍ଡପ ଉପରେ ମା' ହରଚଣ୍ଡୀଙ୍କ ମନ୍ଦିର ବିଦ୍ୟମାନ । ମନ୍ଦିରର ଉଚ୍ଚତା ୭୦ ଫୁଟ୍ ହେବ । ଏହି ମନ୍ଦିରରଟି ପଞ୍ଚରଥ ବିଶିଷ୍ଟ ରେଖା ମନ୍ଦିର ଅଟେ । ମନ୍ଦିରର ବେଢ଼ାକୁ ଚାନ୍ଦିନୀକୁ ଲାଗି ରହିଛି ଏକ ଛୋଟ ଶିବ ମନ୍ଦିର । ଏଠାରେ ଚଣ୍ଡେଶ୍ୱର ମହାଦେବ ପୂଜା ପାଉଛନ୍ତି । ସେହିଭଳି ମା' ବାଲି ହରଚଣ୍ଡୀଙ୍କ ବିଗ୍ରହ ୪ ଫୁଟ ଉଚ୍ଚର ଏକ କଳା ମୁଗୁନି ଶିଳାରେ ନିର୍ମିତ ଅଷ୍ଟଭୁଜା ମୂର୍ତ୍ତି । ମହିଷାସୁରକୁ ନିଧନ କରୁଥିବା ମୁଦ୍ରାରେ ରହିଛନ୍ତି ।



## ବାଲି ହରଚଣ୍ଡୀ ପୀଠରେ ନିଆରା ପରମ୍ପରା

# ପୂଜା ପାଉଛି ମାଛକଣ୍ଟା

ରାଜ୍ୟରେ ଶକ୍ତି ଉପାସନା ପରମ୍ପରା ବହୁ ପ୍ରାଚୀନ । ଏହା 'ତନ୍ତ୍ରସାର' ଗ୍ରନ୍ଥରୁ ପ୍ରତୀୟମାନ ହୋଇଥାଏ । ପୁରପଲ୍ଲୀର ରକ୍ଷାକର୍ତ୍ତା ରୂପେ ମା' ଆରାଧିତ । ପର୍ବପର୍ବଣି, ବିବାହ, ବ୍ରତ, ଉତ୍ସବ ପ୍ରତ୍ୟେକ ଶୁଭ ମାଙ୍ଗଳିକ କାର୍ଯ୍ୟରେ ମା' ଶକ୍ତିମୟୀଙ୍କ ମାଜଣା, ବନ୍ଦାପନା କରାଯାଇ କୃପା କାମନା କରାଯାଏ । ସମଗ୍ର ଓଡ଼ିଶା ରାଜ୍ୟରେ ହଜାର ହଜାର ପ୍ରଚୀନ ଶକ୍ତିପୀଠ ବିଦ୍ୟମାନ । ଏହି ଶକ୍ତିପୀଠଗୁଡ଼ିକର ଭୌଗୋଳିକ ସ୍ଥିତି ମଧ୍ୟ ବିଚିତ୍ର । ଅନୁଧ୍ୟାନ କଲେ ଜଣାଯାଏ, ଦେବୀଙ୍କ ପୀଠ ନିଘଞ୍ଚ ଜଙ୍ଗଲ, ଜନବସତି ଶୂନ୍ୟ ଅଞ୍ଚଳରେ ତ କେଉଁଠି ଘଞ୍ଚ ଜନବସତି ଅଞ୍ଚଳରେ, ପୁଣି ନଦୀ ତୀରରେ ଆଉ କେଉଁଠି ସମୁଦ୍ର ପାଖରେ ଓ ଆଉ କେତେକ ପୀଠ ବାଲୁକା ସ୍ତୂପ ଉପରେ ଏବଂ ଆଉ କେତେକ ପାହାଡ଼ର ପାଦଦେଶରେ ଥିବା ବେଳେ କେତେକ ପାହାଡ଼ର ଶୀର୍ଷ ଭାଗରେ ରହିଛି । ଏହି ପୀଠଗୁଡ଼ିକ ମଧ୍ୟରୁ ଓଡ଼ିଶାର ସାଂସ୍କୃତିକ ଏବଂ ପର୍ଯ୍ୟଟନ ବିଭାଗର ସ୍ୱୀକୃତି ତଥା ସରକାରୀ ମାନ୍ୟତା ପ୍ରଦାନ କରାଯାଇଥିବା ଏବଂ ଓଡ଼ିଶା ପର୍ଯ୍ୟଟନ ବିଭାଗ ମାନଚିତ୍ରରେ ବ୍ରହ୍ମଗିରି ଅଞ୍ଚଳରେ ଥିବା ବାଲି ହରଚଣ୍ଡୀ ମନ୍ଦିର ସ୍ଥାନ ପାଇଛି ।



## ପାରମ୍ପରିକ ପନିକି ପୂଜା

ସେହିଭଳି ମନ୍ଦିର ପରିସରରେ କାହୁଁ କେବେଠାରୁ ଏକ ବଡ଼ ପନିକି ପୂଜା ପାଇ ଆସୁଛନ୍ତି । ପନିକିଟି ରଜ ସମୟରେ ସୁଜ୍ଜିତ ଭାବେ ରଖଯାଇ ପୂଜା କରାଯାଉଛି । ଏହି ପନିକିଟି କେବେଠାରୁ ଓ କାହିଁକି ଏଠାରେ ପୂଜା ପାଉଛି ସେ ସମ୍ପର୍କରେ କେହି କହିପାରୁ ନ ଥିଲେ ମଧ୍ୟ ଏହାକୁ ପୂଜା କରିବା ପାଇଁ କାହୁଁ କେବେଠାରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇ ଆସୁଛି ।

## ସଂକ୍ରାନ୍ତିରେ ମହାଲକ୍ଷ୍ମୀ, ଭୂମିଦହନରେ ସରସ୍ୱତୀ



ଶେଷ ରଜ ବା ବସୁମତୀ ସ୍ନାନଦିନ ଚନ୍ଦନ ହଜୁରୀଙ୍କ ପକ୍ଷରୁ ମା'ଙ୍କ ପାଇଁ ସମସ୍ତ ମାଜଣା ସାମଗ୍ରୀ ଆସିଥାଏ । ମା' ସେହିଦିନ ମହାକାଳୀ ବେଶରେ ଦର୍ଶନ ଦେଇଥାନ୍ତି । ତାଛଡ଼ା ସମୁଦ୍ର ମଧ୍ୟ ଦେଇ ଆଣ୍ଡାମାନ ନିକୋବର ଦ୍ୱୀପରୁ ମା'ଙ୍କ ଦର୍ଶନ ପାଇଁ ଲୋକ ଆସିଥାନ୍ତି ବୋଲି ପୁରୋହିତ କହିଛନ୍ତି ।

ସାବିତ୍ରୀରେ ମା'ଙ୍କ ପାଇଁ ବ୍ରହ୍ମଗିରି ବ୍ଲକର ପାଞ୍ଚପଡ଼ା, ମାତାଳାପୁର, ଧରଣାକୁଦୀ, ନହରବାଲି, କୂଅପଦା, ଖେତାଣ୍ଡିକୁ ଏହି ପାଞ୍ଚପଡ଼ାରୁ ଏକ ବିପର୍ଯ୍ୟୟରୁ ଉଦ୍ଧାର କରିଥିବାରୁ ମା'ଙ୍କୁ ଏହି ଗ୍ରାମର ଲୋକମାନେ ଝିଅ ବୋଲି ସମ୍ବୋଧନ କରନ୍ତି ଏବଂ ତାଙ୍କ ପାଇଁ ପ୍ରତିବର୍ଷ ସାବିତ୍ରୀ ଅମାବାସ୍ୟାରେ ଭାର ନେଇ ଆସିଥାନ୍ତି ।

### ପହିଲି ରଜରେ ମା' କୁମାରୀବେଶ

ମନ୍ଦିର ପକ୍ଷରୁ ମା'ଙ୍କ ବାପଘର ଭାବିକି ବହୁତ ସମ୍ମାନ କରାଯାଏ । ଏଥି ସହିତ ଜାଗର ଦିନ ତେଲୁଗୁ ସମ୍ପ୍ରଦାୟର ଲୋକେ ଆସି ମା'ଙ୍କ ପାଖରେ କୁକୁଡ଼ା, ବୋଦା, ଛେଳି, ଆଦି ବଳି ଦେଇ ରୋଷେଇ କରନ୍ତି । ପହିଲି ରଜରେ ମା' କୁମାରୀବେଶ ହୋଇଥାନ୍ତି ।

## ମା'ଙ୍କ ମାଛଭୋଗ

ମା'ଙ୍କୁ ପାଖରେ ବର୍ଷସାରା ଆମିଷ ଭୋଗ ହୋଇଥାଏ । ପାଖ ଗାଁର ଲୋକମାନେ ଏହି ମାଛକୁ ଦେଇଥାନ୍ତି । ବାଲଭୋଗରେ, ଖଇ, କଦଳୀ, ଚୁଡ଼ାଭଜା, ଲାଗିହୋଇଥାଏ । ସଂଖୁଡ଼ିରେ ଆରୁଆ ଅନ୍ନ, ଡାଲି, ମାଛବେସର, ଖିରି ଲାଗିହୋଇଥାଏ । ସନ୍ଧ୍ୟା ଧୂପରେ ମା'ଙ୍କୁ ଅଟା କାକରା ଲାଗି ହୋଇଥାଏ । ରାତିରେ ଖେଚୁଡ଼ି ସହିତ ମାଛ ବେସର ଲାଗି ହୁଏ । ମା'ଙ୍କ ବିଛଣା ଯିବା ପୂର୍ବରୁ ମନ୍ଦିର ଧୂଆ ହୋଇ ମହାପ୍ରସାଦ ଲାଗି ହେବାପରେ ମା' ବିଛଣା ଯାଆନ୍ତି ।



## ମା'ଙ୍କ ପର୍ବପର୍ବାଣି

ବର୍ଷସାର ସମସ୍ତ ପର୍ବ ମା'ଙ୍କ ପାଖରେ ପାଳନ ହୋଇଥାଏ । ହେଲେ ମୁଖ୍ୟ ପର୍ବ ହେଉଛି ରଜପର୍ବ । ମା'ଙ୍କୁ ରଜର ରାଣୀ ବୋଲି କହିଥାନ୍ତି । ରଜ ପର୍ବରେ ମାଙ୍କ ପାଖରେ ଏବ ବିରାଟ ମେଳା ବସେ । ଏହା ସହିତ ବ୍ରହ୍ମଗିରି, କୃଷ୍ଣପ୍ରସାଦ, ପୁରୀ ସଦର ବ୍ଲକର ପ୍ରାୟ ୧୦୦ରୁ ଅଧିକ ଗ୍ରାମବାସୀ ଆସି ଅସ୍ଥାୟୀ ଭାବରେ ଚାରିଦିନ ପାଇଁ ଛାପା(କ୍ୟାମ୍ପ) ପକାଇ ରହିଥାନ୍ତି । ମାଛ, କୁକୁଡା, ବୋଦା ବଳି ପକାଇ ରୋଷେଇ କରି ଏକାଠି ବସି ଖିଆପିଆ କରନ୍ତି । ଏହି ମେଳାରେ ବହୁତ ସଂଖ୍ୟାରେ ଲୋକଙ୍କ ସମାଗମ ହୁଏ ।




## ସ୍ୱପ୍ନାଦେଶରୁ ପ୍ରସାଦ ଭୋଗ

ମନ୍ଦିର ପୁରୋହିତ ନୀଳମଣି ସୁଆରଙ୍କ କହିବା ଆନୁସାରେ ଏକଦା ମା' ଜଗନ୍ନାଥଙ୍କ ମନ୍ଦିରକୁ ଯାଉଥିଲେ । ଦୋଳମଣ୍ଡପ ସାହିର ବନମାଳୀ କରଙ୍କ ଧର୍ମପତ୍ନୀ ମା'ଙ୍କୁ ଦେଖି ପଚାରିଲେ, କିଏ ତମେ ସବୁବେଳେ ଯିବା ଆସିବା କରୁଛ । ମା' ନିଜ ପରିଚୟ ଦେଇ ଚାଲିଆସିଲେ । ରାତିରେ ସ୍ୱପ୍ନ ହେଲା ବନମାଳୀ କରଙ୍କ ଧର୍ମପତ୍ନୀଙ୍କୁ । ମା' କହିଲେ, ମୁଁ ତମ ସହିତ ସଙ୍ଗାତ ବସିଛି । କିନ୍ତୁ କାହାକୁ କିଛି ଏହି ବିଷୟରେ କହିବ ନାହିଁ । ସେବେଠାରୁ ମା'ଙ୍କ ପାଇଁ ବନମାଳୀ କରଙ୍କ ପରିବାର ତରଫରୁ ଜଗନ୍ନାଥଙ୍କ ଆଜ୍ଞାମାଳ ଓ ମହାପ୍ରସାଦ ପ୍ରତିଦିନ ନରସିଂହ ପାଟଣାର ଏକ ଗୋପାଳ ହାତରେ ପଠାଇ ଦିଅନ୍ତି । ୨୦୧୪ ମସିହାରେ ଦିନେ ଭୁବନେଶ୍ୱରର ଧନଞ୍ଜୟ କୁମାର ଡଗରା ନାମକ ଜଣେ ବ୍ୟକ୍ତି ସପରିବାର ମା'ଙ୍କ ଦର୍ଶନ ପାଇଁ ଆସିଥାନ୍ତି । ସେ ସମସ୍ତ କଥା ଜାଣିବା ପରେ ମାଙ୍କ ପାଇଁ ପୁରୀରୁ ମହାପ୍ରସାଦ ଆଣିବା ପାଇଁ ଗୋଟିଏ ଲୋକକୁ ନିଯୁକ୍ତ କରିଲେ । ସେବେଠାରୁ ମା'ଙ୍କ ପାଇଁ ନିୟମିତ ମହାପ୍ରସାଦ ଆସୁଛି ।

# ୭୦ ବର୍ଷ ତଳର ମାଛକଣ୍ଟା



ଲୋକକଥା ଅନୁସାରେ ୭୦ ବର୍ଷ ତଳେ ସମୁଦ୍ରରେ ଗୋଟେ ବିରାଟ ତିମି ମାଛର ମୃତଦେହ ଭାସୁଥିଲା । ସମୁଦ୍ରରେ ମାଛ ମରିଥିଲା ହେଲେ ତାର ଦୁର୍ଗନ୍ଧ ଅଞ୍ଚଳ ସାରା ଫାଟି ପଡୁଥିଲା । ଏହି ଦୁର୍ଗନ୍ଧରେ ଲେକମାନେ ଅତିଷ୍ଠ ହୋଇପଡ଼ିଲେ । ସମସ୍ତେ ମିଶି ସେହି ମାଛକୁ ଗାତ ଖୋଳି ବାଲିରେ ପୋତିବା ସହିତ ତାର ବଡ଼ ଗାଲିସି ଦୁଇଟିକୁ ନେଇ ଆସିଲେ ମା'ଙ୍କ ଦ୍ୱାର ବନ୍ଧ କରିବା ଉଦ୍ଦେଶ୍ୟରେ । ଯେହେତୁ ତନ୍ତ୍ରଶକ୍ତି ପୀଠ ଭାବରେ ମା' ବିଦିତ ସେଥିପାଇଁ ସେହି ମାଛକଣ୍ଟା ମା'ଙ୍କ ପାଖକୁ ଆସିଲା । ପୁରୋହିତମାନେ ମିଶି ମୁକ୍ତି ମଣ୍ଡପରେ ବୁଝିବା ପରେ ପଣ୍ଡିତମାନେ କହିଲେ ଯେହେତୁ ମା'ଙ୍କୁ ମହାପ୍ରସାଦ ଅର୍ପଣ କରାଯାଉଛି ଏହି ମାଛ କଣ୍ଟାରେ ଦ୍ୱାରବନ୍ଧ ହେଲେ ମହାପ୍ରସାଦ ଦ୍ୱାରବନ୍ଧ ଦେଇ ଯାଇ ପାରିବନାହିଁ ସେଥିପାଇଁ ଆଉ ଦ୍ୱାରବନ୍ଧ କରାଗଲା ନାହିଁ । ସେମିତି ହିଁ ତାକୁ ରଖାଯାଇ ଫୁଲ ପାଣି ଟିକେ ଦିଆଯାଉଅଛି ବୋଲି ମନ୍ଦିର ପୂଜକ ନୀଳମଣି କୁହନ୍ତି ।



## ମସ୍‌ଜିଦ୍‌ରେ ବି ମାଛକଣ୍ଟା

ପୁରୀ-ସାତପଡ଼ା ରାସ୍ତାର ଯିବା ବେଳେ ପଣସପଦା ନିକଟ ଭଗବାନପୁର ମୁସଲମାନ ବସ୍ତିରେ ୨ଟି ମସ୍‌ଜିଦ୍‌ରେ ରହିଛି ମାଛ କଣ୍ଟା । କାଦିମଦାର୍ ଦୟାନ ମହମ୍ମଦ କହିବାନୁଯାୟୀ ୧୯୮୫ ମସିହାରେ ସମୁଦ୍ରରେ ଭାସୁଥିବା ଏକ ବିଶାଳ ମାଛର ମୃତଦେହ ପୋତାଯାଇଥିଲା । ଏହାର ତିନିବର୍ଷ ପରେ ସେହି ସ୍ଥାନକୁ ଖୋଳିବା ପରେ ସେହି ମାଛର ପାଟି ଭିତରେ ଥିବା ମାଢ଼ିର ଅଂଶକୁ ଅଣାଗଲା ସେହି ମାଢ଼ିର ଦୁଇପଟକୁ କାଟି ମସ୍‌ଜିଦରେ ଦୁଆରବନ୍ଧ କରାଗଲା ।







## ରଜ ସଂକ୍ରାନ୍ତିରେ ନନ୍ଦନକାନନ ଭିଡ଼

ନନ୍ଦନକାନନ,୧୫।୬(ସମିସ): ଚଳିତବର୍ଷ ପହିଲି ରଜଠାରୁ ରଜ ସଂକ୍ରାନ୍ତିରେ ନନ୍ଦନକାନନରେ ଅଧିକ ପର୍ଯ୍ୟଟକଙ୍କ ଭିଡ଼ ହୋଇଛି । ଗୁଳୁଗୁଳି ପାଗ ସତ୍ତ୍ୱେ ବହୁ ମାତ୍ରରେ ପର୍ଯ୍ୟଟକ ନନ୍ଦନକାନନରେ ରଜ ମଉଜ କରିଛନ୍ତି । ନନ୍ଦନକାନନ



**ବୁଲିଲେ ୨୮ ୫୨୦ ପର୍ଯ୍ୟଟକ**

**୧୨ଲକ୍ଷରୁ ଊର୍ଦ୍ଧ୍ୱ ରାଜସ୍ୱ ସଂଗ୍ରହ**

କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ଆଜି ୨୮ ହଜାର ୫୨୦ଜଣ ପର୍ଯ୍ୟଟକ ଏବଂ ରାଜ୍ୟ ଉଦ୍ଭିଦ ଉଦ୍ୟାନ (ବଟାନିକାଲ ଗାର୍ଡେନ)କୁ ୧୮ ୮୭ଜଣ ପର୍ଯ୍ୟଟକ ବୁଲିବାକୁ ଆସିଛନ୍ତି । ଉପ ନିର୍ଦ୍ଦେଶକ ସନଥ ନାରାୟଣଙ୍କ ସୂଚନା ଅନୁସାରେ ଅଫ୍‌ଲାଇନ୍‌ରେ ୨୬ହଜାର ୯୦୦ ଓ ଅନ୍‌ଲାଇନ୍‌ରେ ୫୭୮ ଏବଂ ହ୍ୱାଟ୍ସଆପ୍ ଜରିଆରେ ୧୦୦୭, ରୋପ ୱେ'ରେ ୨୧ଜଣ ଏବଂ ୧୪ଜଣ ଭିନ୍ନକ୍ଷମ ପର୍ଯ୍ୟଟକ ଆସିଛନ୍ତି । ଟିକେଟ କାଉଣ୍ଟରରେ ମୋଟ ୧୧ ଲକ୍ଷ ୭୩ହଜାର ୮୦ଟଙ୍କା ରାଜସ୍ୱ ସଂଗ୍ରହ ହୋଇଛି । ହ୍ୱାଟ୍ସ ଆପରେ ୪୫ହଜାର ୭୫୫ ଓ ରୋପ ୱେ'ରୁ ୮୯୦ଟଙ୍କା ରାଜସ୍ୱ ସଂଗ୍ରହ ହୋଇଛି ।

## ରଘୁନାଥନଗରରେ ରଜ ମହୋତ୍ସବ

ଭୁବନେଶ୍ୱର, ୧୫।୬(ସମିସ): ରଘୁନାଥନଗର ଉନ୍ନୟନ କ୍ଲବ, ଶିଶୁପାଳଗଡ଼ ପକ୍ଷରୁ ରଘୁନାଥନଗରଠାରେ ରଜ ମହୋତ୍ସବ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଦୁଃଶାସନ ଜେନା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଶହେରୁ ଊର୍ଦ୍ଧ୍ୱ ପିଲାଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ଜଣାଅଜଣା, ଚିତ୍ରାଙ୍କନ, ପୁଚି ଖେଳ ପ୍ରତିଯୋଗିତା କରାଯାଇଥିଲା । ମହିଳା ଓ କୁନିକୁନି ପିଲାମାନେ ରଜ ଦୋଳି, ରଜ ପାନ, ରଜ ପିଠା ଖାଇ ରଜ ମହୋତ୍ସବକୁ ଉପଭୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଉପସ୍ଥିତ ରହି ରଜଗୀତ ଗାଇଥିଲେ । ରଘୁନାଥ ନଗରର ଉନ୍ନତି ହେବା ସଙ୍ଗେ ସଙ୍ଗେ ମହିଳାମାନଙ୍କର ବିକାଶ, ସମସ୍ୟା କିପରି ପୂରଣ ହୋଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କ୍ଲବ୍‌ର ସଭାପତି କ୍ୟାପଟେନ୍ ସୁନାକର ମହାପାତ୍ର, ସମ୍ପାଦକ ଡକ୍ଟର କ୍ଷେତ୍ରମୋହନ ମିଶ୍ରଙ୍କ ସହିତ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ ।



## ରଜ ମେଳାରେ ଭଳିକିଭଳି ଦୋଳି



ଭୁବନେଶ୍ୱର, ୧୫।୬(ସମିସ): ରାଜ୍ୟସାରା ଏବେ ରଜର ମାହୋଲ । ବିଭିନ୍ନ ସ୍ଥାନରେ ଦୋଳି ସହିତ ଜମୁଛି ମେଳା ଓ ସାଂସ୍କୃତିକ ମହୋତ୍ସବ । ସେହପରି ରାଜଧାନୀରେ ମଧ୍ୟ ରଜ ପାଳିବା ସହିତ ରଜ ମହୋତ୍ସବର ଆୟୋଜନ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି । ନୂଆପଲ୍ଲୀ, ଖଣ୍ଡଗିରି, ସହିଦ ନଗର ଓ ପାତ୍ରପଡ଼ାରେ ରଜ ମହୋତ୍ସବକୁ ଧୁମ୍‌ଧାମ୍‌ରେ ପାଳୁଛନ୍ତି ସହରବାସୀ । ରଜ ମହୋତ୍ସବରେ ବିଭିନ୍ନ ପ୍ରକାର ଦୋଳି ପାଖରେ ଗହଳି ଦେଖିବାକୁ ମିଳୁଛି । ରାମ ଦୋଳି, ଟୋରାଟୋରା, ବ୍ରେକ୍ ଡ୍ୟାନ୍ସ, ଡ୍ରାଗନ ଦୋଳି ଆଦି ମେଳାର ବିଶେଷ ଆକର୍ଷଣ ପାଲଟିଛନ୍ତି । ସେହିପରି ବିଭିନ୍ନ ଫୁଡ୍ କୋର୍ଟରେ ଚାଉମିନ, ପକୋଡ଼ା, ଚାଟ୍, ରୋଲ, ମଥୁରା କେକ୍, ବିଭିନ୍ନ ପିଠା ଷ୍ଟଲ ଦେଖିବାକୁ ମିଳୁଛି । ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭିଡ଼ ପରିଲକ୍ଷିତ ହେଉଛି । ଏହି ମେଳା ସନ୍ଧ୍ୟା ୬ ଟାରୁ ଅଧିକ ଭିଡ଼ ଆରମ୍ଭହୋଇ ରାତି ୧୦ ଯାଏଁ ଲୋକଗହଳି ରହୁଛି । ସନ୍ଧ୍ୟାରେ ଭଜନ ସନ୍ଧ୍ୟାରେ ମଧ୍ୟ ଆୟୋଜନ ହେଉଛି । ରାତିର କାର୍ଯ୍ୟକ୍ରମରେ ସଙ୍ଗୀତ ଓ ନୃତ୍ୟର ବ୍ୟବସ୍ଥା ମଧ୍ୟ କରାଯାଇଛି । ମେଳାରେ ପଡ଼ିଥିବା ପାନ ଦୋକାନରେ ଲୋକ ବେଶ୍ ଖୁସିରେ ଭିନ୍ନ ଭିନ୍ନ ସ୍ୱାଦର ପାନ ଚାଖୁଛନ୍ତି । ସେଥିମଧ୍ୟରୁ ବର୍ତ୍ତମାନ ସ୍ମୋକିଂ ପାନର ଚାହିଦା ଅଧିକ ରହୁଛି ବୋଲି ଦୋକାନୀ କହିଥିଲେ ।

## ସ୍ନେହ ଫାଉଣ୍ଡେସନ ପକ୍ଷରୁ ରଜ ମଉଜ

ଭୁବନେଶ୍ୱର, ୧୫।୬(ସମିସ): ସୋସାଇଟି ଫର ନେଚର୍ ଏଜୁକେସନ ଆଣ୍ଡ ହେଲଥ୍ ବା ସ୍ନେହ ଫାଉଣ୍ଡେସନ୍ ପକ୍ଷରୁ ରଜ ମଉଜ ମେ'ଫେୟାରସ୍ଥିତ ଏକ ପ୍ରଶିକ୍ଷଣ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩ ଶହରୁ ଊର୍ଦ୍ଧ୍ୱ ବସ୍ତି ପିଲା, ମହିଳା ଏବଂ ବୃଦ୍ଧବୃଦ୍ଧା ଯୋଗ ଦେଇଥିଲେ । ପିଲାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣର ବିକାଶ କରିବା ଓ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି ଅବସରରେ ପିଲାଙ୍କ ପାଇଁ ବିଭିନ୍ନ ରଙ୍ଗୋଲି, ମେହେନ୍ଦୀ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ସେହିପରି ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ଫାଉଣ୍ଡେସନର ସଭାପତି ସୁବାଷ ଘୋଷ ଏହି କାର୍ଯ୍ୟକ୍ରମକୁ ମହିଳାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ବୋଲି କହିଥିଲେ । ଏଥିରେ ସିନେ ତାରକା, ଶିକ୍ଷାବିତ୍, ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ ।



## ଜମିଲା ରଜ ମହୋତ୍ସବ

ନନ୍ଦନକାନନ, ୧୫।୬(ସମିସ)

ଉତ୍ତର ଭୁବନେଶ୍ୱର କଲ୍ୟାଣପୁରସ୍ଥିତ ସ୍ୱସ୍ତିବନରେ ଚାଲିଥିବା ରଜ ମହୋତ୍ସବରେ ଶନିବାର ସଂକ୍ରାନ୍ତିରେ ବହୁ ସମାଗମ ହୋଇଥିବା ଦେଖିବାକୁ ମିଳିଛି । ଭୁବନେଶ୍ୱର ଆଖପାଖ ସମେତ ଦୂରଦୂରାନ୍ତରୁ ବି ଲୋକମାନେ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଛନ୍ତି । ବିଧାୟକ ଅନନ୍ତ ନାରାୟଣ ଜେନା, ଶ୍ରୀମୟୀ ମିଶ୍ର ସାମିଲ ହୋଇ ଦୋଳି ଖେଳିଥିଲେ । ଗତକାଲି ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ, ସମ୍ମାନିତ ଅତିଥି ଭାବେ ଡେପୁଟି ମେୟର ମଞ୍ଜୁଲତା କହଁର ଯୋଗଦେଇ ଅନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁବାସ ଚନ୍ଦ୍ର ପାତ୍ର, ସନ୍ତୋଷ ନାଥ, ଜିଲ୍ଲା ପରିଷଦ ବବିତା ରାଉତ, କଲ୍ୟାଣପୁର ସମିତି ସଭ୍ୟ ଭୁବନ ମୋହନ ଦାସ, ବରିମୁଣ୍ଡ ସମିତିସଭ୍ୟା ସସ୍ମିତା ବରାଳ, କର୍ପୋରେଟର ମୋନାଲିସା ବେହେରା, ନିର୍ମଳ ରାଉତ, ମାଧବ ରାଉତ, ପୂର୍ବତନ ସରପଞ୍ଚ ଗୋପୀନାଥ ଦାଶ, ବୀରେନ୍ଦ୍ର ଜେନା, ଇଞ୍ଜଣା ଗ୍ରାମ ସଭାପତି ପ୍ରଦୀପ ଦାସ, ବିକ୍ରମ ସ୍ୱାଇଁ, ରାଜ କିଶୋର ସ୍ୱାଇଁ, ବସନ୍ତ ସ୍ୱାଇଁ, ସନତ ସ୍ୱାଇଁ, ସୁକାନ୍ତ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ । ସନତ ସ୍ୱାଇଁ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି ରଜ ମହୋତ୍ସବ ଚାରିଦିନ ଧରି ଚାଲିବ । ଏହି ଚାରି ଦିନରେ ବିଭିନ୍ନ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୁଚି ଖେଳ, କବାଡ଼ି ଖେଳ ଓ ନୃତ୍ୟ ଗୀତ ଆଦି ଅନୁଷ୍ଠିତ ହେବ ବୋଲି ଆୟୋଜକ ପ୍ରକାଶ କରିଛନ୍ତି । ରଜ ମଉଜ କରିବା ସହ ଲାଗିଥିବା ବିଭିନ୍ନ ପ୍ରକାର ଦୋଳିର ମଜା ନେବାକୁ ଭିଭିନ୍ନ ଅଞ୍ଚଳରୁ ହଜାରେ ହଜାରେ ସଂଖ୍ୟାରେ ଯୁବକ ଯୁବତୀ ଏଠାକୁ ଛୁଟି ଆସିଥିବା ଦେଖିବାକୁ ମିଳିଥିଲା । ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରସାଦ ସେବନ କରିଥିଲେ । ଏଥିରେ ଅରୁଆ ଅନ୍ନ, ଡାଲ୍‌ମା, ଖଟା ଆଦି ପ୍ରସ୍ତୁତ ହୋଇଥିଲା । ବୟୋଜ୍ୟେଷ୍ଠ ମାନେ ଆସି ପଶା ଖେଳିଥିଲେ । ସେହିଭଳି ଓଡ଼ିଆ ସଂସ୍କୃତି, ପରମ୍ପରାକୁ ନେଇ ପ୍ରଶ୍ନୋତ୍ତର ପ୍ରତିଯୋଗିତା କରାଯାଇଥିଲା । ପ୍ରବଳ ଗୁଳୁଗୁଳି ହେଉଥିବାବେଳେ ସ୍ୱସ୍ତିବନର ବନରଜୀରେ ନଈକୁଳିଆ ସୁଲୁସୁଲିଆ ପବନରେ ଆଶ୍ୱସ୍ତ ହୋଇଥିଲେ ।



## ମା' ଉତ୍ତରମୁଖୀ ପୀଠରେ ଘୋଡ଼ାନାଚ ପ୍ରତିଯୋଗିତା

ବାଲିଅନ୍ତା, ୧୫।୬(ସମିସ): ବାଲିଅନ୍ତା ବ୍ଲକ ଭୁବନପୁରର ଅଧିଷ୍ଠାତ୍ରୀ ଦେବୀ ମା' ଉତ୍ତରମୁଖୀ ପୀଠରେ ସପ୍ତାହବ୍ୟାପୀ ପାରମ୍ପରିକ ଲୋକନୃତ୍ୟ ଚଇତି ଘୋଡ଼ାନାଚ ପ୍ରତିଯୋଗିତା ଶନିବାରଠାରୁ ଆରମ୍ଭ ହୋଇଛି । ଏହା ୭ ଦିନ ଧରି ଚାଲିବ । ଖୋର୍ଦ୍ଧା ଜିଲ୍ଲା କାକରୁଦ୍ରପୁର, ଯାଜପୁର, କଟକ, ଜଗତସିଂହପୁର ଓ ଫୁଲନଖରା ଅଡ଼ାଳିଆରୁ ବିଭିନ୍ନ ପର୍ଯ୍ୟାୟରେ ନୃତ୍ୟ ପରିବେଷଣ କରୁଛନ୍ତି । ଏହି ଅବସରରେ ମା ଉତରମୁଖୀ ପ୍ରାଙ୍ଗଣରେ ବିଭିନ୍ନ ପ୍ରକାରର ଦୋଳି ଓ ଅସ୍ଥାୟୀ ମନୋହରୀ ଦୋକାନ ଲାଗିଛି । ଏହାକୁ ଦେଖିବାକୁ ଶହଶହ ଲୋକଙ୍କ ସମାଗମ ହୋଇଛି । ଭୁବନପୁର ଗ୍ରାମ ଉନ୍ନୟନ ପରିଷଦ ପକ୍ଷରୁ ଦୀର୍ଘବର୍ଷ ଧରି ଘୋଡ଼ା ନାଚ ପ୍ରତିଯୋଗିତା ଆୟୋଜନ କରିଆସୁଛନ୍ତି । କମିଟିର ସଭାପତି ଭିକାରୀ ଚରଣ ସାହୁଙ୍କ ସମେତ ରାକେଶ ସାହୁ, ଟିକମ ସାହୁ, ନାରାୟଣ ସାହୁ ଓ ଅନ୍ୟ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।



ରଜ ସଂକ୍ରାନ୍ତିରେ ଯାଁଳାରେ ନିଆଁରା ଝାମୁଯାତ୍ରା

## ପଶୁଙ୍କ ସହ ଦୁଇ ଭଉଣୀଙ୍କ ରଜ



ଭୁବନେଶ୍ୱର, ୧୫।୬(ସମିସ): କୁହାଯାଏ ରଜ ହେଉଛି ଝିଅ ମାନଙ୍କ ପର୍ବ । ଏହି ପର୍ବରେ ଝିଅ ଓ ମହିଳାମାନେ ସଜେଇ ହୋଇ ଦୋଳି ଖେଳିବାର ମଜା ନେବାକୁ ସାଙ୍ଗକୁ ରଜ ପାନ ଖାଇ ମଉଜ କରିଥାନ୍ତି । ଏହାସହ ଘରେ ଘରେ ପିଠାପଣାର ଆସର ଜମିଥାଏ । ହେଲେ ଏଥର ରଜରେ ଅଳତା, ନଖପାଲିସି ସାଙ୍ଗକୁ ମୁଣ୍ଡରେ ଟିପି ଟିପି ଚନ୍ଦନ ଲଗାଇଥିଲେ କୁକୁର ଓ ବାଛୁରୀ । କୁକୁରକୁ ନୂଆ ବସ୍ତ୍ର ପିନ୍ଧାଇ ସେମାନଙ୍କୁ ସଜେଇବା ସହ ପିଠା ଖୁଆଇ ନିଆରା ରଜ ପାଳନ କରିଥିଲେ ଖଣ୍ଡଗିରି ଅଞ୍ଚଳର ଦୁଇ ଭଉଣୀ ବର୍ଷା ଓ ପୂଜା । ସେହିପରି ବୁଲା ଗୋରୁଙ୍କୁ ଗାଧୋଇ ଦେଇ ନୂଆ ବସ୍ତ୍ର ପିନ୍ଧାଇ ଅଳତା, ସିନ୍ଦୂର, ଚନ୍ଦନ ଲଗାଇ ସୁନ୍ଦର ଭାବେ ସଜେଇ ଦେଇଥିଲେ । ଯାହା ରଜରେ ଏହି ଅଞ୍ଚଳରେ ଚର୍ଚ୍ଚା ପାଲଟିଛି । ତେବେ ଏହି ଦୁଇ ଭଉଣୀଙ୍କ କହିବା ଅନୁସାରେ, କେବଳ ମଣିଷ ଯେ ଏହି ପର୍ବରେ ଖୁସି ହେବେ ତାହା ନୁହେଁ ପଶୁମାନେ ମଧ୍ୟ ଖୁସି ହେବା ଆବଶ୍ୟକ । ଆମେ ଘରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଖାଉଥିବାବେଳେ ସେମାନେ ବଞ୍ଚିତ ହେଉଛନ୍ତି । କେବଳ ମଣିଷ ରହିଲେ ହିଁ ସୁନ୍ଦର ସୃଷ୍ଟି ହୋଇପାରିବ ତାହା ନୁହେଁ, ପଶୁମାନେ ମଧ୍ୟ ଖୁସିରେ ରହିବା ଦରକାର । ସେଥିପାଇଁ ଏହି ଛୋଟ ପ୍ରୟାସ ବୋଲି ସେମାନେ କହିଛନ୍ତି ।

## ଟାଟୁରେ ପ୍ରେମର ପ୍ରଥମ ଦିନ




ରଜ ପାଇଁ ରାଜଧାନୀର ବିଭିନ୍ନ ପାର୍କରେ ପ୍ରେମୀ ଯୁଗଳଙ୍କୁ ଦେଖିବାକୁ ମିଳୁଛି । ଏଥିସହିତ ଫିଲ୍ମ ହଲ, ମଲ୍ ଆଦି ସ୍ଥାନ ସମେତ ରାଜଧାନୀର ରଜ ମହୋତ୍ସବ ପଡ଼ିଆରେ ପ୍ରେମୀଯୁଗଳଙ୍କୁ ଦେଖିବାକୁ ମିଳୁଛି । ବିଭିନ୍ନ ଟାଟୁ ଷ୍ଟଲ୍‌ରେ ଉଭୟ ପ୍ରେମୀଯୁଗଳ ପରସ୍ପରର ନାମ ହାତରେ ଟାଟୁ କରୁଛନ୍ତି । ଅନେକ ପ୍ରଥମ ଦେଖାର ସ୍ମରଣୀୟ ତାରିଖକୁ ଟାଟୁ ମାଧ୍ୟମରେ ଲେଖୁଛନ୍ତି । ସେହିପରି ଅନେକ ନିଜ ପ୍ରେମିକାର ଫଟୋ ଆଙ୍କୁଥିବା ବେଳେ କିଏ ନିଜ ପ୍ରେମିକର ଫଟୋ ରଖି ପ୍ରେମକୁ ଅଧିକ ନିବିଡ଼ କରିବାକୁ ଉଦ୍ୟମ କରୁଛନ୍ତି । ହାତରେ ଟାଟୁ କରିବାକୁ ଗୋଟିଏ ଅକ୍ଷର ପିଛା ୫୦ ଟଙ୍କାରୁ ଶହେ ଟଙ୍କା ପର୍ଯ୍ୟନ୍ତ ପଡୁଛି । ଟାଟୁ ପାଇଁ ରଙ୍ଗିନ ଅକ୍ଷର ପିଛା ଶହେ ଟଙ୍କା ହୋଇଥିବା ବେଳେ କଳାଧଳା ଅକ୍ଷର ପିଛା ୫୦ ଟଙ୍କା ଦେବାକୁ ପଡୁଛି । ଏହା ସହ ବିଭିନ୍ନ ଦେବା ଦେବୀ ଓ କାର୍ଟୁନ ନଚେତ ନିଜ ଫଟୋ ଲଗାଇଲେ ଏକ ଇଞ୍ଚ ପିଛା ତିନିଶହ ଟଙ୍କା ଖର୍ଚ୍ଚ ହେଉଛି ।

## 'ସ୍ୱାସ୍ଥ୍ୟ ଓ ନିରାମୟ ଜୀବନ ସମସ୍ତଙ୍କର ଧ୍ୟେୟ ହେଉ'

ଭୁବନେଶ୍ୱର, ୧୫।୬(ସମିସ)




ପୋଖରୀପୁଟ ମଧୁସୂଦନ ପାର୍କ ପ୍ରାତଃ ଭ୍ରମଣକାରୀ ସଂଘର ବୈଠକ ଜାଗମରା ବିଶେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ନିର୍ମଳ ଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବରିଷ୍ଠ ନାଗରିକ ସମେତ ସମସ୍ତ ସଭ୍ୟ/ସଭ୍ୟା ଯୋଗଦେଇ ସ୍ୱାସ୍ଥ୍ୟ ଓ ନିରାମୟ ଜୀବନ ସମସ୍ତଙ୍କର ଧ୍ୟେୟ ହେଉ ବୋଲି ମତପ୍ରକାଶ କରିଥିଲେ । ଏଥିରେ ଅତିଥି ରୂପେ ଜନମତର ପ୍ରକାଶ ଚନ୍ଦ୍ର ନାୟକ, ବରିଷ୍ଠ ସାମ୍ବାଦିକ ମୁରଲି ଧର ମିଶ୍ର ଓ ମହିଳା ଉଦ୍ୟୋଗୀ ଜ୍ୟୋତ୍ସ୍ନା ନାୟକ ପ୍ରମୁଖ ଯୋଗଦେଇ ସାମାଜ ଗଠନରେ ବରିଷ୍ଠ ନାଗରିକମାନଙ୍କ ଉପଦେଶ, ଆଶୀର୍ବାଦ ଆଗାମୀ ପିଢ଼ି ପାଇଁ ଉତ୍ସାହ ଉଦ୍ଦୀପନା ଦେବ ବୋଲି କହିଥିଲେ । ପିସିଏଫ୍ ହର୍ଷବର୍ଦ୍ଧନ ଉଦ୍‌ଗାତା, ପ୍ରଫେସର ମହେନ୍ଦ୍ର କୁମାର୍ ଜେନା ରାଜକିଶୋର ସ୍ୱାଇଁଙ୍କ ଜୟନ୍ତୀ ଉପଲକ୍ଷେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଇଂ ଅଶୋକ ପ୍ରଧାନ ଓ ତାଙ୍କ ପତ୍ନୀ ଚଇତାଳିଙ୍କୁ ବିବାହ ବାର୍ଷିକ ଉପଲକ୍ଷେ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା । ଅତିଥିମାନଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଡି ପଣ୍ଡା, ସୁଦର୍ଶନ ମାହାଳିକ, ବାଇଧର ପାତ୍ର, ବିଦ୍ୟାଧର ଦାସ, ଶିଶିର ଦାସ, କୃଷ୍ଣ ପ୍ରସାଦ ଜେନା, ପି କେ ଶତପଥୀ, ସୀମାଞ୍ଚଳ ପାଢ଼ୀ, ଅଭୟ ମହାପାତ୍ର, ରବୀନ୍ଦ୍ର ଭୋଳ, ନିରଞ୍ଜନ ସେନାପତି, ତରୁଣୀ ସେନ ନାୟକ, ଲମ୍ବୋଦର ପଣ୍ଡା, ପ୍ରଭାକର ସାହୁ ଓ ତ୍ରିଲୋଚନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ୨୧ ତାରିଖରେ ଯୋଗ ଦିବସ ପାଳନ କରାଇବାପାଇଁ ସ୍ଥିର ହେଲା । ରଜ ଅବସରରେ ପ୍ରବୀର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା କରା ଯାଇଥିଲା । ଶେଷରେ ପଠାଣି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

### ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲା ସାମ୍ବାଦିକ ସଂଘ

## 'ସାମ୍ବାଦିକଙ୍କ ସମସ୍ୟା ସମ୍ପର୍କରେ ଖୁବ୍‌ଶୀଘ୍ର ଆଲୋଚନା'

ଭୁବନେଶ୍ୱର, ୧୫।୬(ସମିସ)



କଳିଙ୍ଗ ପେସାଦାର ସାମ୍ବାଦିକ ସଂଘର କର୍ମକର୍ତ୍ତାମାନେ ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନମୂଳକ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ମାନପତ୍ର ପ୍ରଦାନ କରି ଶୁଭେଚ୍ଛା ଜଣାଇଛନ୍ତି । ଏଥିସହ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ନିମନ୍ତେ ଏକ ସ୍ୱଚ୍ଛ, ପ୍ରଭାବୀ, କ୍ରିୟାଶୀଳ, ଗୁଣାତ୍ମକ ମିଡିଆ ପଲିସି କାର୍ଯ୍ୟକାରୀ କରାଯିବା ନିମନ୍ତେ ଉକ୍ତ ସଂଘର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି । ରାଜ୍ୟ ସଂଘର ସଭାପତି ମନୋଜ ଦାସ, ସାଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁ, ଉପସଭାପତି ବିନାୟକ ମିଶ୍ର, କୋଷାଧ୍ୟକ୍ଷ ସୁବାସ ସ୍ୱାଇଁ, କାର୍ଯ୍ୟକାରିଣୀ ସଭ୍ୟ ଚନ୍ଦ୍ରମାଧବ ମିଶ୍ର ପ୍ରମୁଖ ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଶୁଭେଚ୍ଛା ସ୍ମାରକୀ ପ୍ରଦାନ କରିଥିଲେ । ଏହି ସାକ୍ଷାତକାର ଅବସରରେ ସଂଘ ପକ୍ଷରୁ ପ୍ରଦତ୍ତ ସ୍ମାରକପତ୍ରରେ ଅନ୍ୟ ରାଜ୍ୟମାନଙ୍କ ଭଳି ଅବସରକାଳୀନ ପେନସନ୍ ଯୋଜନାରେ ସାମ୍ବାଦିକମାନଙ୍କୁ ରାଜ୍ୟ ସରକାର ଅନ୍ୟୂନ ୧୦ହଜାର ଟଙ୍କା ମାସିକ ପେନସନ ପ୍ରଦାନ କରାଯିବା, ରାଜ୍ୟରେ କେତେଜଣ ସାମ୍ବାଦିକ ବିଭିନ୍ନ ଗଣମାଧ୍ୟମରେ କାମ କରୁଛନ୍ତି ତାହାର ଏକ ସଠିକ ତାଲିକା ସରକାରୀସ୍ତରରେ ପ୍ରସ୍ତୁତ କରାଯିବା, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସ୍ୱାସ୍ଥ୍ୟବୀମା ରାଶିକୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା, ରାଜ୍ୟରେ କାର୍ଯ୍ୟରତ ପେସାଦାର ସାମ୍ବାଦିକମାନଙ୍କ ନିମନ୍ତେ ବୃତ୍ତିଗତ ନିରାପତ୍ତା ଓ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯିବା, ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ରାଜ୍ୟ ସାମ୍ବାଦିକ ଅଧିସ୍ୱୀକୃତି କମିଟିର ପୁନର୍ଗଠନ କରାଯିବା, ରାଜ୍ୟ, ଜିଲ୍ଲା ଉପଖଣ୍ଡ, ବ୍ଲକସ୍ତରରେ କାର୍ଯ୍ୟକରୁଥିବା ଓ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଥିବା ସାମ୍ବାଦିକମାନଙ୍କୁ ବାସଗୃହ ଉପଯୋଗୀ ଜମି ଯୋଗାଇ ଦିଆଯିବା ସହ ସାମ୍ବାଦିକ କଲ୍ୟାଣ ପାଣ୍ଠିର ରାଶିକୁ ୨୦କୋଟି ବୃଦ୍ଧି କରାଯାଇ ଏଥିରୁ ସହାୟତା ପ୍ରଦାନ କରାଯାଉଥିବା ପ୍ରକ୍ରିୟାକୁ ଅଧିକ ସରଳ କରାଯିବା ପାଇଁ ଦାବି କରାଯାଇଛି । ମୁଖ୍ୟମନ୍ତ୍ରୀ ଏହି ସ୍ମାରକପତ୍ର ଗ୍ରହଣ କରି ସହୃଦୟତାର ସହ ଆଲୋଚନା ମାଧ୍ୟମରେ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ସମସ୍ୟାର ସମାଧାନ କ୍ଷେତ୍ରରେ ସରକାର ଖୁବ୍‌ଶୀଘ୍ର ଆଲୋଚନା କରିବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ବୋଲି ସଂଘର ସାଧାରଣ ସମ୍ପାଦକ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି ।

■ ଅଧିକ ଦରରେ ମଦ ବିକ୍ରିକୁ ବିରୋଧ କରିବାରୁ ମାଡ଼

# ଥାନା ଘେରିଲେ ଗ୍ରାମବାସୀ; ୬ ଗିରଫ

ମାଥିଲି, ୧୫।୬ (ସମିସ): ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦରରେ ମଦ ବିକିବାକୁ କେନ୍ଦ୍ର କରି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ସଦର ମହକୁମାଠାରେ ତୁମୁଳକାଣ୍ଡ ଘଟିଛି। କିଛି ଗ୍ରାହକ ଏହାର ପ୍ରତିବାଦ କରିବାରୁ ସଂପୃକ୍ତ ମଦ ଦୋକାନର କର୍ମଚାରୀ ତାଙ୍କୁ ନିସ୍ତୁକ ମାଡ଼ ମାରି ଲହୁଲୁହାଣ କରିଥିଲେ। ଏନେଇ ଗ୍ରାମବାସୀମାନେ ଥାନାରେ ଅଭିଯୋଗ କରିଥିଲେ ହେଁ ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଏହାର ପ୍ରତିବାଦରେ ଆଜି ଗ୍ରାମବାସୀମାନେ ମଦ ଦୋକାନକୁ ଘେରାଉ କରିଥିଲେ। ତେବେ ପରିସ୍ଥିତି କ୍ରମଶଃ ଜଟିଳ ହେଉଥିବା ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମଦ ଦୋକାନକୁ ବନ୍ଦ କରିବା ସହ ଦୁଇଟି ପୃଥକ୍ ମାମଲା ରୁଜୁ କରି ଉଭୟ ପକ୍ଷର ମୋଟ ୬ଜଣଙ୍କୁ ଗିରଫ କରିଛି।



ସୂଚନା ଅନୁସାରେ, ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମାଠାରେ ଥିବା ବିଦେଶୀ ମଦ ଦୋକାନରେ ଗତକାଲି ସନ୍ଧ୍ୟାରେ ଦଳପତିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଡାଇଗୁଡ଼ା ଧନୁର୍ଜୟ ମାଝୀ ଓ ତାଙ୍କର ଦୁଇଜଣ ସାଙ୍ଗ ବିଦେଶୀ ମଦ କିଣିବାକୁ ଯାଇଥିଲେ। ଦୋକାନରେ କର୍ମଚାରୀମାନେ ନିର୍ଦ୍ଧାରିତ ଦାମଠାରୁ ଅଧିକ ଦାମ କହିବାରୁ ଧନୁର୍ଜୟ ଯୁକ୍ତି କରିଥିଲେ। ଏଥିରେ ଦୋକାନର କର୍ମଚାରୀମାନେ ରାଗିଯାଇ ଧନୁର୍ଜୟ ଓ ତାଙ୍କ ସାଙ୍ଗମାନଙ୍କୁ ନିର୍ଦ୍ଧୁମ ମାରିଥିଲେ। କର୍ମଚାରୀଙ୍କ ମାଡ଼ରେ ଧନୁର୍ଜୟ ଓ ସାଙ୍ଗମାନେ ଲହୁଲୁହାଣ ହେବା ସହ ଜୀବନ ବିକଳରେ ଗାଁକୁ ପଳେଇ ଆସିଥିଲେ। ପରେ ଧନୁର୍ଜୟ ଓ ଗ୍ରାମବାସୀ ମାଥିଲି ଥାନାଧିକାରୀ ଦେବଦତ୍ତ ମଲ୍ଲିକଙ୍କୁ ଏକ ଲିଖିତ ଅଭିଯୋଗ ଦେଇଥିଲେ ମଧ୍ୟ ପୁଲିସ ସେଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଇନଥିବା ଗ୍ରାମବାସୀ ଅଭିଯୋଗ କରି ଶନିବାର ଉକ୍ତ ମଦ ଦୋକାନ ଘେରଉ କରିଥିଲେ।

# ଚିକିତ୍ସାଧୀନ ଅବସ୍ଥାରେ ଉପକାରାଗାର ଅନ୍ତେବାସୀଙ୍କ ମୃତ୍ୟୁ

ରାଇରଙ୍ଗପୁର, ୧୫।୬(ସମିସ): ଏକ ହତ୍ୟା ଅଭିଯୋଗର ବିଚାରାଧୀନ ମହିଳା ଅନ୍ତେବାସୀ ଅସୁସ୍ଥ ହୋଇଯିବାରୁ ତାଙ୍କୁ ଜେଲ କର୍ମଚାରୀମାନେ ଶୁକ୍ରବାର ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ; ହେଲେ ଶନିବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଘଟଗାଁ ଅଞ୍ଚଳ ଦେହୁରିସାହି ଗାଁର ସୁକୁଟି ନାଏକ (୫୫)। ରାଇରଙ୍ଗପୁର ଟାଉନ ଥାନା ପୁଲିସ ମୃତଦେହକୁ ଜବତ କରିଛି। ରବିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

## ଶ୍ରୀମନ୍ଦିରରେ ପ୍ରବଳ ଭିଡ଼

# ଟ୍ରାଫିକ ଜାମ୍, ପୁଲିସ ନାକେଦମ୍





ପୁରୀ, ୧୫।୬(ସମିସ)

ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଶନିବାର ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଆଉ ଏହାର ପ୍ରଭାବ ବଡ଼ଦାଣ୍ଡ ସମେତ ସହରର ପ୍ରମୁଖ ଏବଂ ବିଭିନ୍ନ ଗଳିକନ୍ଦି ରାସ୍ତାରେ ହିଁ ଜଣାପଡ଼ିଥିଲା। ବିଶେଷକରି ସହରରେ ଟ୍ରାଫିକ ଅଣାୟତ୍ତ ହୋଇପଡ଼ିଥିଲା। ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ପ୍ରତି ରାସ୍ତାରେ ଗାଡ଼ିଗୁଡ଼ିକ ଲମ୍ବା ଲାଇନରେ ଥିବା ଦେଖିବାକୁ ମିଳିଥିଲା। ଫଳରେ ପୁଲିସକୁ ଟ୍ରାଫିକ ନିୟନ୍ତ୍ରଣ କରିବାକୁ ନାକେଦମ୍ ହେବାକୁ ପଡ଼ିଥିଲା। ଏମିତି ଭିଡ଼ ସକାଳୁ ରାତି ପର୍ଯ୍ୟନ୍ତ ଲାଗି ରହିଥିଲା।

ଶନିବାର ଥିଲା ରଜ ସଂକ୍ରାନ୍ତି। ତେଣୁ ସକାଳୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀରେ ଧୀରେ ଧୀରେ ଗହଳି ହୋଇଥିଲା। ପୂର୍ବାହ୍ନ ୧୦ଟା ବେଳକୁ ଭିଡ଼ ଏମିତି ହୋଇଥିଲା ଯେ, ମେଡିକାଲ ଛକ ନିକଟରେ ବଡ଼ଦାଣ୍ଡ ହେଉ କି ଜେଲ୍‌ରୋଡ ପାର୍ଶ୍ୱ ଅବା ଭିଆଇପି ରୋଡ଼ ପାର୍ଶ୍ୱ ଏହିସବୁ ରାସ୍ତାରେ ଗାଡ଼ିଗୁଡ଼ିକ ଲମ୍ବା ଲାଇନରେ ରହିଥିଲା। ଫଳରେ ପୋଲିସ ଭୁବନେଶ୍ୱର ଆଡୁ ଆସୁଥିବା ଚାରିଚକିଆ ଯାନଗୁଡ଼ିକୁ ଆଉ ମାର୍କେଟ ଛକ ଆଡକୁ ଛାଡୁ ନ ଥିଲା। ଚାରିଚକିଆ ଗାଡ଼ି ମେଡିକାଲ ଛକରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ପାର୍କିଂ କରିଥିଲେ। ଛୁଟିଦିନ ଥିବାରୁ ଯାତ୍ରୀ, ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଥିଲା।

ବେଳାଭୂମି ରାସ୍ତା ହେଉ କି ସହରର ଅନ୍ୟ କୌଣସି ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜିଥିଲା। ତେଣୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ସେହିପରି ବେଳାଭୂମିରେ ମଧ୍ୟ ବେଶ୍ ଭିଡ଼ ଦେଖିବାକୁ ମିଳିଥିଲା। ଛୁଟି ଥିବାରୁ ପର୍ଯ୍ୟଟକମାନେ ପୁରୀକୁ ଆସିଥିଲେ। ଫଳରେ ବେଳାଭୂମି ରାସ୍ତାରେ ବି ଅନେକ ସମୟରେ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳିଥିଲା। ସେପଟେ ଶ୍ରୀମନ୍ଦିରରେ ବି ଦର୍ଶନାର୍ଥୀଙ୍କ ପ୍ରବଳ ଭିଡ଼ ହୋଇଥିଲା। ରଜ ସଂକ୍ରାନ୍ତି ସାଙ୍ଗକୁ ଚାରିଦ୍ୱାର ଖୋଲିଥିବାରୁ ଭଲ ଭାବେ ଠାକୁରଙ୍କ ଦର୍ଶନ ମିଳିବ ଆଶା ରଖି ବହୁସଂଖ୍ୟକ ଶ୍ରଦ୍ଧାଳୁ ଶ୍ରୀମନ୍ଦିର ଆସିଥିଲେ। ତେବେ ଭିତରେ ସ୍ଥିତି ଅସମ୍ଭାଳ ଥିଲା। ଭକ୍ତ ଅଣନିଶ୍ୱାସୀ ହୋଇପଡ଼ିଥିଲେ। ତେବେ ଶ୍ରଦ୍ଧାଳୁଙ୍କ ଭିଡ଼ର ପ୍ରଭାବ ଶ୍ରୀମନ୍ଦିର ହୁଣ୍ଡିରେ ପ୍ରତିଫଳିତ ହୋଇଛି। ଶନିବାର ହୁଣ୍ଡିରୁ ୬ଲକ୍ଷ ୫୧ ହଜାର ୯୦୧ ଟଙ୍କା ବାହାରିଥିବା ବେଳେ ୨ ଗ୍ରାମ୍ ୨୫୦ ମିଲିଗ୍ରାମ୍ ସୁନା ଓ ୩୨ ଗ୍ରାମ୍ ୫୫୦ ମିଲିଗ୍ରାମ୍ ରୁପା ମିଳିଛି।

# ଭୁଲ୍ ଇଞ୍ଜେକ୍ସନ୍ ଯୋଗୁଁ ରୋଗୀ ମୃତ୍ୟୁ ଅଭିଯୋଗ

ବେଲପଡ଼ା, ୧୫।୬(ସମିସ): ଭୁଲ ଇଞ୍ଜେକ୍ସନ୍ ଯୋଗୁଁ ବେଲପଡ଼ାରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାରଲୋକ ଅଭିଯୋଗ କରିଛନ୍ତି। ନିକଟସ୍ଥ ତରା ଗାଁରୁ ଏଭଳି ଅଭିଯୋଗ ଆସିଛି। ସୂଚନା ଅନୁସାରେ ତରା ଗାଁର ଯମୁନା ପାତ୍ର ଅସୁସ୍ଥତା ଅନୁଭବ କରିବାରୁ ତାଙ୍କ ସ୍ୱାମୀ ପୂର୍ଣ୍ଣପାତ୍ର ସହରରେ ଥିବା ଏକ ଘରୋଇ କ୍ଲିନିକ୍‌କୁ ଦେଖାଇବାକୁ ଆଣିଥିଲେ। କ୍ଲିନିକ୍‌ରେ ଥିବା ଡାକ୍ତର ତାଙ୍କୁ ଇଞ୍ଜେକ୍ସନ ଦେଇଥିଲେ। କିନ୍ତୁ ଏହାର କିଛି ସମୟ ପେର ହଠାତ୍ ଅଧିକ ଅସୁସ୍ଥତା ଅନୁଭବ କରିଥିଲେ ରୋଗୀ। ଏହା ଦେଖି ସ୍ୱାମୀ ପୂର୍ଣ୍ଣପାତ୍ର ପ୍ରତିବାଦ କରିବାରୁ ତୁରନ୍ତ ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ କହିଥିଲେ କ୍ଲିନିକ ମାଲିକ। ଡାକ୍ତରଖାନାରେ ପହଞ୍ଚିବା ବେଳକୁ ଯମୁନାଙ୍କ ମୃତ୍ୟୁ ଘଟିଥିବା ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରବୀନ୍ଦ୍ର ମେହେର କହିଛନ୍ତି। ଏନେଇ ପରିବାର ଲୋକ ପ୍ରତିବାଦ କରିବାରୁ ଅର୍ଥର ପ୍ରଲୋଭନ ଦେଖାଇ ପରିବାର ଲୋକଙ୍କ ମୁହଁ ବନ୍ଦ କରିଦେଇଥିବା ଜଣାପଡ଼ିଛି। ଅନ୍ୟପଟେ ମେଡିକାଲ ଷ୍ଟୋରରେ କେମିତି ବେଆଇନ କ୍ଲିନିକ ଚାଲିଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ରୋଗୀଙ୍କ ସହ ଏମିତି ସାଙ୍ଘାତିକ ଖେଳ ଖେଳାଯାଉଥିଲେ ହେଁ ସ୍ଥାନୀୟ ପ୍ରଶାସନ କେମିତି ଜାଣିପାରୁନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।

**ଘଟଣା ଚପାଇବାକୁ ଉଦ୍ୟମ**

■ ଚିଲିକାରେ ଫସିଲା ଡଙ୍ଗା

# ୨୦ ଯାତ୍ରୀ ୨ ଘଣ୍ଟା ଜଳବନ୍ଦୀ

ପୁରୀ, ୧୫।୬(ସମିସ): ମଝି ଚିଲିକାରେ ଅଟକିଲା ଯାତ୍ରୀବାହୀ ଡଙ୍ଗା। ଯାନ୍ତ୍ରିକ ତ୍ରୁଟି ଯୋଗୁ ୨୦ ଜଣ ଯାତ୍ରା ପ୍ରାୟ ୨ ଘଣ୍ଟା ଚିଲିକା ଜଳ ରାଶିରେ ଫସିରହିଲେ। ଅନ୍ୟ ଏକ ଡଙ୍ଗା ଯାଇ ସେମାନଙ୍କୁ କୂଳକୁ ଆଣିଥିଲା। ଫଳରେ ସୁରକ୍ଷିତ ଭାବେ କୂଳରେ ପହଞ୍ଚିଥିଲେ ସମସ୍ତ ଯାତ୍ରୀ। ଚିଲିକାରେ ଯାତ୍ରୀବାହି ଡଙ୍ଗା କିମ୍ବା ଭସାପୋଲ ଅଟକିଯିବା ନୂଆ କଥା ନୁହେଁ। ଜୀବନ ପ୍ରତି ବିପଦ ଥିଲେ ବି ଲୋକେ ନିରୁପାୟ। ଗମନାଗମନର ମୁଖ୍ୟ ମାଧ୍ୟମ ଡଙ୍ଗା ଏବଂ ଭସାପୋଲ ହୋଇଥିବାରୁ ବିଭିନ୍ନ ସମୟରେ ପାଣି କମିଗଲେ କିମ୍ବା ଚ୍ୟାନେଲ ଟ୍ରାକ୍ ମିସ୍ ହେଲେ ଭସାପୋଲ ଅଟକୁଥିବା ବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଡଙ୍ଗା ମଧ୍ୟ ଅଟକିଯାଇଥାଏ।



ସାତପଡ଼ାରୁ ଜହ୍ନିକୁଦା ଏବଂ ଜହ୍ନିକୁଦାରୁ ସାତପଡ଼ା ଜଳପଥରେ ହିଁ ଲୋକେ ଯିବାଆସିବା କରିଥାନ୍ତି। ପ୍ରାୟ ୫ କିମି ଏହି ଜଳପଥରେ ଗମନାଗମନର ମୁଖ୍ୟ ମାଧ୍ୟମ ହେଉଛି ଡଙ୍ଗା ଏବଂ ଭସାପୋଲ। ତେବେ ଶନିବାର ସକାଳ ସାଢେ ୭ଟାରେ ଏକ ଯାତ୍ରୀବାହୀ ଡଙ୍ଗା ଜହ୍ନିକୁଦା ଘାଟରୁ ୨୦ ଜଣ ଯାତ୍ରୀ ଏବଂ ୧୦ଟି ବାଇକ୍ ନେଇ ଚିଲିକା ଦେଇ ସାତପଡ଼ା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ମାତ୍ର ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଧାବାଟରେ ଅର୍ଥାତ୍ ମଏଁସା ଗାଁ ନିକଟରେ ଅଟକି ରହିଥିଲା ସେହି ଡଙ୍ଗା। ପ୍ରାୟ ୨ ଘଣ୍ଟା ଧରି ଅଟକିବା ପରେ ସାତପଡ଼ାରୁ ଅନ୍ୟ ଏକ ଯାତ୍ରୀବାହୀ ଡଙ୍ଗା ଯାଇ ସମସ୍ତଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲା। ସୂଚନାଥାଉ କି, ଚିଲିକାରେ ଏକ ପୋଲ ନିର୍ମାଣ ପାଇଁ ଦୀର୍ଘଦିନ ହେବ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ହେଲେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ।

■ ଅଜଣା ରୋଗରେ ୫ଜଣଙ୍କ ମୃତ୍ୟୁ ଘଟଣା

# ଆର୍‌ଏମ୍‌ଆର୍‌ସି ରିପୋର୍ଟକୁ ଅପେକ୍ଷା

ରାୟଗଡ଼ା, ୧୫।୬ (ସମିସ): ରାୟଗଡ଼ା ଜିଲ୍ଲା ମନୁଷପଦରରେ ଅଜଣା ରୋଗରେ ୫ ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ଏହାକୁ ନେଇ ଅଞ୍ଚଳରେ ଆତଙ୍କର ବାତାବରଣ ଲାଗି ରହିଛି। ତେବେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇ ଲୋକଙ୍କ ଚିକିତ୍ସା ଜାରି ରଖିଛି। ଅପରପକ୍ଷେ ରୋଗ ଚିହ୍ନଟ ପାଇଁ ଭୁବନେଶ୍ୱରସ୍ଥିତ ଆର୍‌ଏମ୍‌ଆର୍‌ସିକୁ ନମୁନା ପଠାଯାଇଥିବା ବେଳେ ରିପୋର୍ଟକୁ ଚାହିଁ ବସିଛି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ। ଏବେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨ଜଣ ଶିଶୁ ଓ ଜଣେ ବୟସ୍କ ଏବଂ ବ୍ରହ୍ମପୁର ଏମକେସିଜି ମେଡିକାଲରେ ୩ଜଣ ଶିଶୁ ଚିକିତ୍ସିତ ହେଉଥିବା ବେଳେ ଏମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସ୍ଥିର ଥିବା ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମୋହନ ରାଉତରାଏ କହିଛନ୍ତି। ସେ କହିଛନ୍ତି ଯେ ଡିକାଲରେ ରୋଗୀମାନଙ୍କ ଚିକିତ୍ସା ଜାରି ରହିଥିବା ବେଳେ ମୁନୁଷପଦର ଗାଁ ଓ ତାହାର ଆଖପାଖ ଗ୍ରାମଗୁଡ଼ିକରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ନଜର ରଖିଛି। ମିଳିଥିବା ସୂଚନା ପ୍ରକାରେ, ଅଜଣା ରୋଗରେ ମୁନୁଷପଦର ଗ୍ରାମର ୧୧ ଜଣ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ଏକ ମାସ ମଧ୍ୟରେ ୫ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବଳକା ୬ଜଣ ରୋଗୀ ରାୟଗଡ଼ା ଓ ବ୍ରହ୍ମପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଗତ ୧୧ ତାରିଖରେ ମୁନୁଷପଦର ଗ୍ରାମର ୪ ଜଣ ଶିଶୁ ଏବଂ ଜଣେ ବୟସ୍କ ଏହି ଅଜଣା ରୋଗରେ ପୀଡ଼ିତ ହୋଇ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହେବା ପରେ ଉକ୍ତ ଗ୍ରାମରେ ଅଜଣା ରୋଗ ବ୍ୟାପିଥିବା ପ୍ରଶାସନ ନଜରକୁ ଆସିଥିଲା।

# ଯୁବକଙ୍କୁ ଅପହରଣ ଉଦ୍ୟମ ପଣ୍ଡ

ବ୍ରହ୍ମପୁର,୧୫।୬ (ସମିସ): ସହରରେ ଏବେ ଅପରାଧୀଙ୍କ ଆତଙ୍କରାଜ। ଦିନ ଦ୍ୱିପହରରେ ଯୁବକଙ୍କୁ ଅପହରଣ। ଅପହରଣକାରୀଙ୍କ ଏତେ ସାହାସ ଯେ ସେମାନେ ଥାନା ଆଗରେ ଯୁବକଙ୍କୁ ବାଇକ୍‌ରେ ନେଉଥିଲେ। ସୁଯୋଗ ପାଇ ଥାନା ଆଗରେ ଯୁବକ ଜଣକ ବାଇକ୍‌ରୁ ଡେଇଁ ପଡ଼ି ଥାନା ଭିତରକୁ ଦୌଡ଼ି ପଳାଇ ଜୀବନ ବଞ୍ଚାଇଛନ୍ତି। ବଡ଼ବଜାର ଥାନା ଅଞ୍ଚଳରେ ଏଭଳି ଘଟଣା ଏବେ ସାମନାକୁ ଆସିଛି। ଦିଗପହଣ୍ଡିର ସୁନିଲ୍ ମହାନ୍ତି(୧୯)ଙ୍କୁ ଅପହରଣ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନେ ଅପହରଣ କରିବାରେ ବିଫଳ ହୋଇଥିବା ବେଳେ ତାଙ୍କ ବାଇକ୍ ଲୁଟ୍ କରି ନେଇଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଏହାର ତଦନ୍ତ କରାଯାଉଛି ବୋଲି କହିଛନ୍ତି ଆଇଆଇସି ପ୍ରଶାନ୍ତ କୁମାର ମଲ୍ଲିକ। ସୁନୀଲଙ୍କ ଅଭିଯୋଗ ଅନୁଯାୟୀ, ସେ ଶୁକ୍ରବାର ବ୍ରହ୍ମପୁର ଜଣେ ବନ୍ଧୁଙ୍କ ଘରକୁ ଆସିଥିଲେ। ଶନିବାର ଅପରାହ୍ନ ୩ଟାରେ ସେ ବାଇକ୍‌ରେ ଦିଗପହଣ୍ଡି ଫେରୁଥିଲେ। ହରିଡ଼ାଖଣ୍ଡି ଛକ ପାଖରେ ସେ ଏକ ପାନ ଦୋକାନକୁ ଯାଇ ସେଠାରେ ପାଣି ବୋତଲ କିଣିଥିଲେ। ୧୦ରୁ ଉର୍ଦ୍ଧ୍ୱ ଯୁବକ ବାଇକ୍‌ରେ ଆସି ତାଙ୍କୁ ଘେରି ଯାଇଥିଲେ। ସେମାନଙ୍କ ଭିତରୁ ଜଣକ ବାଇକ୍‌ରେ ବସିବାକୁ କହିଥିଲେ। ସେ ମନା କରିବାରୁ ତାଙ୍କୁ ଛୁରି ଦେଖାଇ ଭୟଭୀତ କରି ଜୋର ଜବରଦସ୍ତ ଆଉ ଜଣକ ଗାଡ଼ିରେ ବସାଇଥିଲେ। ସେଠାରୁ ତାଙ୍କୁ ଅନ୍ୟ ଏକ ଜାଗାକୁ ବାଇକ୍‌ରେ ନେଉଥିବା ବେଳେ ବଡ଼ବଜାର ଥାନା ଆଗରେ ସୁନିଲ କୌଶଳକ୍ରମେ ଗାଡ଼ିରୁ ଡେଇଁପଡିଥିଲେ। ସେଠାରୁ ଦୌଡ଼ି ଦୌଡ଼ି ଥାନା ଭିତରକୁ ପଳାଇଥିଲେ। ଅପହରଣକାରୀ ମାନେ ତାଙ୍କ ବାଇକ୍ ନେଇ ଫେରାର୍ ହୋଇଯାଇଥିବା ବେଳେ ସେ ବଡ଼ବଜାର ଥାନାରେ ଏତଲା ଦେଇଛନ୍ତି। ପୁଲିସ ଅଭିଯୋଗ ଆଧାରରେ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ ଚଳାଇଥିବା କହିଛି।

# ଶ୍ରୀଜିଉଙ୍କ ରଥ ନିର୍ମାଣ ଲାଗି ପୁରୀ ଗଲା କାଠ



ଶଗଡ଼ା/ମନମୁଣ୍ଡା, ୧୫।୬(ସମିସ): ବୌଦ୍ଧ ବନଖଣ୍ଡ ମନମୁଣ୍ଡା ରେଞ୍ଜ ଅଧୀନ ଗୁନ୍ଦୁଲିଆ ଓ ଶଗଡ଼ା ସେକ୍ସନ ଅଞ୍ଚଳରୁ ଶନିବାର ୨୪ ଖଣ୍ଡ କାଠ ଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ପୁରୀ ପଠା ଯାଇଛି। ନମିତା ହୋତା ସବୁଜ ପତାକା ଦେଖାଇବା ପରେ ଟ୍ରକ୍ ପୁରୀ ଅଭିମୁଖେ ବାହାରିଥିଲା।

ଗୁନ୍ଦୁଲିଆ ଫରେଷ୍ଟ ସେକ୍ସନ ଅଧୀନ ସୁବର୍ଣ୍ଣଗିରି ଜଙ୍ଗଲ ଓ ଶଗଡ଼ା ଫରେଷ୍ଟ ସେକ୍ସନ ଅଧୀନ ପେନାଜୁର ଜଙ୍ଗଲରୁ ଏହି କାଠ ପୁରୀ ପଠାଯାଇଛି। ରଥକାଠ ଗାଡ଼ିକୁ ଭକ୍ତିମୟ ପରିବେଶରେ ପୂଜାର୍ଚ୍ଚନା ସହ ନାମ ସଂକୀର୍ତ୍ତନ କରାଯାଇ ପୁରୀ ପଠାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ମନମୁଣ୍ଡା ରେଞ୍ଜ ଅଫିସର ଶ୍ରୀବତ୍ସ କୁମୁରା, ଗୁନ୍ଦୁଲିଆ ଫରେଷ୍ଟର ଦେବକାନ୍ତ ବେହେରା, ମନମୁଣ୍ଡା ବନପାଳ ପ୍ରକାଶ ଚନ୍ଦ୍ର ସେଠୀ, ଶଗଡ଼ା ବନପାଳ ପ୍ରଶାନ୍ତ ପ୍ରଧାନ, ଗୁନ୍ଦୁଲିଆ ସରପଞ୍ଚ ଧବଳେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ମନମୁଣ୍ଡା ଡେପୁଟି ରେଞ୍ଜ ଅଫିସର ଦେବରାଜ ଛତ୍ରିଆ, ଫରେଷ୍ଟ ଗାର୍ଡ ରଞ୍ଜିତ ପ୍ରଧାନ, କର୍ମଚାରୀ ହୃଷୀକେଶ ନାଏକ, ପୀତବାସ ସିଂ, ବଂଶୀଧର ମହଲା ସହଯୋଗ କରିଥିଲେ।


**ବଡ଼ଘାଗରା ଶୁଖିଲା ପଡ଼ିଛି**

# ବର୍ଷା ଅପେକ୍ଷାରେ କେନ୍ଦୁଝରବାସୀ

କେନ୍ଦୁଝର, ୧୫।୬ (ସମିସ): କେନ୍ଦୁଝର ସହରରେ ଜଳକଷ୍ଟ ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ବଡ଼ଘାଗରା ଡ୍ୟାମ୍ ସମ୍ପୂର୍ଣ୍ଣ ଶୁଖି ଯାଇଥିବାରୁ ଆଜି ବି ଅଧା ସହରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇବା ସମ୍ଭବ ହୋଇପାରିନି। ୱାଟ୍‌କୋ ପକ୍ଷରୁ ୧୪ଟି ଟ୍ୟାଙ୍କର୍ ଯୋଗେ ୧୧ଟି ୱାର୍ଡର ଲୋକଙ୍କୁ ଜଳ ଯୋଗାଯାଇଥିବା ବେଳେ ଜଳକଷ୍ଟ ଭୋଗୁଥିବା ଅନ୍ୟ ୫ଟି ୱାର୍ଡକୁ କାନ୍‌ଝାରୀ ଡ୍ୟାମ୍‌ରୁ ଜଳଯୋଗାଣ ହୋଇଛି। କିନ୍ତୁ ଯେତିକି ପାଣି ମିଳିଛି, ତାହା ଯଥେଷ୍ଟ ନୁହେଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ବର୍ଷା ନ ହେବାରୁ ସହରର ଅନ୍ୟତମ ଜଳଉତ୍ସ ଏହି କାନ୍‌ଝରୀ ଡ୍ୟାମ୍ ବି ଧୀରେଧୀରେ ଶୁଖିବାକୁ ଆରମ୍ଭ ହେଲାଣି। ଦକ୍ଷିଣ-ଓଡ଼ିଶାରେ ମୌସୁମୀ ବାୟୁ ପହଞ୍ଚି ସାରିଥିଲେ ହେଁ ପୂରା ଓଡ଼ିଶାରେ ବର୍ଷା ହେବାକୁ ଆଉ କିଛି ଦିନ ଲାଗିପାରେ। ଏପରି ସ୍ଥିତିରେ କେନ୍ଦୁଝରରେ ଶୀଘ୍ର ବର୍ଷା ନ ହେଲେ, ସ୍ଥିତି ଭୟାବହ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

**କାନ୍‌ଝରୀରୁ ୫ଟି ୱାର୍ଡକୁ ହେଲା ଜଳଯୋଗାଣ**

**୧୪ଟି ଟ୍ୟାଙ୍କରରେ ଯୋଗାଇ ଦିଆଯାଇଛି ପାନୀୟ ଜଳ**



ସୂଚନାନୁଯାୟୀ, ସହରର ୨୧ ୱାର୍ଡ ମଧ୍ୟରୁ କେତୋଟି ୱାର୍ଡ ଅଞ୍ଚଳକୁ ବଡ଼ଘାଗରା ଡ୍ୟାମ ଓ ଅନ୍ୟ କେତୋଟିକୁ କାନଝାରୀ ଡ୍ୟାମରୁ ପାଣି ଆସିଥାଏ। କିନ୍ତୁ ଗତ କିଛି ଦିନ ହେବ, ମାଛକାନ୍ଦଣା ନଦୀରେ ବଡ଼ଘାଗରା ଡ୍ୟାମକୁ ପାଣି ନ ଆସିବା କାରଣରୁ ଡ୍ୟାମ୍ ଶୁଖିଲା ପଡ଼ିଛି। ଗତ ୩ ମାସ ହେବ ଜିଲ୍ଲାର ବିଭିନ୍ନ ସ୍ଥାନରେ ଯେତିକି ପରିମାଣରେ ବର୍ଷା ହେବା କଥା, ତାହା ହୋଇନାହିଁ। ନିଅଣ୍ଟିଆ ବର୍ଷା କାରଣରୁ ଯେଉଁ ପାଣି ଟିକେ ବଡ଼ଘାଗରା ଡ୍ୟାମ୍‌ରେ ଥିଲା, ତାହା ବି ଶୁଖିଯିବାରୁ ଶୁକ୍ରବାରଠାରୁ ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହି ଡ୍ୟାମରୁ ସହରର ୧୦/୧୫ଟି ୱାର୍ଡର ୪ ହଜାରରୁ ଅଧିକ ପରିବାରର ପ୍ରାୟ ୨୦ ହଜାର ସହର ବାସିନ୍ଦାଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଥିଲ। କିନ୍ତୁ ହଠାତ୍ ପାଣି ବନ୍ଦ ହୋଇଯିବାରୁ ଏବେ ସେଠାରେ ପରିସ୍ଥିତି ସଙ୍ଗିନ୍ ହୋଇପଡ଼ିଛି। ସେପେଟ କାନ୍‌ଝାରୀ ଡ୍ୟାମ୍ ମଧ୍ୟ ଶୁଖିବା ଆରମ୍ଭ କଲାଣି। ତେଣୁ କାନ୍‌ଝାରୀରୁ ମଧ୍ୟ ସବୁ ଅଞ୍ଚଳର ଜଳାଯୋଗାଣରେ ବାଧା ଦେଖାଦେଲାଣି।

ଅନ୍ୟପକ୍ଷରେ, ମାଛକାନ୍ଦଣା ନଦୀରେ ପାଣି ବଡ଼ଘାଗରା ଡ୍ୟାମ୍‌କୁ ନ ଆସିବାରୁ ରାଜ୍ୟର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ବଡ଼ଘାଗରା ଜଳପ୍ରପାତ ଓ ସାନଘାଗରା ଜଳ ପ୍ରପାତ ଶୁଖିଲା ପଡ଼ିଛି। ଏଠାକୁ ଆସୁଥିବା ପର୍ଯ୍ୟଟକ ଦୁଇଟି ସୁନ୍ଦର ମନୋରମ ଜଳପ୍ରପାତରେ ପାଣି ଆସୁ ନଥିବା ଦେଖି ମନ ଦୁଃଖରେ ଫେରିଯାଉଛନ୍ତି। ଏଭଳି ପରିସ୍ଥିତି ଆଉ କେତେଦିନ ଏପରି ସ୍ଥିତି ଲାଗି ରହିବ, ତାହା ଜଣାନାହିଁ। ଖୁବ୍‌ଶୀଘ୍ର ଭଲ ବର୍ଷା ନ ହେଲେ, ସ୍ଥିତି ଭୟାବହ ହୋଇପଡ଼ିବ ବୋଲି କୁହାଯାଉଛି।

# ବଜ୍ରପାତରେ ୨ ବଳଦ ମୃତ

ରାୟଗଡ଼ା, ୧୫।୬ (ସମିସ): ଶନିବାର ଅପରାହ୍ଣରେ ରାୟଗଡ଼ା ଓ ଏହାର ଆଖାପାଖ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ରାୟଗଡ଼ା ସଦର ବ୍ଲକ୍ ପିପଲଗୁଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୋଡ଼ାପାଡୁ ଗ୍ରାମର ବୈରାଗୀ ସିରିକା ନାମକ ଜଣେ ଗରିବ ଲୋକଙ୍କ ଦୁଇଟି ବଳଦର ବଜ୍ରପାତରେ ମୃତ୍ୟୁ ହୋଇଛି। ଅପରାହ୍ଣ ସମୟରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ହୋଇଥିବାବେଳେ ଗାଁ ନିକଟରେ ଥିବା ଏକ ତେନ୍ତୁଳିଗଛ ମୂଳେ ବୈରାଗୀଙ୍କ ଦୁଇ ବଳଦ ଆଶ୍ରୟ ନେଇଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ବୈରାଗୀ ଜଣେ ଗରିବ ଲୋକ ହୋଇଥିବାରୁ ତାଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ଅପରାହ୍ଣରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ରାୟଗଡ଼ା ସଦର ବ୍ଲକ୍ ହାଲୁଆ ଗ୍ରାମ ପଞ୍ଚାୟତର କୋଡିଙ୍ଗଗୁଡ଼ା ଗ୍ରାମ ନିକଟରେ ରାୟଗଡ଼ା-କୋରାପୁଟ ୩୨୬ ନମ୍ବର ଜାତୀୟ ରାଜପଥ ଉପରେ ବଡ଼ ବଡ଼ ଗଛଗୁଡ଼ିକ ରାସ୍ତା ଉପରେ ଭାଙ୍ଗି ପଡ଼ିବାରୁ ଦୀର୍ଘ ୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ରାସ୍ତା ଅବରୋଧ ହୋଇଥିବା ଦେଖିବାକୁ ମିଳିଥିଲା। ଫଳରେ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବାବେଳେ ଗଛଗୁଡ଼ିକୁ ହଠାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

**କାଳବୈଶାଖୀ ପ୍ରଭାବରେ ଗଛ ଭାଙ୍ଗି ଯାତାୟାତ ବାଧାପ୍ରାପ୍ତ**



**ଟି-୨୦ ବିଶ୍ୱକପ୍ ୨୦୨୪**

# ବର୍ଷା ଓ ବିପର୍ଯ୍ୟୟକୁ ନେଇ ଚର୍ଚ୍ଚା

**ନ୍ୟୁୟର୍କ,୧୫।୬(ଏଜେନ୍ସି):** ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଚାଲିଥିବା ଟି-୨୦ ବିଶ୍ୱକପ୍ କ୍ରିକେଟରେ ଦୁଇଟି ଘଟଣା ଅଂଶଗ୍ରହଣକାରୀ ଦଳ ଓ ଖେଳାଳିଙ୍କୁ ଅଡୁଆରେ ପକାଇଛି। ଏହା ମଧ୍ୟରେ ଗୋଟିଏ ଘଟଣାକୁ କେହି ନିୟନ୍ତ୍ରଣ କରିପାରିବେ ନାହିଁ ଓ ଆଉ ଗୋଟିଏ ଘଟଣା ସମ୍ପୂର୍ଣ୍ଣ ଖେଳାଳିଙ୍କ ନିୟନ୍ତ୍ରଣରେ ରହିଛି। ଚଳିତ ସଂସ୍କରଣରେ ଏହି ଦୁଇଟି ଘଟଣାକୁ ନେଇ ବେଶ ଚର୍ଚ୍ଚାର ଖୋରାକ ଯୋଗାଇଛି। ଏହା ମଧ୍ୟରେ ପ୍ରଥମ ଘଟଣାଟି ହେଉଛି ବର୍ଷା। ଚଳିତ ବିଶ୍ୱକପ୍‌ରେ ବର୍ଷା ଯୋଗୁଁ ଏକାଧିକ ମ୍ୟାଚ୍ ବାତିଲ କରାଯାଇଛି। ଯାହା ଫଳରେ ପାକିସ୍ତାନ ଓ ଶ୍ରୀଲଙ୍କା ଭଳି ଟାଣୁଆ ତଥା ଟାଇଟଲ ଆଶାୟୀ ଦଳ ମ୍ୟାଚ୍ ବାତିଲ ଯୋଗୁଁ ଚଳିତ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡ ବା ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଛନ୍ତି। ଆୟର୍ଲାଣ୍ଡ ସହ ଆମେରିକାର ଗ୍ରୁପ୍ ମ୍ୟାଚ୍ ବାତିଲ ହେବା ଓ ପଦାର୍ପଣକାରୀ ଆମେରିକା ନିକଟରୁ ମ୍ୟାଚ୍ ହାରିଯିବା ଫଳରେ ପାକିସ୍ତାନ ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଛି। ସେହିପରି ନେପାଳ ସହ ମ୍ୟାଚ୍ ବାତିଲ ଯୋଗୁଁ ଶ୍ରୀଲଙ୍କାଙ୍କୁ ମଧ୍ୟ ସମାନ ଦଶା ଭୋଗିବାକୁ ପଡ଼ିଛି। ଏମାନଙ୍କ ସହ ବିଶ୍ୱକପ ଇତିହାସରେ ୬ଥର ସେମିଫାଇନାଲ ଖେଳିଥିବା ଦଳ ନ୍ୟୁଜିଲାଣ୍ଡକୁ ବିଦା ହେବାକୁ ପଡ଼ିଛି। ଏହି ଦଳକୁ ବର୍ଷା ନୁହେଁ ଆଫଗାନିସ୍ତାନ ନିକଟରୁ ହାରିବାରୁ ବିଦା ହେବାକୁ ପଡ଼ିଛି। ଏହି ୩ଦଳ ବେଶ ଶକ୍ତିଶାଳୀ। ନ୍ୟୁଜିଲାଣ୍ଡକୁ ବାଦ୍ ଦେଲେ ପାକିସ୍ତାନ ଓ ଶ୍ରୀଲଙ୍କା ପୂର୍ବରୁ ଟାଇଟଲ ଜିତିବାରେ ସମର୍ଥ ହୋଇଥିଲେ। ସେମାନଙ୍କ ବିଦା ହେବା ପରେ ବିଶ୍ୱକପ୍‌ର ଆକର୍ଷଣ କମିବାରେ ଲାଗିଛି।




**ପାକିସ୍ତାନ:** ଗ୍ରୁପ୍-ଏ'ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ସହ ଆୟୋଜକ ଆମେରିକା, କାନାଡା ଓ ଆୟର୍ଲାଣ୍ଡ ସ୍ଥାନ ପାଇଛନ୍ତି। ଏହି ଗ୍ରୁପ୍‌ରେ ଭାରତ ତାହାର ପ୍ରଥମ ୩ଟି ମ୍ୟାଚ୍ ଜିତି ପ୍ରଥମ ଦଳ ଭାବେ ସୁପର-୮'ରେ ପ୍ରବେଶ କରିଛି। କିନ୍ତୁ ଆମେରିକା ଓ ଭାରତଠାରୁ ମ୍ୟାଚ୍ ହାରିବା ପରେ ପାକିସ୍ତାନକୁ ଶେଷ ୨ଟି ମ୍ୟାଚ୍ ଜିତିବାର ଆବଶ୍ୟକ ଥିଲା। ଏହା ମଧ୍ୟରେ ପାକିସ୍ତାନ ଓ କାନାଡାକୁ ହରାଇ ଆମେରିକା ୪ ପଏଣ୍ଟ ପାଇଥିଲା। ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ଥିବା ଆମେରିକା ତାହାର ଶେଷ ଲିଗ୍ ମ୍ୟାଚ୍ ଆୟର୍ଲାଣ୍ଡ ସହ ଖେଳିବାର ଥିଲା। କିନ୍ତୁ ଏହି ମ୍ୟାଚ୍‌ଟି ବର୍ଷା ଯୋଗୁ ବାତିଲ ହୋଇଯିବାରୁ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ପାଇଥିଲେ। ଯାହା ଫଳରେ ଆମେରିକା ୫ ପଏଣ୍ଟ ପାଇ ସୁପର-୮'କୁ ଉନ୍ନୀତ ହୋଇଥିଲା ଓ ପାକିସ୍ତାନ ବିଦାୟ ନେଇଥିଲା। ବର୍ଷା ଓ ବିପର୍ଯ୍ୟୟ ଉଭୟ କାରଣ ଯୋଗୁଁ ପାକିସ୍ତାନକୁ ଏହି ଦଶା ଭୋଗିବାକୁ ପଡ଼ିଥିଲା।

**ଶ୍ରୀଲଙ୍କା:** ଗ୍ରୁପ୍-ଡ଼ି'ରେ ସ୍ଥାନ ପାଇଥିବା ଶ୍ରୀଲଙ୍କା ଏକ ଶକ୍ତିଶାଳୀ ଦଳ ଓ ବିଶ୍ୱକପ୍‌ରେ ଏହି ଦଳର ରେକର୍ଡ ଉନ୍ନତ। ପାକିସ୍ତାନ ଭଳ ବର୍ଷା ଓ ବିପର୍ଯ୍ୟୟ ଯୋଗୁଁ ଶ୍ରୀଲଙ୍କା ମଧ୍ୟ ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଛି। ପ୍ରଥମେ ମାନ୍ୟତାରେ ପଛୁଆ ଥିବା ବାଂଲାଦେଶ ୨ ୱିକେଟରେ ଶ୍ରୀଲଙ୍କାକୁ ହରାଇଥିଲା। ଏହା ପରେ ଦୁର୍ବଳ ଦଳ ନେପାଳ ସହ ଏହାର ମ୍ୟାଚ୍ ବାତିଲ ହେବା ଫଳରେ ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ ହରାଇଥିଲା। ଦକ୍ଷିଣ ଆଫ୍ରିକାଠାରୁ



ପରାଜିତ ହୋଇଥିବା ଶ୍ରୀଲଙ୍କାକୁ ଏହି ବାତିଲ ମ୍ୟାଚ୍ ମହଙ୍ଗା ପଡ଼ିଥିଲା। ନେଦରଲାଣ୍ଡସକୁ ହରାଇବା ପରେ ବାଂଲାଦେଶ ୪ ପଏଣ୍ଟ ପାଇଥିଲା। ଯାହା ଫଳରେ ଶେଷ ମ୍ୟାଚ୍‌ରେ ଶ୍ରୀଲଙ୍କା ବିଜୟୀ ହେଲେ ମଧ୍ୟ ସର୍ବାଧିକ ୩ ପଏଣ୍ଟ ପାଇବ ଓ ପ୍ରତିଯୋଗିତାର ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଛନ୍ତି।

**ନ୍ୟୁଜିଲାଣ୍ଡ:** ଗ୍ରୁପ୍-ସି'କୁ ଗ୍ରୁପ୍ ଅଫ୍ ଡେଥ୍ କୁହାଯାଏ। ଏହି ଗ୍ରୁପ୍‌ରେ ଶକ୍ତିଶାଳୀ ନ୍ୟୁଜିଲାଣ୍ଡ ପ୍ରଥମ



୨ଟି ମ୍ୟାଚ୍‌ରେ ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ୍ ନିକଟରୁ ହାରିଯିବା ପରେ ଦଳ ବିପଦରେ ପଡ଼ିଥିଲା। ଏହା ପରେ ଉଭୟ ଆଫଗାନ ଓ ଇଣ୍ଡିଜ୍ ୩ଟି ଲେଖାଏଁ ମ୍ୟାଚ୍ ଜିତି ୬ ପଏଣ୍ଟ ଲେଖାଏଁ ସଂଗ୍ରହ କରି ସୁପର-୮'କୁ ଉନ୍ନୀତ ହୋଇଥିଲେ। ନ୍ୟୁଜିଲାଣ୍ଡ ବାକିଥିବା ୨ଟି ମ୍ୟାଚ୍ ଜିତିଲେ ମଧ୍ୟ ସର୍ବାଧିକ ୪ ପଏଣ୍ଟ ପାଇବ। ଯାହା ଫଳରେ ଦଳ ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଥିଲା। ନ୍ୟୁଜିଲାଣ୍ଡ ଲାଗି ଆଫଗାନିସ୍ତାନଠାରୁ ହାରିବା ମହଙ୍ଗା ପଡ଼ିଥିଲା। ୱେଷ୍ଟଇଣ୍ଡିଜ୍‌ଠାରୁ ହାରିବା ପରେ ଲଢ଼େଇ ଏକ ପ୍ରକାର ଶେଷ ହୋଇଯାଇଥିଲା। ଏହି ଗ୍ରୁପ୍‌ରେ ନ୍ୟୁଜିଲାଣ୍ଡର ମାନ୍ୟତା ପ୍ରଥମ ସ୍ଥାନରେ ଥିଲା। ଏହି ଦଳ ସହ ପାକିସ୍ତାନ ଓ ଶ୍ରୀଲଙ୍କା ବିଦାୟ ନେବା ପରେ ଟୁର୍ଣ୍ଣାମେଣ୍ଟର କିଛିଟା ଆକର୍ଷଣ କମିଯାଇଛି।

## ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହେବାରେ ଆମେରିକା ୬ଷ୍ଠ ସହଯୋଗୀ ରାଷ୍ଟ୍ର





ଆମେରିକା ଚଳିତ ବିଶ୍ୱକପ୍‌ରେ ପ୍ରଥମଥର ଅଂଶଗ୍ରହଣ କରି ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛି। ଏହି ବିଶ୍ୱକପ୍‌ରେ ସହଯୋଗୀ ରାଷ୍ଟ୍ର ଭାବେ ଦ୍ୱିତୀୟ ରାଉଣ୍ଡ (ସୁପର-୮/୧୦/୧୨)କୁ ଉନ୍ନୀତ ହେବାରେ ଆମେରିକା ହେଉଛି ୬ଷ୍ଠ ଦଳ। ପୂର୍ବରୁ ୨୦୦୯ରେ ଆୟର୍ଲାଣ୍ଡ, ୨୦୧୪ରେ ନେଦରଲାଣ୍ଡସ, ୨୦୧୬ରେ ଆଫଗାନିସ୍ତାନ, ୨୦୨୧ରେ ନାମିବ୍ୟା, ୨୦୨୧ରେ ସ୍କଟଲାଣ୍ଡ ଓ ୨୦୨୨ରେ ନେଦରଲାଣ୍ଡସ ଦ୍ୱିତୀୟଥର ପରବର୍ତ୍ତୀ ପର୍ଯ୍ୟାୟ ବା ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ଆମେରିକା ଏହି ତାଲିକାରେ ସହଯୋଗୀ ଦେଶ ଭାବେ ଆଉ ଏକ ସଫଳତା ଯୋଡିଦେଇଛି।

---

**ଅନୁରାଗ, ଶୀର୍ଷେନ୍ଦୁଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ**

# ମାଲକାନଗିରି, ବଲାଙ୍ଗିର ବିଜୟୀ







**ଭୁବନେଶ୍ୱର, ୧୫।୬ (ସମିସ):** ଓସିଏ ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ୍ ପ୍ରତିଯୋଗିତାରେ ଶନିବାର ୩ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ବଲାଙ୍ଗିର, ମାଲକାନଗିରି ଓ ଯାଜପୁର ବିଜୟ ଲାଭ କରିଛି। ମାଲକାନଗିରିର ଶୀର୍ଷେନ୍ଦୁ ସରକାର ଓ ବଲାଙ୍ଗିରର ଅନୁରାଗ ପ୍ରଧାନଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ଦିବସର ଉଲ୍ଲେଖନୀୟ ସଫଳତା ଥିଲା।

ନିମପୁର ଗ୍ରାଉଣ୍ଡରେ ଯାଜପୁର ପ୍ରଥମେ ବ୍ୟାଟିଂ କରି ୩୯.୫ ଓଭରରେ ୧୬୫ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ସୌମ୍ୟ ପରିଡ଼ା ୯୮ ରନ କରିଥିଲେ। ଗଞ୍ଜାମର ଆଦର୍ଶ ପଟ୍ଟନାୟକଙ୍କୁ ୪ ୱିକେଟ୍ ମିଳିଥିଲା। ଏହାପରେ ଆଦର୍ଶ ବ୍ୟାଟିଂରେ ମଧ୍ୟ ୫୮ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। କିନ୍ତୁ ଗଞ୍ଜାମ ୧୪୮ ରନରେ ଅଲ୍‌ଆଉଟ୍ ହୋଇ ୧୭ ରନରେ ପରାସ୍ତ ହୋଇଥିଲା। ବିଡ଼ାନାସୀ ଗ୍ରାଉଣ୍ଡରେ ମାଲକାନଗିରି ବିପକ୍ଷରେ ଗଜପତି ପ୍ରଥମେ ବ୍ୟାଟିଂ କରି ୪୭ ଓଭରରେ ୯ ୱିକେଟ୍‌ରେ ୨୨୯ ରନ କରିଥିଲା। ଜବାବରେ ମାଲକାନଗିରି ୪୦.୪ ଓଭରରେ ୬ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳର ଶୀର୍ଷେନ୍ଦୁ ସରକାର ୨ ୱିକେଟ୍ ସହ ବ୍ୟାଟିଂରେ ୪୯ ରନ କରି ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ। ସେହିଭଳି ରେଭେନଶା ଗ୍ରାଉଣ୍ଡ-୨ରେ ବଲାଙ୍ଗିର ପକ୍ଷରୁ ଧାର୍ଯ୍ୟ ୧୮୯ ରନର ଲକ୍ଷ୍ୟକୁ ପିଛା କରି କଳାହାଣ୍ଡି ୧୫ ଓଭରରେ ମାତ୍ର ୪୪ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ବଲାଙ୍ଗିର ପାଇଁ ଅନୁରାଗ ପ୍ରଧାନ ୪୪ ରନ ସହ ୩ ୱିକେଟ୍ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

## ଯୁବ ଗୋଲରକ୍ଷକ ମାଟିଜାଙ୍କ ଅକାଳ ବିୟୋଗ

**ଲଣ୍ଡନ, ୧୫।୬ (ଏଜେନ୍ସି):** ଇଂଲିଶ ଫୁଟ୍‌ବଲ ଲିଗ୍ (ଇଏଫ୍‌ଏଲ୍) ଚାମ୍ପିଅନସିପ୍ କ୍ଲବ ମିଲୱାଲ ଏଫ୍‌ସିର ଯୁବ ଗୋଲ୍‌ରକ୍ଷକ ମାଟିଜା ସାର୍କିକଙ୍କ ଅକାଳ ବିୟୋଗ ଘଟିଛି। ଶନିବାର ସକାଳେ ଆପାର୍ଟମେଣ୍ଟରେ ଥିବାବେଳେ ହୃଦ୍‌ଘାତରେ ମାଟିଜା ମୃତ୍ୟୁବରଣ କରିଛନ୍ତି। ତାଙ୍କୁ ମାତ୍ର ୨୬ ବର୍ଷ ହୋଇଥିଲା। ସେ ମୋଣ୍ଟେଗ୍ରୋ ରାଷ୍ଟ୍ର ପକ୍ଷରୁ ଅନ୍ତର୍ଜାତୀୟ ଫୁଟ୍‌ବଲରେ ପ୍ରତିନିଧିତ୍ୱ କରୁଥିଲେ। ଶେଷଥର ଲାଗି ସେ ମୋଣ୍ଟେଗ୍ରୋ ପକ୍ଷରୁ ଗତ ଜୁନ ୫ରେ ବେଲ୍‌ଜିୟମ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥିଲେ। ଏହି ମ୍ୟାଚରେ ବେଲ୍‌ଜିୟମ



୨-୦ ଗୋଲରେ ବିଜୟୀ ହୋଇଥିଲା। ସେହିଭଳି ଇଏଫ୍‌ଏଲ୍ ଚାମ୍ପିଅନସିପ୍‌ରେ ମିଲ୍‌ୱାଲ୍ ଏଫ୍‌ସି ପକ୍ଷରୁ ସେ ଗତ ସଂସ୍କରଣରେ ୩୩ ମ୍ୟାଚ୍ ଖେଳିଥିଲେ। ସାର୍କିକ୍‌ଙ୍କ ଅକାଳ ବିୟୋଗରେ ମେଣ୍ଟେଗ୍ରୋ ଫୁଟ୍‌ବଲ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ଭୁବନେଶ୍ୱର-ଏ, ରେଳବାଇର ବୃହତ୍ ବିଜୟ







**କଳାହାଣ୍ଡି କପ୍ ସୁପର୍ ଲିଗ୍**

**ଭୁବନେଶ୍ୱର, ୧୫।୬ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା କଳାହାଣ୍ଡି କପ୍ ସୁପର୍ ଲିଗ୍ ପର୍ଯ୍ୟାୟରେ ଶନିବାର ପୂର୍ବତଟ ରେଳବାଇ ୩୩୧ ରନରେ ଅବଶିଷ୍ଟ ଓଡ଼ିଶା-ଏ'କୁ ଏବଂ ଭୁବନେଶ୍ୱର-ଏ ୧୮୧ ରନରେ ଅବଶିଷ୍ଟ ଓଡ଼ିଶା-ବି'କୁ ବଡ଼ ବ୍ୟବଧାନରେ ହରାଇଦେଇଛି। ସେହିଭଳି ଅବଶିଷ୍ଟ ଓଡ଼ିଶା-ସି ଓ ଓଡ଼ିଶା-ଡି ମଧ୍ୟ ନିଜ ନିଜ ମ୍ୟାଚରେ ବିଜୟ ଲାଭ କରିଛନ୍ତି।

ସନସାଇନ ଗ୍ରାଉଣ୍ଡରେ ଗିରିଜା ରାଉତଙ୍କ ୧୧୨ ଏବଂ ସୂର୍ଯ୍ୟକାନ୍ତ ପ୍ରଧାନ (୯୫ ରନ) ଓ ସୁଜିତ ଲେଙ୍କା (୭୯)ଙ୍କ ଅର୍ଦ୍ଧଶତକ ବଳରେ ଅବଶିଷ୍ଟ ଓଡ଼ିଶା-ଏ ବିପକ୍ଷରେ ପୂର୍ବତଟ ରେଳବାଇ ପ୍ରଥମେ ବ୍ୟାଟିଂ କରି ୯୦ ଓଭରରେ ୪୫୯ ରନର ବିଶାଳ ସ୍କୋର କରିଥିଲା। ଜବାବରେ ଶାଶ୍ୱତ ମହାନ୍ତିଙ୍କ ଅପରାଜିତ ୭୪ ରନ ସତ୍ତ୍ୱେ ଓଡ଼ିଶା-ଏ ୧୨୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ରେଳବାଇର ଜୟନ୍ତ ବେହେରା ଓ ସମୀର ମହାନ୍ତି ୩ଟି ଲେଖାଏ ୱିକେଟ୍ ନେଇଥିଲେ। ସେହିଭଳି ଡ୍ରିମ୍ସ ଷ୍ଟାଡିୟମରେ ଭୁବନେଶ୍ୱର-ଏ ପ୍ରଥମେ ବ୍ୟାଟିଂ କରି ୨୭୫ ରନ କରିଥିଲା। ଏହାପରେ ଓଡ଼ିଶା-ବି ମାତ୍ର ୯୪ ରନରେ ସମସ୍ତ ୱିକେଟ୍ ହରାଇଥିଲା। ବିଜୟୀ ଦଳର ଶୁଭମ ଦାସ ୫ ୱିକେଟ୍ ସଫଳତା ପାଇଥିଲେ। ରେଭେନଶା ଗ୍ରାଉଣ୍ଡ-୧ରେ ନୟାଗଡ଼କୁ ୨ ୱିକେଟ୍‌ରେ ହରାଇଦେଇଛି ଓଡ଼ିଶା-ସି। ଏହି ମ୍ୟାଚରେ ନୟାଗଡ଼ ପ୍ରଥମ ପାଳିରେ ୧୧୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଓଡ଼ିଶା-ସି ଶୁଭମ ଶତ୍ରୁଜିତ୍‌ଙ୍କ ୯୫ ଏବଂ ସୌଭାଗ୍ୟ ରାଉତ ଓ ଗୌରବ ଚୌଧୁରୀଙ୍କ ୮୨ ରନ ଲେଖାଏ ବଳରେ ଦଳ ୮ ୱିକେଟ୍‌ରେ ୪୭୨ ରନର ବିଶାଳ ସ୍କୋର କରି ବିଜୟୀ ହୋଇଥିଲା। ବାରବାଟୀ ଷ୍ଟାଡିୟମରେ ଓଡ଼ିଶା-ଡି ୧୧୮ ରନରେ ଭଦ୍ରକକୁ ମାତ୍ ଦେଇଛି। ଓଡ଼ିଶା-ଡି ପକ୍ଷରୁ ଧାର୍ଯ୍ୟ ୨୦୪ ରନର ଲକ୍ଷ୍ୟକୁ ପିଛା କରି ଭଦ୍ରକ ୮୫ ରନରେ ସୀମିତ ରହିଥିଲା। ଓଡ଼ିଶା-ଡି'ର ଶେଖ୍ ଆଝାରୁଦ୍ଦିନ ୧୪ ରନରେ ୫ଟି ୱିକେଟ୍ ନେଇଥିଲେ।

---

**ଭାରତୀୟ କବାଡ଼ିକୁ ଯାଜପୁର ଜିଲ୍ଲାର ଅବଦାନ ଅତୁଳନୀୟ**

# କବାଡ଼ି ଖେଳାଳି ତିଆରି କରୁଛି ଖଣ୍ଡିତର




**ଯାଜପୁର ୧୫।୬(ସନ୍ଦୀପ୍ତ ରାୟ)**


ଭାରତରେ କ୍ରିକେଟ୍, ହକି ଖେଳକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ କବାଡ଼ି ପରି ପାରମ୍ପରିକ ଖେଳ ପ୍ରତି ସେତେଟା ଗୁରୁତ୍ୱ ମିଳୁନଥିବା ଅଭିଯୋଗ ହୁଏ। କିନ୍ତୁ ଏହି କବାଡ଼ି ସହିତ ପ୍ରତ୍ୟେକ ଭାରତୀୟଙ୍କ ଭାବାବେଗ ଜଡିତ ଥିଲେ ମଧ୍ୟ ସରକାରୀ ପ୍ରୋତ୍ସାହନ ଅବହେଳା ଓ ପ୍ରଚାର ପ୍ରସାରର ଅଭାବ ଯୋଗୁଁ ଏହି ଖେଳର ଚାହିଦା କମି କମି ଆସୁଥିଲା। କିନ୍ତୁ ୨୦୧୪ ମସିହାରେ ଷ୍ଟାର ସ୍ପୋର୍ଟ୍ସ ପକ୍ଷରୁ ପ୍ରୋ କବାଡ଼ି ଲିଗ୍ ଆରମ୍ଭ ହେବା ପରେ ଏହି ଖେଳର ସବୁକିଛି ବଦଳିଯାଇଛି। କ୍ରିକେଟର ଆଇପିଏଲ ଢ଼ାଞ୍ଚାରେ ଏହି ପ୍ରୋ କବାଡ଼ି ଲିଗ୍ ଆୟୋଜନ ହେବା ସହିତ ଏହାର ସିଧାପ୍ରସାରଣ ହେବା ଦ୍ୱାରା ଦେଶରେ କୋଟି କୋଟି କବାଡ଼ି ଖେଳପ୍ରେମୀଙ୍କ ନିକଟରେ ଏହା ପହଞ୍ଚିପାରିଛି। ସେବେଠାରୁ ପ୍ରତିବର୍ଷ ଏହି ଖେଳର ନବକଳେବର ହେଉଛି ଏବଂ ଏହା ଅଧିକରୁ ଅଧିକ ଲୋକପ୍ରିୟ ହେବାରେ ଲାଗିଛି। ତେଣୁ ଦେଶର କୋଣ ଅନୁକୋଣରେ କବାଡ଼ି ଖେଳ ରେ ରୁଚି ରଖୁଥିବା ପ୍ରତ୍ୟେକ ଖେଳାଳି ଏଥିରେ ଖେଳିବା ପାଇଁ ସ୍ୱପ୍ନ ଦେଖୁଛନ୍ତି। କିନ୍ତୁ ଏହି ପ୍ରୋ କବାଡ଼ି ଆରମ୍ଭ ହେବାର ଦୀର୍ଘ ବର୍ଷ ପୂର୍ବରୁ ଯାଜପୁର କବାଡ଼ି ଆସୋସିଏସନ ଏଭଳି ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା ଆୟୋଜନ କରି ଆସୁଛି। ଆଜି ଯେଉଁମାନେ ପ୍ରୋ କବାଡ଼ିର ତାରକା ଖେଳାଳିର ମାନ୍ୟତା ପାଇଛନ୍ତି ସେମାନେ ପୂର୍ବରୁ ଏହି ଖଣ୍ଡିତର ଷ୍ଟାଡିୟମରେ ଖେଳି ସାରିଛନ୍ତି। ବରଂ ଏହି ଷ୍ଟାଡିୟମରେ ଉନ୍ନତ ଖେଳ ପ୍ରଦର୍ଶନ କରିବା ପରେ ସେମାନଙ୍କୁ ଏଭଳି ସୁଯୋଗ ମିଳିଛି ବୋଲି କୁହାଯାଇପାରେ। ଚଳିତ ବର୍ଷ ଆୟୋଜିତ ହେଉଥିବା ୬୯ ତମ ସର୍ବଭାରତୀୟ କବାଡ଼ି ପ୍ରତିଯୋଗୀତାରେ ୧୫ ଜଣ ପ୍ରୋ କବାଡ଼ି ଖେଳୁଛନ୍ତି। ସେଥିମଧ୍ୟରୁ ସାଉଥ ଇଷ୍ଟର୍ଣ୍ଣ ରେଲୱେ ଦଳରେ ୫ ଜଣ,ଇଷ୍ଟର୍ଣ୍ଣ ରେଲୱେରେ ୩ ଜଣ ଛତିଶଗଡ ଦଳରେ ଜଣେ ,ନାଗପୁର ଦଳରେ ୩ ଜଣ ଏବଂ ଅର୍ଡିନାନ୍ସ, ମହାରାଷ୍ଟ୍ର ଦଳରେ ୪ ଜଣ ଖେଳାଳି ଅଛନ୍ତି। ପ୍ରୋ କବାଡ଼ି ଲିଗର ଜୟପୁର ପିଙ୍କ୍ ପାନ୍ଥର୍ସରେ ଖେଳୁଥିବା ଗୁମାନ ସିଂ, ବେଙ୍ଗାଲୁର ବୁଲ୍ସର ମନୁ, ବିକାଶ, ଅଜୟ, ପଙ୍କଜ, ୟୁ ମୁମ୍ବାର ସୁରିନ୍ଦର ସିଂ, ପ୍ରୟାସ, ହରିଆଣା ଷ୍ଟିଲର୍ସର ଅମନ ଦଲାଲ, ଧୂଲ, ୟୁପି ଯୋଦ୍ଧାର ଦୁର୍ଗେଶ, ଦବଙ୍ଗ ଦିଲ୍ଲୀର ବିକାଶ, ତେଲଗୁ ଟାଇଟନ୍ସର ନିତିନ ପ୍ରମୁଖ ଚଳିତ ବର୍ଷ ଖଣ୍ଡିତର ଷ୍ଟାଡିୟମରେ ନିଜର ଖେଳ ପ୍ରଦର୍ଶନ କରୁଛନ୍ତି। କେବଳ ଏତିକି ନୁହେଁ ପୂର୍ବରୁ ସନ୍ଦୀପ ନରୱାଲ, ମହେନ୍ଦ୍ର ରାଜପୁତ, ଭିଜୟ, ରବିନ୍ଦ୍ର ପହଲ, ୱାଜିର ସିଂହ, ସୁଖବିନ୍ଦର ନାଡାଙ୍କ ଭଳି ଅନ୍ତର୍ଜାତିୟ ଖେଳାଳି ଏହି ଷ୍ଟାଡିୟମରେ ଖେଳି ଯାଇଛନ୍ତି। ୨୦୦୨ ମସିହାରୁ ଏଠାରେ ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା ଆୟୋଜନ କରାଯାଉଛି। ଭାରତର କୋଣ ଅନୁକୋଣରୁ ଆସି ଅନେକ ଖେଳାଳି ସେମାନଙ୍କ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବା ପରେ ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ସୁଯୋଗ ମିଳୁଛି।

## ପ୍ରୋ କବାଡ଼ି ଖେଳାଳିଙ୍କ ମତାମତ



ଏଠାରେ ଖେଳ ସଂପୂର୍ଣ୍ଣ ଭାବେ ଉନ୍ନତ ଭାବେ ଆୟୋଜନ କରାଯାଉଛି। ପ୍ରୋ କବାଡ଼ି ଆରମ୍ଭ ହେବା ପୂର୍ବରୁ ଏଠାରେ ଆମେ ମଧ୍ୟ ଖେଳିଛୁ। ପ୍ରତ୍ୟେକ ବର୍ଷ ଏଠାରେ ଅନେକ ପରିବର୍ତ୍ତନ ଦେଖୁଛୁ। କିନ୍ତୁ ପ୍ରୋ କବାଡ଼ି ମ୍ୟାଚ ଗୁଡିକ ଶୀତତାପ ନିୟନ୍ତ୍ରିତ ଇଣ୍ଡୋର ଷ୍ଟାଡିୟମରେ ହେଉଥିବା ବେଳେ ଏଠାରେ ଆଉଟ ଡୋରରେ ଖେଳ ହେଉଛି। ପ୍ରଚୁର ଗରମ ଏବଂ ଅତ୍ୟଧିକ ଝାଳ ସତ୍ତ୍ୱେ ଖେଳ ପ୍ରତି ଥିବା ଦୁର୍ବଳତା ଯୋଗୁଁ ଆମେ ଏଠାରେ ଖେଳୁଛୁ ଓ ଆଗକୁ ଖେଳିବୁ। ତେଣୁ ଏଠାରେ ଆନ୍ତର୍ଜାତୀୟସ୍ତରର ଭିତିଭୂମି ଯୋଗାଇ ଦିଆଯିବା ର ଆବଶ୍ୟକତା ରହିଛି।

**■ ଦୀପକ ନରୱାଲ,ପ୍ରୋ କବାଡ଼ି ଖେଳାଳି**



ମୁଁ ପ୍ରୋ କବାଡ଼ି ଖେଳିବା ପୂର୍ବରୁ ଅନେକ ଥର ଏଠାକୁ ଆସିଛି ଖେଳିଛି। ଅନେକ କିଛି ପରିବର୍ତ୍ତନ ଦେଖୁଛି। ଏଠାକାର ଜଳବାୟୁ ଟିକେ ଗରମ ଲାଗୁଛି। କିନ୍ତୁ ଆୟୋଜକ ମାନଙ୍କ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଉଛି। ଇଲୋକ୍ଟ୍ରୋନିକ ସ୍କୋର ବୋର୍ଡର ଆବଶ୍ୟତା ରହିଛି। ଦର୍ଶକଙ୍କ କରତାଳି ପାଇଁ ଏଠାକୁ ପ୍ରତିବର୍ଷ ଆସିବାକୁ ଇଚ୍ଛା ହୁଏ। ଯେତେ ସମସ୍ୟା ଥିଲେ ମଧ୍ୟ ଆୟୋଜକ ମାନଙ୍କ ନିମନ୍ତ୍ରଣ ଏବଂ ଦର୍ଶକଙ୍କ ତାଳି ପାଇଁ ଏଠାକୁ ଆସିବାକୁ ଭଲ ଲାଗେ।

**■ ଦୁର୍ଗେଶ, ପ୍ରୋ କବାଡ଼ି ଖେଳାଳି, ୟୁପି ଯୋଦ୍ଧା**



ମୁଁ ପ୍ରୋ କବାଡ଼ି ଟୁର୍ଣ୍ଣାମେଣ୍ଟରେ ଜୟପୁର ପାନ୍ଥର୍ସ ପାଇଁ ଖେଳେ। ପ୍ରଥମ ଥର ପାଇଁ ଏଠାକୁ ଆସିଛି। ଏଠାକୁ ଆସି ଦର୍ଶକଙ୍କ କରତାଳିରୁ ମୋତେ ଏହା କୌଣସି ଗୁଣରେ ପ୍ରୋ କବାଡ଼ି ଠାରୁ କମ ଲାଗୁ ନାହିଁ। ଗ୍ରାମାଞ୍ଚଳରେ ଏଭଳି ଏକ ବଡ଼ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଛି ଏବଂ ଏଥିରେ ଏତେ ସଂଖ୍ୟକ ଦର୍ଶକ ଦେଖୁଛନ୍ତି ତାହା ଦେଖି ବେଶ ଖୁସି ଲାଗୁଛି। ଏଭଳି ଟୁର୍ଣ୍ଣାମେଣ୍ଟ ପ୍ରତ୍ୟେକ ଅଞ୍ଚଳରେ ହେଲେ ଅଧିକରୁ ଅଧିକ ଖେଳାଳି ସୃଷ୍ଟି ହୋଇପାରିବେ।

**■ ସୁମିତ୍, ପ୍ରୋ କବାଡ଼ି ଖେଳାଳି, ଜୟପୁର ପାନ୍ଥର୍ସ**



ମୁଁ ପୁରା ଭାରତର କୋଣ ଅନୁକୋଣରେ ବୁଲିଛି। କିନ୍ତୁ କବାଡ଼ି ଖେଳ ପାଇଁ ଏତେ ଭଲ ପାଇବା ଏଭଳି କେଉଁଠି ମୁଁ ଦେଖି ନାହିଁ। ଭାରତ ବର୍ଷରେ କବାଡ଼ି ଖେଳ ଯଦି ଆଗକୁ ଆସିଛି ତା ହେଲେ ଏହି ସଂଗଠନ (ଯାଜପୁର କବାଡ଼ି ସଂଘ)ର ଅନେକ ହାତ ରହିଛି। ପ୍ରୋ କବାଡ଼ି ମ୍ୟାଚରେ ଆମକୁ ଅନେକ କଟକଣା ଭିତରେ ରହିବାକୁ ହୁଏ, କିନ୍ତୁ ଏଠାରେ ଆମେ ହୃଦୟ ଖୋଲା ଖେଳିପାରୁଛୁ। ସେଥିପାଇଁ ଆମେ ପ୍ରତିବର୍ଷ ଏଠାକୁ ଆସୁଛୁ।

**■ ରାମ କୁମାର ସାହା, ପ୍ରୋ କବାଡ଼ି ଖେଳାଳି**

# ଗୁଗୁଲ୍ ମ୍ୟାପ୍ସ ସେବାରେ ହେବ ବଡ଼ ପରିବର୍ତ୍ତନ

ଖୁବ୍‌ଶୀଘ୍ର ଗୁଗୁଲ ଏହାର ଏକ ସେବାରେ ବଡ଼ଧରଣର ପରିବର୍ତ୍ତନ ଆଣିବାକୁ ଯାଉଛି। ଏଥିପାଇଁ ୟୁଜର୍ସଙ୍କୁ ଡିସେମ୍ବର ୧ ସୁଦ୍ଧା ନିଜ ଡାଟା ଡାଉନ୍‌ଲୋଡ୍ କରିବା ପାଇଁ କମ୍ପାନୀ ଶେଷ ସମୟସୀମା ଦେଇଛି। ତେବେ ଏହି ପରିବର୍ତ୍ତନ ଦ୍ୱାରା ୟୁଜର୍ସଙ୍କ



ବ୍ୟକ୍ତିଗତ ଡାଟା ଆହୁରି ସୁରକ୍ଷିତ ରହିପାରିବ। ଏକ ରିପୋର୍ଟରୁ ପ୍ରକାଶ ଯେ ଗୁଗୁଲ ଏହାର ଗୁଗୁଲ୍ ମ୍ୟାପ୍ସ ସେବାରେ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛି। ଏହି ପରିବର୍ତ୍ତନ ୟୁଜରମାନଙ୍କର ଲୋକେସନ୍ ଡାଟାକୁ ନେଇ କରାଯିବ। ଏହା ପରେ ୟୁଜର ନିଜ ଲୋକେସନ ଡାଟାକୁ ଅନ୍ ଡିଭାଇସ୍ ଅର୍ଥାତ୍ ଲୋକାଲି ଷ୍ଟୋର୍ କରିପାରିବେ। ଗୁଗୁଲ ଖୁବ ଶୀଘ୍ର ଏଥିପାଇଁ ଅଟୋ ଡିଲିଟ୍ ଫିଚର ବ୍ୟବସ୍ଥା ଆଣିବାକୁ ଯାଉଛି। ଏହାପରେ ୟୁଜରମାନେ ଲୋକେସନ୍ ଡାଟା କ୍ଲାଉଡ୍ ସର୍ଭରରେ ଷ୍ଟୋର ହେବ ନାହିଁ। ଏହାବ୍ୟତୀତ ଲୋକେସନ ହିଷ୍ଟ୍ରିର ନାମ ପରିବର୍ତ୍ତନ କରି ଟାଇମ୍‌ଲାଇନ୍ କରିଦିଆଯାଇଛି। ଅପର ପକ୍ଷେ ୟୁଜରମାନଙ୍କର ଡାଟାର ଗୋପନୀୟତାକୁ ଅପଗ୍ରେଡ୍ କରିବା ପାଇଁ ଗୁଗୁଲ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡିଛି। ତେଣୁ ଯେଉଁ ୟୁଜର ନିଜର ଲୋକେସନ ହିଷ୍ଟ୍ରିକୁ ଷ୍ଟୋର କରିବାକୁ ଚାହୁଁଛନ୍ତି ସେମାନେ ୨୦୨୪ ଡିସେମ୍ବର ୧ ସୁଦ୍ଧା ଏହାକୁ ଡାଉନଲୋଡ୍ କରିପାରିବେ। ଗୁଗୁଲ ମ୍ୟାପ୍ ବ୍ୟବହାର କରିବା ପାଇଁ ୟୁଜର ସବୁବେଳେ ନିଜ ସ୍ମାର୍ଟଫୋନରେ ଲୋକେସନକୁ ଅନ୍ ରଖିବାକୁ ପଡ଼ିଥାଏ। କହିରଖୁଛୁ ଗୁଗୁଲ ମ୍ୟାପ୍ସରେ ଟାଇମଲାଇନ୍ ଫିଚରକୁ କେବଳ ଆପରେ ଯୋଡ଼ାଯାଇଛି ଅର୍ଥାତ କେବଳ ଆଣ୍ଡ୍ରଏଡ୍ ଫୋନ୍ ବ୍ୟବହାରକାରୀ ଏହି ଫିଚର ବ୍ୟବହାର କରିପାରିବେ। ଅପରପକ୍ଷରେ ୱେବ୍ ୟୁଜର୍ସଙ୍କ ପାଇଁ ଗୁଗୁଲ ମ୍ୟାପ୍ସର ଟାଇମଲାଇନ୍ ଫିଚରର ସୁବିଧା ଉପଲବ୍ଧ ହେବନାହିଁ।

## କଲର୍ ଆଇଡି ଡିସ୍‌ପ୍ଲେ ସେବା ଆରମ୍ଭ

# ମୋବାଇଲରେ ଦିଶିବ ପ୍ରତ୍ୟେକ କଲରଙ୍କ ନାମ

ମୋବାଇଲ ଫୋନ୍‌ରେ ଏକ ଅଜ୍ଞାତ ନମ୍ବରରୁ କଲ୍ ଆସିଲେ ସମସ୍ତେ ବ୍ୟତିବ୍ୟସ୍ତ ହୋଇଯାଇଥାନ୍ତି। କିଏ ଫୋନ୍ କରିଥିଲେ ଆଉ କାହିଁକି ଫୋନ୍ କରିଥିଲେ। ହେଲେ ଶେଷ ପର୍ଯ୍ୟନ୍ତ ଜଣାପଡେ ନାହିଁ ଯେ କଲର କିଏ ଥିଲେ। ହେଲେ ଏବେ ଆଉ ସେ ଚିନ୍ତା କରିବାକୁ ପଡିବନାହିଁ। କାରଣ ଟେଲିକମ୍ କମ୍ପାନୀଗୁଡିକ ସମ୍ପ୍ରତି ଦେଶରେ କଲର୍ ଆଇଡି ଡିସ୍‌ପ୍ଲେ ସେବା ଆରମ୍ଭ କରିଛନ୍ତି। ଏହା ହେଲେ ଯେତେବେଳେ ଫୋନରେ ଏକ ଅଜ୍ଞାତ ନମ୍ବରରୁ କଲ୍ ଆସିବ ସେତେବେଳେ ୟୁଜରଙ୍କ







ମୋବାଇଲ ହ୍ୟାଣ୍ଡସେଟ୍‌ରେ କଲରଙ୍କ ନାମ ଦୃଶ୍ୟମାନ ହେବ। ଏକ ରିପୋର୍ଟ ଅନୁଯାୟୀ ଟେଲିକମ୍ କମ୍ପାନୀଗୁଡିକ ମୁମ୍ବାଇ ଏବଂ ହରିୟାଣା ସର୍କଲରେ କଲର୍ ଆଇଡି ଡିସ୍‌ପ୍ଲେ ସେବାର ପରୀକ୍ଷଣ ଆରମ୍ଭ କରିଛନ୍ତି। ସରକାରଙ୍କ ଯୋଜନାନୁଯାୟୀ, ଆଗାମୀ ସମୟରେ ଦେଶର ଅନ୍ୟ ସହରଗୁଡିକରେ ମଧ୍ୟ ଏହି ସେବା ଆରମ୍ଭ କରିବାକୁ ଯୋଜନା ରହିଛି। କଲିଂ ନେମ୍ ପ୍ରେଜେଣ୍ଟେସନ୍ (ସିଏନ୍‌ଏପି)କୁ ସ୍ପାମ୍ ଏବଂ ଠକେଇ କଲ୍ ରୋକିବା ପାଇଁ ଏକ ଉପାୟ ଭାବରେ ଦେଖାଯାଉଛି, ଯାହା ସାମ୍ପ୍ରତିକ ସମୟରେ ବହୁ ମାତ୍ରାରେ ବୃଦ୍ଧି ପାଇଛି। ସରକାର ଏବଂ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଚାପ ପରେ କମ୍ପାନୀଗୁଡିକ ଏହି ପରୀକ୍ଷା ଆରମ୍ଭ କରିଛନ୍ତି। ଟେଲିକମ୍ କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ସିଏନ୍‌ଏପି କିପରି କାର୍ଯ୍ୟ କରୁଛି ତାହାର ଫଳାଫଳ ଜାଣିବା ପାଇଁ ଆମେ ଏହାକୁ ସୀମିତ ସଂଖ୍ୟାରେ ପରୀକ୍ଷା କରୁଛୁ। ଏଥିରେ ଆସୁଥିବା କଲ୍ ସମୟରେ ନମ୍ବର ସହିତ କଲରଙ୍କ ନାମ ମଧ୍ୟ ଦୃଶ୍ୟମାନ ହେବ। ଆମେ ଟେଲିକମ୍ ବିଭାଗ ସହିତ ଏହି ପରୀକ୍ଷଣର ଫଳାଫଳକୁ ଶେୟାର କରିବୁ। ଏହାଫଳରେ ପ୍ରସ୍ତାବିତ ସେବା ସମ୍ବନ୍ଧରେ ଏକ ବ୍ୟବହାରିକ ନିଷ୍ପତ୍ତି ନିଆଯାଇପାରିବ। ତେବେ ଏହା ଉପରେ ପ୍ରତିକ୍ରିୟା ରଖି ଟ୍ରୁ କଲର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଋଷିତ୍ ଝୁନ୍‌ଝୁନ୍‌ୱାଲା କହିଛନ୍ତି ଯେ ସିଏନ୍‌ଏପି ସେବା କମ୍ପାନୀର ବିଦ୍ୟମାନ କଲର୍ ଆଇଡି ଆପ୍ଲିକେଶନ୍ ଭଳି ସମାନ ହେବ, କିନ୍ତୁ ଏହା ଆମର ବ୍ୟବସାୟ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପକାଇବନାହିଁ। ଏଠାରେ ସୂଚନାଯୋଗ୍ୟ ଯେ, ସମ୍ପ୍ରତି ସରକାର ଟେଲିକମ୍ ଅପରେଟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସମସ୍ତ ନକଲି ଆନ୍ତର୍ଜାତୀୟ କଲ୍‌କୁ କଲ୍ ଆସିବା ପରେ ଭାରତୀୟ ନମ୍ବରରୁ ଦେଖାଯାଉଛି। ଟେଲିକମ୍ ବିଭାଗ (ଡଟ୍) ଏହି ସମ୍ବନ୍ଧୀୟ ଅଭିଯୋଗ ଗ୍ରହଣ କରୁଥିଲା। ଏହି କଲ୍ ମାଧ୍ୟମରେ ଲୋକଙ୍କୁ ସାଇବର ଅପରାଧ ଏବଂ ଆର୍ଥିକ ଠକେଇ କରାଯାଉଛି।

**ମୁମ୍ବାଇ-ହରିୟାଣାରେ ଟେଲିକମ୍ କମ୍ପାନୀ କଲେ ପରୀକ୍ଷଣ**

## ଶେଷହେବ ଗୁଗୁଲ୍ ଏବଂ ହ୍ୱାଟ୍ସଆପ୍‌ର ଦବ୍‌ଦବା

## ଆପଲ୍‌ର ଆର୍‌ସିଏସ୍ ମେସେଜିଂ ସପୋର୍ଟ

# ବିନା ଇଣ୍ଟରନେଟ୍‌ରେ ପଠାଇହେବ ଫଟୋ, ଭିଡିଓ ଏସ୍‌ଏମ୍‌ଏସ୍

ଇଣ୍ଟରନେଟ୍ ବିନା ଫଟୋ, ଫାଇଲ୍ ଏବଂ ଭିଡିଓ ପଠାଇବା ସମ୍ଭବପର ନୁହେଁ, କିନ୍ତୁ ଆପଲ୍‌ର ଆର୍‌ସିଏସ୍ ମେସେଜିଂ ସପୋର୍ଟ ଜରିଆରେ ଆପଣ ବିନା କୌଣସି ଇଣ୍ଟରନେଟ୍‌ରେ ଫଟୋ, ଭିଡିଓ ଏବଂ ଫାଇଲ୍ ସ୍ଥାନାନ୍ତର କରିବାକୁ ସମର୍ଥ ହେବେ। ଆପଲ୍ ଏହାର ରିଚ୍ କମ୍ୟୁନିକେସନ୍ ସର୍ଭିସ୍ ଅର୍ଥାତ୍ ଆର୍‌ସିଏସ୍ ମେସେଜିଂ ସେବା ଘୋଷଣା କରିଛି। ଏହା ମେସେଜିଂର ଏକ ନୂତନ ଯୁଗ, ଯେଉଁଥିରେ ଆପଣ ବିନା କୌଣସି ଇଣ୍ଟରନେଟ୍ ସହଯୋଗରେ ଫଟୋ, ଭିଡିଓ ଏବଂ ମେସେଜ୍ ପଠାଇବାକୁ ସମର୍ଥ ହେବେ। ଆପଲ୍‌ର ଏହି ନୂତନ ସେବା ଗୁଗୁଲ୍ ଏବଂ ହ୍ୱାଟ୍ସଆପ୍‌କୁ ଦୃଢ଼ ପ୍ରତିଯୋଗିତା ଦେବ ବୋଲି ଆଶା କରାଯାଉଛି। ଏଥିରେ, ଆପଲର ଆଇମେସେଜ୍‌ରୁ ଆଣ୍ଡ୍ରଏଡ୍ ଆଧାରିତ ଗୁଗୁଲର ଇନ୍‌ବକ୍ସକୁ ମେସେଜ୍ ପଠାଯାଇପାରିବ।

ବିଶ୍ୱ ବ୍ୟାପୀ ବିକାଶକାରୀ ସମ୍ମିଳନୀରେ ଆପଲ୍ ଆଇମେସେଜ୍‌ରେ ଆର୍‌ସିଏସ୍‌କୁ ସମର୍ଥନ କରିବ ବୋଲି ଘୋଷଣା କରିଛି। ଚଳିତ ବର୍ଷ ଶେଷ ସୁଦ୍ଧା ଆଇଓଏସ୍ ୧୮ ଅଦ୍ୟତନରେ ଗଡ଼ାଯାଇପାରିବ। ଏହାର ଅର୍ଥ ହେଉଛି ଆଣ୍ଡ୍ରଏଡ୍ ବ୍ୟବହାରକାରୀମାନେ ମୋବାଇଲରୁ ଆଇଫୋନ୍‌କୁ ହ୍ୱାଟ୍ସଆପ୍ ଭଳି ମେସେଜ୍ ପଠାଇବାକୁ ସକ୍ଷମ ହେବେ। ସର୍ବୋତ୍ତମ କଥା ହେଉଛି ଏହି ବାର୍ତ୍ତା ସେଲ୍ୟୁଲାର୍ ନେଟୱାର୍କ ଉପରେ ପଠାଯାଇପାରିବ। ଏହାର ଅର୍ଥ, ହେଉଛି ଆପଣ ଇଣ୍ଟରନେଟରେ ବିନା ହ୍ୱାଟ୍ସଆପ୍ କରି ଆପଣଙ୍କ ଫୋନରେ ମେସେଜ୍ ପଠାଇବାକୁ ସମର୍ଥ ହେବେ। ଉପଭୋକ୍ତାମାନେ





ଉଚ୍ଚମାନର ମେସେଜ୍ ଏବଂ ଭିଡିଓ ପଠାଇବାକୁ ସମର୍ଥ ହେବେ। ପୂର୍ବରୁ ଏହି ବୈଶିଷ୍ଟ୍ୟ କେବଳ ଆଇଫୋନ୍ ବ୍ୟବହାରକାରୀଙ୍କ ପାଇଁ ଦିଆଯାଇଥିଲା, ଯେଉଁଠାରେ ଉପଭୋକ୍ତାମାନେ ଆଇପି ମେସେଜ୍ ସାହାଯ୍ୟରେ ଯୋଗାଯୋଗ କରିବାରେ ସକ୍ଷମ ହୋଇଥିଲେ। ଏହା ନୀଳ ବବୁଲରେ ଦୃଶ୍ୟମାନ ହେଉଥିଲା। ଅବଶ୍ୟ, ବର୍ତ୍ତମାନ ଏହି ବୈଶିଷ୍ଟ୍ୟ ଆଣ୍ଡ୍ରଏଡ୍ ପାଇଁ ମଧ୍ୟ ତିଆରି କରାଯାଉଛି, ଯେଉଁଠାରେ ଏକ ସବୁଜ ବବୁଲ୍ ଦୃଶ୍ୟମାନ ହେବ। ଆର୍‌ସିଏସ୍ ମେସେଜିଂ ହେଉଛି ଏକ ଇଣ୍ଟରାକ୍ଟିଭ୍ ମେସେଜିଂ ପ୍ରୋଟୋକଲ୍, ଯାହା ଉପଭୋକ୍ତାମାନଙ୍କୁ ଦ୍ୱିପାକ୍ଷିକ ଯୋଗାଯୋଗ କରିବାକୁ ଅନୁମତି ଦେଇଥାଏ। ଏଥିରେ ଉପଭୋକ୍ତାମାନେ ପାଠ୍ୟ ସମ୍ପର୍କିତ ମେସେଜ୍ ସହିତ ଚିତ୍ର, ଭିଡିଓ ଏବଂ ଗୋଷ୍ଠୀ ବାର୍ତ୍ତାଳାପ କରିବାରେ ସମର୍ଥ ହେବେ। ଏହି ବୈଶିଷ୍ଟ୍ୟରେ ମେସେଜ୍ ପଢ଼ିବା, ଲିଜ୍ ଉତ୍ପାଦନ ଏବଂ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ହେବ। ପାରମ୍ପାରିକ ମେସେଜିଂର ସୁବିଧା ମଧ୍ୟ ରହିବ।

## ରିଲାଏନ୍ସ ଜିଓ ପ୍ଲାଟଫର୍ମ ଆଣିବ ସାଟେଲାଇଟ୍ ଇଣ୍ଟରନେଟ୍ ସେବା

# ମିଳିଲା ଇନ୍-ସ୍ପେସ୍‌ର ମଞ୍ଜୁରୀ

ଭାରତରେ ଇଣ୍ଟରନେଟ କ୍ଷେତ୍ରରେ ଏକ ଅଭୂତପୂର୍ବ ବିପ୍ଳବ ଆଣିଥିବା ରିଲିଏନ୍ସ ଜିଓ ପୁଣି ଏକ ବଡ଼ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି। ଦେଶରେ ସାଟେଲାଇଟ୍ ଇଣ୍ଟରନେଟ ଶୁଭାରମ୍ଭ କରିବା ନେଇ ଜିଓ ପ୍ଲାଟଫର୍ମକୁ ମଞ୍ଜୁରୀ ମିଳିଛି। ଲକ୍ସେମବର୍ଗର ଏସଇଏସ ସହଯୋଗିତାରେ ଜିଓ ପ୍ଲାଟଫର୍ମ ଭାରତୀୟ ମହାକାଶ ନିୟାମକ ଙ୍କଠାରୁ ସବୁଜ ସଙ୍କେତ ପାଇଛି। ହାଇ ସ୍ପିଡ୍ ଇଣ୍ଟରନେଟ ସେବା ପ୍ରଦାନ ପାଇଁ ସାଟେଲାଇଟ୍ ଅପରେଟ୍ କରିବା ପାଇଁ ଜିଓକୁ ଏହି ଅନୁମତି ମିଳିଥିବା ନେଇ ଏକ ରିପୋର୍ଟରୁ ଜଣାପଡ଼ିଛି। ଦେଶରେ ସାଟେଲାଇଟ୍ ଇଣ୍ଟରନେଟ୍ ସେବା ଆରମ୍ଭ କରିବା ନେଇ ରିଲାଏନ୍ସ ଜିଓ ପ୍ଲାଟଫର୍ମକୁ ଅନୁମତି ମିଳିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ହେଲେ ଜିଓ ଏବେ ଯୋଗାଯୋଗ କ୍ଷେତ୍ରରେ ଆମାଜନ ଓ ଏଲନ୍ ମସ୍କଙ୍କ ଷ୍ଟାରଲିଙ୍କ୍ ସହିତ ପ୍ରତିଯୋଗିତା କରିବ। ସାଟେଲାଇଟ୍ ମାଧ୍ୟମରେ ଇଣ୍ଟରନେଟ ସେବା ବିତରଣ କରିବା ନେଇ ଅର୍ବିଟ କନେକ୍ଟ ଇଣ୍ଡିଆ ନାମକ ଏକ ଭେଞ୍ଚରକୁ ୩ଟି ମଞ୍ଜୁରୀ ମିଳିଥିବା ଜଣେ ସରକାରୀ ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି।

## କାର୍ ରିଭ୍ୟୁ

# ଏମ୍‌ଜି ନିୟୁଗ୍ଲୋଷ୍ଟର୍

ବ୍ରିଟିଶ ଅଟୋମୋବାଇଲ ବ୍ରାଣ୍ଡ ଏମ୍‌ଜି (ମୋରିସ ଗ୍ୟାରେଜେସ୍) ଭାରତରେ ଏହାର ଡେଜର୍ଟଷ୍ଟର୍ମ ଓ ସ୍ନୋଷ୍ଟର୍ମରେ ନୂତନ ଏମ୍‌ଜି ଗ୍ଲୋଷ୍ଟର ପ୍ରଚଳନ କରିଛି। ନୂତନ ଏମ୍‌ଜି ଗ୍ଲୋଷ୍ଟର ଷ୍ଟର୍ମ ସିରିଜ୍ ଅତ୍ୟନ୍ତ ବୁଦ୍ଧିମତ୍ତାର ସହିତ ଡିଜାଇନ କରାଯାଇଛି। ଏହା ଅଧିକ ବିଳାସପୂର୍ଣ୍ଣ ଓ ବୋଲ୍ଡ ଲୁକ୍ ପ୍ରଦାନ କରୁଛି। ଏହାର ବଜାର ପ୍ରବେଶ ସମ୍ପର୍କରେ ମତଦେଇ ଏମ୍‌ଜି ମୋଟର ଇଣ୍ଡିଆର ଚିଫ୍ କମର୍ସିଆଲ ଅଫିସର ସତୀନ୍ଦର ସିଂହ ବାଜୱା କହିଛନ୍ତି, ଗ୍ଲୋଷ୍ଟର ଭାରତୀୟ ଏସ୍‌ୟୁଭିପ୍ରେମୀଙ୍କ ମଧ୍ୟରେ ଏହାର ଡିଜାଇନ, ସ୍ଥାନ, ପ୍ରିମିୟମ ବୈଶିଷ୍ଟ୍ୟାବଳୀ ଏବଂ ଅତୁଳନୀୟ ସ୍ୱାଚ୍ଛନ୍ଦ୍ୟ ଓ ଆରାମ ନିମନ୍ତେ ଲୋପ୍ରିୟତା ହାସଲ କରିଛି। ଗତବର୍ଷ ବଜାର ପ୍ରବେଶ କରିଥିବା ଗ୍ଲୋଷ୍ଟର ବ୍ଲାକଷ୍ଟର୍ମ ପାଇଁ ପ୍ରିମିୟମ ଏସ୍‌ୟୁଭି କ୍ରେତାଙ୍କ ନିକଟରୁ ଆମେ ସକାରାତ୍ମକ ପ୍ରତିକ୍ରିୟା ହାସଲ କରିଥିଲୁ। ଏମ୍‌ଜି ଗ୍ଲୋଷ୍ଟର ଉଚ୍ଚତର ପ୍ରଦର୍ଶନ ନିମନ୍ତେ ୧୫୮.୫ କେଡବ୍ଲ୍ୟୁ ପାୱାର ପ୍ରଦାନ କରୁଥିବା ଏକ ସ୍ୱତନ୍ତ୍ର ଟ୍ୱିନ-ଟର୍ବୋ ଭର୍ସନ ଏକ ମଜଭୁତ ୨.୦-ଲିଟର ଡିଜେଲ ଇଞ୍ଜିନ ଲାଇନ୍‌ଅପ୍ ଯୋଗାଇ ଦେଉଛି। ନୂତନ ଏମ୍‌ଜି ଗ୍ଲୋଷ୍ଟର ଡେଜର୍ଟଷ୍ଟର୍ମ ଏବଂ ସ୍ନୋଷ୍ଟର୍ମ ୪୧,୦୪,୮୦୦ ଲକ୍ଷ ଟଙ୍କାରେ (ଏକ୍ସ-ସୋ ରୁମ୍) ଉପଲବ୍ଧ। ଏମ୍‌ଜି ଗ୍ଲୋଷ୍ଟର ମାଲିକମାନେ ଏବେ ମାଲିକାନାର ପ୍ରଥମ ତିନିବର୍ଷରେ କାର୍ ଗଡିବାର ୪୫ହଜାର କିଲୋମିଟର ପର୍ଯ୍ୟନ୍ତ ଜିରୋ ସର୍ଭିସ ଏବଂ ରିପେୟାର କଷ୍ଟ ସୁବିଧା ଉପଭୋଗ କରିପାରିବେ, ତାହାସହିତ ଯନ୍ତ୍ରାଂଶ ବାବଦ ଖର୍ଚ୍ଚର ୱିଅର-ଆଣ୍ଡ-ଟିଅର୍ ସାମିଲ ଅଛି, ଯାହା ଗ୍ରାହକଙ୍କ ସୁବିଧା ନିମନ୍ତେ ଏକ ନୂତନ ମାନକ ହେବାକୁ ଯାଉଛି। ଏଥିସହିତ ଏମ୍‌ଜି ମୋଟର ଇଣ୍ଡିଆ ମଧ୍ୟ ଗ୍ଲୋଷ୍ଟର ଗ୍ରାହକମାନଙ୍କୁ ଗାଡି ମାଲିକାନାର ତିନିବର୍ଷ ପରେ ଆସ୍ୟୋର୍ଡ ବାଏବ୍ୟାକ୍ ସୁବିଧା ଯୋଗାଇ ଦେଉଛି। ଗ୍ରାହକମାନେ ମଧ୍ୟ ୩-ବର୍ଷ କଭରେଜ ସମୟକୁ ୫ବର୍ଷ/୭୫୦୦ କିଲୋମିଟର ପର୍ଯ୍ୟନ୍ତ ବୃଦ୍ଧି କରିବାର ବିକଳ୍ପ ବାଛିପାରିବେ।



# ଇଭି ବିକ୍ରିରେ ବେଙ୍ଗାଲୁରୁ ଶୀର୍ଷରେ



ବୈଦ୍ୟୁତିକ ଯାନ (ଇଭି) ବିକ୍ରି ଦୃଷ୍ଟିରୁ ଦେଶର ସହରଗୁଡିକ ମଧ୍ୟରେ ବେଙ୍ଗାଲୁରୁ ଶୀର୍ଷରେ ରହିଛି। ଏହି ଦକ୍ଷିଣ ଭାରତୀୟ ସହର ୨୦୨୩ରେ ମୁମ୍ବାଇ, ଦିଲ୍ଲୀ ଏବଂ ପୁଣେକୁ ଇଭି ବିକ୍ରିରେ ଅତିକ୍ରମ କରିଯାଇଛି। ବୈଷୟିକ ଭିତ୍ତିକ କାର୍ଯ୍ୟଶୈଳୀ, ଶୂନ୍ୟ ସଡକ ଟିକସ, ବୈଦ୍ୟୁତିକ ଯାନ ଚାର୍ଜ ପାଇଁ ସବସିଡିଯୁକ୍ତ ବିଦ୍ୟୁତ୍ ଏବଂ ଚାର୍ଜିଂ ଷ୍ଟେସନର ଏକ ବଡ଼ ନେଟୱାର୍କ ଦକ୍ଷିଣ ଭାରତର ଏହି ସହରକୁ ଇଭି ବିକ୍ରିରେ ଦେଶର ଅନ୍ୟ ସହରଗୁଡିକ ତୁଳନାରେ ଆଗରେ ରଖିଛି।


କର୍ଣ୍ଣାଟକର ରାଜଧାନୀରେ ଇଭି ବିକ୍ରି ୨୦୨୩ ସୁଦ୍ଧା ତିନି ଗୁଣ ବୃଦ୍ଧି ପାଇ ୮୬୯୦ ୟୁନିଟ୍‌କୁ ବୃଦ୍ଧି ପାଇଛି, ଯାହା ଦେଶର ତିନୋଟି ପ୍ରମୁଖ ମେଟ୍ରୋରେ ଦେଖାଯାଇଥିବା ଅଭିବୃଦ୍ଧିଠାରୁ ବହୁତ ଅଧିକ। ଅଧିକନ୍ତୁ, ବେଙ୍ଗାଲୁରୁର ଲୋକମାନେ କେବଳ ଇଲେକ୍ଟ୍ରିକ୍ କାର୍ ନୁହେଁ ଇଲେକ୍ଟ୍ରିକ୍ ଦୁଇ ଚକିଆ ଯାନକୁ ମଧ୍ୟ ବେଶ ଆପଣାଉଛନ୍ତି। ତଥ୍ୟ ଅନୁଯାୟୀ, କର୍ଣ୍ଣାଟକର ରାଜଧାନୀ ଗତ ଚାରି ବର୍ଷ ମଧ୍ୟରେ ଇଲେକ୍ଟ୍ରିକ୍ ଦୁଇ ଚକିଆ ଯାନ ପଞ୍ଜିକରଣରେ ଦେଶର ଏକ ନମ୍ବର ସହର ହୋଇପାରିଛି।

## ଗ୍ୟାଜେଟ୍ ରିଭ୍ୟୁ

# ସାଓମି ୧୪ ସିଭି

## ୧୨ଜିବି + ୫୧୨ ଜିବି ୪୪,୯୯୯ ଟଙ୍କା

ସାଓମି ପକ୍ଷରୁ ସାଓମି ୧୪ ସିରିଜ୍‌ରେ ସାଓମି ୧୪ ସିଭିର ଉନ୍ମୋଚନ କରାଯାଇଛି। ଲାଇକା ସହିତ ପ୍ରସ୍ତୁତ ସାଓମି ୧୪ ସିଭି ମୋବାଇଲ ଇମେଜିଂ ଏବଂ ସ୍ମାର୍ଟଫୋନ ଫଟୋଗ୍ରାଫି କ୍ଷେତ୍ରରେ ସାଓମିର ବିରାସତକୁ ଆଗକୁ ବଢ଼ାଇଛି। ମାଚା ଗ୍ରୀନ, କ୍ରସ ବ୍ଲୁ ଏବଂ ସାଡୋ ବ୍ଲାକ ଭଳି ତିନୋଟି ଆକର୍ଷଣୀୟ ରଙ୍ଗରେ ସାଓମି ୧୪ ସିଭି ଉପଲବ୍ଧ ହେଉଛି। ୮ଜିବି + ୨୫୬ ଜିବି ଭ୍ୟାରିଆଣ୍ଟର ମୂଲ୍ୟ ୩୯,୯୯୯ ଟଙ୍କା ରହିଥିବାବେଳେ ସେହିଭଳି ୧୨ଜିବି + ୫୧୨ ଜିବି ଭାରିଆଣ୍ଟର ମୂଲ୍ୟ ୪୪,୯୯୯ ଟଙ୍କା ରହିଛି। ଏହା ୨୦ ଜୁନରୁ ସ୍ୱତନ୍ତ୍ର ଭାବେ ଫ୍ଲିପକାର୍ଟ, ଏମଆଇଡଟ୍‌କମ ଏବଂ ସାଓମି ରିଟେଲ ପାର୍ଟନର୍ସରେ ଉପଲବ୍ଧ ହେବ। ଗ୍ରାହକମାନେ ଆଇସିଆଇସିଆଇ ଡେବିଟ ଏବଂ କ୍ରେଡିଟ କାର୍ଡ ମାଧ୍ୟମରେ ୩୦୦୦ ଟଙ୍କାର ତୁରନ୍ତ ଛାଡ ମଧ୍ୟ ପାଇପାରିବେ କିମ୍ବା ଏମଆଇଡଟ୍‌କମ, ଆମାଜନ.ଇନ, ଏମଆଇ ହୋମ ଏବଂ ଏମଆଇ ଷ୍ଟୁଡିଓ ଏବଂ ଅଧିକୃତ ରିଟେଲ ପାର୍ଟନରସମାନଙ୍କ ପାଇଁ କେବଳ ସାଓମି /ରେଡମି ଗ୍ରାହକଙ୍କ ପାଇଁ ୩୦୦୦ ଟଙ୍କାର ସାଓମି ଏକ୍ସଚେଞ୍ଜ ବୋନସ ପାଇପାରିବେ। ଏହା ବ୍ୟତୀତ ସାଓମି ୧୪ ସିଭିର ପ୍ରି ବୁକିଂ ଆଜିଠାରୁ ଆରମ୍ଭ ହୋଇଛି। ଜୁନ ୧୨ ଅପରାହ୍ଣ ୨ଟାରୁ ଜୁନ ୧୯, ୨୦୨୪ ପର୍ଯ୍ୟନ୍ତ ଏହା ବୈଧ। ନୂଆ ସାଓମି ୧୪ ସିଭିର ପ୍ରି-ବୁକିଂ କରୁଥିବା ଗ୍ରାହକମାନେ ବିନା କୌଣସି ଅତିରିକ୍ତ ଖର୍ଚ୍ଚରେ ରେଡମି ୱାଚ ୩ ଆକ୍ଟିଭ ପାଇଁ ଯୋଗ୍ୟ ହୋଇପାରିବେ।



ICC MENS T20 WORLD CUP WEST INDIES & USA 2024
ଟି-୨୦ ବିଶ୍ୱକପ୍
ସକାଳ THE SAKALA
ରବିବାର
୧୬ ଜୁନ୍ ୨୦୨୪
www.sakalaepaper.com

ଜୁନ୍ ୨୦, ୨୨ ଓ ୨୪ରେ ଖେଳିବ ସୁପର-୮ ମ୍ୟାଚ୍

# ମ୍ୟାଚ୍ ବାତିଲ; ଗ୍ରୁପ୍-ଏ ଶୀର୍ଷରେ ଭାରତ

**ଲୌଡରହିଲ, ଫ୍ଲୋରିଡ଼ା, ୧୫ା୬(ଏଜେନ୍ସି):** କ୍ରମାଗତ ବର୍ଷା ଏବଂ ଓଦା ପଡ଼ିଆ ଯୋଗୁଁ ଭାରତ ଓ କାନାଡା ମଧ୍ୟରେ ଏଠାରେ ଶନିବାର ଖେଳାଯିବାକୁ ଥିବା ମ୍ୟାଚ୍‌କୁ ବାତିଲ କରିଦିଆଯାଇଛି। ଏହା ଫଳରେ ଭାରତ ଅପରାଜେୟ ରହିବା ସହ ଗ୍ରୁପ୍-ଏ'ରେ ଶୀର୍ଷରେ ରହି ଟି-୨୦ ବିଶ୍ୱକପ୍ ସୁପର-୮'ରେ ପ୍ରବେଶ କରିଛି। ସୁପର-୮'ରେ ଭାରତ ତାହାର ପ୍ରଥମ ମ୍ୟାଚ୍ ଆଫଗାନିସ୍ତାନ ସହ ବ୍ରିଜ୍‌ଟାଉନ୍‌ରେ ଜୁନ୍ ୨୦, ବାଂଲାଦେଶ ସହ ଦ୍ୱିତୀୟ ମ୍ୟାଚ୍ ନର୍ଥ ସାଉଣ୍ଡ, ଆଣ୍ଟିଗୁଆରେ ଜୁନ୍ ୨୨ ଓ ଅଷ୍ଟ୍ରେଲିଆ ସହ ତୃତୀୟ ତଥା ଶେଷ ମ୍ୟାଚ୍ ଗ୍ରସ୍ ଆଇଲେଟ୍‌ରେ ଜୁନ୍ ୨୪ ତାରିଖରେ ଖେଳିବ। ଆମେରିକାରେ ଖେଳାଯାଇଥିବା ଗ୍ରୁପ୍ ମ୍ୟାଚ୍‌ରେ ସଂଘର୍ଷ କରିଥିବା ଭାରତ ୱେଷ୍ଟଇଣ୍ଡିଜ୍‌ରେ ଖେଳାଯିବାକୁ ଥିବା ସୁପର-୮'ରେ କିପରି ପ୍ରଦର୍ଶନ କରିବ ତାହା ଦେଖିବାକୁ ବାକି ରହିଲା।

ଆମେରିକାର ଫ୍ଲୋରିଡାର ଲୌଡରହିଲ୍‌ରେ ଗତ କିଛି ଦିନ ଧରି ବର୍ଷା ଲାଗି ରହିବା ଓ ୨ଟି ମ୍ୟାଚ୍ ବାତିଲ ହେବା ପରେ ଏଠାରେ ଶନିବାର ଭାରତ-କାନାଡା ମ୍ୟାଚ୍ ଆୟୋଜନ ନେଇ ଆଶଙ୍କା ରହିଥିଲା। ଗତକାଲି ଏଠାରେ ଆମେରିକା ଓ ଆୟର୍ଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ମଧ୍ୟ ବାତିଲ ହୋଇଯାଇଥିଲା। ଆସନ୍ତାକାଲି ପାକିସ୍ତାନ ଓ ଆୟର୍ଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ମଧ୍ୟ ଆୟୋଜନ ନେଇ ଆଶଙ୍କା ରହିଛି। ଏଠାରେ ଶନିବାର ଆଦୌ ବର୍ଷା ହୋଇ ନ ଥିଲା କିମ୍ବା ଖରା ବି ହୋଇ ନଥିଲା।



କିନ୍ତୁ ପୂର୍ବରୁ ହୋଇଥିବା ବର୍ଷା ଯୋଗୁ ପଡ଼ିଆରେ ଜମି ରହିଥିବା ପାଣିକୁ ବହୁ କଷ୍ଟରେ ଗ୍ରାଉଣ୍ଡସମ୍ୟାନ୍ ଶୁଖାଇବାରେ ସମର୍ଥ ହୋଇଥିଲେ। କିନ୍ତୁ ସେଗୁଡିକ ଏକାଧିକ ସ୍ଥାନରେ ଥିଲା ଓ ଶନିବାର ଶୁଖି ନ ଥିଲା। ଏହାକୁ ଶୁଖାଇବାକୁ ଯେତେ ଚେଷ୍ଟା କରାଯାଇଥିଲା, ସେଥିରେ ମଧ୍ୟ ବିଫଳତା ଦେଖିବାକୁ ମିଳିଥିଲା। ଯାହା ଫଳରେ ଶନିବାର ଖେଳ ଆରମ୍ଭର ନିର୍ଦ୍ଧାରିତ ସମୟର ଦେଢ଼ଘଣ୍ଟା ପରେ ଏଠାରେ ଖେଳ ଆୟୋଜନ କରିବା ସମ୍ଭବ ନୁହେଁ ବୋଲି ଗ୍ରାଉଣ୍ଡସମ୍ୟାନ୍ ଜଣାଇଦେଇଥିଲେ। ଏହି ସୂଚନା ପାଇବା ପରେ ମ୍ୟାଚ୍ ରେଫରି ଓ ଅମ୍ପାୟାର ଆଉ କୌଣସି ଉପାୟ ନ ପାଇ ମ୍ୟାଚ୍‌କୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତି ଫଳରେ ଉଭୟ ଭାରତ ଓ କାନାଡାକୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିଥିଲା। ଭାରତ ତାହାର ପ୍ରଥମ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇ ୬ ପଏଣ୍ଟ ପାଇଥିଲା। ଆଜିର ବାତିଲ ମ୍ୟାଚ୍‌ର ପଏଣ୍ଟକୁ ମିଶାଇ ଭାରତ ମୋଟ ୭ ପଏଣ୍ଟ ପାଇଥିଲା ଓ ଗ୍ରୁପ୍-ଏ'ର ଶୀର୍ଷସ୍ଥାନ ହାସଲ କରି ସୁପର-୮'କୁ ଯାଇଛି। ଭାରତ ୮ ୱିକେଟରେ ଆୟର୍ଲାଣ୍ଡକୁ, ୬ ରନ୍‌ରେ ପାକିସ୍ତାନକୁ ଓ ୭ ୱିକେଟରେ କାନାଡାକୁ ପରାସ୍ତ କରିଥିଲା। ଗ୍ରୁପ୍-ଏ'ରେ ଭାରତ ପଛକୁ ଆୟୋଜକ କାନାଡା ୪ଟି ମ୍ୟାଚ୍‌ରୁ ୫ ପଏଣ୍ଟ ପାଇ ଦ୍ୱିତୀୟସ୍ଥାନ ଅଧିକାର କରି ସୁପର-୮'ରେ ପ୍ରବେଶ କରିସାରିଛି। ଏହି ଗ୍ରୁପ୍‌ରେ ସାମିଲ ଥିବା ପାକିସ୍ତାନ, କାନାଡା ଓ ଆୟର୍ଲାଣ୍ଡ ବିଶ୍ୱକପ୍‌ରୁ ବିଦାୟ ନେଇଛନ୍ତି।

**ଟି-୨୦ ବିଶ୍ୱକପ୍**
**ଆଜିର ମ୍ୟାଚ୍**

**ଅଷ୍ଟ୍ରେଲିଆ- ସ୍କଟଲାଣ୍ଡ**
ସ୍ଥାନ- ସେଣ୍ଟ ଲୁସିଆ, ସମୟ- ସକାଳ ୬ଟା

**ପାକିସ୍ତାନ- ଆୟର୍ଲାଣ୍ଡ**
ସ୍ଥାନ- ଫ୍ଲୋରିଡା, ସମୟ- ରାତି ୮ଟା

**-ପ୍ରସାରଣ -**
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ହଟ୍ ଷ୍ଟାର୍

ଟିମ୍ ସୌଦୀଙ୍କ ୪ ରନ୍‌ରେ ୩ ୱିକେଟ

# ନ୍ୟୁଜିଲାଣ୍ଡର ପ୍ରଥମ ବିଜୟ



**ତ୍ରିନିଦାଦ, ୧୫ା୬(ଏଜେନ୍ସି):** ଟିମ୍ ସୌଦୀଙ୍କ ନେତୃତ୍ୱରେ ଓ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଏଠାରେ ଶୁକ୍ରବାର ରାତିରେ ଖେଳାଯାଇଥିବା ଏକ ଗ୍ରୁପ୍-ସି' ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୯ ୱିକେଟରେ ଉଗାଣ୍ଡାକୁ ପରାସ୍ତ କରିଛି। ଏହି ଗ୍ରୁପ୍‌ରେ ପ୍ରଥମେ ଆଫଗାନିସ୍ତାନ ଓ ପରେ ୱେଷ୍ଟଇଣ୍ଡିଜ୍‌ଠାରୁ ହାରି ବିଶ୍ୱକପ୍‌ରୁ ବିଦାୟ ନେଇଥିବା ନ୍ୟୁଜିଲାଣ୍ଡ ଏହି ମ୍ୟାଚ୍‌ରେ ପ୍ରଥମ ବିଜୟ ହାସଲ କରିଥିଲା। ଏହି ବିଜୟରେ ୪ ଓଭର ବୋଲିଂ କରି ଗୋଟିଏ ମେଡେନ୍ ସହ ୪ ରନ୍‌ରେ ୩ ୱିକେଟ ନେଇଥିବା ନ୍ୟୁଜିଲାଣ୍ଡର ଟିମ୍ ସୌଦୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଉଗାଣ୍ଡା ୧୮.୪ ଓଭରରେ ମାତ୍ର ୪୦ ରନ୍ କରିଥିଲା। ଦଳ ପକ୍ଷରୁ ଜଣେମାତ୍ର ଖେଳାଳି କେନେଥ ୱାଇସା ୧୧ ରନ୍ କରି ଦୁଇଅଙ୍କ ଛୁଇଁଥିଲେ। ନ୍ୟୁଜିଲାଣ୍ଡର ସୌଦୀ ସର୍ବାଧିକ ୩ଟି, ଟ୍ରେଣ୍ଟ ବୋଲ୍ଟ, ମିଚେଲ ସାଣ୍ଟନର ଓ ରଚିନ ରବୀନ୍ଦ୍ର ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପାୱାର ପ୍ଲେ'ର ଶେଷ ଓଭରରେ ନ୍ୟୁଜିଲାଣ୍ଡ ଗୋଟିଏ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଡେଭନ କନୱେ ସର୍ବାଧିକ ୨୨ ରନ୍ କରି ଅପରାଜିତ ଥିଲାବେଳେ ଫିନ୍ ଆଲେନ ୯ ରନ୍‌ରେ ଆଉଟ ହୋଇଥିଲେ। ନ୍ୟୁଜିଲାଣ୍ଡ ତାହାର ଶେଷ ମ୍ୟାଚ୍ ପାପୁଆ ନ୍ୟୁ ଗିନି ସହ ଜୁନ୍ ୧୭ରେ ଖେଳିବ। ଏହି ଦିନ ୱେଷ୍ଟଇଣ୍ଡିଜ୍ ଓ ଆଫଗାନିସ୍ତାନ ମଧ୍ୟରେ ଗ୍ରୁପ୍‌ର ଶୀର୍ଷସ୍ଥାନ ହାସଲ ଲାଗି ମୁକାବିଲା ହେବ।

# ନେପାଳଠୁ ପରାଜୟରୁ ବର୍ତ୍ତିଗଲା ଦ.ଆଫ୍ରିକା

**ସେଣ୍ଟ ଭିନସେଣ୍ଟ, ୧୫ା୬ (ଏଜେନ୍ସି):** ଚଳିତ ଟି-୨୦ ବିଶ୍ୱକପ୍‌ରେ ଶନିବାର ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ କଡ଼ା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଦକ୍ଷିଣ ଆଫ୍ରିକା ମାତ୍ର ୧ ରନରେ ନେପାଳକୁ ପରାସ୍ତ କରିଛି। ଏହି ମ୍ୟାଚରେ ୧୧୬ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରୁଥିବା ନେପାଳ ଶେଷ ବଲରେ ଜିତିବାକୁ ୨ ରନ ଆବଶ୍ୟକ କରୁଥିଲା। କିନ୍ତୁ ଗୁଲଶାନ ଝା ୨ ରନ ନେଉଥିବାବେଳେ ରନ ଆଉଟ୍ ହୋଇଯିବାରୁ ଦକ୍ଷିଣ ଆଫ୍ରିକା ୧ ରନରେ ଜିତିବା ସହ ଏକ ବଡ଼ ବିପର୍ଯ୍ୟୟରୁ ବର୍ତ୍ତିଯାଇଥିଲା। ଏଥିସହ ଦକ୍ଷିଣ ଆଫ୍ରିକା ୪ଟି ଗ୍ରୁପ୍ ମ୍ୟାଚରୁ ୪ଟି ଯାକ ବିଜୟୀ ହୋଇ ସୁପର୍-୮ରେ ପହଞ୍ଚିଛି। ଅପରପକ୍ଷରେ ନେପାଳ ୩ୟ ମ୍ୟାଚରୁ ୨ୟ ପରାଜୟ ସହ ସୁପର୍-୮ ଖେଳିବା ଆଶା ଧୂଳିସାତ୍ ହୋଇଛି।



ସ୍ଥାନୀୟ ଆର୍ନୋସ ଭାଲେ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ଲୋ-ସ୍କୋରିଂ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ପ୍ରତିପକ୍ଷ ଦ୍ରୁତ ବୋଲର ଦୀପେନ୍ଦ୍ର ସିଂ ଓ ଲେଗ୍-ସ୍ପିନର କୁଶଲ ଭୁର୍ତେଲଙ୍କ ବୋଲିଂକୁ ସାମ୍ନା କରି ନପାରି ୨୦ ଓଭରରେ ୭ ୱିକେଟ୍ ହରାଇ ୧୧୫ ରନ କରିପାରିଥିଲା। ଓପନର୍ ରିଜା ହେଣ୍ଡ୍ରିକ୍ସ ୪୯ ବଲରେ ସର୍ବାଧିକ ୪୩ ରନ କରିଥିଲେ। ଶେଷ ଭାଗରେ ତ୍ରିଷ୍ଟାନ ଷ୍ଟବ୍ସ ୧୮ ବଲରେ ଅପରାଜିତ ୨୭ ରନ କରିବାରୁ ଦଳୀୟ ସ୍କୋର ୧୦୦ ରନ ଅତିକ୍ରମ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ କ୍ୱିଣ୍ଟନ ଡି କକ୍ ୧୦, ଅଧିନାୟକ ଆଇଡେନ ମାର୍କରାମ ୧୫, ହେନରିଚ କ୍ଲାସେନ ୩ ଓ ଡେଭିଡ୍ ମିଲର ୬ ରନ କରି ଆଉଟ୍ ହୋଇଥିଲେ। ବୋଲିଂରେ ନେପାଳର କୁଶଲ ୧୯ ରନରେ ୪ଟି ଓ ଦୀପେନ୍ଦ୍ର ୨୧ ରନରେ ୩ଟି ୱିକେଟ ନେଇଥିଲେ।

ଜବାବରେ ୧୧୬ ରନର ଛୋଟିଆ ଲକ୍ଷ୍ୟକୁ ପଶ୍ଚାତଧାବନ କରିଥିବା ନେପାଳ ଏକଦା ୧୩.୩ ଓଭରରେ ୨ ୱିକେଟ୍‌ରେ ୮୫ ରନ କରି ନିଶ୍ଚିତ ବିଜୟ ଦିଗରେ ଅଗ୍ରସର ହେଉଥିଲା। କିନ୍ତୁ ଏହାପରେ ବାମହାତୀ ରିଷ୍ଟ ସ୍ପିନର ତାବ୍ରେଜ ସାମସୀଙ୍କ ସମେତ ଅନ୍ୟ ଦକ୍ଷିଣ ଆଫ୍ରିକା ବୋଲରଙ୍କ ମାପଚୁପ ବୋଲିଂ ଯୋଗୁ ନେପାଳ ୭ ୱିକେଟ୍‌ରେ ୧୧୪ ରନ କରି ୧ ରନରେ ହାରିଯାଇଥିଲା। ଶେଷ ଓଭରରେ ୮ ଓ ଶେଷ ବଲରେ ୨ ରନ ଆବଶ୍ୟକ ହେଉଥିବାବେଳେ ନେପାଳ ବ୍ୟାଟର୍ ଗୁଲସାନ ରନ ଆଉଟ୍ ହୋଇଯାଇଥିଲେ। ନେପାଳ ପାଇଁ ଆସିଫ୍ ଶେଖ ୪୨ ଓ ଅନିଲ ଶାହ ୨୭ ରନ କରିଥିଲେ। ୪ ୱିକେଟ୍ ନେଇଥିବା ସାମସୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ୧୬ ବର୍ଷୀୟ ଲାମିନେ ୟୁରୋକପ୍‌ର ସର୍ବକନିଷ୍ଠ

**ମ୍ୟୁନିକ, ୧୫ା୬ (ଏଜେନ୍ସି):** ୟୁରୋ କପ୍ ଫୁଟ୍‌ବଲର ୧୭ତମ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ସ୍ପେନର ଏହାର ପ୍ରଥମ ମ୍ୟାଚରେ କ୍ରୋଏସିଆକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ଏହି ମ୍ୟାଚ୍ ଖେଳି ସ୍ପେନର ଲାମିନେ ୟମଲ ୟୁରୋ କପ୍ ଇତିହାସରେ ସର୍ବକନିଷ୍ଠ ଖେଳାଳି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଶନିବାର ସୁଦ୍ଧା ଲାମିନେଙ୍କ ବୟସ ୧୬ ବର୍ଷ ୩୩୮ ଦିନ ହୋଇଥିଲା। ଏଥିପୂର୍ବରୁ ୟୁରୋ କପ୍ ଇତିହାସର ସର୍ବକନିଷ୍ଠ ଖେଳାଳି ପୋଲାଣ୍ଡର କାସ୍ପର କୋଜଲୋସ୍କି ଥିଲେ। ୨୦୨୦ ସଂସ୍କରଣରେ ସେ ୧୭ ବର୍ଷ ୨୪୬ ଦିନରେ ୟୁରୋ କପ୍ ପଦାର୍ପଣ କରିଥିଲେ।

# 'ଏହା ମୋର ଶେଷ ଟି-୨୦ ବିଶ୍ୱକପ୍'


ଟ୍ରେଣ୍ଟ ବୋଲ୍ଟ

**ତ୍ରିନିଦାଦ, ୧୫ା୬ (ଏଜେନ୍ସି):** ନ୍ୟୁଜିଲାଣ୍ଡର ଅଭିଜ୍ଞ ବାମହାତୀ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ ଶନିବାର ବଡ଼ ଘୋଷଣା କରିଛନ୍ତି। ଉଗାଣ୍ଡା ବିପକ୍ଷରେ ଏଠାରେ ୯ ୱିକେଟ୍‌ରେ ବଡ଼ ବିଜୟ ହାସଲ କରିବା ପରେ ବୋଲ୍ଟ କହିଛନ୍ତି ଯେ, ଏହା ତାଙ୍କ କ୍ୟାରିୟରର ଅନ୍ତିମ ଟି-୨୦ ବିଶ୍ୱକପ୍। ଅର୍ଥାତ୍ ଏହି ସଂକ୍ଷିପ୍ତ ଫର୍ମାଟ୍‌ରେ ବୋଲ୍ଟ ଆଉ ନ ଖେଳିବା ଏକପ୍ରକାର ନିଶ୍ଚିତ ହୋଇଛି। ୩୪ ବର୍ଷୀୟ ବୋଲ୍ଟ ନ୍ୟୁଜିଲାଣ୍ଡ ପାଇଁ ୬୦ ଟି-୨୦ ମ୍ୟାଚ୍ ଖେଳି ୭.୭୬ ଇକୋନୋମିରେ ୮୧ ୱିକେଟ୍ ଅକ୍ତିଆର କରିଛନ୍ତି। ୨୦୧୪ ଓ ୨୦୨୧ ବିଶ୍ୱକପ୍ ସଂସ୍କରଣରେ ସେ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ରହିଥିଲେ। ଉଲ୍ଲେଖଯୋଗ୍ୟ, ଉଗାଣ୍ଡା ବିପକ୍ଷରେ ଜିତିଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ଚଳିତ ଟି-୨୦ ବିଶ୍ୱକପ୍‌ରୁ ବିଦାୟ ନେଇସାରିଛି।

# ଇଂଲଣ୍ଡ-ନାମିବ୍ୟା ମ୍ୟାଚରେ ବର୍ଷା ବାଧକ

**ଆଣ୍ଟିଗୁଆ, ୧୫ା୬ (ଏଜେନ୍ସି):** ଚଳିତ ଟି-୨୦ ବିଶ୍ୱକପ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଶନିବାର ରାତିରେ ଡିଫେଣ୍ଡିଂ ଚାମ୍ପିଅନ ଇଂଲଣ୍ଡ ଓ ନାମିବ୍ୟା ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ସାର୍ ଭିଭିଆନ୍ ରିଚାର୍ଡ୍ସ ଷ୍ଟାଡିୟମରେ ଗ୍ରୁପ୍-ବି'ର ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯାଉଛି। ତେବେ ଆଣ୍ଟିଗୁଆରେ ପ୍ରବଳ ବର୍ଷା ଲାଗି ଟସ୍ ପଡ଼ିବା ମଧ୍ୟ ସମ୍ଭବପର ହୋଇପାରି ନାହିଁ। ରାତି ୧୦ଟା ୩୦ରେ ମ୍ୟାଚ୍ ଆରମ୍ଭ ହେବାର କାର୍ଯ୍ୟସୂଚୀ ଥିଲା। ଏହାପରେ ରାତି ଗୋଟାଏରେ ବର୍ଷା ଛାଡ଼ିବାରୁ ମ୍ୟାଚକୁ ୧୧ ବିଶିଷ୍ଟ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଯଦି ବର୍ଷା ଲାଗି ଏହି ମ୍ୟାଚ୍ ବାତିଲ ହୁଏ ତେବେ ଜୋଶ୍ ବଟଲରଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ବିଶ୍ୱକପ୍‌ରୁ ବିଦାୟ ନେବ। ଅପରପକ୍ଷରେ ଏହି ଗ୍ରୁପ୍‌ରୁ ଅଷ୍ଟ୍ରେଲିଆ ପରେ ୨ୟ ଦଳ ଭାବେ ସ୍କଟଲାଣ୍ଡ ସୁପର୍-୮ ରେ ପ୍ରବେଶ କରିବ। ଇଂଲଣ୍ଡ ବର୍ତ୍ତମାନ ସୁଦ୍ଧା ୩ ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ବାତିଲ ସହ ୩ ପଏଣ୍ଟ ପାଇ ୩ୟ ସ୍ଥାନରେ ରହିଛି। ନାମିବ୍ୟା ବିପକ୍ଷରେ ମ୍ୟାଚ୍ ବାତିଲ ହେଲେ ଦଳକୁ ୧ ପଏଣ୍ଟ ମିଳିବ। ଫଳରେ ଇଂଲଣ୍ଡର ମୋଟ୍ ପଏଣ୍ଟ ସଂଖ୍ୟା ୪ରେ ପହଞ୍ଚିବ। ଯାହାକି ଦ୍ୱିତୀୟ ସ୍ଥାନରେ ରହିଥିବା ସ୍କଟଲାଣ୍ଡ (୫ ପଏଣ୍ଟ)ଠାରୁ ୧ କମ୍ ହେବ।

# ଅଲି ଦାଏଇଙ୍କ ସମକକ୍ଷ ହେଲେ ମେସି

**ୱାଶିଂଟନ, ୧୫ା୬ (ଏଜେନ୍ସି):** ସ୍ଥାନୀୟ କମାଣ୍ଡର୍ସ ଫିଲ୍ଡରେ ଶନିବାର ଅନୁଷ୍ଠିତ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ୍ ମୁକାବିଲାରେ ଡିଫେଣ୍ଡିଂ ବିଶ୍ୱବିଜେତା ଆର୍ଜେଣ୍ଟିନା ୪-୧ ଗୋଲରେ କେନ୍ଦ୍ର ଆମେରିକୀୟ ଦେଶ ଗୁଏତ୍‌ମାଲକୁ ପରାସ୍ତ କରିଛି। ଏହି ମ୍ୟାଚରେ ଆର୍ଜେଣ୍ଟିନା ଅଧିନାୟକ ତଥା ଷ୍ଟାର୍ ଖେଳାଳି ଲିଓନେଲ ମେସି ଡବଲ୍ ଗୋଲ୍‌ସ୍କୋର କରି ବିଜୟରେ ନାୟକ ସାଜିଥିଲେ। ସେ ମ୍ୟାଚର ୧୨ତମ ଓ ୭୭ତମ ମିନିଟ୍‌ରେ ଏହି ଦୁଇଟି ଗୋଲ୍ ଦେଇଥିଲେ। ସେହିଭଳି ଲୌଟାରୋ ମାର୍ଟିନେଜ ୩୯ତମ ଓ ୬୬ତମ ମିନିଟ୍‌ରେ ଅନ୍ୟ ଦୁଇଟି ଗୋଲ୍ ସ୍କୋର କରିଥିଲେ। ମ୍ୟାଚର ୪ର୍ଥ ମିନିଟ୍‌ରେ ଆର୍ଜେଣ୍ଟିନାର ଲିସାନାର୍ଡୋ ମାର୍ଟିନେଜଙ୍କ ଆତ୍ମଘାତୀ ଗୋଲ୍ ଯୋଗୁ ଗୁଏତ୍‌ମାଲା ଖାତା ଖୋଲିଥିଲା। ଆଉ ଗୋଟିଏ ସପ୍ତାହ ପରେ ସମ୍ମାନଜନକ କୋପା ଆମେରିକା ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଯାଉଥିବାବେଳେ ଏହି ବିଜୟ ଆର୍ଜେଣ୍ଟିନାର ମନୋବଳ ବଢ଼ାଇଛି।

ଦୁଇଟି ଗୋଲ୍ ଦେବା ସହ ଆର୍ଜେଣ୍ଟିନାର ୩୬ ବର୍ଷୀୟ କିମ୍ବଦନ୍ତୀ ଖେଳାଳି ମେସି ଅନ୍ତର୍ଜାତୀୟ ଫୁଟ୍‌ବଲରେ ସର୍ବାଧିକ ସ୍କୋରର ତାଲିକାରେ ଇରାନର ଅଲି ଦାଏଇଙ୍କ ସହ ସମକକ୍ଷ ହେଇଛନ୍ତି। ଅଲି ୧୪୮ ମ୍ୟାଚ୍ ଖେଳି ୧୦୮ ଗୋଲ୍ ଦେଇ ସର୍ବାଧିକ ସ୍କୋରର ତାଲିକାର ୨ୟ ସ୍ଥାନରେ ରହିଛନ୍ତି। ମେସି ବର୍ତ୍ତମାନ ସୁଦ୍ଧା ୧୮୧ ମ୍ୟାଚରୁ ୧୦୮ ଗୋଲ୍ ସହ ଅଲିଙ୍କ ସମକକ୍ଷ ହୋଇଛନ୍ତି। ଏହି ତାଲିକାରେ ପର୍ତ୍ତୁଗାଲର ମହାନ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ୧୨୮ ଗୋଲ୍ ସହ ଶୀର୍ଷରେ ରହିଛନ୍ତି। ନିକଟରେ ଅନ୍ତର୍ଜାତୀୟ ଫୁଟ୍‌ବଲରୁ ସନ୍ନ୍ୟାସ ନେଇଥିବା ଭାରତର ସୁନିଲ ଛେତ୍ରୀ ୯୩ ଗୋଲ୍ ସହ ମେସିଙ୍କ ପଛକୁ ୪ର୍ଥ ସ୍ଥାନ ଲାଭ କରିଛନ୍ତି।



**ଅନ୍ତର୍ଜାତୀୟ ଫୁଟ୍‌ବଲରେ ସର୍ବାଧିକ ୫ ସ୍କୋରର୍**

| ଖେଳାଳି | ଦେଶ | ଗୋଲ୍ | ମ୍ୟାଚ୍ |
|---|---|---|---|
| କ୍ରିଷ୍ଟିଆନୋ ରୋନାଲ୍ଡୋ | ପର୍ତ୍ତୁଗାଲ୍ | ୧୨୮ | ୨୦୬ |
| ଅଲି ଦାଏଇ | ଇରାନ | ୧୦୮ | ୧୪୮ |
| ଲିଓନେଲ ମେସି | ଆର୍ଜେଣ୍ଟିନା | ୧୦୮ | ୧୮୧ |
| ସୁନିଲ ଛେତ୍ରି | ଭାରତ | ୯୩ | ୧୪୩ |
| ମୋଖତର ଦହାରି | ମାଲେସିଆ | ୮୯ | ୧୪୨ |

# ହଙ୍ଗେରୀକୁ ହରାଇଲା ସୁଇଜରଲାଣ୍ଡ

ୟୁରୋକପ୍ ଆରମ୍ଭ

**ମ୍ୟୁନିକ, ୧୫ା୬ (ଏଜେନ୍ସି):** ଫିଫା ବିଶ୍ୱକପ୍ ପରେ ଅନ୍ୟତମ ଶ୍ରେଷ୍ଠ ଫୁଟ୍‌ବଲ ପ୍ରତିଯୋଗିତାର ମାନ୍ୟତା ପାଇଥିବା ୟୁରୋକପ୍‌ର ସପ୍ତଦଶ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ଶନିବାର ଖେଳାଯାଇଥିବା ଗ୍ରୁପ୍-ଏ'ର ଅନ୍ୟ ଏକ ମ୍ୟାଚରେ ସୁଇଜରଲାଣ୍ଡ ୩-୧ ଗୋଲରେ ହଙ୍ଗେରୀକୁ ହରାଇଦେଇଛି।

କୋଲଗନେରେ ହଙ୍ଗେରୀ ବିପକ୍ଷରେ ଖେଳାଯାଇଥିବା ମୁକାବିଲାରେ ସୁଇଜରଲାଣ୍ଡ ଆରମ୍ଭରୁ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଥିଲା। ମ୍ୟାଚର ୧୨ତମ ମିନିଟ୍‌ରେ କ୍ୱାଡୋ ଦୁଆ ସୁଇଜରଲାଣ୍ଡ ପାଇ ଗୋଲ୍ ଖାତା ଖୋଲିଥିଲେ। ଏହାପରେ ପ୍ରଥମାର୍ଦ୍ଧ ଅନ୍ତିମ ମିନିଟ୍‌ରେ ମାଇକେଲ ଆଏବିଶ୍ଚର (୪୫ତମ) ଦଳ ପାଇଁ ଦ୍ୱିତୀୟ ଗୋଲ୍ ଦେଇଥିଲେ। ଫଳରେ ସୁଇଜରଲାଣ୍ଡ ପ୍ରଥମାର୍ଦ୍ଧ ସୁଦ୍ଧା ୨-୦ରେ ଅଗ୍ରଣୀ ହାସଲ କରିଥିଲା। ଉଭୟ ଦୁଆ ଓ ମାଇକେଲଙ୍କ ଲାଗି ଏହା ପ୍ରଥମ ଅନ୍ତର୍ଜାତୀୟ ଗୋଲ୍ ଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ ହଙ୍ଗେରୀ ସାମାନ୍ୟ ପ୍ରତ୍ୟାବର୍ତ୍ତନ କରିଥିଲା। ୬୬ତମ ମିନିଟରେ ବର୍ନାବାସ ଭର୍ଗା ଏକ ଗୋଲ୍ ଦେଇ ହଙ୍ଗେରୀର ସ୍କୋର ଖାତା ଖୋଲିଥିଲେ। ଫଳରେ ମ୍ୟାଚ ୨-୧ ସ୍ଥିତିକୁ ଆସିଥିଲା। କିନ୍ତୁ ଇଞ୍ଜୁରୀ ଟାଇମ୍‌ରେ ବ୍ରିଲ ଏମ୍ବୋଲ ଏକ ସୁନ୍ଦର ଗୋଲ୍ ଦେଇ ସୁଇଜରଲାଣ୍ଡକୁ ୩-୧ ଗୋଲରେ ଜିତାଇଥିଲେ। ବିଜୟ ସହ ସୁଇଜରଲାଣ୍ଡ ୩ ପଏଣ୍ଟ ପାଇ ଗ୍ରୁପ୍-ଏ'ରେ ଖାତା ଖୋଲିଛି।


ସ୍ପେନ ଓ କ୍ରୋଏସିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍

## ସ୍ପେନ-୩, କ୍ରୋଏସିଆ-୦

ଶନିବାର ରାତିରେ ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚରେ ସ୍ପେନ ୩-୦ ଗୋଲରେ କ୍ରୋଏସିଆକୁ ସହଜରେ ପରାସ୍ତ କରିଛି। କ୍ରୋଏସିଆ ପ୍ରଥମାର୍ଦ୍ଧରେ ୩ଟି ଯାକ ଗୋଲ୍ ଦେଇ ଜିତିବା ସହ ୩ ପଏଣ୍ଟ ହାତେଇନେଇଥିଲା। କ୍ରୋଏସିଆ ପକ୍ଷରୁ ୨୯ତମ ମିନିଟ୍‌ରେ ଆଲଭାରୋ ମୋରତା, ୩୨ତମ ମିନିଟ୍‌ରେ ଫାବିଆନ ରୁଇଜ ଓ ପ୍ରଥମାର୍ଦ୍ଧ ଇଞ୍ଜୁରୀ ଟାଇମ୍ (୪୫+୨)ରେ ଡାନି କାର୍ଭାଜାଲ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

## ଉଦ୍‌ଘାଟନୀ ଜିତିଲା ଜର୍ମାନୀ

ପୂର୍ବରୁ ଶୁକ୍ରବାର ବିଳମ୍ବିତ ରାତିରେ ଆୟୋଜକ ଜର୍ମାନୀ ଓ ସ୍କଟଲାଣ୍ଡ ମଧ୍ୟରେ ଏହି ସମ୍ମାନଜନକ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଜର୍ମାନୀ ୫-୧ ଗୋଲରେ ୧୦ ଜଣିଆ ସ୍କଟଲାଣ୍ଡକୁ ହରାଇ ଅଭିଯାନ ଆରମ୍ଭ କରିଛି। ମ୍ୟାଚର ପ୍ରଥମାର୍ଦ୍ଧର ଶେଷ ମିନିଟ୍‌ରେ ଫାଉଲ୍ ଯୋଗୁ ସ୍କଟ୍‌ଲାଣ୍ଡର ର୍‌ୟାନ ପୋଟ୍ରିଅସ୍‌ଙ୍କୁ ରେଡ୍ କାର୍ଡ ମିଳିଥିଲା। ଫଳରେ ସ୍କଟଲାଣ୍ଡ ସମ୍ପୂର୍ଣ୍ଣ ଦ୍ୱିତୀୟାର୍ଦ୍ଧରେ ୧୦ଜଣ ଖେଳାଳିଙ୍କୁ ନେଇ ଖେଳିଥିଲା। ବିଜୟୀ ଜର୍ମାନୀ ପକ୍ଷରୁ ଫ୍ଲୋରିଆନ ୱିର୍ଜ (୧୦ମ ମିନିଟ୍), ଜାମାଲ ମୁସିଆଲା (୧୯ତମ), ନିକଲାସ ଫୁଲକର୍ଗ (୬୮ତମ) ଓ ଏମ୍ରେ କାନ (୮୯ତମ ମିନିଟ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ସ୍କଟଲାଣ୍ଡର କାଇ ହାଭେର୍ଜ ୪୫ତମ ମିନିଟ୍‌ରେ ଏକ ଆତ୍ମଘାତୀ ଗୋଲ୍ କରିଥିଲେ। ବିଜୟ ସହ ଜର୍ମାନୀ ଗ୍ରୁପ୍-ଏ'ରେ ୩ ପଏଣ୍ଟ ପାଇ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ସୁଇଜରଲାଣ୍ଡ ଉପରେ ପ୍ରଥମ ସ୍ଥାନରେ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA